# ସ୍ମରଣିକା

## ପଞ୍ଚତ୍ରିଂଶତମ
## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

**ଏପ୍ରିଲ ୪, ୫, ୬ ଓ ୭ ୨୦୦୫**




**ମାତୃଭବନ**
ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩
ଫୋନ : (୦୬୭୧) ୨୩୪୪୩୩୮

# CONTENT


| | |
|---|---|
| ◆ PRAYER | 3 |
| ◆ Dada writes..... | 4 |
| ◆ Message from the Managing Trustee | 5 |
| ◆ Sharmajee remembers | 6 |
| ◆ Message from Sri Amal Kiran | 7 |
| ◆ Message from the Personal Physician of The Mother | 8 |
| ◆ ସନାତନ ଧର୍ମର ଆଦର୍ଶ | 9 |
| ◆ ତ୍ରୁଟି ପ୍ରଦର୍ଶନ | 11 |
| ◆ ଉତ୍ତମ ସ୍ୱାସ୍ଥ୍ୟ -ଲାଭର ଉପାୟ | 12 |
| ◆ ବୈଜ୍ଞାନିକର ଭଗବାନ | 14 |
| ◆ ବାବାଜୀ ମହାରାଜଙ୍କ ଚିଠି.... | 17 |
| ◆ ଦୁର୍ବାସାଙ୍କ କୋପ | 23 |
| ◆ THE WORK BEFORE US | 29 |
| ◆ ଛାତ୍ର ଜୀବନର ସ୍ୱପ୍ନ | 31 |
| ◆ ଶତାବ୍ଦୀର ପ୍ରଥମ ଦଶକରେ ଶ୍ରୀଅରବିନ୍ଦ | 35 |
| ◆ ଅତିମାନସ ସତ୍ୟ ଚେତନାର ଏକ ବିଭାବ | 37 |
| ◆ କ୍ଷମାକର, ଭୁଲିଯାଅ | 40 |
| ◆ ORGANISATION IN ORISSA | 44 |
| ◆ ସଭା ସମିତି ଓ ସମ୍ମିଳନୀ (୭୪ମସିହା ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ) | 45 |
| ◆ ଷଡ଼ ଐଶ୍ୱର୍ଯ୍ୟର ସମାବେଶ - 'ପଞ୍ଚାନନ ମହାନ୍ତି' | 48 |
| ◆ *ପଞ୍ଚାନନ ମହାନ୍ତିଙ୍କ ସ୍ମୃତିଚାରଣ....* ତ୍ୱରାନ୍ୱିତ ହେଉ ପୁନରାଗମନ | 50 |
| ◆ MEMORY OF SRI PANCHANAN BHAI | 52 |
| ◆ ଶ୍ରଦ୍ଧା, ସଦିଚ୍ଛା ଓ ସହୃଦୟତାର ତ୍ରିବେଣୀ ସଙ୍ଗମ - 'ପଞ୍ଚାନନ ଭାଇ' | 53 |
| ◆ କର୍ମଯୋଗୀ ମୋ ବାପା | 55 |
| ◆ ସ୍ମୃତି ଏକ ଅନନ୍ୟ ବ୍ୟକ୍ତିତ୍ୱର | 57 |
| ◆ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶ୍ୱକର୍ମା | 59 |
| ◆ ଆବର୍ଜନାରୁ ସମ୍ପଦ | 61 |
| ◆ ପୁଣି ସଙ୍ଗଠନ | 66 |
| ◆ ଶ୍ରୀଅରବିନ୍ଦଙ୍କ ବାଣୀ | 68 |
| ◆ DOORS TO ENTER | 69 |
| ◆ RELICS CENTRES (OUTSIDE ORISSA) | 72 |
| ◆ INFORMATION OF SRI AUROBINDO INTEGRAL SCHOOLS, ORISSA | 77 |

OM SRI AUROBINDOMIRA

# PRAYER

Sweet Mother,

Pranams at Thy Lotus Feet.

By Thy infinite Grace, the 35th All Orissa Sri Aurobindo Study Circle Conference is going to be held at Matrubhaban on 4th, 5th, 6th & 7th April 2004.

Pray Thy most concrete Presence, Blessings, Guidance, Protection, Force, Help and Grace to make this gathering of Thy Children useful for Thy will to be done and Thy intention to be fulfilled as purely and faithfully as possible.

We offer ourselves at Thy Feet, please use us as Thou willest.

Offering all at Thy Feet in loving gratefulness.

Thy Children of
**Matrubhaban**
Cuttack





# *Dada writes.....*

*Pranab Kumar Bhattacharya*
*Director*
**Department of Physical Education**
SRI AUROBINDO ASHRAM, PONDICHERRY
INDIA 605 002.

Telegram
SRI AUROBINDO - PONDICHERRY

Dated 15-3-05

Dear Gadadhar bhai,
Your telegram dated 26-2-05. in hand.
I am glad to know that you are holding 35th. All Orissa Sri Aurobindo Study Circle Conference from 4th. to 7th. April 2005; at Matrubhaban.

You are doing a very good work in Orissa. Very soon it will be the very best state in India, in every respect. Please continue the good work.

I have prayed to Mother for you all. May She help you to make your efforts a success.

All is well here. Hope the same with you.

With loving regards.

Yours affly. "Dada"

## *Message from the Managing Trustee,*
**Sri Aurobindo Ashram, Pondicherry**

*Dear Gadadhar,*

*My warmest good wishes to the All Orissa Sri Aurobindo Study Circle on the occasion of their 35th Conference that is to be held at Matrubhaban from April 4 to 7, 2005.*

*You may print extracts from the writings of Sri Aurobindo and the Mother as well as a photograph of the Mother in the Souvenir that you intend to publish for the occasion. Kindly make sure that the photograph figures inside the souvenir and not on the cover and also ensure the quality of the print.*

*Proper reference notes should be given and due acknowledgement made to the Sri Aurobindo Ashram Trust for the above permission.*

*Sincerely,*
***Manoj Das Gupta***

# *Sharmajee remembers*

*Dear Gadadhar Bhai,*

*It is always gratifying to learn that Orissa celebrates occasions connected with the work of The Mother and Sri Aurobindo in a collective way. It is just in keeping with the very nature of the work. The individual fulfills himself as a part of the collectivity. But it is through the individual that collectivity discovers its forward pace, its true direction ensuring the evolutionary march, its progression towards the Divine will and its fulfillment in the world.*

*The work going on in Orissa is very significant. It suggests a true pattern. Our life is too much marked by separatist tendencies and exclusive emphasis on individual formations often assume violent aspects. The tendency of cooperation and love which fulfils and not cancels the participants – is in keeping with the Divine Intention and has been in so many ways spoken of by the Mother and Sri Aurobindo. And it gives me great pleasure that in Orissa the forward movement of the work is going on a line which fulfils a basic condition.*

*I pray to the Divine Mother for bestowing on your endeavour a glorious success.*

*With warm regards,*

**C. N Sharma**

(Sri Aurobindo Ashram, Pondicherry)

# *Message from*

## Sri Amal Kiran

**Sri Aurobindo Ashram, Pondicherry**

March 9, 2005

Dear Mr. Gadadhar Prasad,

Amal has given the following message for the 35th All Orissa Sri Aurobindo Study Circle Conference:

"Look up to Sri Aurobindo for guidance all the time."

Sincerely yours,

Minna Paladino

# *Message from the Personal Physician of The Mother*

**Dr. D. B. Bisht**
**Sri Aurobindo Ashram, Pondicherry**

*Friends at THE MATRUBHABAN,*

*Read your mail and went through the programme. Happy to note that Sradhaluji is going to be with you, He is a wonderful person besides being so learned. I always admire him. Your programme is very heavy. But all the young and energetic folks that all of you are, it is nothing too busy for you ! Please accept my best and humble wishes for the successful accomplishment. Are you planning to record it in a disc? I may not be physically with you but some where in a corner of the house imagine me to be with you. May the Divine bless you all.*

**Dr. D. B. Bisht**

# ସନାତନ ଧର୍ମର ଆଦର୍ଶ

**ଶ୍ରୀଅରବିନ୍ଦ**

ଆମ୍ଭେମାନେ ଅଧିକାଂଶ ସମୟରେ ହିନ୍ଦୁଧର୍ମ କଥା, ସନାତନ ଧର୍ମ କଥା କହୁ - କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ଜାଣନ୍ତି ସେହି ଧର୍ମର ମର୍ମ କ'ଣ। ଅନ୍ୟାନ୍ୟ ଧର୍ମ ସମୂହ ପ୍ରଧାନତଃ ସ୍ୱୀକୃତି ଉପରେ ପ୍ରତିଷ୍ଠିତ, କିନ୍ତୁ ସନାତନ ଧର୍ମ କହିଲେ ଜୀବନକୁହିଁ ବୁଝାଏ। ଏହା ଏପରି ଗୋଟିଏ ବସ୍ତୁ ଯାହାକୁ କେବଳ ମାନିନେଲେ ଚଳିବ ନାହିଁ, ଯାହାକୁ ଜୀବନରେ ସାର୍ଥକ କରିବାକୁ ହେବ। ଏହା ସେହି ଧର୍ମ ଯାହା ମାନବ ଜାତିର ମୁକ୍ତି ସକାଶେ ପୁରାକାଳରୁ ଏହି ଉପଦ୍ୱୀପରେ ଲାଳିତପାଳିତ ହୋଇଆସିଛି। ଏହି ଧର୍ମକୁ ପ୍ରଦାନ କରିବା ସକାଶେହିଁ ଭାରତର ଆଜି ଉତ୍‌ଥାନ ହୋଇଛି। ଭାରତବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ ହୋଇ ନାହିଁ ବା ବଳଶାଳୀ ହୋଇ ନାହିଁ, ଦୁର୍ବଳକୁ ଗୋଡ଼ରେ ଦଳିଦେବାକୁ ଉଠିନାହିଁ। ତାହା ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକୀର୍ଣ୍ଣ କରିବ ବୋଲି ତାହାର ଉତ୍ଥାନ ହୋଇଅଛି। ଭାରତ ଚିରଦିନ ବଞ୍ଚିରହିଛି ବିଶ୍ୱ-ମାନବଙ୍କ ସକାଶେ, ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ବଡ ହେବାକୁ ହେବ, ତାହା ମଧ୍ୟ ବିଶ୍ୱ-ମାନବସମାଜ ପାଇଁ, ନିଜ ପାଇଁ ନୁହେଁ।

◆◆◆

ପୂର୍ବେ ମୋ ମନରେ ବହୁତ ସଂଶୟ ଥିଲା। ମୁଁ ଇଂଲଣ୍ଡରେ ବିଦେଶୀ ବାତାବରଣ ଓ ବିଦେଶୀ ଭାବଧାରା ମଧ୍ୟରେ ପ୍ରତିପାଳିତ ହୋଇଥିଲି। ଏକ ସମୟରେ ମୋର ମନେ ହେଉଥିଲା ଯେ ହିନ୍ଦୁଧର୍ମର ଅନେକ ବିଷୟ କେବଳ କାଳ୍ପନିକ। ମୁଁ ଭାବୁଥିଲି ତାହା ମଧ୍ୟରେ ଏପରି ଅନେକ ଜିନିଷ ଅଛି ଯାହା କେବଳ ସ୍ୱପ୍ନ, ଅନେକ ବସ୍ତୁ ଅଛି ଯାହା କେବଳ ବିଭ୍ରମ ଓ ମାୟା। କିନ୍ତୁ ବର୍ତ୍ତମାନ ଦିନ ପରେ ଦିନ ଦେହ, ମନ, ହୃଦୟରେ ହିନ୍ଦୁଧର୍ମର ସତ୍ୟଗୁଡିକ ଉପଲବ୍ଧି କରିବାକୁ ଲାଗିଲି। ସେହି ସତ୍ୟସମୂହ ମୋ ପାଖରେ ଜୀବନ୍ତ ଅଭିଜ୍ଞତାର ବିଷୟ ହୋଇଉଠିଲା। ଏପରି ବିଷୟ ମୋ ସମ୍ମୁଖରେ ଖୋଲିଗଲା ଯାହା ଜଡ଼-ବିଜ୍ଞାନ ମଧ୍ୟ ବୁଝାଇବାକୁ ଅକ୍ଷମ। ଯେତେବେଳେ ପ୍ରଥମେ ମୁଁ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି, ସେତେବେଳେ ପୂର୍ଣ୍ଣରୂପେ ଭକ୍ତ ବା ପୂର୍ଣ୍ଣରୂପେ ଜ୍ଞାନୀ ଭାବରେ ଅଗ୍ରସର ହୋଇ ନାହିଁ। ସ୍ୱଦେଶୀ ଆନ୍ଦୋଳନ ଆରମ୍ଭରେ ବହୁଦିନ ପୂର୍ବେ ଯେତେବେଳେ ମୁଁ ବରୋଦାରେ ଥିଲି, ସେ ସମୟରେ ମୁଁ ଭଗବାନଙ୍କ ସମ୍ମୁଖସ୍ଥ ହୋଇଥିଲି ଏବଂ ତା' ପରେ ଦେଶର କାର୍ଯ୍ୟରେ ପ୍ରବେଶ କଲି।

ବରୋଦାରେ ମୁଁ ଯେତେବେଳେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି, ସେତେବେଳେ ତାଙ୍କ ପ୍ରତି ମୋର ଜୀବନ୍ତ ବିଶ୍ୱାସ ନ ଥିଲା। କାରଣ ସେ ସମୟରେ ମୋ ମଧ୍ୟରେ ଅଜ୍ଞେୟବାଦୀ, ସଂଶୟବାଦୀ ଓ ନାସ୍ତିକବାଦୀର ଭାବ ଥିଲା ଏବଂ ଭଗବାନ ଯେ ଅଛନ୍ତି ମୁଁ ସେ ସମ୍ବନ୍ଧରେ ସନ୍ଦିହାନ ଥିଲି। ମୁଁ ତାଙ୍କ ସାନ୍ନିଧ୍ୟ ଅନୁଭବ କରୁ ନ ଥିଲି। ତଥାପି ମୋତେ କେହି ଜଣେ ବେଦର ସତ୍ୟ, ଗୀତାର ସତ୍ୟ ଏବଂ ହିନ୍ଦୁଧର୍ମର ସତ୍ୟ ପ୍ରତି ଟାଣୁଥିଲେ। ମୁଁ ଏପରି ଅନୁଭବ କରୁଥିଲି ଯେ ଏହି ଯୋଗ ମଧ୍ୟରେ, ବେଦାନ୍ତ ଉପରେ ପ୍ରତିଷ୍ଠିତ ଏହି ଧର୍ମରେ କେଉଁଠାରେ ହେଲେ ଏକ ବିରାଟ ସତ୍ୟ ନିହିତ ଅଛି।

◆◆◆

ଯୋଗଯୁକ୍ତ ଅବସ୍ଥାରେ ମୁଁ ଦୁଇଟି ବାଣି ପାଇଲି। ପ୍ରଥମ ବାଣୀ ହେଲା, "ଆମ୍ଭେ ତୋତେ ଗୋଟିଏ କାର୍ଯ୍ୟ ଦେଉଅଛୁ। ସେ କାର୍ଯ୍ୟ ଏ ଜାତିକୁ ଉଠାଇବାରେ ସାହାଯ୍ୟ କରିବ। ଅଳ୍ପ ସମୟ ମଧ୍ୟରେ ତୋତେ ଏହି ଜେଲର ବାହାରକୁ ଯିବାକୁ ହେବ। ଅଳ୍ପ ସମୟ ମଧ୍ୟରେ ତୋତେ ଏହି ଜେଲର ବାହାରକୁ ଯିବାକୁ ହେବ। କାରଣ ଆମ୍ଭର ଇଚ୍ଛା ନୁହେଁ ଯେ ଏହିଥର ତୁ ଦୋଷୀ ସାବ୍ୟସ୍ତ ହେବୁ କିମ୍ବା ଅନ୍ୟକୁ ଯେପରି ଦୁଃଖକଷ୍ଟରେ ଦିନ କଟାଇବାକୁ ହୁଏ, ତୋତେ ସେହିପରି ଦିନ କଟାଇବାକୁ ହେବ। ଆମ୍ଭେ ତୋତେ କାର୍ଯ୍ୟ କରିବା ସକାଶେ ଡାକିଅଛୁ ଏବଂ ତୁ ଯେଉଁ ଆଦେଶ ଚାହୁଁଅଛୁ ତାହା ଏହି : ମୁଁ ତୋତେ ଆଦେଶ ଦେଉଅଛି, ଯାଅ ଆମ୍ଭର କାର୍ଯ୍ୟ କର।" ତା'ପରେ ଏହି ଦ୍ୱିତୀୟ ବାଣୀ ଆସିଲା, "ତୋତେ ଏହି ଏକ ବର୍ଷ ନିର୍ଜନ କାରାବାସ ମଧ୍ୟରେ କିଛି ଦେଖାଇ ଦିଆହୋଇଛି - ଏପରି ଯେଉଁ ବିଷୟରେ ତୋର ସନ୍ଦେହ ଥିଲା, ସେ ଜିନିଷ ହେଉଛି ହିନ୍ଦୁ ଧର୍ମର ସତ୍ୟତା। ଏହି ଧର୍ମକୁ ଆମ୍ଭେ ଜଗତ୍ ସମ୍ମୁଖରେ ଉଠାଉଛୁ। ଏହି ଧର୍ମକୁ ଆମ୍ଭେ ମୁନି ଋଷି ଅବତାରମାନଙ୍କ ଦ୍ୱାରା ପୂର୍ଣ୍ଣ ଓ ସର୍ବାଙ୍ଗସୁନ୍ଦର କରି ନିର୍ମାଣ କରିଛୁ ଏବଂ ବର୍ତ୍ତମାନ ଏହି ଧର୍ମ ଅନ୍ୟାନ୍ୟ ଜାତି ମଧ୍ୟରେ ଆମ୍ଭର କାର୍ଯ୍ୟ ସାଧନ କରିବାକୁ ଯାଉଛି। ଆମ୍ଭର ବାଣୀ ପ୍ରଚାର କରିବା ସକାଶେ ହିଁ ଆମ୍ଭେ ଏହି ଧର୍ମ ଉଠାଇଛୁ। ଏହାହିଁ ସେହି ଶାଶ୍ୱତ ସନାତନ ଧର୍ମ ଯାହାକୁ ତୁ ପୂର୍ବେ ଯଥାର୍ଥ ଭାବେ ହୃଦୟଙ୍ଗମ କରି ପାରି ନ ଥିଲୁ, କିନ୍ତୁ ତାହାକୁ ବର୍ତ୍ତମାନ ଆମ୍ଭେ ତୋ ପାଖରେ ପ୍ରକାଶ କଲୁ। ତୋ ଭିତରେ ଯେଉଁ ଅବିଶ୍ୱାସ ଓ ନାସ୍ତିକ ଭାବ ଥିଲା, ତାହା ଦୂରୀଭୂତ ହୋଇଛି। କାରଣ ଆମ୍ଭେ ତୋତେ ଭିତରେ ଓ ବାହାରେ, ସ୍ଥୂଳ ଭାବରେ ଓ ସୂକ୍ଷ୍ମ ଭାବରେ ଏପରି ପ୍ରମାଣ ଦେଇଛୁ ଯାହା

ଦ୍ୱାରା ତୁ ତୁଷ୍ଟ ହୋଇଛୁ। ତୁ ଯେତେବେଳେ ବାହାରକୁ ଯିବୁ ସେତେବେଳେ ସର୍ବଦା ଏହି ବାଣୀ ଜାତିକୁ ଶୁଣାଇବୁ : ସେମାନଙ୍କର ଯେଉଁ ଉତ୍‌ଥାନ ହୋଇଛି ତାହା କେବଳ ସନାତନ ଧର୍ମ ନିମିତ୍ତ, ସମଗ୍ର ଜଗତ୍ ନିମିତ୍ତ। ସେମାନଙ୍କର ନିଜ ନିମିତ୍ତ ନୁହେଁ। ଆମ୍ଭେ ସେମାନଙ୍କୁ ସ୍ୱାଧୀନତା ଦେଇଅଛୁ କେବଳ ଜଗତର ସେବା ନିମିତ୍ତ। ସୁତରାଂ ଯେତେବେଳେ କୁହାଯାଏ ଯେ ଭାରତର ଉତ୍‌ଥାନ ହେବ ତାହାର ଅର୍ଥ ଏଇ ଯେ ସନାତନ ଧର୍ମର ଉତ୍‌ଥାନ ହେବ। ଯେତେବେଳେ କୁହାଯାଏ ଭାରତ ମହାନ୍ ହେବ, ଯେତେବେଳେ କୁହାଯାଏ ଯେ ଭାରତ ବୃଦ୍ଧି ପାଇବ ଓ ପ୍ରସାରିତ ହେବ, ତାହାର ଅର୍ଥ ଏଇ ଯେ ସନାତନ ଧର୍ମ ବର୍ଦ୍ଧିତ ହେବ ଏବଂ ସମସ୍ତ ସଂସାରରେ ପ୍ରସାରିତ ହେବ। ଏହି ଧର୍ମ ସକାଶେ ଏବଂ ଏହି ଧର୍ମ ଦ୍ୱାରା ହିଁ ଭାରତ ବଞ୍ଚି ରହିଛି। ଧର୍ମକୁ ବଡ଼ କରିବା ଅର୍ଥ ହିଁ ଦେଶକୁ ବଡ଼ କରିବା। ଆମ୍ଭେ ତୋତେ ଦେଖାଇ ଦେଇଛୁ, ଆମ୍ଭେ ସର୍ବବ୍ୟାପୀ, ସକଳ ମନୁଷ୍ୟ ଓ ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ରହିଛୁ। ଏହି ଆନ୍ଦୋଳନ ମଧ୍ୟରେ ଆମ୍ଭେ ସ୍ୱୟଂ ବିରାଜମାନ। ଯେଉଁମାନେ ଦେଶ ସକାଶେ କାର୍ଯ୍ୟ କରୁଛନ୍ତି, କେବଳ ସେମାନଙ୍କ ମଧ୍ୟରେ ନୁହେଁ, ଯେଉଁମାନେ ସେମାନଙ୍କୁ ବାଧା ଦେଉଅଛନ୍ତି ବା ସେମାନଙ୍କ ପଥରୋଧ କରୁଛନ୍ତି, ତାଙ୍କ ମଧ୍ୟରେ ବି ଆମ୍ଭେ କାର୍ଯ୍ୟ କରୁଛୁ। ସମସ୍ତଙ୍କ ମଧ୍ୟରେ ଆମ୍ଭେ କାର୍ଯ୍ୟ କରୁଛୁ। ଆଉ ଲୋକେ ଯାହା ଭାବନ୍ତୁ ବା କରନ୍ତୁ, ସେମାନେ ଆମ୍ଭର ଉଦ୍ଦେଶ୍ୟ ସାଧନର ସହାୟତା କରିବା ଛଡ଼ା ଅନ୍ୟ କିଛି କରିପାରିବେ ନାହିଁ। ସେମାନେ ବି ଆମ୍ଭର କାର୍ଯ୍ୟ କରୁଛନ୍ତି। ସେମାନେ ଆମ୍ଭର ଶତ୍ରୁ ନୁହଁନ୍ତି - ଯନ୍ତ୍ରମାତ୍ର। ତୋର ସର୍ବ କାର୍ଯ୍ୟରେ ତୁ ଯେଉଁଆଡ଼େ ଯାଉଅଛୁ ସେ କଥା ନ ଜାଣି ମଧ୍ୟ ଅଗ୍ରସର ହେଉଛୁ। ତୁ ଗୋଟିଏ କାର୍ଯ୍ୟ କରିବାକୁ ଯାଇ ଅନ୍ୟ କାର୍ଯ୍ୟ କରି ବସୁ। ତୁ କୌଣସି ଫଳକୁ ଲକ୍ଷ୍ୟ କରି କାର୍ଯ୍ୟ କରୁ। କିନ୍ତୁ ତୋର ଚେଷ୍ଟାର ଫଳ ହୁଏ ଅନ୍ୟ ରୂପ ବା ବିପରୀତ। ମହାଶକ୍ତି ଆବିର୍ଭୂତା ହୋଇଛନ୍ତି ଏବଂ ଜାତି ମଧ୍ୟରେ ପ୍ରବେଶ କରିଛନ୍ତି। ବହୁକାଳ ପୂର୍ବରୁ ଆମ୍ଭେ ଏହି ଅଭ୍ୟୁତ୍‌ଥାନର ଆୟୋଜନ କରୁଥିଲୁ ଏବଂ ବର୍ତ୍ତମାନ ସମୟ ଆସିଛି, ଆମ୍ଭେ ଏହି ଶକ୍ତିକୁ ସାର୍ଥକତା ଦିଗରେ ଚାଳିତ କରିବୁ।"

ତାହା ହେଲେ ତୁମ୍ଭମାନଙ୍କ ପାଖରେ ଏହାହିଁ ମୋର ବକ୍ତବ୍ୟ। ତୁମ୍ଭମାନଙ୍କର ସମିତିର ନାମ ହେଉଛି "ଧର୍ମ-ସଂରକ୍ଷିଣୀ ସଭା।" ହଁ, ଧର୍ମର ରକ୍ଷା। ଜଗତ୍ ପକ୍ଷରେ ହିନ୍ଦୁ ଧର୍ମର ସଂରକ୍ଷଣ ଓ ଉତ୍ତୋଳନ - ଆମ୍ଭମାନଙ୍କ ସମ୍ମୁଖରେ ଏଇ ହେଲା କାର୍ଯ୍ୟ। କିନ୍ତୁ ହିନ୍ଦୁ ଧର୍ମ କ'ଣ ? ଯେଉଁ ଧର୍ମକୁ ଆମ୍ଭେ କହୁ ସନାତନ, ଚିରନ୍ତନ, ସେ ଧର୍ମ କ'ଣ ? ତାହାର ନାମ ହିନ୍ଦୁ ଧର୍ମ କେବଳ ଏଇ ସକାଶେ ଯେ ହିନ୍ଦୁଜାତି ସେଇ ଧର୍ମକୁ ରକ୍ଷା କରିଛି। କାରଣ ହିମାଚଳ ଓ ସାଗରବେଷ୍ଟିତ ଏହି ଉପଦ୍ୱୀପ ମଧ୍ୟରେ ଏକାନ୍ତରେ ଏହି ଧର୍ମ ଗଢ଼ିଉଠିଛି ଏବଂ ପ୍ରାଚୀନ ପୁଣ୍ୟଭୂମିରେ ଯୁଗଯୁଗାନ୍ତରବ୍ୟାପୀ ଆର୍ଯ୍ୟଜାତି ଉପରେ ଭାର ନ୍ୟସ୍ତ ଥିଲା ଏହି ଧର୍ମକୁ ରକ୍ଷା କରିବାକୁ, କିନ୍ତୁ ଏହି ଧର୍ମ କୌଣସି ଗୋଟିଏ ଦେଶରେ ସୀମାବଦ୍ଧ ହୋଇ ନାହିଁ ଏବଂ ଏହା ଚିରକାଳ ନିମିତ୍ତ ପୃଥିବୀର କୌଣସି ଗୋଟିଏ ଅଂଶରେ ସୀମିତ ହୋଇ ନାହିଁ। ଯାହାକୁ ଆମ୍ଭେ ହିନ୍ଦୁଧର୍ମ ବୋଲି କହୁ – ତାହା ବସ୍ତୁତଃ ଚିରନ୍ତନ ଧର୍ମ କାରଣ ତାହା ସାର୍ବଜନୀନ ଧର୍ମ – ଅପର ସକଳ ଧର୍ମ ତାହାର ଅନ୍ତର୍ଗତ। କୌଣସି ଧର୍ମ ସାର୍ବଜନୀନ ନ ହୋଇପାରିଲେ ସନାତନ ହୋଇପାରେ ନାହିଁ। ସଂକୀର୍ଣ୍ଣ ଧର୍ମ, ସାମ୍ପ୍ରଦାୟିକ ଧର୍ମ ଓ ଅନୁଦାର ଧର୍ମ ସ୍ୱଳ୍ପକାଳମାତ୍ର ସ୍ଥାୟୀ ଏବଂ ସୀମିତ ଉଦ୍ଦେଶ୍ୟ ନିମିତ୍ତ ବଞ୍ଚି ରହିପାରେ। ଏହାହିଁ ଏକମାତ୍ର ଧର୍ମ ଯାହା ଆଧୁନିକ ବୈଜ୍ଞାନିକମାନଙ୍କର ଅବିଷ୍କାର ଏବଂ ଦାର୍ଶନିକ ଚିନ୍ତାଧାରା ସମୂହର ପୂର୍ବାଭାସକୁ ନିଜର ଅନ୍ତର୍ଭୁକ୍ତ କରି ଜଡ଼ବାଦ ଉପରେ ବିଜୟୀ ହୋଇପାରେ। ଏହାହିଁ ଏକମାତ୍ର ଧର୍ମ ଯାହା ମାନବଜାତିକୁ ଉପଲବ୍ଧ କରାଇଦିଏ ଯେ ଈଶ୍ୱର ଆମ୍ଭମାନଙ୍କର କେତେ ଅନ୍ତରଙ୍ଗ ଏବଂ ଯେତେ ପ୍ରକାର ସାଧନା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କୁ ଆଡ଼କୁ ଅଗ୍ରସର ହୋଇପାରେ ସେ ସମୟ ହିଁ ଏହାର ଅନ୍ତର୍ଗତ। ଏହାହିଁ ହେଉଛି ଏକମାତ୍ର ଧର୍ମ ଯାହା ପ୍ରତିକ୍ଷଣରେ ସର୍ବଧର୍ମ ସ୍ୱୀକୃତ ଏହି ସତ୍ୟଟି ଉପରେ ଜୋର ଦିଏ ଯେ ଈଶ୍ୱର ସକଳ ମନୁଷ୍ୟ ଏବଂ ସକଳ ବସ୍ତୁ ମଧ୍ୟରେ ରହିଅଛନ୍ତି ଏବଂ ଆମ୍ଭେମାନେ ତାଙ୍କ ମଧ୍ୟରେ ବାସ କରୁଅଛୁ ଏବଂ ପରିଚାଳିତ ହେଉଅଛୁ। ଏହାହିଁ ଏକମାତ୍ର ଧର୍ମ ଯାହା ଆମ୍ଭମାନଙ୍କୁ ଏହି ପରମ ସତ୍ୟ ବୁଝାଇପାରେ ଓ ମାନିନେବାରେ ସାହାଯ୍ୟ କରେ, ଏପରି ନୁହେଁ, ବରଂ ସତ୍ତାର ସକଳ ଅଂଶ ଦ୍ୱାରା ଉପଲବ୍ଧି କରିବାକୁ ସାହାଯ୍ୟ କରେ। ଏହାହିଁ ଏକମାତ୍ର ଧର୍ମ ଯାହା ଆମ୍ଭମାନଙ୍କୁ ଜଗତର ଯଥାର୍ଥ ସ୍ୱରୂପ ଦେଖାଇ ଦିଏ ଏବଂ ଦେଖାଇ ଦିଏ ଯେ ଏହା ବାସୁଦେବଙ୍କ ଲୀଳା। ଏହାହିଁ ଏକମାତ୍ର ଧର୍ମ ଯାହା ବୁଝାଇଦିଏ ଯେ ଏହି ଦିବ୍ୟଲୀଳାରେ ଆମ୍ଭେମାନେ ପ୍ରତ୍ୟେକେ କିପରି ଉତ୍ତମ ରୂପେ ନିଜ ନିଜ ଭୂମିକା ଗ୍ରହଣ କରିପାରିବୁ ଏବଂ ଏହାର ସୂକ୍ଷ୍ମତମ ବିଧାନସମୂହକୁ ଏବଂ ଉଦାରତମ ନୀତିଚୟକୁ ପ୍ରକାଶ କରିପାରିବୁ। ଏହାହିଁ ଏକମାତ୍ର ଧର୍ମ ଯାହା ଅତି ତୁଚ୍ଛ ବ୍ୟାପାରରୁ ଜୀବନକୁ ମଧ୍ୟ ବିଚ୍ଛିନ୍ନ କରେ ନାହିଁ ଏବଂ ଏହା ଜାଣେ ଅମରତ୍ୱ କି ବସ୍ତୁ ଏବଂ ଏହା ଆମ୍ଭମାନଙ୍କ ମଧ୍ୟରୁ ମୃତ୍ୟୁର ଭୟକୁ ଏକାବେଳେକେ ବିତାଡ଼ିତ କରେ।

# ତ୍ରୁଟି ପ୍ରଦର୍ଶନ

**ଶ୍ରୀମା**

"ଯଦି ଏପରି ବ୍ୟକ୍ତିର ସାକ୍ଷାତ୍ ପାଅ ଯେ ଗୁପ୍ତଧନର ପ୍ରଦର୍ଶକ ପରି ତୁମର ତ୍ରୁଟି ପ୍ରଦର୍ଶନ କରନ୍ତି, ସେହି ମେଧାବୀ ପଣ୍ଡିତଙ୍କର ଭଜନ କର ଯଦିଓ ସେ ତିରସ୍କାର ପୂର୍ବକ ଉପଦେଶ ଦିଅନ୍ତି। ଏପରି ଭଜନ ଦ୍ୱାରା ତୁମର କେବଳ ମଙ୍ଗଳ ହେବ, ଅମଙ୍ଗଳ ହେବ ନାହିଁ।"

- **"ଧମ୍ମପଦ"**

ଏଠାରେ ଗୋଟିଏ ବାକ୍ୟ ଅଛି ଯାହା ବିଶେଷ ସଙ୍ଗତ। ଏହି ପ୍ରଥମ ବାକ୍ୟଟିରେ ଉଲ୍ଲିଖିତ ହୋଇ ଅଛି ଯେ ଗୁପ୍ତଧନ ଦେଖାଇ ଦେବା ଭଳି ଯେ ଆମ୍ଭମାନଙ୍କର ତ୍ରୁଟି ଦେଖାଇଦିଅନ୍ତି, ସେହି ପଣ୍ଡିତ ବ୍ୟକ୍ତିଙ୍କର ସଙ୍ଗ ଅନ୍ୱେଷଣ କରିବା ଉଚିତ।

ମାନବ ପ୍ରଗତିର ସହାୟକ ସକଳ ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଯେଉଁମାନେ ତୁମର ତ୍ରୁଟିବିଚ୍ୟୁତି ଦେଖାଇଦିଅନ୍ତି ସେମାନଙ୍କ ପ୍ରତି କୃତଜ୍ଞ ହେବ ତଥା ସେମାନଙ୍କ ସଙ୍ଗଲାଭ ଆକାଂକ୍ଷା କରିବ। କିନ୍ତୁ ଏଠାରେ ସେହି ବିଷୟଟି ଯେଉଁଭାବରେ ଉଲ୍ଲିଖିତ ହୋଇଅଛି ତାହା ବିଶେଷ ଉପଯୁକ୍ତ, ଅର୍ଥାତ୍ ବହୁ ମୂଲ୍ୟ ଦ୍ରବ୍ୟ ଦେଖାଇଦେବା ଭଳି ଯଦି ତୁମକୁ ତୁମର ତ୍ରୁଟି ଦେଖାଇଦିଆଯାଏ ଅର୍ଥାତ୍ ପ୍ରତ୍ୟେକ ଥର ତୁମେ ଯେତେବେଳେ ତୁମର କୌଣସି ତ୍ରୁଟି, ଅକ୍ଷମତା, ଅଜ୍ଞାନତା, ଦୁର୍ବଳତା, କପଟତା, କ୍ରମୋନ୍ନତିର ବାଧାଜନକ ଯାବତୀୟ ବିଷୟ ଅବିଷ୍କାର କର, ସେତେବେଳେ ଏହା ହେଲା ଯେପରି ତୁମର ଏକ ଅପୂର୍ବ ସମ୍ପଦର ଅବିଷ୍କାର।

"ଓଃ ପୁଣି ମୋର ଗୋଟିଏ ତ୍ରୁଟି ଦେଖୁଛି"-ଏପରି ନିଜକୁ ନ କହି, ଏବଂ ତହିଁରେ ଦୁଃଖପ୍ରକାଶ ନ କରି, ତତ୍ ପରିବର୍ତ୍ତେ ଯେପରି ଗୋଟିଏ ଅପୂର୍ବ ବସ୍ତୁ ଲାଭ କରିବା ପରି ତୁମେ ଆନନ୍ଦିତ ହେବ। କାରଣ ତୁମର ପ୍ରଗତିରେ ବାଧାଦାନ କରୁଥିବା ବିଷୟମାନଙ୍କ ମଧ୍ୟରୁ ତୁମେ ଗୋଟିଏ ବିଷୟ ଧରି ପାରିଛ ଏବଂ ଧରାପଡ଼ିଥିବା ବସ୍ତୁଟିକୁ ଟାଣି ଫୋପାଡ଼ି ଦେବା ଉଚିତ। ଯେଉଁମାନେ ଯୌଗିକ ଶିକ୍ଷା ଅନୁସରଣ କରନ୍ତି, ସେମାନଙ୍କ ବିଷୟରେ ଯେଉଁ ମୁହୂର୍ତ୍ତରେ ନିଜର ଗୋଟିଏ ଅବିହିତ ବିଷୟ ଜଣାଯିବ, ସେତିକିବେଳେ ତାହାକୁ ଦୂର କରିବା, ବର୍ଜ୍ଜନ କରିବା, ବିନାଶ କରିବାର କ୍ଷମତା ସେମାନଙ୍କର ଥିବା ପ୍ରୟୋଜନ।

ଗୋଟିଏ ତ୍ରୁଟିର ଆବିଷ୍କାର ଅର୍ଥ ଗୋଟିଏ କୃତିତ୍ୱ ଅର୍ଜ୍ଜନ। ଏହା ଏକ ପ୍ରକାର ଆଲୋକ-ପ୍ରବାହ ଯାହା ଅନ୍ଧକାରାଚ୍ଛନ୍ନ ସ୍ଥାନରେ ପ୍ରବେଶ କରେ ଠିକ୍ ଯେଉଁ ସମୟରେ ସେଠାରୁ ସାମାନ୍ୟ ଅନ୍ଧକାର ଅପସାରିତ ହୋଇଥାଏ।

ଯୌଗିକ ଶିକ୍ଷା ଅନୁସରଣ କରିବା ସମୟରେ ତୁମେ କୌଣସି ପ୍ରକାର ଦୁର୍ବଳତା, ଅଦୃଢ଼ତା ବା ଅନିଚ୍ଛାଭାବ ମନରେ ପୋଷଣ କରିବ ନାହିଁ; କାରଣ ଏଥିଯୋଗୁଁ ଚେତନା ପଛରେ କର୍ମକ୍ଷମତା ନଥାଏ। ଗୋଟିଏ ବିଷୟକୁ ଅବିହିତ ଜାଣି ସୁଦ୍ଧା ବାରମ୍ବାର ତାହାର ଆଚରଣ କରିବା ଦୁର୍ବଳତାର ଚିହ୍ନ ଏବଂ ଏହା କୌଣସି ମହତ୍ ସାଧନାରେ ସ୍ୱୀକୃତ ହୁଏ ନାହିଁ। ଏପରି କାର୍ଯ୍ୟ କରିବା ଅର୍ଥ ସଙ୍କଳ୍ପର ଅଭାବ ଯାହା ସିଧା କପଟତା ଆଡ଼କୁ ଗତି କରେ। ତୁମେ ଯଦି ଜାଣ ଯେ ବିଷୟଟି ଅନୁଚିତ, ତାହାହେଲେ ସେହି ମୁହୂର୍ତ୍ତରେ ତାହା ଉପରେ ଆଧିପତ୍ୟ ବିସ୍ତାରପୂର୍ବକ ତାହା ନିବାରିତ କର। କାରଣ ଜ୍ଞାନ ଓ କର୍ମକ୍ଷମତା ମୁଖ୍ୟତଃ ଅଭିନ୍ନ; ଅର୍ଥାତ ତୁମ ସତ୍ତାର କୌଣସି ଅଂଶରେ କ୍ରମୋନ୍ନତି ନିମନ୍ତେ କେନ୍ଦ୍ରୀୟ ସଙ୍କଳ୍ପର ବିରୋଧକାରୀ କୌଣସି କୁପ୍ରବୃତ୍ତିର ଲେଶମାତ୍ର ଅବକାଶ ଦେବ ନାହିଁ। କାରଣ କୌଣସି ଅସଦ୍‌ବୃତ୍ତି ବିନାଶ ଉଦ୍ଦେଶ୍ୟରେ ତାହାର ସମ୍ମୁଖୀନ ହେବାବେଳେ ସେପରି କୁପ୍ରବୃତ୍ତି ତୁମକୁ ଦୁର୍ବଳ, ନିରୁତ୍ସାହ ଓ ଅସମର୍ଥ କରେ।

ଅଜ୍ଞାନତାଜନିତ ଅପରାଧ, ଅପରାଧ ନୁହେଁ। ତାହା ବର୍ତ୍ତମାନ ଜଗତ୍ ଯେପରି ଅଛି, ତାହାର ପ୍ରଚଳିତ ଅମଙ୍ଗଳର ଅଂଶଗତ। କିନ୍ତୁ ଜ୍ଞାନତଃ ଅପରାଧ କରିବା ବିପଜ୍ଜନକ। ଏହାର ଅର୍ଥ ଏହି ଯେ ଫଳ ମଧ୍ୟରେ ଥିବା କୀଟସଦୃଶ ତୁମର କୌଣସିଠାରେ କୁପ୍ରବୃତ୍ତିର ଗୋଟିଏ ଉପାଦାନ ଲୁକ୍‌କାୟିତ ରହିଅଛି ଯାହାକୁ ଯେକୌଣସି କଷ୍ଟସ୍ୱୀକାରପୂର୍ବକ ବହିଷ୍କୃତ ଓ ବିନଷ୍ଟ କରିବାକୁ ହେବ। କାରଣ ଏପରି ଦୁର୍ବଳତା ଯାବତୀୟ ବାଧାବିଘ୍ନ ସୃଷ୍ଟି କରେ ଏବଂ ପରବର୍ତ୍ତୀ କାଳରେ କେତେକ ସମୟରେ ତାହାର ପ୍ରତିକାର କରାଯାଇ ପାରେ ନାହିଁ।

ସୁତରାଂ ସର୍ବପ୍ରଥମ ବିଷୟ ହେଲା ଯେ ଯେତେବେଳେ ତୁମେ କୌଣସି ବ୍ୟକ୍ତିଙ୍କ ବା କୌଣସି ଘଟଣା ଯୋଗୁଁ ତୁମର ତ୍ରୁଟି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଚେତନ ହୁଅ, ଏବଂ ଯାହା ତୁମେ ପୂର୍ବରୁ ଜାଣି ନ ଥିଲ, ସେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ସୁଖୀ ହେବ। ଏଥିପାଇଁ ବିଳାପ କରିବା ପରିବର୍ତ୍ତେ ତୁମେ ଆନନ୍ଦିତ ହେବ ଏବଂ ଏହି ଆନନ୍ଦ ମଧ୍ୟରେ ଅବିହିତ ବିଷୟଟିକୁ ଦୂର କରିବା ନିମିତ୍ତ ଉପଯୁକ୍ତ ଶକ୍ତି ଲାଭ କରିବାକୁ ହେବ।

*(ଶ୍ରୀ ଲଳିତମୋହନ ଘୋଷଙ୍କ ଦ୍ୱାରା ଅନୂଦିତ)*

# ଉତ୍ତମ ସ୍ୱାସ୍ଥ୍ୟ -ଲାଭର ଉପାୟ

**ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ**

ଏହା ଏକ ଶୁଭ ଲକ୍ଷଣ ଯେ ଆଜିକାଲି ସର୍ବତ୍ର ଲୋକମାନେ ଧୀରେ ଧୀରେ ସ୍ୱାସ୍ଥ୍ୟ ସମ୍ବନ୍ଧେ ସଚେତନ ହୋଇଉଠୁଛନ୍ତି। ଯେଉଁମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଅଛି, ସେମାନେ ତାହାର ରକ୍ଷା ନିମିତ୍ତ ଏବଂ ଯେଉଁମାନଙ୍କର ସ୍ୱାସ୍ଥ୍ୟ ଖରାପ, ସେମାନେ ତାହାର ଉନ୍ନତି ନିମିତ୍ତ ବିଶେଷ ଆଗ୍ରହୀ। ଖରାପ ସ୍ୱାସ୍ଥ୍ୟ, ବ୍ୟକ୍ତି ଓ ଦେଶ ପକ୍ଷରେ ବାସ୍ତବିକ୍ ଅତି କ୍ଷତିକାରକ। କାରଣ ଏହା ବ୍ୟକ୍ତିକୁ ବଞ୍ଚି ରହିବାର ସକଳ ସ୍ୱାଭାବିକ ଆନନ୍ଦରୁ ବଞ୍ଚିତ କରାଏ, ତାହା ଉପରେ ଏକ ଆର୍ଥିକ ବୋଝ ଲଦି ଦିଏ, ଯେହେତୁ ତାହାକୁ ଔଷଧ ଓ ଡାକ୍ତରଙ୍କ ପିଛାରେ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼େ। ଏହା ଦ୍ୱାରା ତାହାର ଶକ୍ତିର ଯଥେଷ୍ଟ ଅପଚୟ ଘଟେ ଏବଂ ସେ କଠିନ ପରିଶ୍ରମ କରିବାକୁ ବା ଜୀବିକା ଅର୍ଜନ କରିବାକୁ ଅକ୍ଷମ ହୁଏ। ପୁନଶ୍ଚ ଆର୍ଥିକ ଅବସ୍ଥାର ଉନ୍ନତି ସାଧନ ଓ କୌଣସି ସୃଜନଶୀଳ କର୍ମ ସାଧନ ନିମିତ୍ତ ଶକ୍ତିହୀନ ହୋଇପଡ଼େ। ତେଣୁ ସେ ସାମାଜିକ ପରିସ୍ଥିତିରେ ମୁଣ୍ଡ ଟେକି ପାରେ ନାହିଁ ଏବଂ ଏପରିକି ଆଧ୍ୟାତ୍ମିକ ଜୀବନ ଲାଭ ପାଇଁ ମଧ୍ୟ ପଶ୍ଚାଦ୍‌ପଦ ହୁଏ। ନାଗରିକର ଖରାପ ସ୍ୱାସ୍ଥ୍ୟ ଜାତି ପକ୍ଷରେ ବିଶେଷ କ୍ଷତିକାରକ ଓ ଅସୁସ୍ଥ। ସ୍ୱାସ୍ଥ୍ୟହୀନ ବ୍ୟକ୍ତି ଜାତିର ଅଗ୍ରଗତି ଓ ଉନ୍ନତି ପଥରେ ତାହାର ଯଥାଯଥ ସାମର୍ଥ୍ୟଦାନ କରିବା ଦୂରର କଥା, ବରଂ ଏକ ପ୍ରତିବନ୍ଧକ ହୁଏ।

ଯଦିଓ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ସବଳ ରହିବାକୁ ଚାହାନ୍ତି, ତଥାପି ଏହା କିପରି ଲାଭ କରିବାକୁ ହେବ, ତାହା ଜାଣନ୍ତି ନାହିଁ। ତେଣୁ ସୁସ୍ଥ-ଜୀବନର ନିୟମାବଳୀ ସମ୍ବନ୍ଧେ ସମ୍ପୂର୍ଣ୍ଣ ଜ୍ଞାନଲାଭ କରିବା ଏକାନ୍ତ ଆବଶ୍ୟକ। କିନ୍ତୁ କେବଳ ଜ୍ଞାନଲାଭ କଲେ ଏହା ହୋଇ ପାରେ ନାହିଁ। ଯଦି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବାକୁ କେହି ପ୍ରକୃତରେ ଇଚ୍ଛୁକ ହୁଏ, ତେବେ ସେ ଯାହା ଜାଣେ ତାକୁ ଅଭ୍ୟାସରେ ପରିଣତ କରିବାକୁ ହେବ।

ହାତଘଡ଼ି ଭଳି ଗୋଟିଏ ସୁନ୍ଦର ଓ ଛୋଟ କଳ ସହିତ ଶରୀରକୁ ତୁଳନା କରାଯାଇ ପାରେ। ଯଥାର୍ଥ ସମୟ ସୂଚାଇବା ପାଇଁ ଘଡ଼ିଟିର ଯେତିକି ଯତ୍ନ ନେବାକୁ ହୁଏ, ଶରୀର ପାଇଁ ତା ଠାରୁ ଅଧିକ ନ ହେଲେ ମଧ୍ୟ, ତାକୁ ସୁସ୍ଥ ରଖିବା ପାଇଁ, ଅନ୍ତତଃ ସେତିକି ଯତ୍ନ ନେବାକୁ ହେବ। ଘଡ଼ିଟିକୁ ନିୟମିତ ରୂପେ ଏବଂ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ଚାବି ଦେବାକୁ ହୁଏ। ଏହାକୁ ପରିଷ୍କାର ଭାବେ ରଖିବା ଓ ମରାମତି କରିବା ଆବଶ୍ୟକ ହୁଏ। ବିଶୃଙ୍ଖଳ ବ୍ୟବହାର, ଚାପା ପଡ଼ିବା ବା ଖୁବ୍ ଜୋର୍‌ରେ ସ୍ଥାନାନ୍ତରିତ କରିବା ଆଦିରୁ ଏହାକୁ ରକ୍ଷା କରାହୁଏ। ତେବେ ଯାଇ ଏହା ଠିକ୍ ସମୟ ସୂଚନା କରେ। ସେହିଭଳି, ଯଦି କେହି ଶରୀରକୁ ଉପଯୁକ୍ତ କାର୍ଯ୍ୟକ୍ଷମ କରିବାକୁ ଚାହେଁ, ତେବେ ତାକୁ ଶରୀରର ବିଶେଷ ଯତ୍ନ ନେବାକୁ ହେବ ଏବଂ ଯଦି ଶରୀର ଏହାର ସମସ୍ତ ଅଙ୍ଗ ସହିତ ଯଥାର୍ଥ ଭାବରେ କାର୍ଯ୍ୟ କରିପାରେ ତେବେ ଏହା ସୁସ୍ଥ ନ ହେବାର କୌଣସି କାରଣ ନାହିଁ। ଆଶ୍ଚର୍ଯ୍ୟର କଥା ଯେ ଅଧିକାଂଶ ଲୋକ ଶରୀର ଅପେକ୍ଷା ସେମାନଙ୍କ ନିଜ ଧନ-ସମ୍ପତ୍ତିର ଅଧିକ ଯତ୍ନ ନେଇଥାଆନ୍ତି। ସ୍ୱାସ୍ଥ୍ୟର ଅବହେଳାବଶତଃ ଯେତେବେଳେ ସେମାନେ ରୋଗାକ୍ରାନ୍ତ ହୁଅନ୍ତି ଓ କଷ୍ଟ ଭୋଗ କରନ୍ତି ସେତେବେଳେ ସେମାନେ ଡାକ୍ତରଙ୍କ ପାଖକୁ ସାହାଯ୍ୟ ପାଇଁ ଧାଆନ୍ତି। କିନ୍ତୁ ଯେତେବେଳେ ସେମାନେ ଆରୋଗ୍ୟ ଲାଭ କରନ୍ତି, ପୁଣି ସେହି ପୁରାତନ ବୃତ୍ତି ଓ ଅଭ୍ୟାସକୁ ଫେରିଯାଆନ୍ତି, ଫଳରେ ସେମାନଙ୍କ ଶରୀରରେ ଦ୍ୱିତୀୟବାର ଆଘାତ ଆସେ ଏବଂ ଆଉ ଥରେ ଡାକ୍ତରଙ୍କ ପାଖକୁ ଧାଇଁବାର ସମୟ ଆସିବା ଯାଏ ସେମାନେ ଶରୀର ପ୍ରତି ସେହି ସମାନ ଉଦାସୀନ ଭାବ ରଖନ୍ତି। ଜୀବନର ଶେଷ ଅବସ୍ଥା ପର୍ଯ୍ୟନ୍ତ ସେମାନଙ୍କର ଏହି ନାଟକୀୟ କ୍ରିୟା ନିୟମିତ ଚାଲିଥାଏ। ଭଲଭାବରେ ଫଳାଫଳ ଜାଣି ମଧ୍ୟ ଯାହା ସ୍ୱାସ୍ଥ୍ୟପାଇଁ ବିଷମୟ, ତାହା କରିବାରେ ସେମାନେ ଅଭ୍ୟସ୍ତ ରହନ୍ତି ଏବଂ ଉତ୍ତମ ସ୍ୱାସ୍ଥ୍ୟଲାଭର ଅଭ୍ୟାସରାଜିକୁ କେବେ ବି ଗ୍ରହଣ କରନ୍ତି ନାହିଁ; ସମୟ ଓ ଆଗ୍ରହର ଅଭାବ ଛଳନା କରି ତାକୁ ଭବିଷ୍ୟତକୁ ଗଡ଼େଇ ଦିଅନ୍ତି।

ସ୍ୱାସ୍ଥ୍ୟର ଅର୍ଥ ହିଁ ହେଲା - ଶରୀରର ସମସ୍ତ ବିଭିନ୍ନ ଅଙ୍ଗଗୁଡ଼ିକର ସୁସମଞ୍ଜସ କର୍ମ ପ୍ରବଣତାରୁ ଉଦ୍ଭୁତ ନୂତନ ସଞ୍ଜୀବନୀ-ଶକ୍ତି ଓ ଉଦ୍ଦିପନାର ଅନୁଭୂତି। ଶରୀରର ଏଭଳି ସୁସ୍ଥ ଓ ସବଳ କ୍ରିୟାଧାରାକୁ ସମ୍ଭବ କରିବାକୁ ହେଲେ ତାହାର ସର୍ବବିଧ ଯତ୍ନ ନେବାକୁ ହେବ। କେବଳ ଗୋଟିଏ ବା ଦୁଇଟି ଦିଗରେ ଚେଷ୍ଟା କଲେ ଏହା ସମ୍ଭବ ହେବ ନାହିଁ। ସୁସ୍ଥ ଜୀବନ ଧାରଣ ନିମିତ୍ତ ନିମ୍ନଲିଖିତ ପ୍ରକାରେ ବହୁବିଧ ତାଲିମ ଓ ବିକାଶର ଆବଶ୍ୟକତା ରହିଅଛି।

**୧. ଉପଯୁକ୍ତ ବ୍ୟାୟାମ :** ଶାରୀରିକ-ଶିକ୍ଷକମାନଙ୍କ ଦୃଷ୍ଟି ଓ ବିଚାରରେ ବ୍ୟାୟାମ ହିଁ ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିବାରେ ସର୍ବପ୍ରଧାନ ସହାୟକ। "ଏହା ରକ୍ତ ସଞ୍ଚାଳନ ବୃଦ୍ଧିକରେ, ହୃତ୍‌ପିଣ୍ଡକୁ ଶକ୍ତିଶାଳୀ,

ଶିରା-ପ୍ରଶିରା ଓ ଧମନୀକୁ ପରିଷ୍କାର ଓ ନମନୀୟ କରେ, ଶରୀର ମଧ୍ୟସ୍ଥ ଆବର୍ଜନା ଦୂର କରେ, ଶ୍ୱାସ-କ୍ରିୟାରେ ଉନ୍ନତି ଘଟାଏ, ସକଳ ଅଙ୍ଗ ଓ ଗ୍ରନ୍ଥିକୁ ଶକ୍ତିଶାଳୀ ଓ କାର୍ଯ୍ୟକ୍ଷମ କରାଏ।"

**୨. ଯଥେଷ୍ଟ ପୁଷ୍ଟି-ଦାୟକ ଖାଦ୍ୟ:** "ଏହାର ଅର୍ଥ- ଶରୀର ଗଠନ ଓ ରକ୍ଷା ନିମିତ୍ତ ଯେଉଁସବୁ ଉପାଦାନ ଲୋଡ଼ା, ସେଗୁଡ଼ିକୁ ଯୋଗାଇବା।" ଏଥିରେ ସମସ୍ତ ଅତ୍ୟାବଶ୍ୟକୀୟ ସୁଷମ ଖାଦ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ହେବା ଉଚିତ। ଏହି ଖାଦ୍ୟଗୁଡ଼ିକୁ ମନୋନୀତ କରିବା ପାଇଁ ସାଧାରଣ ଜ୍ଞାନ ବ୍ୟବହୃତ ହେବା ଉଚିତ। ଏହା ଦେଶ, ଅଭ୍ୟାସ, ଶିକ୍ଷା ଓ ସଂସ୍କୃତି ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ, କିନ୍ତୁ ତଥାପି ଏକ ସାଧାରଣ ସୁଷମ-ଖାଦ୍ୟ ସର୍ବଦା ନିର୍ଣ୍ଣୟ କରାଯାଇ ପାରେ। "ଯେତେଦୂର ଅଧିକ ସମ୍ଭବ ସେତେ ପ୍ରାକୃତିକ ଖାଦ୍ୟ ଖାଆନ୍ତୁ। ପୁନଃ ପୁନଃ ପରିଷ୍କାର କରାଯାଉଥିବା ଧଳା ଗହମ ଅଟା ଓ ଚିନି ଇତ୍ୟାଦି ଖାଦ୍ୟଗୁଡ଼ିକୁ କମାଇ ଦେଇ ନ୍ୟୁନତମ ପରିମାଣରେ ବ୍ୟବହାର କରନ୍ତୁ।" ଖାଦ୍ୟର ସ୍ୱାଦ ଅପେକ୍ଷା ଖାଦ୍ୟ-ମୂଲ୍ୟ (food-value) ଉପରେ ଯଥେଷ୍ଟ ଦୃଷ୍ଟି ଦେବାକୁ ହେବ ଏବଂ ଖାଦ୍ୟର ଅତି ପୁଷ୍ଟିକର ଉପାଦାନଗୁଡ଼ିକ ବାଛି ନେଇ ତହିଁରୁ ସ୍ୱାଦ ଗ୍ରହଣ କରିବାକୁ ହେବ। ଚା, କଫି, ଧୂମପାନ ଓ ମଦ୍ୟପାନ ଇତ୍ୟାଦି ସମ୍ଭବ ହେଲେ ପୁରାପୁରି ବର୍ଜନ କରନ୍ତୁ। ହାତରେ ଯଥେଷ୍ଟ ସମୟ ରଖି ଆନନ୍ଦ ଓ ସନ୍ତୋଷ ସହ ଖାଇବାକୁ ବସନ୍ତୁ ଏବଂ ଖାଦ୍ୟଗୁଡ଼ିକ ବାରମ୍ବାର ଚର୍ବଣ କରନ୍ତୁ। କ୍ଳାନ୍ତି, ଶୀଘ୍ରତା ଓ ମାନସିକ - ବ୍ୟସ୍ତତା ମଧ୍ୟରେ କିମ୍ବା କଠିନ ବ୍ୟାୟାମ ପୂର୍ବରୁ ବା ପରେ କେବେହେଁ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଖାଦ୍ୟ ଗ୍ରହଣ ପରେ ପରେ କଦାପି ସ୍ନାନ କରିବେ ନାହିଁ।

**୩. ନିଦ୍ରା ଓ ବିଶ୍ରାମ :** ନିଦ୍ରା, ବିଶ୍ରାମ ଓ ଆରାମ (relax-ation) ନିମିତ୍ତ ଯଥେଷ୍ଟ ଦୃଷ୍ଟି ଦେବାକୁ ହେବ। ସାଧାରଣତଃ କଠିନ ପରିଶ୍ରମ କରୁଥିବା ଲୋକମାନଙ୍କ ପାଇଁ ଆଠଘଣ୍ଟା ନିଦ୍ରା ଆବଶ୍ୟକ। କେତେକ ଲୋକ ଛ'ଘଣ୍ଟା ନିଦ୍ରାରେ ମଧ୍ୟ ଚଳାଇ ନିଅନ୍ତି। ପୁନଶ୍ଚ କାର୍ଯ୍ୟଦକ୍ଷ ଓ ବର୍ଦ୍ଧନଶୀଳ ଅଳ୍ପ ବୟସ୍କ ଯୁବକମାନେ ଦଶ ଘଣ୍ଟା ନିଦ୍ରା ଆବଶ୍ୟକ କରିପାରନ୍ତି। ବିଶ୍ରାମ ଓ ଚିତ୍ତବିନୋଦନକୁ ନିଦ୍ରା ବୋଲି ଭାବନ୍ତୁ ନାହିଁ। ଜଣେ ଲୋକ ଯନ୍ତ୍ର ଭଳି ସାରାଦିନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅଗ୍ରସର ହୋଇ ନ ପାରେ। ମନ ଓ ଶରୀରର ତନ୍ତୁ -ଗୁଡ଼ିକୁ ବିଶ୍ରାମ ଦେବା ପାଇଁ ଦିନବେଳେ ଅଳ୍ପ ସମୟ ବିଶ୍ରାମ ଓ ଚିତ୍ତବିନୋଦନର ବ୍ୟବସ୍ଥା କରିବା ସହାୟକ ହୋଇଥାଏ।

**୪. ସ୍ୱାସ୍ଥ୍ୟ-ସମ୍ମତ ଅଭ୍ୟାସ :** ପ୍ରତ୍ୟେକ ବ୍ୟକ୍ତି (ବ୍ୟକ୍ତିଗତ ଓ ପରିସ୍ଥିତି-ମୂଳକ) ସ୍ୱାସ୍ଥ୍ୟ-ସମ୍ମତ ଅଭ୍ୟାସଗୁଡ଼ିକ ଜାଣି ରଖିବା ଉଚିତ, ଯଥା- ସ୍ନାନ, ପରିଷ୍କାର-ପରିଚ୍ଛନ୍ନତା, ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଯତ୍ନ, ସଂକ୍ରମଣର ପ୍ରତିରୋଧ, ବିଶୁଦ୍ଧ ବାୟୁ ଓ ସୂର୍ଯ୍ୟକିରଣ ସେବନ ଇତ୍ୟାଦି। ଏହି ସ୍ୱାସ୍ଥ୍ୟ-ସମ୍ମତ ଅଭ୍ୟାସଗୁଡ଼ିକ ବ୍ୟକ୍ତିର ଦ୍ୱିତୀୟ ପ୍ରକୃତି ହେବା ଉଚିତ। ବାସ୍ତବିକ ଯଦି କେହି ଏହି ସବୁ ସ୍ୱାସ୍ଥ୍ୟ-ସମ୍ମତ ଅଭ୍ୟାସଗୁଡ଼ିକୁ ପାଳନ କରେ ତେବେ ସେ ରୋଗ ଓ ସ୍ୱାସ୍ଥ୍ୟର ଅବନତିକୁ ବହୁ ପରିମାଣରେ ପ୍ରତିରୋଧ କରି ପାରିବ।

**୫. ଅନ୍ତର ସମତା :** ଅଧିକାଂଶ ଲୋକ ଏକଥା ଜାଣନ୍ତି ନାହିଁ ଯେ ଶରୀର ଓ ଆନ୍ତର -ମାନସିକ ଅବସ୍ଥା ପରସ୍ପର ଘନିଷ୍ଠ-ଭାବେ ସମ୍ପୃକ୍ତ। ଗୋଟିକ ଉପରେ ଆଘାତ ଆସିଲେ ଅନ୍ୟଟି ଉପରେ ଏହାର ବିକ୍ଷୋଭ-ଜନିତ ଫଳାଫଳ ଦେଖାଦିଏ। ଆନ୍ତର ଓ ମାନସିକ-ବ୍ୟବସ୍ଥା ଶରୀର ଉପରେ ଅନିଷ୍ଟକର ପ୍ରଭାବ ପକାନ୍ତି ଏବଂ ଶରୀରର ବିଭିନ୍ନ ରୋଗ ଓ ଶାରୀରିକ ଅବ୍ୟବସ୍ଥା ଗୁଡ଼ିକର ଯଦିଓ ଏହା ମୂଳକାରଣ ନୁହେଁ ତଥାପି ଏସବୁର ଗୌଣ କାରଣ। ଏକ ସୁଷମ ଓ ଶାନ୍ତିପୂର୍ଣ୍ଣ ଆନ୍ତର ଅବସ୍ଥା, ଶାରୀରିକ ସୁସ୍ଥତା, ସାମର୍ଥ୍ୟ ଓ ଦୀର୍ଘଜୀବନ ଗଠନ ପାଇଁ ପ୍ରଭୂତ ସାହାଯ୍ୟ କରେ।

ଏହି ଆନ୍ତର ସମତା ପ୍ରାପ୍ତି ନିମିତ୍ତ ଜୀବନକୁ ପ୍ରକୃତ ବାଟରେ ଚଳାଇବା ଉଚିତ। ମନ, ପ୍ରାଣ ଓ ଶରୀରର ସ୍ୱାର୍ଥପରତା, ସ୍ୱାର୍ଥ-କୈନ୍ଦ୍ରିକ, ନୀଚ ଓ ଅହଂମୂଳକ ଗତିବୃତ୍ତି ଆନ୍ତର ସମତାକୁ ନଷ୍ଟ କରି ଦିଏ। ପ୍ରତ୍ୟେକକୁ ଏକ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିବେଦନ ଓ ଆତ୍ମ-ଦାନର ଜୀବନ ଯାପନ କରିବାକୁ ହେବ। ଆଉ ଆଦର୍ଶ ଯେତେ ଉଚ୍ଚତର ହୁଏ, ଫଳାଫଳ ମଧ୍ୟ ସେତିକି ମହତ୍ତର ହୁଏ। ଯଥାର୍ଥ ଆନନ୍ଦ କେବଳ ବ୍ୟକ୍ତିଗତ କାମନା ବାସନା ଓ ଉଚ୍ଚାକାଙ୍କ୍ଷା ତୁଷ୍ଟି ଦ୍ୱାରା ସମ୍ଭବ ହୁଏ ନାହିଁ। ଏହି ଆନନ୍ଦ ସେତେବେଳେ ସ୍ୱତଃସ୍ଫୁର୍ତ୍ତ ରୂପେ ଉତ୍ସାରିତ ହୁଏ, ଯେତେବେଳେ ବ୍ୟକ୍ତି ନିଜର ସବୁକିଛି ନିଃଶେଷରେ ଏକ ମହତ୍ତମ ଆଦର୍ଶ ନିକଟରେ ସମର୍ପଣ କରେ।

*("Mother India" August 1959 ରୁ ସଂଗୃହୀତ)*

# ବୈଜ୍ଞାନିକର ଭଗବାନ

**ନଳିନୀକାନ୍ତ ଗୁପ୍ତ**

**ବୈ**ଜ୍ଞାନିକ ଯେ ନାସ୍ତିକ ହେବେ ତା'ର କୌଣସି ଅର୍ଥ ନାହିଁ। ପୂର୍ବକାଳର କଥା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ; ନିଉଟନ୍, କେପଲାର, ଟାଇକୋବ୍ରାହେର କଥା ଛାଡ଼ି ଦେଲେ ମଧ୍ୟ ଆଧୁନିକ ଯୁଗ ଓ ଆଧୁନିକ ଜଗତରେ ଏପରି ଏକାଧିକ ବୈଜ୍ଞାନିକ ଅଛନ୍ତି ଯେଉଁମାନେ ଆସ୍ତିକ-ବୁଦ୍ଧି-ସମ୍ପନ୍ନ - ଏ ସମ୍ପର୍କରେ ଲଜ୍, ଏଡିଙ୍ଗଟନ୍, ଆଇନ୍‌ଷ୍ଟାଇନ୍ ଓ ପ୍ଲାଙ୍କ ସ୍ୱନାମ-ଧନ୍ୟ ହୋଇଛନ୍ତି । ତେବେ କୁହାଯାଇପାରେ ଯେ ବୈଜ୍ଞାନିକ ଆସ୍ତିକ ବା ଭଗବତ୍-ବିଶ୍ୱାସୀ ହୋଇପାରନ୍ତି, କିନ୍ତୁ ବୈଜ୍ଞାନିକ ହିସାବରେ ନୁହନ୍ତି। ଯେଉଁ ବୃତ୍ତିଦ୍ୱାରା ବୈଜ୍ଞାନିକ ଏହି ଅତିଲୌକିକ ସିଦ୍ଧାନ୍ତ ସକଳରେ ପହଞ୍ଚନ୍ତି, ତାହା ବୈଜ୍ଞାନିକ ବୃତ୍ତି ନୁହେଁ, ତାହା ମନୁଷ୍ୟର ଅନ୍ୟଗୋଟିଏ ବୃତ୍ତିର କଥା। ମନୁଷ୍ୟର ସତ୍ତା ସାଧାରଣତଃ ଏହିପରି ଦୁଇଭାଗରେ ବିଭକ୍ତ - ଗୋଟିଏ ଦିଗରେ ସେ ବୈଜ୍ଞାନିକ ହେଲେ ମଧ୍ୟ ଅନ୍ୟଦିଗରେ ସେ ଅବୈଜ୍ଞାନିକ। କେବଳ ବୈଜ୍ଞାନିକ ନୁହନ୍ତି, ଦାର୍ଶନିକ ଗଣ ମଧ୍ୟ ଅନେକ ସମୟରେ ବୈଜ୍ଞାନିକମାନଙ୍କର ଏହି କଥାରେ ଏକମତ ହୋଇ କହିଥାଆନ୍ତି: ଯୁକ୍ତି ଦିଗରୁ ଦେଖିଲେ ଭଗବାନ, ଆତ୍ମା ବା ଅମରତ୍ୱ, ଏହି ସବୁ ବସ୍ତୁର ପ୍ରମାଣ ମିଳେ ନାହିଁ, କିନ୍ତୁ ଅନୁଭୂତି ଓ ହୃଦୟବୃତ୍ତି ଦିଗରୁ ଏସବୁର ସତ୍ୟ ଓ ସାରବତା ଜାଣିହୁଏ।

ବୈଜ୍ଞାନିକ ଯେଉଁ ବୃତ୍ତି ଦେଇ ସତ୍ୟର ଅନୁସନ୍ଧାନ କରନ୍ତି ତାହା ହେଲା ଯୁକ୍ତି, - ମନୋମୟ ପୁରୁଷର ଚିନ୍ତାଶକ୍ତି। ଆଉ ଏହି ଯୁକ୍ତି ଓ ବିଚାର ଶକ୍ତିର ଏପରି ସାମର୍ଥ୍ୟ ନାହିଁ ଯେ ଏହା ଏକାବେଳେକେ ଇନ୍ଦ୍ରିୟାନୁଭୂତିର କ୍ଷେତ୍ରକୁ ଅତିକ୍ରମ କରିଯାଇପାରେ, ଯଦି ଏହା ସତ୍ୟସନ୍ଧ ହେବାକୁ ଚାହେଁ; ନଚେତ ବୃଥା ବିପରୀତ ଚେଷ୍ଟା କଲେ କେବଳ ଗଢ଼ି ଉଠିବ ଅଦ୍ଭୁତ କଳ୍ପନାର ସ୍ତୁପ, ଆକାଶ-କୁସୁମ, ଶଶ-ବିଷାଣ ବା ବନ୍ଧ୍ୟା ପୁତ୍ର ଅର୍ଥାତ୍ ଇନ୍ଦ୍ରିୟାନୁଭୂତିର ସବିଦୃଶ ସଂଯୋଗ ବା ବିଯୋଗ। ଦାର୍ଶନିକ ବର୍ଗସ୍ (Bergson) ଠିକ୍ ଏହି କଥା କହନ୍ତି। ବୁଦ୍ଧିଶକ୍ତି ଇନ୍ଦ୍ରିୟ ପ୍ରତୀତିକୁ ଅତିକ୍ରମ କରିବାକୁ ଅକ୍ଷମ, କାରଣ ବୁଦ୍ଧିଶକ୍ତିର ଜନ୍ମ ଓ ସ୍ଥିତି ହେଲା ଇନ୍ଦ୍ରିୟ ପ୍ରତୀତିର କ୍ଷେତ୍ରରେ-ସେଠାରେ ଘଟୁଥିବା ଗୋଟିଏ କ୍ରିୟା- ପ୍ରତିକ୍ରିୟା ଫଳରେ, ଗୋଟାଏ ପ୍ରୟୋଜନର ଚାପରେ ଜଡ଼କୁ ଉତ୍ତମ ରୂପେ ଗଢ଼ିବା ଓ ବ୍ୟବହାର କରିବାର କୌଶଳ ରୂପେ ବୁଦ୍ଧିଶକ୍ତିର ଉତ୍ପତ୍ତି ହୋଇଛି। ବୈଜ୍ଞାନିକ ଗଣ ସେମାନଙ୍କର ବୁଦ୍ଧିବୃତ୍ତିର ସମ୍ପଦ ଦ୍ୱାରା ତଥା କଥିତ ବିଶ୍ୱ ସତ୍ୟ ବା ପ୍ରାକୃତିକ ନିୟମ ଆବିଷ୍କାର କରନ୍ତି ଏବଂ ତା'ର ପ୍ରଧାନ ସାର୍ଥକତା ହେଲା ବାହ୍ୟ ଜଗତ ସଙ୍ଗେ ସେମାନଙ୍କର କାରବାର ସହଜ ସାଧ୍ୟ ହୁଏ। ସୁତରାଂ ଜଡ଼-ଧର୍ମ ଛଡ଼ା ଅନ୍ୟ ଧର୍ମର ରହସ୍ୟ ସମ୍ବନ୍ଧେ ବୈଜ୍ଞାନିକ ଅନ୍ଧ, ଆଉ ଏହି ତ୍ରୁଟି ତାହାର ଜନ୍ମଗତ ଓ ପ୍ରକୃତିଗତ। ସେ ଯାହା ହେଉ, ଏତକ ନିଶ୍ଚୟ ମାନିବାକୁ ହେବ ଯେ ବୈଜ୍ଞାନିକଙ୍କ ମଧ୍ୟରେ ବୁଦ୍ଧିବୃତ୍ତିର ଚରମ ବିକାଶ ହୋଇଛି, ବୁଦ୍ଧିବୃତ୍ତିର ବୈଶିଷ୍ଟ୍ୟ ଯାହା ତାହା ଅତି ଉତ୍ତମ ରୂପେ ତାଙ୍କ ଭିତରେ ପ୍ରକାଶିତ ହୋଇଛି। ଇନ୍ଦ୍ରିୟାନୁଭୂତିର ସମ୍ପଦ ଏବଂ ସେହି ସବୁର ସଂଶ୍ଲେଷ ବିଶ୍ଳେଷଣ, ପରୀକ୍ଷଣ-ପର୍ଯ୍ୟବେକ୍ଷଣ ଦ୍ୱାରା ଯେତେ ଦୂର ସମ୍ଭବ ବିଶ୍ୱ ବ୍ୟାପୀ ବିଧାନକୁ ଦେଖିବାହିଁ ବୈଜ୍ଞାନିକ ବୁଦ୍ଧିର ନିଜସ୍ୱ-ପ୍ରତିଭା।

ବିଜ୍ଞାନ 'ବୈଜ୍ଞାନିକ ଉପାୟରେ' ପ୍ରକୃତି ଲୀଳାର ଯେଉଁ ରହସ୍ୟ ଉଦ୍‌ଘାଟନ କରିଛି, ତାହାର ମୂଲ୍ୟ ଯାହାବି ହେଉ, ପ୍ରକୃତି-ରହସ୍ୟର ତାହା ଶେଷ କଥା ବା ମୋଟ କଥା ନୁହେଁ। ଅବଶ୍ୟ ଏକଥା କୁହାଯାଇପାରେ ଯେ ଜ୍ଞାନ ଓ ସତ୍ୟ ଜ୍ଞାନ ଲାଭର ଆଉ କୌଣସି ଦ୍ୱିତୀୟ ପନ୍ଥା ନାହିଁ। ଅନ୍ୟ ପନ୍ଥାରେ ଚାଲିଲେ କଳ୍ପନା, କବିତ୍ୱ ମାୟା ଓ ମୋହର ରାଜ୍ୟରେ ପହଞ୍ଚାଯାଇପାରେ, ମାତ୍ର ବସ୍ତୁତନ୍ତ୍ର- ଜଗତ ମଧ୍ୟରେ ନୁହେଁ। ଜ୍ଞାନ ଓ ସତ୍ୟାନୁସନ୍ଧାନର ଅନ୍ୟପନ୍ଥା ଅଛି କି ନାହିଁ ସେ ସମ୍ବନ୍ଧରେ ପରେ କିଛି ଆଲୋଚନା କରିବା; କିନ୍ତୁ ବର୍ତ୍ତମାନ ଦେଖିବାକୁ ଚେଷ୍ଟା କରିବା, ବୈଜ୍ଞାନିକ-ପନ୍ଥାଦେଇ ଆଉ କେତେ ଦୂର ଯାଇହେବ ବା ଯାଇହେବ ନାହିଁ, ଆଉ ଯେଉଁ ବୈଜ୍ଞାନିକଗଣ କିଛି ଅଧିକ ଦୂର ଯାଇଛନ୍ତି ସେମାନେ କେଉଁଠି ଯାଇ ଉତ୍ତୀର୍ଣ୍ଣ ହୋଇଛନ୍ତି, ଆଉ ସେ ସବୁର ମୂଲ୍ୟ କ'ଣ ?

ପୂର୍ବରୁ କହିଛି ବୈଜ୍ଞାନିକ ବୁଦ୍ଧିର ମୂଳ ହେଲା ଇନ୍ଦ୍ରିୟାନୁଭୂତି। ଏବଂ ଏହି ମୂଳ-ଭିତ୍ତି ଉପରେ ବିଜ୍ଞାନର ସମସ୍ତ ଜ୍ଞାନ ସୌଧଟି ପ୍ରତିଷ୍ଠିତ। ଇନ୍ଦ୍ରିୟାନୁଭୂତିର ପ୍ରଦତ୍ତ ଚିହ୍ନ ବା ଛବିକୁ ଅମାନ୍ୟ କରି ବା ଅତିକ୍ରମ କରି ବୁଦ୍ଧି ବାହାରକୁ ଯାଇପାରେ ନାହିଁ। ତେବେ ଗୋଟିଏ କଥା ହେଉଛି- ଏହା ଜ୍ଞାନର ବିଷୟ ବା ବସ୍ତୁର ସୀମା ଓ ସୀମାନାର କଥା, କିନ୍ତୁ ଜ୍ଞାନର ସ୍ୱରୂପ ବା ସ୍ୱଭାବ ଏଠାରେ ତାହାର ସର୍ବୋଚ୍ଚ ଶିଖରରେ କିପରି ଧରଣର ହୋଇପାରେ ? ଜିଜ୍ଞାସ୍ୟା - ଆଇନ୍‌ଷ୍ଟାଇନ୍ ବା ପ୍ଲାଙ୍କ୍ ଯେଉଁ ଆସ୍ତିକ ବୁଦ୍ଧିର ପରିଚୟ ଦେଇଛନ୍ତି, ତାହା ସେମାନଙ୍କର ବୈଜ୍ଞାନିକ ବୁଦ୍ଧିର ପରିଣତି, ଶେଷ ଫଳ ନା' ଅନ୍ୟ କୌଣସି ପ୍ରକାର ଅବୈଜ୍ଞାନିକ ବୃତ୍ତିର ପ୍ରତିଛାୟା। ଦଳେ ଖାଣ୍ଟି ଇଉରୋପୀୟ (Continental) ବୈଜ୍ଞାନିକ ଅନେକ ସମୟରେ ଦ୍ୱୈପାୟନ ଇଂରେଜ- ବୈଜ୍ଞାନିକ ମାନଙ୍କ ସମ୍ବନ୍ଧରେ କହନ୍ତି ଯେ ଇଂରେଜମାନଙ୍କର ଧର୍ମଜ୍ଞାନ, ଧର୍ମବୋଧ ଅଥବା ଶୁଦ୍ଧିବାଦିକତା

(Puritanism) ଏପରି ପ୍ରଚଣ୍ଡ ଯେ ଲଗାରିଥମ୍ ଇସ୍ତାହାର ମଧ୍ୟରେ ସେମାନେ ଏଠି ସେଠି ଦୁଇଚାରିଧାଡ଼ି ବାଇବେଲ ବାଣି ଭର୍ତ୍ତି କରି ନଦେଲେ ତାଙ୍କ ମନରେ ଶାନ୍ତି ଆସେ ନାହିଁ।

ସେ ଯାହାହେଉ ଆସ୍ତିକ ବୈଜ୍ଞାନିକମାନେ ଯେଉଁ ଆସ୍ତିକ ବୁଦ୍ଧିଲାଭ କରିଥାଆନ୍ତି ତାହା ହୁଏତ ବୈଜ୍ଞାନିକ ବୁଦ୍ଧିର ସହଜ ଓ ସ୍ୱାଭାବିକ ପରିଣତି ହୋଇପାରେ। ଅନ୍ୟ କୌଣସି ଆଦିମ ଅଯୌକ୍ତିକ ବୃତ୍ତିରୁ ତା'ର ଯେ ଉତ୍ପତ୍ତି ହେବ, ଏପରି କୌଣସି କଥା ନାହିଁ। ବୈଜ୍ଞାନିକମାନଙ୍କର ଖାଣ୍ଟି ବୈଜ୍ଞାନିକ ବୁଦ୍ଧି ଓ ଆସ୍ତିକ ବୁଦ୍ଧି ସମପର୍ଯ୍ୟାୟଭୁକ୍ତ ବସ୍ତୁ। ଉଭୟର ଅଛି ଗୋଟାଏ ସାଜାତ୍ୟ ନିର୍ଜଳା ଧର୍ମବୋଧ ବା ଆଧ୍ୟାତ୍ମିକ ପ୍ରବଣତା ଜନିତ ଆସ୍ତିକ୍ୟ-ବୁଦ୍ଧି ଏବଂ ବୈଜ୍ଞାନିକର ନିଜସ୍ୱ ଆସ୍ତିକ୍ୟ-ବୁଦ୍ଧି, ଏହି ଉଭୟର ରଙ୍ଗ ଢ଼ଙ୍ଗରେ ପାର୍ଥକ୍ୟ ଓ ସ୍ୱତନ୍ତ୍ରତା ଅଛି।

ବୈଜ୍ଞାନିକ-ବୁଦ୍ଧି ମଧ୍ୟରେ ଖାଣ୍ଟି ଯୁକ୍ତିର ଦିଗଟି ବୁଦ୍ଧିଶକ୍ତିର ନିଜସ୍ୱ ମୂଲ୍ୟ ଓ ଓଜନ ଯେ ସବୁଠାରୁ ବଡ଼କଥା ତାହା ନୁହେଁ। ଯୁକ୍ତି, ସିଦ୍ଧାନ୍ତ ତଥ୍ୟ ଏସବୁ ବିଜ୍ଞାନର ପ୍ରୟୋଜନ, ଉପକାର, ଲାଭ ବା ବସ୍ତୁର ଦିଗ, - ତାହାର ହାଡ଼ ମାଂସ; କିନ୍ତୁ ବୈଜ୍ଞାନିକ ବୁଦ୍ଧିର ଆହୁରି ଗୋଟାଏ ଦିଗ ଅଛି ଯାହା ଅଶରୀରି ଫଳାଫଳର ନୁହେଁ ସୌରଭର ଦିଗ, ବସ୍ତୁର ନୁହେଁ ଆଭାର ଦିଗ। ସେଇଟି ତେବେ, କ'ଣ ? ବିଭିନ୍ନ ବୈଜ୍ଞାନିକ ତାକୁ ବିଭିନ୍ନ ରୂପରେ ବ୍ୟକ୍ତ କରିଅଛନ୍ତି, କିନ୍ତୁ ଜିନିଷଟି ଏକ। ପ୍ରକୃତି ମଧ୍ୟରେ, ପ୍ରକୃତିର ଜଡ଼ ଅଙ୍ଗକୁ ଓଜନ କରି, ମାପଚୁପ କରି, ଯୁକ୍ତି କାଠଗଡ଼ା ମଧ୍ୟରେ ଆବଦ୍ଧ କରି ଜ୍ଞାନ ଆହରଣ କରିବା ନିମିତ୍ତ ସତ୍ୟକୁ ପ୍ରାପ୍ତ କରିବା ନିମିତ୍ତ ଓ ବାସ୍ତବକୁ ଅଧିକାର କରିବା ନିମିତ୍ତ ବୈଜ୍ଞାନିକର ପ୍ରୟାସ ହୋଇଛି। କିନ୍ତୁ ଯେଉଁ ବସ୍ତୁଟି ପ୍ରଥମରେ ବ୍ୟକ୍ତ ନଥାଏ, ତାହା ପରେ ଫୁଟି ଉଠେ, ତାକୁ ଅଧିକାର କରେ; ଯାହା ହୁଏତ ପ୍ରଥମରୁ ଅନ୍ତରାଳରେ ରହିଛି ଗୁପ୍ତ ପ୍ରେରଣା ରୂପେ, ତାହାହେଲା ଅତଳ ରହସ୍ୟବୋଧ, ଗୋଟାଏ ଅସୀମତାର, ଆନନ୍ତ୍ୟର ସ୍ପର୍ଶ, ଗୋଟାଏ 'କିମିବ କିମିବ' 'ଆଶ୍ଚର୍ଯ୍ୟବତ୍ ପଶ୍ୟତି' - ଧରଣର କିଛି, ଗୋଟାଏ ଅବ୍ୟକ୍ତ ଅନିର୍ଦ୍ଦେଶ୍ୟ, ଅଥଚ ଜାଗ୍ରତ ସତ୍ତାର ଆଭାସ - ଏହାକୁ ହିଁ କେହି କେହି କହିଛନ୍ତି ପରମ ସମନ୍ୱୟ, କେହି କେହି କହିଛନ୍ତି ସମୁଚ ବିଧାନ ବା ବିଧି, କେହି କେହି କହିଛନ୍ତି ପରମ ଯୁକ୍ତିବତ୍ତା, କେହି କେହି କହିଛନ୍ତି ଚିନ୍ମୟତା। ଅବଶ୍ୟ ଏସବୁ ଅନୁଭବ, ବୋଧ, ପ୍ରତୀତି ବୈଜ୍ଞାନିକର ଖାସ୍ ଗବେଷଣାର ଅନ୍ତର୍ଭୁକ୍ତ ନୁହେଁ, କିନ୍ତୁ ଏହା ଯେପରି ବୈଜ୍ଞାନିକକୁ ଗୋଟାଏ ସୂକ୍ଷ୍ମ ଆବହଉ ବା ଆଭାମଣ୍ଡଳ ପରି ଚତୁର୍ଦ୍ଦିଗରେ ଘେରି ରହିଛି, - ଏହିଠାରେ ହିଁ ଯେପରି ତାହାର ଗବେଷଣା ଭିତରେ ଆସିଛି, ପ୍ରେରଣା ଇଙ୍ଗିତ ଓ ସତ୍ୟ ଦୃଷ୍ଟି। ଏକଥା ମୁଁ କହୁନାହିଁ ଯେ ସକଳ ବୈଜ୍ଞାନିକଙ୍କର ଏହି ଉନ୍ମୀଳନ ଓ ଏହି ସମ୍ପଦ ରହିଛି। ଅନେକ ବୈଜ୍ଞାନିକ ହୁଏତ କେବଳ ତଥ୍ୟ ସଂଗ୍ରାହକ, ତାଲିକାକାର - କିନ୍ତୁ ଯେଉଁମାନେ ଯଥାର୍ଥରେ କିଛି ଆବିଷ୍କାର କରିଛନ୍ତି, ପ୍ରକୃତିର ଅବଗୁଣ୍ଠନ ଟିକିଏ ଅପସାରିତ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ଯୁକ୍ତିର ଅତିରିକ୍ତ ବିଶେଷ କିଛି ବସ୍ତୁର ଗୋଟିଏ ସୁରଭି ବା ଆଭା ଦେଖିବାକୁ ମିଳେ। କେପ୍‌ଲର ଯେତେବେଳେ ତାଙ୍କର ଦୂରବିକ୍ଷଣ ଯନ୍ତ୍ର ଧରି ଆକାଶ ଆଡ଼କୁ ଚାହିଁ ରହିଛନ୍ତି, ନିରୀକ୍ଷଣ କରୁଛନ୍ତି ଗ୍ରହ ନକ୍ଷତ୍ରରାଜିର ଗତିବିଧି ତନ୍ମୟ ହୋଇପଡ଼ିଛନ୍ତି ଗୋଟାଏ ବିପୁଳ ଅନନ୍ତ ଆଶ୍ଚର୍ଯ୍ୟମୟ ରହସ୍ୟର ଅନୁଭବରେ ସେତେବେଳେ ଏକ ଶୁଭ ମୁହୂର୍ତ୍ତରେ ହଠାତ୍ ତାଙ୍କର ମସ୍ତିଷ୍କର ବିଦ୍ୟୁତ୍ ବେଗରେ ଖେଳିଗଲା ତାଙ୍କ ସେହି ମହା ଆବିଷ୍କାର ସତ୍ୟ- ଗ୍ରହମାନଙ୍କର ଗତିପଥ ହେଲା ବୃତ୍ତାଭାସ, - ଏବଂ ସୂର୍ଯ୍ୟ ସେହି ବୃତ୍ତାଭାସର କେନ୍ଦ୍ର। ନିଉଟନ୍‌ଙ୍କ ସମ୍ବନ୍ଧରେ ସେହି ଏକହିଁ କଥା। ଆପୁଲ ପଡ଼ିବା ଦେଖି ମାଧ୍ୟାକର୍ଷଣ ତତ୍ତ୍ୱର ଆବିଷ୍କାର କରିଥିଲେ- ଏହା ମଧ୍ୟ ସେହିପରି ଏକ ମହାନ୍ ରହସ୍ୟ।

ଫଳତଃ ବୈଜ୍ଞାନିକ ସିଦ୍ଧାନ୍ତ କେବଳ ବା ପ୍ରଧାନତଃ ଯେ ଯୁକ୍ତିଦ୍ୱାରା ଆବିଷ୍କୃତ ହୁଏ, ଏହା ଗୋଟାଏ ଧାରଣା ବା ସଂସ୍କାର ମାତ୍ର। ଅନେକ ବୈଜ୍ଞାନିକ ମନେ କରନ୍ତି ଏହିପରି ହେବା ଉଚିତ ଏବଂ ଅନେକ ହୁଏତ ବିଶ୍ୱାସ କରନ୍ତି ଯେ ଠିକ୍ ଏହିପରି ଘଟିଥାଏ; କିନ୍ତୁ ଯଥାର୍ଥ ବ୍ୟାପାରଟି ସେପରି ନୁହେଁ। ଆବିଷ୍କାରର ଅର୍ଥହିଁ ହେଲା ଯବନିକା ଅପସାରଣ ଏବଂ ଆକସ୍ମିକ ଅପସାରଣ-ଯୁକ୍ତି ପରେ ଆସି ଆବିଷ୍କୃତ ସତ୍ୟକୁ ସ୍ଥିର ପ୍ରତିଷ୍ଠିତ କରେ; ବଡ଼ ଜୋର୍‌ରେ ହୁଏତ ସାମାନ୍ୟ ଅଦଳ-ବଦଳ କରେ, ଯୋଗ-ବିୟୋଗ କରି ଏବଂ ପରିଚ୍ଛନ୍ନ କରି ଯଥାଯଥ ଭାବେ ବିଷୟଟିକୁ ଧରେ। ସକଳ ଜ୍ଞାନ ଓ ସକଳ ସିଦ୍ଧାନ୍ତରେ ଏହି ଯୁକ୍ତି-ବହିର୍ଭୂତ ଅପରୋକ୍ଷ, ଗୋଟାଏ ଆନ୍ତର ଅନୁଭବ ବା ବୋଧ ବା ପ୍ରତୀତି ଯୁକ୍ତିର ଅବୟବରେ ତାହାର ମୁଖ୍ୟ ସୂତ୍ର ବା ସ୍ୱତଃ ସିଦ୍ଧିଟିକୁ (Major Premiss) ଲେଖି ଦେଇଥାଏ।

ତଥାପି କହିବାକୁ ଗଲେ ବୁଦ୍ଧିର, ବୈଜ୍ଞାନିକ-ବୁଦ୍ଧିର ଏହି ସୂକ୍ଷ୍ମତମ, ଉର୍ଦ୍ଧ୍ୱତମ ଧାରା ମଧ୍ୟରେ ଯେଉଁ ଟିକକ ଆସ୍ତିକତା, ଆଧ୍ୟାତ୍ମିକତା ଓ ଧର୍ମବୋଧର ଉପଲବ୍ଧି ଅଛି ତାହା ପୂର୍ଣ୍ଣରୂପେ ବା ଯଥାର୍ଥରୂପେ ଅଧ୍ୟାତ୍ମ୍-ବସ୍ତୁ ନୁହେଁ। ଅନେକ ଦାର୍ଶନିକ ଆହୁରି ସହଜରେ ଏହିପରି ଗୋଟାଏ ଉପଲବ୍ଧିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦାର୍ଶନିକ ସ୍ପିନୋଜା ଓ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଯେଉଁ ଆନନ୍ତ୍ୟର ଉପଲବ୍ଧି କରିଛନ୍ତି, ତାହା ପ୍ରାୟ ହିଁ ଏକ ଧରଣର: ଏକ ପର୍ଯ୍ୟାୟର - ନିର୍ବସ୍ତୁକ, ତତ୍ତ୍ୱମାତ୍ରିକ, ଗାଣିତିକ ଅନନ୍ତ, ଯେପରି ତାହା 'X'। ବୈଜ୍ଞାନିକ ନିଜ ବୁଦ୍ଧିର ଶିଖରରେ ଉଠିଛନ୍ତି ବହିରୀନ୍ଦ୍ରିୟର ଉର୍ଦ୍ଧ୍ୱାୟନ ଫଳରେ, ଦାର୍ଶନିକ ମଧ୍ୟ ଅନୁରୂପ ପନ୍ଥାରେ ଚାଲିଛନ୍ତି; ତେବେ ନିଜ ମାନସ-ଧାରଣାର (conceptual ideation) ଉର୍ଦ୍ଧ୍ୱାୟନ ଫଳରେ। ଉଭୟ କିନ୍ତୁ ବୁଦ୍ଧିର ସୀମା ଏବଂ ମସ୍ତିଷ୍କର ଚୌହଦୀ ପାର ହୋଇ ପାରି ନାହାନ୍ତି ଆଉ ଯଥାର୍ଥ ଅଧ୍ୟାତ୍ମ୍-ବୋଧ ହେଉଛି ଏହି ମାନସ-ସୀମାକୁ ଅତିକ୍ରମ କରିବା। ତନ୍ତ୍ରର ଭାଷାରେ ଏହାକୁହିଁ କହନ୍ତି ଷଡ଼-ଚକ୍ରଭେଦ। ସ୍ପିନୋଜାଙ୍କର Amor intellectualis ବୈଜ୍ଞାନିକ ଆସ୍ତିକ୍ୟ-ବୋଧର ସୂତ୍ର ହୋଇପାରେ, କିନ୍ତୁ ତାହା ଆଧ୍ୟାତ୍ମିକତାର ଗଭୀରରେ ପହୁଞ୍ଚି ପାରି ନାହିଁ।

ଗୋଟାଏ ଲକ୍ଷ୍ୟ କରିବାର ବିଷୟ: ଅବଶ୍ୟ କେତେଜଣ ଲକ୍ଷ୍ୟ କରିଛନ୍ତି ତାହା କହିପାରିବି ନାହିଁ। କଥାଟି ହେଉଛି: ବୈଜ୍ଞାନିକ-ବୁଦ୍ଧି ଅନୁପ୍ରାଣିତ, ଯୁକ୍ତିବାଦୀ ଆଧୁନିକ ମନ ଯେତେବେଳେ ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ ଆଡ଼କୁ ଯେଉଁ କାରଣରୁ ହେଉ ନା କାହିଁକି, ଝୁଙ୍କି ପଡ଼େ, ସେତେବେଳେ ଦେଖାଯାଏ ଯେ ସେ ପ୍ରାୟହିଁ ବେଦାନ୍ତ ବା ବୌଦ୍ଧ-ସିଦ୍ଧାନ୍ତର ଆଡ଼କୁ ଆକୃଷ୍ଟ ହୋଇ ପଡ଼େ। *ମୋର ମନେହୁଏ, ଏହାର ମୁଖ୍ୟ କାରଣ ହେଉଛି ଏହାହିଁ: ଧର୍ମ କହିଲେ ସାଧାରଣତଃ ଓ ପ୍ରଧାନତଃ ଏପରି କେତେ ଗୁଡ଼ିଏ ସତ୍ୟ ଓ ତଥ୍ୟକୁ ବୁଝାଏ ଯାହାକୁ ବୈଜ୍ଞାନିକମାନେ "ମାନବତା-ପରିଚ୍ଛନ୍ନ" (Anthropomorphic) ବୋଲି ଆଖ୍ୟା ଦେଇଛନ୍ତି। ବୈଜ୍ଞାନିକମାନେ ଠିକ୍ ଏହି ବସ୍ତୁଟିକୁ ସହ୍ୟ କରିପାରନ୍ତି ନାହିଁ। ପଦ୍ଧତିର ବୈଶିଷ୍ଟ୍ୟ ହେଲା ମାନବିକ-ବସ୍ତୁଟିକୁ ମନୁଷ୍ୟର ଜ୍ଞାନଠାରୁ ପୃଥକ୍ କରି ରଖିବା; ବିଶିଷ୍ଟ ଜ୍ଞାତାର ବିଶିଷ୍ଟ ଜ୍ଞାନ ହୁଏ, କିନ୍ତୁ ଜ୍ଞାତା-ନିରପେକ୍ଷ ଜ୍ଞାନହିଁ ବିଜ୍ଞାନର ଲକ୍ଷ୍ୟ। ବର୍ତ୍ତମାନ ବୈଜ୍ଞାନିକ ବୁଦ୍ଧି ଚରମ ସୋପାନରେ ପହୁଞ୍ଚିଛି ବୋଲି କହୁଅଛି, "ଏହା ପରେ କ'ଣ ଅଛି ଜାଣେ ନାହିଁ, ତାହା ଅଜ୍ଞାତ ଅଜ୍ଞେୟ - 'ଏହି ବିଜ୍ଞ-ଅଜ୍ଞତା' ଯାହାକୁ "ଅଜ୍ଞେୟବାଦ" ବୋଲି କୁହାଯାଏ ଯାହାର ଅନ୍ୟରୂପ "ସଂଶୟବାଦ"- ଏହାହିଁ ହେଲା ବୈଜ୍ଞାନିକ ବୁଦ୍ଧିବାଦର ନ୍ୟାଯ୍ୟ ପରିଣାମ। କିନ୍ତୁ ଏହି ଅଜ୍ଞାତ ଓ ଅଜ୍ଞେୟକୁ ଟିକିଏ ଶ୍ରଦ୍ଧାଳୁ ହୋଇ, ଟିକିଏ ଆସ୍ତିକ-ବୁଦ୍ଧି ସହ ଦେଖିଲେ ବୁଝାଯାଏ ଯେ "ଯତୋ ବାଚୋ ନବର୍ତ୍ତନ୍ତେ, ଅପ୍ରାପ୍ୟ ମନସାସହ" - ଏହାହିଁ ଅବାଙ୍ମାନସଗୋଚର ବ୍ରହ୍ମ, ଏହାର ଅନ୍ୟ ନାମ ଶୂନ୍ୟ। ମନ ବୁଝିପାରେ ମନକୁ ନଚେତ୍ ମନର ଧ୍ୱଂସକୁ, - ଉଭୟର ଅନ୍ତର୍ବର୍ତ୍ତୀ କୌଣସିଟିକୁ ଧାରଣ କରିବା ମନ ପକ୍ଷରେ ଖୁବ୍ କଠିନ। ବିଚାର ବୁଦ୍ଧି ପକ୍ଷରେ ଅଧ୍ୟାତ୍ମର ନେତି-ତତ୍ତ୍ୱ ଗ୍ରହଣ କରିବା ସେତେ କଠିନ ନୁହେଁ, ଯେତେ କଠିନ ଅଧ୍ୟାତ୍ମର ଅନ୍ୟବିଧ ତତ୍ତ୍ୱ-ମାନବ ତତ୍ତ୍ୱ, ଅବତାର - ତତ୍ତ୍ୱ, ପୁରୁଷୋତ୍ତମ- ତତ୍ତ୍ୱ ଏପରି କି ପୁନର୍ଜନ୍ମ-ତତ୍ତ୍ୱ ଗ୍ରହଣ କରିବା। ବୈଦାନ୍ତିକର ସଚ୍ଚିଦାନନ୍ଦ ଏପରି ଏକ ସର୍ବସାଧାରଣ ତତ୍ତ୍ୱ, ଏପରି ଏକ ନିରପେକ୍ଷ, ନିର୍ବିଶେଷ ବସ୍ତୁ ଯାହାକୁ ବୁଦ୍ଧି ନିଜ ସୀମାରେ ଦଣ୍ଡାୟମାନ ହୋଇ ପ୍ରାୟହିଁ ଅନୁଭବ କରେ, ସ୍ପର୍ଶ କରେ। ଅନ୍ୟ କଥାରେ ମସ୍ତିଷ୍କ ମଧ୍ୟରେ, ତାହାର ଊର୍ଦ୍ଧ୍ୱତମ ସ୍ତରରେ ଅଧ୍ୟାତ୍ମର ପ୍ରଥମ ପ୍ରକାଶ, ଆଭା ଏବଂ ପ୍ରତିଛବି ହେଲା ଏହିପରି ଗୋଟାଏ ଜାଗାରେ ଅଶରୀରି ଅନନ୍ତର ବୋଧ ଯେଉଁ ଅନନ୍ତଙ୍କର ସ୍ୱରୂପ ହେଲା ସତ୍ କିମ୍ବା ଚିତ୍ କିମ୍ବା ଆନନ୍ଦ, କିମ୍ବା ତିନୋଟି ଯୁଗପତ୍ ଅଥବା ଅସତ୍- ଯାହା ମଧ୍ୟରେ କିନ୍ତୁ ନିହିତ ଅଛି ସକଳ ସତ୍।

ବୈଜ୍ଞାନିକ ବୁଦ୍ଧି ଏହପରି ଆସ୍ତିକତାର ଗୋଟାଏ ଦିଗରେ ପହୁଞ୍ଚଛନ୍ତି - ଆଉ ଠିକ୍ ଅନୁରୂପ ସ୍ତରରେ ଆଉ ଗୋଟିଏ ଦିଗରେ ପହୁଞ୍ଚଛନ୍ତି କବି ଓ ଶିଳ୍ପୀ। ଶିଳ୍ପୀର ରସାନୁଭୂତି ଏବଂ ବିଶ୍ୱ-ସୃଷ୍ଟି ମଧ୍ୟରେ ଗୋଟାଏ ନିବିଡ଼ ସୌନ୍ଦର୍ଯ୍ୟର ଆନନ୍ଦବୋଧ ଯଦିଓ ଏସବୁ ଶିଳ୍ପୀର ବୁଦ୍ଧିଜାତ ବସ୍ତୁ ନୁହେଁ, ତଥାପି ତାହା ବୁଦ୍ଧିର ସଗୋତ୍ର, ତାହା ମାନସ ରାଜ୍ୟର କଥା - ଚେତନାର ଯେଉଁ ସୀମା ପାର ହୋଇଗଲେ ଆମ୍ଭେମାନେ ପହୁଞ୍ଚିବୁ ଅଧ୍ୟାତ୍ମ ଲୋକରେ ସେହି ସୀମାର ଏପାଖର କଥା, ହୁଏତ ତାହା ଠିକ୍ ସୀମାନ୍ତର ବିଷୟ ତଥାପି ତା'ର ସୁର, ତା'ର ଭଙ୍ଗୀ, ତାର ବୋଲ୍‌ଚାଲ୍, ଏହି ପାରିର; ତାହାର ଆସ୍ପୃହା ସେପାରି ନିମିତ୍ତ ଯେତେ ବି ଥାଉ। ଅବଶ୍ୟ ମୁଁ ସାଧାରଣ ଶିଳ୍ପୀଙ୍କ କଥା କହୁଛି - ଶିଳ୍ପୀମାନଙ୍କର ସାଧାରଣ ସୃଷ୍ଟି କଥା। କିନ୍ତୁ ଏପରି ଶିଳ୍ପୀ ଅଛନ୍ତି, ଶିଳ୍ପୀର ଏପରି ସୃଷ୍ଟି ଅଛି ଯାହା ମଧ୍ୟରେ ଯଥାର୍ଥ ଆଧ୍ୟାତ୍ମିକ ଅନୁଭୂତି ପ୍ରକାଶିତ ହୋଇଛି। କିନ୍ତୁ ତାହା ସ୍ୱତନ୍ତ୍ର କଥା। ତାହ ଆଧ୍ୟାତ୍ମିକ ଶିଳ୍ପର କଥା। ସାଧାରଣ ଶିଳ୍ପ ସେ ପର୍ଯ୍ୟାୟର ନୁହେଁ, ତାହାର ଅନୁପ୍ରେରଣା ଅନ୍ୟ ଧରଣର। ସେହିପରି ଭାବରେ ଦର୍ଶନ ଓ ଆଧ୍ୟାତ୍ମିକ ଅନୁଭୂତି ଓ ଉପଲବ୍ଧି ପ୍ରକାଶିତ ହୋଇପାରେ। ଏପରି ଦର୍ଶନ ଓ ଦାର୍ଶନିକ ବିରଳ ନୁହନ୍ତି। ଭାରତୀୟ ଦର୍ଶନର ବେଶୀଭାଗ ହିଁ ଏହି ଶ୍ରେଣୀର। ଶଙ୍କର ଓ ରାମାନୁଜଙ୍କ ଦର୍ଶନ, ସାଂଖ୍ୟ, ବା ପାତଞ୍ଜଳି, ଗୋଟିଏ ଗୋଟିଏ ଅଧ୍ୟାତ୍ମ-ଦର୍ଶନ ବା ଅଧ୍ୟାତ୍ମ ଦୃଷ୍ଟିର ବୁଦ୍ଧିଗତ ବ୍ୟାଖ୍ୟା ମାତ୍ର। ଏହାହିଁ ଯଦି ହୁଏ, ତେବେ ଏପରି କଥା କ'ଣ କୁହାଯାଇପାରେ ନାହିଁ ଯେ ବିଜ୍ଞାନ ମଧ୍ୟ ଦିନେ ହୋଇ ଉଠିବ ଆଧ୍ୟାତ୍ମିକ ଉପଲବ୍ଧିର ପ୍ରକାଶ ବା ବାହନ। ଏ ପର୍ଯ୍ୟନ୍ତ ହୁଏତ ହୋଇ ନାହିଁ। ଅବଶ୍ୟ ଏହି ଧାରାରେ ଗୋଟାଏ ଚେଷ୍ଟା ହୋଇଥିଲା ଯାହାକୁ କହନ୍ତି ଗୁପ୍ତ ବିଦ୍ୟା ବା ମନ୍ତ୍ର-ବିଦ୍ୟା; ଏପରି କି ପ୍ରାଚୀନ ମନୀଷିଗଣ ଯାହାକୁ ରସାୟନ ବିଦ୍ୟା ବୋଲି କହନ୍ତି, ଯଦିଓ ଏହାର ଶେଷ-ପରିଣତି ଗଭୀର କୁସଂସ୍କାରରେ ବୁଡିଯାଇ ସମାଧି ପ୍ରାପ୍ତ ହୋଇଥିଲା। ଅବଶ୍ୟ ଏହିପରି ବିଦ୍ୟାକୁ ଅପରାବିଦ୍ୟା କୁହାଯାଏ, ପରା-ବିଦ୍ୟା ନୁହେଁ, ତେବେ ବି ଏକ ସମୟରେ ଅପରା-ବିଦ୍ୟାକୁ ପରା-ବିଦ୍ୟାର ସୋପାନ, ବାହନ ବା ପ୍ରକାଶ ହିସାବରେ ଗ୍ରହଣ କରା ହୋଇଥିଲା "ଅବିଦ୍ୟାୟା ମୃତ୍ୟୁଂ ତୀର୍ତ୍ତ୍ୱା। ବିଦ୍ୟୟାମୃତଶ୍ନୁତେ।"

କିନ୍ତୁ ଅତୀତରେ ଯାହାହିଁ ହେଉ ଆଧୁନିକ ଜଡ଼ତମ-ବିଜ୍ଞାନର ଘୋର ଅପରା-ବିଦ୍ୟା ପରା-ବିଦ୍ୟା ସହିତ ସାକ୍ଷାତ୍‌ଭାବେ ଏବଂ ପୂର୍ଣ୍ଣତର ଭାବେ ସଂଯୁକ୍ତ ହୋଇ ପାରେ କି? ଏପରି ସମ୍ଭାବନା ଅଛି କି? ଯଦି ଥାଏ ତେବେ କେଉଁ ଦିଗରେ? ଆମ୍ଭେମାନେ ଅନ୍ୟତ୍ର କହିଛୁ ଏହା ତେବେହିଁ ସମ୍ଭବ ହେବ ଯେବେ ବୈଜ୍ଞାନିକ ଗବେଷଣା ଓ ସତ୍ୟାନୁସନ୍ଧାନ ନିମିତ୍ତ ବାସ୍ତବବସ୍ତୁ ଓ ଘଟଣା ଆମ୍ଭେମାନେ ନିରୀକ୍ଷଣ କରିବା ଓ ଆହରଣ କରିବାକୁ ଶିଖିବୁ କେବଳ ସ୍ଥୂଳ ଇନ୍ଦ୍ରିୟ ସାହାଯ୍ୟରେ ନୁହେଁ ପରନ୍ତୁ ସୂକ୍ଷ୍ମତର ଆନ୍ତର ଇନ୍ଦ୍ରୀୟ ସାହାଯ୍ୟରେ; ଆଉ ସୂକ୍ଷ୍ମତର ଆନ୍ତର ଇନ୍ଦ୍ରିୟ ସକ୍ରିୟ ହେବ, ପ୍ରତିଷ୍ଠିତ ହେବ ସେତେବେଳେ ଯେତେବେଳେ ବୈଜ୍ଞାନିକ ଦୃଷ୍ଟି ମନୋମୟ ଦୃଷ୍ଟିରୁ ଉନ୍ନୀତ ଓ ରୂପାନ୍ତରିତ ହୋଇ ପ୍ରତିଷ୍ଠିତ ହେବ ଆତ୍ମାରେ, ଅନ୍ତରାତ୍ମାର ପ୍ରଜ୍ଞାନମୟ ଚେତନାରେ।

(ମୂଳ ବଙ୍ଗଳାରୁ ଶ୍ରୀ ଲକ୍ଷ୍ମୀନାରାୟଣ ଦାଶଙ୍କ କର୍ତ୍ତୃକ ଅନୁଦିତ)

# ବାବାଜୀ ମହାରାଜଙ୍କ ଚିଠି....

**ଶ୍ରୀ ରାମକୃଷ୍ଣ ଦାସ**

ଧ୍ୟାନର ସ୍ଥାନ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରଧାନତଃ ଦୁଇଟି। ଗୋଟିଏ ହୃଦୟ ଗଭୀରରେ, ଅନ୍ୟଟି ମସ୍ତକରେ ଏବଂ ମସ୍ତକ ଉର୍ଦ୍ଧ୍ୱରେ। ଯଦି ସ୍ୱତଃସ୍ଫୁର୍ତ୍ତ ଭାବେ ମସ୍ତକରେ ଏକାଗ୍ରତା ହେଉଛି ତେବେ ସେହିଠାରେ କରନ୍ତୁ। ସେଠାରୁ ଏକାଗ୍ରତା ଯେତେବେଳେ ହଟିଯିବ ସେତେବେଳେ ହୃଦୟ ଭିତରେ କରିବାକୁ ଚେଷ୍ଟା କରନ୍ତୁ।

ମସ୍ତକ ଚାରି ପାଖରେ ଏବଂ ମସ୍ତକରେ ଯେଉଁ ଚାପ ଅନୁଭବ କରନ୍ତି ସେ ଶକ୍ତିର ଚାପ ଧ୍ୟାନରେ ହୁଏ। ଏହା ସାଧନାର ପ୍ରଣାଳୀ ଅନ୍ତର୍ଗତ। ବିନା ଧ୍ୟାନରେ ବି କେବେକେବେ ହୋଇପାରେ। ଯୋଗ ଆରମ୍ଭ ହେବାର ସୂଚନା ଜାଣିବାକୁ ଚେଷ୍ଟା କରିବା କଠିନ। ଭୁଲ ଜାଣିବା ଠିକ୍ ନୁହେଁ। ସର୍ଭିସ୍ କରିବା ଭଲ। ଅଧିକରୁ ଅଧିକ 'ମା' ଏହି ନାମ ଜପ କରନ୍ତୁ ଏବଂ ତାଙ୍କରି ଚରଣରେ ସମର୍ପଣ କରନ୍ତୁ।

◆◆◆

ଆସନ କରିବା ଏବଂ ଭୋଜନ ନିୟମିତ କରିବା ଭଲ। ସହଜ ପ୍ରାଣାୟମ କରିବା ବି ଠିକ୍ ନୁହେଁ। ଆସନ କରିବା ସମୟରେ ଶ୍ୱାସ ପୂର୍ଣ୍ଣ ରୂପେ ନେଇ ପୂର୍ଣ୍ଣ ରୂପେ ଛାଡିବା ଠିକ୍। ଏଥିରେ ଆସନର ବହୁତ ଶକ୍ତି ବଢ଼େ ଏବଂ ବହୁତ ଉପକାର ହୁଏ।

ଭୟ ହେଲେ ବି ଭୟକୁ ପରୁଆ କରନ୍ତୁ ନାହିଁ। ଧୈର୍ଯ୍ୟ ହରାଇବାର କାରଣ କିଛି ନାହିଁ। ଯେଉଁ ଭାଗରେ ତ୍ରୁଟି ଅଛି ସେ ଭାଗରେ ପୂର୍ଣ୍ଣତା ଆସିବ। ସେହି ସକାଶେ ତ୍ରୁଟି ରହିଛି।

ମା'ଙ୍କ କୃପାରୁ ନିଜର ଦୋଷ ତ୍ରୁଟି ବୁଝି ପାରିଛନ୍ତି। ଏହି ବୁଝିବା ହିଁ ଯୋଗମାର୍ଗରେ ଅଗ୍ରସର ହେବାର ସୂଚନା। କେବେକେବେ ସ୍ୱପ୍ନ ଦୋଷ ହେଲେ ବି ପରୁଆ କରନାହିଁ। ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଔଷଧ ସେବନ କଲେ ଶୀଘ୍ର ଭଲ ହେବେ।

ନାମ ଜପ ସମୟରେ ଅନ୍ୟ ଚିନ୍ତା ଆସି ପାରନ୍ତି। କିନ୍ତୁ ଚିନ୍ତା କରନ୍ତୁ ନାହିଁ। ନାମରେ ଏକାଗ୍ରତା କରିବାକୁ ଚେଷ୍ଟା କରନ୍ତୁ। ଅଭ୍ୟାସ କଲେ ସବୁ ଅସାଧ ମା'ଙ୍କ କୃପାରୁ ସାଧନ ହୋଇପାରେ।

ଶିକ୍ଷକତା ଛଡ଼ନ୍ତୁ ନାହିଁ। ନିଜେ ମା'ଙ୍କ ସେବା ଭାବରେ ଆନ୍ତରିକ ସହ କାର୍ଯ୍ୟ କରି ମା'ଙ୍କୁ ସମର୍ପଣ କରନ୍ତୁ।

◆◆◆

ପାଠଚକ୍ର ବହୁ ପରିମାଣରେ ପ୍ରତି ଗ୍ରାମରେ ହେବା ଉଚିତ। କିନ୍ତୁ ପାଠଚକ୍ର ମେମ୍ବର ମଧ୍ୟରୁ କେତେକ ବ୍ୟକ୍ତି ଅସତ୍ୟ ଆଚରିବା ସ୍ୱାଭାବିକ। କାରଣ ସମସ୍ତେ ଆନ୍ତରିକତା ସହ ସାଧନା ବା ପାଠଚକ୍ର କରନ୍ତି ନାହିଁ। ସେହି ସକାଶେ ଦୋଷ ତ୍ରୁଟି ଦେଖାଯାଏ। ସେଥିରେ କିଛି ଆସେ ଯାଏ ନାହିଁ। ୧୦୦ ପାଠଚକ୍ରରୁ ଯଦି ଜଣେ ଉତ୍ତମ ସାଧକ ହୁଅନ୍ତି ତେବେ ଯଥେଷ୍ଟ। ସେହି ଗୋଟିଏ ବ୍ୟକ୍ତି ଦ୍ୱାରା ବହୁ କାର୍ଯ୍ୟ ହୋଇ ପାରିବ।

◆◆◆

ଆପଣଙ୍କ ସମସ୍ୟା ଭଲ ଭାବେ ବିଚାର କଲି। ଏହି ସମସ୍ୟା ଜଟିଳ ନୁହେଁ, ବହୁତ ପରିଷ୍କାର।

ଗୋଟିଏ, ଗୋପୀନାଥପୁର ମା'ଙ୍କ କାର୍ଯ୍ୟ - ଅନ୍ୟଟି ସର୍ଭିସ୍‌ରେ ଉନ୍ନତି। ଏହି ଦୁଇଟି ମଧ୍ୟରୁ ଗୋଟିଏ ପ୍ରଧାନ ଅନ୍ୟଟି ଗୌଣ ହେବା ଉଚିତ। ଯଦି ପ୍ରମୋସନ୍‌କୁ ପ୍ରଧାନ ସ୍ଥାନ ଦିଅନ୍ତି ତେବେ ଗୋପୀନାଥପୁର ମା'ଙ୍କ କାର୍ଯ୍ୟ ବନ୍ଦ ହୋଇଯିବ। ଷ୍ଟୋର ଚାଲିବ ନାହିଁ, ସ୍କୁଲ ବନ୍ଦ ହେବ। ଯଦି ମା'ଙ୍କ କାର୍ଯ୍ୟକୁ ପ୍ରାଧାନ୍ୟତା ଦିଅନ୍ତି ତେବେ ପ୍ରମୋସନ ବନ୍ଦ ହେବ। ଏହି ଦୁଇଟିରୁ ଗୋଟିକୁ ବାଛି ନେବାକୁ ହେବ। ଏହା ହିଁ ପରୀକ୍ଷା।

ମୋ ବିଚାରରେ ମା'ଙ୍କ କାର୍ଯ୍ୟକୁ ପ୍ରାଧାନ୍ୟତା ଦେଇ ମା'ଙ୍କ ଉପରେ ବିଶ୍ୱାସ ଭରଷା ରଖି ପ୍ରମୋସନ୍‌କୁ ଛାଡି ଦେବା ଉଚିତ୍। କାରଣ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ହିଁ ସର୍ବଶ୍ରେଷ୍ଠ। ସେ ଅନୁଷ୍ଠାନଟି ରହିଲେ ଭବିଷ୍ୟତରେ ବହୁତ ଉନ୍ନତି ହେବ ଏବଂ ଆପର ରିଟାୟାର୍ଡ ହୋଇ ପୁରାପୁରି ସାଧନା ଭାବେ ମା'ଙ୍କ କାର୍ଯ୍ୟରେ ଲାଗି ପଡିବେ। ବର୍ତ୍ତମାନ ଭାଙ୍ଗିଗଲେ ଫେର ଏପରି ସୁଯୋଗ ମିଳିବ ନାହିଁ।

ଏହି ଶତ ବାର୍ଷିକୀରେ ବହୁତ କାମ କରିବାକୁ ହେବ।

◆◆◆

ବହୁତ ଆନନ୍ଦର କଥା ସ୍କୁଲ ତଥା ଷ୍ଟୋର କରୁଛନ୍ତି। ଷ୍ଟୋର ବିଶେଷ ଉନ୍ନତି ହେବ ଯଦି ଅନେଷ୍ଟି ଭାବରେ କରାହେବ।ତାହା ଅନ୍ୟ ସକାଶେ ଆଦର୍ଶ ହେବ। ସ୍କୁଲ ବିଶେଷ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଆମ ଯୋଗର ପ୍ରଧାନ ଅଙ୍ଗ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରର ଗୋଟିଏ ଶକ୍ତିଶାଳୀ ମାଧ୍ୟମ। ଏହି ଉତ୍ତମ କାର୍ଯ୍ୟ ସବୁ ସର୍ବୋତୋଭାବେ ମା'ଙ୍କ ସେବା।

◆◆◆

ମା'ଙ୍କୁ ପୂଜା କରିବାର ଏକମାତ୍ର ମନ୍ତ୍ର ଆନ୍ତରିକ ବିଶ୍ୱାସ, ଭକ୍ତି, ଶ୍ରଦ୍ଧା, ସମର୍ପଣ। ଏହି ମନ୍ତ୍ରର ଉତ୍ତର ସଙ୍ଗେ ସଙ୍ଗେ ମିଳେ। ଏହା ଛଡା ହଜାର ପ୍ରକାର ମନ୍ତ୍ର ପୂଜା ବିଧି ବିଧାନ ରେ କିଛି ବି ଫଳ ହୁଏ ନାହିଁ। କେବଳ ଆନ୍ତରିକ ବିଶ୍ୱାସରେ ବ୍ୟକ୍ତି ସମସ୍ତ ପ୍ରକାର ଦୁଃଖ କଷ୍ଟ, ବିପଦରୁ ଉଦ୍ଧାର ହୋଇ ଲକ୍ଷ୍ୟରେ ପହୁଞ୍ଚେ। ଭକ୍ତି

ସକାଶେ କୌଣସି ପ୍ରକାର ମନ୍ତ୍ର, ବିଧି ବିଧାନର ଆବଶ୍ୟକ ନଥାଏ। କରମା ବାଇ, ଶବରୀ, ଧନା ଜାଠ, ଦ୍ରୌପଦି, ପ୍ରହ୍ଲାଦ, ଭୀଷ୍ମ ପିତାମହ ତଥା ବହୁତ ଭକ୍ତଙ୍କ ଚରିତ୍ରରେ ଦେଖାଯାଇଛି। ସବୁ ଋଷି ମୁନିଙ୍କ ଆଶ୍ରମ ନ ଯାଇ ଶ୍ରୀରାମ ଶବରୀ କୁଟିଆକୁ ଯାଇଥିଲେ। ମା'ଙ୍କୁ ପୂଜା କରିବାର ମନ୍ତ୍ର 'ମା' ଏହି ନାମ।

◆◆◆

ଭବିଷ୍ୟତ ସକାଶେ ସାବଧାନ ହେବା ପାଇଁ, ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଭରଷା ରଖିବା ପାଇଁ ଚୋରୀ ହେଲା। ମା'ଙ୍କର ଅନୁଷ୍ଠାନ, ଆମେ କେବଳ ସେବକ। ଏହି ମନୋଭାବ ରଖିବାକୁ ହେବ।

ମା' ଏହି ନାମ ନିରନ୍ତର ସବୁ ସମୟରେ ଜପ କରନ୍ତୁ। ଅନୁଷ୍ଠାନ ମା'ଙ୍କର, ସମସ୍ତ କର୍ମ ମା'ଙ୍କ ସେବା - ଏହି ମନୋଭାବ ରଖି ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରନ୍ତୁ। ମା' ଏହି ନାମ ନିରନ୍ତର ଜପ କରନ୍ତୁ। ମା ମୋ ସଙ୍ଗେ ସର୍ବଦା ରହି ମୋତେ ରକ୍ଷା କରୁଅଛନ୍ତି, ଏହି ମନୋଭାବ ରଖନ୍ତୁ। ଅନୁଷ୍ଠାନ ଛାଡି ଚାଲି ଆସିବା ବିଚାର ଛାଡନ୍ତୁ। ନିଜକୁ ମା'ଙ୍କ ହାତରେ ଛାଡି ଦିଅନ୍ତୁ। ମା ଯେପରି ରଖିବେ ସେହିପରି ରହିବେ।

◆◆◆

ପାଠଚକ୍ର, ସ୍କୁଲ ବ୍ୟବସ୍ଥା ଭଲ ହୋଇଛି। ମା'ଙ୍କୁ ଡାକନ୍ତୁ। ସମସ୍ତେ ମିଳିମିଶି କାର୍ଯ୍ୟ କଲେ ଅନୁଷ୍ଠାନର ଉନ୍ନତି ନିଶ୍ଚୟ ହେବ। ମା'ଙ୍କ କାର୍ଯ୍ୟରେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ବହୁତ ଭଲ। ସେଥିରେ ନିଜ ସାଧନାରେ ମଧ୍ୟ ଉନ୍ନତି ହେବ। ଅଗଷ୍ଟ ଦର୍ଶନକୁ ଆସିଲେ କଥାବାର୍ତ୍ତା କରିବା।

ସ୍କୁଲ ସକାଶେ ଭଲ ଭଲ ଟିଚର୍ ରଖିବାକୁ ହେବ। କିନ୍ତୁ ସେମାନେ ମା'ଙ୍କ ଭକ୍ତ ହୋଇଥିବା ଏକାନ୍ତ ଆବଶ୍ୟକ।

ଆପଣମାନେ ମା'ଙ୍କ ନାମ ଜପ କରନ୍ତୁ। ମା'ଙ୍କ କାର୍ଯ୍ୟ ସାଧନା ମନୋଭାବରେ ସମସ୍ତେ କଲେ ଅନୁଷ୍ଠାନର ବହୁତ ଉନ୍ନତି ହେବ। ଏହି ଉନ୍ନତି ଯଥାର୍ଥରେ ମା'ଙ୍କ ସେବା ଏବଂ ଜଗତର ସେବା।

◆◆◆

ବର୍ତ୍ତମାନ ସମୟରେ ଆପଣ ସେଠାରେ ନ ରହିଲେ ସବୁ କାର୍ଯ୍ୟ ବିଶୃଙ୍ଖଳା ହେବ। ତୁମକୁ ସେଠାରେ ରହିବାକୁ ହେବ। ନିରନ୍ତର ନାମ ଜପ କର। ମା'ଙ୍କ ସେବା ଭାବରେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କର।

◆◆◆

ଆପଣ ଯେଉଁ କାର୍ଯ୍ୟ କରୁଛନ୍ତି ଗୋଟିଏ ମହାନ୍ କାର୍ଯ୍ୟ। ସେହି କାର୍ଯ୍ୟ ସକାଶେ ମା ଆପଣଙ୍କୁ ନିଯୁକ୍ତ କରିଅଛନ୍ତି। ଏହି କାର୍ଯ୍ୟ ସିଧା ସିଧା ମା'ଙ୍କ ସେବା। ଆପଣଙ୍କ ଦ୍ୱାରା ମା'ଙ୍କର ବହୁତ କାର୍ଯ୍ୟ ହୋଇ ପାରିବ।

ଶାନ୍ତି ପାଇବା ଏବଂ ସାଧନାରେ ଉନ୍ନତି କରିବାର ଉପାୟ ହେଲା - ମା' ଏହି ନାମ ନିରନ୍ତର ଜପ କରନ୍ତୁ। "ମୁଁ - ମା'ଙ୍କର" ଏହି ଧାରଣା ଜପ ସହିତ କରନ୍ତୁ। "ସମସ୍ତ କାର୍ଯ୍ୟ ମା'ଙ୍କର, ମା ସମସ୍ୟାର ସମାଧାନ କରିବେ", ଏହି ଧାରଣା ରଖିଲେ ବ୍ୟସ୍ତ ହେବେ ନାହିଁ। ସମସ୍ତ କାର୍ଯ୍ୟ ସହଜରେ ହେବ, ସମସ୍ତ ସମସ୍ୟାର ସହଜରେ ସମାଧାନ ହୋଇ ପାରିବ। ଆସିଲେ ଏହି ବିଷୟରେ ବିଶେଷ ରୂପେ କଥାବାର୍ତ୍ତା କରିବା। ସାଧନାରେ ନିଶ୍ଚୟ ଅଗ୍ରସର ହେବ।

◆◆◆

ମା'ଙ୍କ ଆଶ୍ରୟ ନେବା ପରେ କୌଣସି ବ୍ରତ ଉପବାସର ଆବଶ୍ୟକ ନାହିଁ, ଏହା ଏକେବାରେ ନିଃସନ୍ଦେହ ସତ୍ୟ। କିନ୍ତୁ ପରମ୍ପରା ଅନୁସାରେ ଯେଉଁ ପ୍ରଥା ଚାଲୁଛି ତାକୁ ହଠାତ୍ ବନ୍ଦ କରିଦେଲେ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିକ୍ରୀୟା ହେବ। ସେ ସକାଶେ ବର୍ତ୍ତମାନ ସେହି ପୁରୁଣା ପ୍ରଥା ଚାଲୁ। ଆଉ କିଛି ବର୍ଷ ପରେ ଇଚ୍ଛା ହେଲେ ବନ୍ଦ କରିଦେବେ। ଆଉ ଅଳ୍ପ ବର୍ଷ ପରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଘରେ ଘରେ ବ୍ୟାପ୍ତ ହେଇଥିବ। ସେତେବେଳେ କୌଣସି ପ୍ରତିକ୍ରିୟା ହେବ ନାହିଁ।

◆◆◆

ଯେଉଁ ଗ୍ରାମ ମାନଙ୍କରେ ପାଠଚକ୍ର ନାହିଁ ସେଠାରେ ମିଟିଂ କରାଇ ପାଠଚକ୍ର କରନ୍ତୁ।

◆◆◆

ମହିଳା ପାଠଚକ୍ର ସେମିନାର ଅନୁଷ୍ଠିତ ହେଉଥିବା ଜାଣି ବହୁତ ଖୁସି ହେଲି। ମହିଳାମାନଙ୍କ ସମାଜରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହେବା ଏକାନ୍ତ ଆବଶ୍ୟକ। ଏହାରି ଦ୍ୱାରା ସେମାନଙ୍କର ଜୀବନ ପୂର୍ଣ୍ଣାଙ୍ଗୀନ ବିକାଶ ଦିଗରେ ଯାତ୍ରା କରିବ। ସେହିମାନଙ୍କ ଉନ୍ନତିରେ ଉନ୍ନତ ହେବ ଦେଶ ଏବଂ ଜଗତ। ସେହିମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହେଲେ ଦେଶରେ ଯଥାର୍ଥ ଭାବେ ଭିତ୍ତି ରୂପେ ପ୍ରତିଷ୍ଠିତ ହେବ ଆଧାତ୍ମିକ ଅତିମାନସ ସତ୍ୟ। ସତ୍ୟ ଭିତ୍ତିରେ ବ୍ୟକ୍ତି କର୍ମ କଲେ ଉପସ୍ଥିତ ବିଶୃଙ୍ଖଳା ଦୂର ହେବ। ଏବଂ ସତ୍ୟ ନ୍ୟାୟରେ ସମସ୍ତ କର୍ମ ଗଢ଼ି ଉଠିବ। ତେବେ ଏହି ପୃଥିବୀରେ ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠିତ ହେବ। ଏହି କାର୍ଯ୍ୟରେ ବିଶେଷ ରୂପେ ଭୂମିକା ରହିଛି ନାରୀମାନଙ୍କର।

◆◆◆

ବଡ ଆନନ୍ଦର କଥା ଆପଣମାନେ ବାର୍ଷିକ ଉତ୍ସବ ପାଳନ କରୁ ଅଛନ୍ତି। ଏହି କାର୍ଯ୍ୟ ଅତ୍ୟନ୍ତ ଉତ୍ତମ। ଏଥିରେ ନିଜର ପରିବାରର ତଥା ଗ୍ରାମ ଏବଂ ଦେଶର କଲ୍ୟାଣ। ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟରେ ଏହି କାର୍ଯ୍ୟ ହିଁ ଭବିଷ୍ୟତ ସତ୍ୟ ଯୁଗରେ ପ୍ରବେଶର ଚାବି। ଏହି କାର୍ଯ୍ୟ ସେତେ ଆନ୍ତରିକତା ସହ ମା'ଙ୍କ ସେବା ଭାବରେ କରିବେ ତେତେ ସ୍ପଷ୍ଟ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ।

ପ୍ରସନ୍ନତାର କଥା ପ୍ରିୟ ଦୀନକୃଷ୍ଣ ବାବୁ ତଥା ଅରୁଣକାନ୍ତ ବାବୁ ଏହି ଶୁଭଉତ୍ସବରେ ଯୋଗ ଦେଉଅଛନ୍ତି। ସେମାନଙ୍କଠାରୁ ଆପଣମାନେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ତଥା ମା'ଙ୍କ କାର୍ଯ୍ୟ ସମ୍ବନ୍ଧେ ଶୁଣିବେ। ଆପଣମାନଙ୍କର ଆଗ୍ରହ ଥିଲା ଗୋଟିଏ ଲେଖା ପଠାଇବା ସକାଶେ। କିନ୍ତୁ ଆପଣମାନେ ଜାଣନ୍ତି ଆଜିକାଲି ଚିଠିର ଉତ୍ତର ଦେବାରେ ସମୟ ମିଳୁନାହିଁ। ଆଜି ଗୋଟିଏ ଛୋଟିଆ ଲେଖା ପଠାଇଲି। ଆମ୍ଭେମାନେ ଶୁଭକାମନା ମା'ଙ୍କ ଚରଣରେ ନିବେଦନ କରି ଆଶା କରୁଛୁ ମା'ଙ୍କ କୃପାରୁ ଆପଣମାନଙ୍କ ଅନୁଷ୍ଠାନ ସର୍ବାଙ୍ଗ ସୁନ୍ଦର ହେବ।

ସାମୁହିକ ପାଠଚକ୍ର ବନ୍ଦ କରନ୍ତୁ ନାହିଁ। ବ୍ୟବସ୍ଥିତ କରନ୍ତୁ। ଯେଉଁ ସମୟ ରଖା ହୋଇଥିବ ସେହି ସମୟରେ ସମସ୍ତେ ପହଞ୍ଚିବେ। ... The Mother ଅଥବା ଶ୍ୱେତ ଗୋଲାପ, ଅଥବା ଲୋକ ସାହିତ୍ୟ କିମ୍ବା ନବ ପ୍ରକାଶର କୌଣସି ଚିତାକର୍ଷକ ଏବଂ ସାଧନା ବିଷୟ ବାଣୀ ପଢ଼ିବେ। ପଢ଼ିବା ବ୍ୟକ୍ତି ଯଦି ସେ ବିଷୟ ଉତ୍ତମ ରୂପେ ବୁଝିଥିବେ ତେବେ ତାକୁ ବୁଝାଇଦେବେ। ପଢ଼ା ଶେଷ ହେବା ପରେ ଯେଉଁ ଯେଉଁ ପାଠଚକ୍ରରେ ଯାହା ଅସୁବିଧା ଥିବ ତାହା କହିବେ, ଏବଂ ତାର ସଂଶୋଧନର ବିଚାର କରିବେ। କୌଣସି ଗୁରୁତର ପ୍ରଶ୍ନ ଥିଲେ ଲେଖିବେ।

ପାଠଚକ୍ରର ସଭ୍ୟ ଅଥବା ସମ୍ପାଦକଙ୍କର କିଛି ସାଧନା ମନୋଭାବ ରହିବା ଉଚିତ। ସେମାନେ ଆଶ୍ରମର ଜଣେ ସାଧକ ବୋଲି ମନେ କରିବେ। ସିଗାରେଟ୍ ବା କୌଣସି ପ୍ରକାର ନିଶା ଦ୍ରବ୍ୟ ସେବନ କରୁଥିଲେ ଛାଡିବାକୁ ଚେଷ୍ଟା କରିବେ। ସିଗାରେଟ, ବିଡି, ଧୂମ୍ରପାନ ଏବଂ ଗଞ୍ଜେଇ ଅଫିମ ମଦ୍ୟାଦି ମାଦକ ସ୍ୱାସ୍ଥ୍ୟ ପକ୍ଷେ ଯେପରି ହାନି କାରକ ତାଠାରୁ ଅଧିକ ହାନିକାରକ ଅଧ୍ୟାତ୍ମ ସତ୍ୟ ଉପଲବ୍ଧିରେ। କୌଣସି ବିଷୟ ଛାଡିବା ସକାଶେ ଆଶ୍ରମ ତରଫରୁ କାହାକୁ ଜୋର ଦିଆ ହୁଏନହିଁ। କିନ୍ତୁ ଏହି ସବୁ ବସ୍ତୁ ହାନିକାରକ ହୋଇ ଥିବାରୁ ଏହାକୁ ଛାଡିବାକୁ ପ୍ରଯତ୍ନଶୀଳ ହେବା ଉଚିତ। ପାଠଚକ୍ରରେ କିମ୍ବା ସାମୁହିକ ପାଠଚକ୍ରରେ ଅନ୍ୟ ବିଷୟ ଆଲୋଚନା ହେବା ଆଦୌ ଉଚିତ ନୁହେଁ। ପାଠଚକ୍ରରେ ମୌନତା ଅବଲମ୍ବନ କରିବା ଉଚିତ। ପଢ଼ା ଏବଂ ଆଲୋଚନା ହୋଇ ସାରିବା ପରେ ଯାହାର ଯାହା ପ୍ରଶ୍ନ ଥିବ କରି ପାରିବେ।

ପାଠଚକ୍ର ଘରେ ଏବଂ ପାଠଚକ୍ର ସମୟରେ କୌଣସି ବ୍ୟକ୍ତି ଧୂମ୍ରପାନ କଦାପି କରିବେ ନାହିଁ। ଯଦି ମା'ଙ୍କ ପାଖକୁ, ପାଠଚକ୍ରରେ ମା'ଙ୍କ ଉପସ୍ଥିତିର ସମ୍ମାନ ନ ଦିଆ ହୁଏ ତାଙ୍କ ସାମ୍ନାରେ ସିଗାରେଟ୍ ଖାଇବା ହୁଏ ତେବେ ଏପରି ଅବସ୍ଥାରେ ପାଠଚକ୍ର ନ କରିବା ଭଲ। ପାଠଚକ୍ରକୁ ଆଶ୍ରମର ଶାଖା ମାନିବାକୁ ହେବ। ଯଥାର୍ଥରେ ପାଠଚକ୍ର ଆଶ୍ରମର ଶାଖା।

ପାଠଚକ୍ର ସକାଶେ ଯେଉଁ ସମୟ ନିର୍ଦ୍ଧାରିତ କରା ହୋଇଥାଏ ଯଦି ଏକେବାରେ ଅନିବାର୍ଯ୍ୟ ନ ହୁଏ ତେବେ ଠିକ୍ ସମୟରେ ଉପସ୍ଥିତ ହେବା ଉଚିତ। ଅତିଥିମାନଙ୍କୁ ନିଜ ସହୃଦୟ ବନ୍ଧୁ, ମିତ୍ର, ଅନ୍ତରଙ୍ଗ ସ୍ନେହୀ ସଦୃଶ୍ୟ ସ୍ନେହ ସଦ୍‌ଭାବ, ସମ୍ମାନ ଦେବା ଉଚିତ୍।

ମିଳିତ ପାଠଚକ୍ରର ଯେଉଁ ପ୍ରଭାବ ତାହା ଚେତନାର ଉନ୍ନତ ଅବସ୍ଥା ନ ହେଲେ ଆମ୍ଭେ ବୁଝି ପାରିବା ନାହିଁ। ତାର ପ୍ରଭାବ ସମ୍ବନ୍ଧେ ଆମେ ସଚେତ ନ ଥାଉ। ଯେପରି କଲେରା ବା ବସନ୍ତ ବିଜାଣୁର ସ୍ପର୍ଶ ପାଇଲେ ଆମେ ସେହି କ୍ଷତି ବୁଝି ପାରୁ ନାହିଁ। ଯେତେବେଳେ ରୋଗ ପ୍ରକାଶ ହୁଏ ସେତେବେଳେ ଜାଣିପାରୁ। ସେହିପରି ସାମୁହିକ ପାଠଚକ୍ର ଦ୍ୱାରା ସେ ସ୍ଥାନ ଆଧ୍ୟାତ୍ମିକ ବାତାବରଣରେ ଶୁଦ୍ଧ ହୁଏ, ମା'ଙ୍କ ଉପସ୍ଥିତିର ସ୍ପର୍ଶ ମିଳେ। କିନ୍ତୁ ଆମ୍ଭ ଚେତନା ଏତେ ଅବନତ ଅବସ୍ଥାରେ ଥାଏ ଯେ ଆମେ ବୁଝି ପାରୁ ନାହିଁ।

ସାମୁହିକ ପାଠଚକ୍ରରେ ଯିଏ ଆସେ ସେ ମା'ଙ୍କର ଉପସ୍ଥିତିର ତଥା ଆଧ୍ୟାତ୍ମିକ ବାତାବରଣର ସଂସ୍ପର୍ଶ ପାଏ। ସେ ସ୍ଥାନ ବହୁତ ମାତ୍ରାରେ ଶୁଦ୍ଧ ହୁଏ। ଏହି କାରଣରୁ ପାଠଚକ୍ର ତଥା ମିଳିତ ପାଠଚକ୍ରକୁ ଅଧିକ ଗୁରୁତ୍ୱ ଦିଆଯାଏ।

◆◆◆

ଆପଣମାନଙ୍କ ତୀବ୍ର ଅଭୀପ୍ସା ଯୋଗୁଁ ଗୋପୀନାଥପୁରରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା। ଏହା ସେ ଅଞ୍ଚଳ ସକାଶେ ଗୋଟିଏ ମହାନ୍ ସୌଭାଗ୍ୟର ବିଷୟ। ସେ ପୀଠ ହେଲା ଆଶ୍ରମର ପ୍ରତ୍ୟକ୍ଷ ଶାଖା। ସେ ଅଞ୍ଚଳ ବ୍ୟକ୍ତି ଯେତେ ଭକ୍ତି ରଖିବେ ସେତେ ଲାଭବାନ୍ ହେବେ।

ମା'ଙ୍କ କୃପାରୁ ବହୁତ ବଡ କାର୍ଯ୍ୟ ହେଲା। ବାକି ସବୁ କାର୍ଯ୍ୟ ହୋଇଯିବ। ଗୋଟିଏ ବଡ ହଲ୍ ହେବା ଆବଶ୍ୟକ। ପାଠଚକ୍ରର ସକ୍ରୀୟ ସଭ୍ୟ ହେବେ, ନିଶ୍ଚୟ ହେବେ। ଆସିଲେ କଥାବାର୍ତ୍ତା କରିବା।

◆◆◆

ତା ୨୭। ୧୨। ୭୦ରିଖରେ ଆଞ୍ଚଳିକ ସମ୍ମିଳିତ ପାଠଚକ୍ର ଗୋପୀନାଥପୁର (ଶ୍ରୀଅରବିନ୍ଦ ମନ୍ଦିର) ପାଠଚକ୍ରରେ ଅନୁଷ୍ଠିତ ହେବା ବିଷୟ ଲେଖାଇ ମା'ଙ୍କ ଚରଣରେ ନିବେଦନ କରିବା ସକାଶେ ପଠାଇଲି। ମା'ଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି।

ପାଠଚକ୍ରର ନାମ ରଖନ୍ତୁ 'ଶ୍ରୀଅରବିନ୍ଦ ମନ୍ଦିର'। ମା'ଙ୍କ Blessings ସବୁ ସମୟରେ ରହିଅଛି। ଆପଣମାନେ କାର୍ଯ୍ୟ କଲେ ସ୍ପଷ୍ଟ ଅନୁଭବ କରିପାରିବେ। ସମ୍ମିଳିତ ପାଠଚକ୍ରରେ ମହାପାତ୍ର ନୀଳମଣି ସାହୁ, ଡକ୍ଟର ରଘୁନାଥ ପାଣିଙ୍କୁ ଡାକି ପାରନ୍ତି।

◆◆◆

ବଡ ଆନନ୍ଦର କଥା ଆପଣ ପାଠଚକ୍ରର ଅଧିବେଶନ ଉତ୍ସାହର ସହ ଅନୁଷ୍ଠାନ କରୁଅଛନ୍ତି। ଏହା ବିଶେଷ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏହା ଦ୍ୱାରା ମାଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହୋଇ ପାରିବ। ଯେଉଁ ଆଦର୍ଶ ଦ୍ୱାରା ବର୍ତ୍ତମାନ ଜଗତ ପରିବର୍ତ୍ତନ ହୋଇ ପାରିବ। ଏହାହିଁ ଭଗବାନଙ୍କ ସଙ୍କଳ୍ପ। ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି। ଏହି କାର୍ଯ୍ୟ କରିବା ବ୍ୟକ୍ତି ନିଶ୍ଚୟ ରୂପେ ଭଗବାନଙ୍କ ସେବା କରୁଅଛନ୍ତି। ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ।

ଯେଉଁମାନେ ଯେଉଁଠାରେ ଏହି ମହତ୍ କାର୍ଯ୍ୟ ଅନୁଷ୍ଠାନ କରନ୍ତି ସେଠାରେ ମା ସୂକ୍ଷ୍ମ ଭାବେ ଉପସ୍ଥିତ ରୁହନ୍ତି। ସଭାରେ ଯୋଗ ଦେଉଥିବା ବ୍ୟକ୍ତିଙ୍କର ଆନ୍ତରିକତା କିଛି ଅଂଶରେ ଥାଏ। ସେମାନେ ମା'ଙ୍କ ଉପସ୍ଥିତି ଅବଶ୍ୟ ବୁଝି ପାରିବେ। ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବା ବ୍ୟକ୍ତି ଏବଂ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କର ଚେତନା ଉନ୍ନତ ହୁଏ ଏବଂ ସେ ସ୍ଥାନରେ ଉତ୍ତମ ପ୍ରଭାବ ନିର୍ମାଣ ହୁଏ। ଏହିପରି ମହତ୍

କାର୍ଯ୍ୟରେ ଯେଉଁମାନେ ଧନ ବ୍ୟୟ କରନ୍ତି ସେମାନଙ୍କର ଧନ ଯଥାର୍ଥରେ ଧନ୍ୟ ହୁଏ।

◆◆◆

"ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠିତ ଶ୍ରୀଅରବିନ୍ଦ ମନ୍ଦିର ପ୍ରତି ଆପଣମାନଙ୍କର କ'ଣ କର୍ତ୍ତବ୍ୟ ହେବା ଉଚିତ୍, ଏହି ବିଷୟରେ ଲେଖିବାକୁ ଆଗ୍ରହ କରିଛନ୍ତି।" କରିବା ବ୍ୟକ୍ତି କହିବା ବ୍ୟକ୍ତିଠାରୁ ଭଲ ଭାବେ ଜାଣନ୍ତି। ତଥାପି ଏହି ପତ୍ରରେ ସଂକ୍ଷେପରେ ଲେଖିବାକୁ ଚେଷ୍ଟା କରିବି।

ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଅର୍ଥ ଶ୍ରୀଅରବିନ୍ଦ ଅଧ୍ୟାତ୍ମ ଶକ୍ତି ସହ ସେଠାରେ ବିଦ୍ୟମାନ। ଆଶ୍ରମ ସମାଧି ପ୍ରତି ଆପଣମାନଙ୍କର ଯେପରି ଭାବ ଭକ୍ତି ସେବା ସେହିପରି ସେଠାରେ ହେବା ଏକାନ୍ତ ଆବଶ୍ୟକ।

୧. ସେ ସ୍ଥାନରେ ଦୃଢ଼ତା ସହ ନିରବତା ପାଳନ କରିବେ।

୨. ପ୍ରତିଦିନ ସକାଳୁ ସ୍ଥାନ ପରିଷ୍କାର କରି ପୁଷ୍ପ ଧୂପ ଅର୍ପଣ କରିବେ।

୩. ଆପଣମାନେ ସକାଳେ ଏବଂ ସନ୍ଧ୍ୟାରେ ପ୍ରଣାମ କରିବେ। ଯେଉଁମାନେ ଧ୍ୟାନ କରିବାକୁ ଚାହାନ୍ତି ବସି ନିରବରେ ଧ୍ୟାନ କରିବେ।

୪. ପାଠଚକ୍ର ସେଠାରେ ନ କରି ମା'ଙ୍କ ଫଟ ଥିବା ଘରେ କିମ୍ବା ହଲ୍‌ରେ କରିବେ।

୫. ଦର୍ଶନ ଦିନମାନଙ୍କରେ ବିଶେଷ ଉତ୍ସବ ପାଳନ କରିବେ ଏବଂ ଡିସେମ୍ବର ୫ ତଥା ୯କୁ ମଧ୍ୟ ଧ୍ୟାନର ବ୍ୟବସ୍ଥା ରଖିବେ। ଯେଉଁ ସମୟରେ ଦେହାଂଶ ପ୍ରତିଷ୍ଠା ହୋଇଥିଲା ୯ ତାରିଖରେ, ସେହି ସମୟରେ ଧ୍ୟାନ କରିବେ ଏବଂ ଦିନ ୧୦ଟା ସମୟରେ ଧ୍ୟାନ କରିବେ। ମିଟିଂ ବା ସଭା ରଖିବେ ୮ ଡିସେମ୍ବରକୁ ଯେପରି ହୋଇଥିଲା।

୬. ଗୋଟିଏ ବ୍ୟକ୍ତି ସବୁ ସମୟରେ ସେଠାରେ ରହିବା ଆବଶ୍ୟକ।

୭. ସେହି ଅନୁଷ୍ଠାନର ମେମ୍ବର ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ। ମେମ୍ବରମାନେ ସ୍ୱଇଚ୍ଛାରେ ପ୍ରତି ମାସରେ କିଛି କିଛି ଚାନ୍ଦା ଦେବେ।

୮. ଶ୍ରୀଅରବିନ୍ଦ ମନ୍ଦିର ଆଶ୍ରମ ପ୍ରତିନିଧି ବା ଶାଖା। ସେହି ଅନୁସାରେ ସେଠାରେ କାର୍ଯ୍ୟ ହେବା ଆବଶ୍ୟକ। ସେ ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ କ୍ୟାମ୍ପ, ସେମିନାର ହେବ ଏବଂ ପ୍ରତି ଗ୍ରାମରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ର ସମାଜ ହେବା ଆବଶ୍ୟକ। ସେ ଅଞ୍ଚଳର ପାଠଚକ୍ର ମାନଙ୍କ ସହିତ ଏତେ ଆତ୍ମୀୟତା ଏବଂ କର୍ମର ସମ୍ପର୍କ ରଖିବାକୁ ହେବ ଯେ ସେମାନେ ଆନ୍ତରିକତା ସହ ସ୍ୱତଃସ୍ଫୁର୍ତ୍ତ ଭାବେ କେନ୍ଦ୍ରକୁ ମାନିବେ। ଏହା ହେବ ପରସ୍ପର ଆନ୍ତରିକ ଅଧ୍ୟାତ୍ମ ସହୃଦୟତା ଦ୍ୱାରା। ବାଧ୍ୟବାଧକତାରେ ନୁହେଁ। ଏହି ଆନ୍ତରିକତା ଉତ୍ପନ୍ନ କରିବା ସକାଶେ ଆନ୍ତରିକ ସଙ୍କଳ୍ପ କଲେ ତାହା କ୍ରମଶଃ ବୃଦ୍ଧି ହେବ। ଆପଣମାନେ ଅନ୍ୟାନ୍ୟ ପାଠଚକ୍ରକୁ ଯେତେ ଅଧିକ ନିଜର ମନେ କରିବେ ସେମାନେ ସେତେ ଅଧିକ ମନ୍ଦିରକୁ ନିଜର ବୋଲି ମନେ କରିବେ। ନିୟମ ଦ୍ୱାରା ଏହା କଦାପି ହେବ ନାହିଁ। ହେବ ଆନ୍ତରିକ ସହୃଦୟତା ଦ୍ୱାରା। ଶ୍ରୀଅରବିନ୍ଦ ମନ୍ଦିରର ପ୍ରଧାନ ଏବଂ ମୂଳ ମନ୍ତ୍ର ହେବ ସେ ଅଞ୍ଚଳର ସମସ୍ତ ପାଠଚକ୍ରମାନଙ୍କୁ ନିଜର ମନେ କରିବା।

ଏହି ଆନ୍ତରିକତା ବିକାଶ ହୁଏ ସମସ୍ତ ସଂସ୍ଥା ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ରହିଲେ। ସ୍ୱତନ୍ତ୍ରତାରେ ଯେଉଁ ବିକାଶ ହେବ ତାହା ଠିକ୍ ଅଧ୍ୟାତ୍ମ ସତ୍ୟ ଲକ୍ଷ୍ୟ ଆଡକୁ ନେଇଯିବ। ଏବଂ ସତ୍ୟ ଆନ୍ତରିକତା ପ୍ରତିଷ୍ଠା କରିବ।

ସମୟ ଆସିଛି। ବାହ୍ୟ ନିୟମ ଦ୍ୱାରା ଏକତ୍ୱ ପ୍ରତିଷ୍ଠା କରିବାର ଯେଉଁ ପ୍ରଣାଳୀ ଥିଲା ତାହା ସମ୍ପୂର୍ଣ୍ଣ ରୂପେ ଭୁଲିଯିବା। ବାହ୍ୟ ନିୟମ ଆମ ଆତ୍ମାର ଏକତ୍ୱ ବିକାଶରେ ବାଧା ଦିଏ। ଆତ୍ମ ଏକତ୍ୱକୁ ବିକାଶ କରିବା। ଏହା ହୁଏ ସମସ୍ତ ଅନୁଷ୍ଠାନ, ସମସ୍ତ ବ୍ୟକ୍ତି ପୂର୍ଣ୍ଣ ସ୍ୱତନ୍ତ୍ର ହେଲେ। ଏହାର ଉଦାହରଣ ଆଶ୍ରମ। ଆଶ୍ରମର ସମସ୍ତ ସଂସ୍ଥା, ସମସ୍ତ ବ୍ୟକ୍ତି, ସମସ୍ତ ବିଦ୍ୟାର୍ଥୀ ପୂର୍ଣ୍ଣ ସ୍ୱତନ୍ତ୍ର।

◆◆◆

ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ୬। ୧୧। ୭୪ ପତ୍ର ପାଇଲି। ମା'ଙ୍କ ସେବା ଭାବରେ ସଦ୍‌ଭାବନା ସହ କାର୍ଯ୍ୟ ଆରମ୍ଭ ହେଲେ ଠିକ୍ ଭାବରେ ତାର ବିକାଶ ନିଶ୍ଚିତ ରୂପେ ହୁଏ। ସ୍କୁଲ ଆରମ୍ଭ ହୋଇଗଲା। ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ମା'ଙ୍କ

ସେବା ଭାବରେ କାର୍ଯ୍ୟ କରନ୍ତୁ। ତାର ବିକାଶ ଅବଶ୍ୟମ୍ଭାବୀ। ପଢ଼ାରେ ନୂତନ ଧରଣର ଯାହା ଆବଶ୍ୟକ ତାହା ହେବ। କିନ୍ତୁ ସବୁଠାରୁ ଯେଉଁ ପ୍ରଧାନ ଏବଂ ଅନିବାର୍ଯ୍ୟ ଶିକ୍ଷାରେ ଆବଶ୍ୟକ, ତାହା ହେଲା ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟ ଆଧାରରେ ଶିକ୍ଷା ପ୍ରତିଷ୍ଠା ହେବା। ଅର୍ଥାତ୍ ଶିଶୁ ଅବସ୍ଥାରୁ ପିଲାମାନଙ୍କ ମଧ୍ୟରେ ଅଧ୍ୟାତ୍ମ ବାତାବରଣର ପ୍ରଭାବ ଦେବା। ସବୁଠାରୁ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ଏହି। ଏହା ନିଶ୍ଚିତ ରୂପେ ହେବ। ବାକି ବାହ୍ୟ ଶିକ୍ଷାରେ ଅସୁବିଧା ହେବ ନାହିଁ।

ପାଠଚକ୍ରର ଉନ୍ନତି ତଥା ଗୃହ ନିର୍ମାଣ ଏବଂ ଷ୍ଟୋର ଭଲ ଚାଲିଥିବା ଖବର ପାଇ ଖୁସି ହେଲି।

ମା'ଙ୍କ କୃପାରୁ ଉତ୍ତମ କାର୍ଯ୍ୟ ଗୋପୀନାଥପୁରରେ ଆରମ୍ଭ ହୋଇଅଛି। ମା'ଙ୍କ ସେବା ଭାବରେ କଲେ ନିଶ୍ଚୟ ଉନ୍ନତି ହେବ।

୧୭.୧୧ରେ ମା'ଙ୍କ ରୁମ ଦର୍ଶନ ହେବ। ୧୦ରୁ ୧୦।୩୦ ପର୍ଯ୍ୟନ୍ତ ଧ୍ୟାନ ହେବ।

◆◆◆

ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ପତ୍ର ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି। ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି।

ସେଠାର ଘଟଣା ଆମେ ତ ଠିକ୍ ଠିକ୍ ଜାଣିନାହୁଁ କେବଳ ଚିଠି ପାଇ ଆପଣଙ୍କ ପାଖକୁ ଲେଖିଥିଲି। ଗୋପୀନାଥପୁର ସଂସ୍ଥା ସକାଶେ ଆପଣ ମନ, ପ୍ରାଣ, ଶରୀର ତଥା ଅର୍ଥ ଅକୁଣ୍ଠ ଭାବେ ଲଗାଇଛନ୍ତି। ସେ ସଂସ୍ଥା ପ୍ରତି ଆପଣ ସବୁ କିଛି ତ୍ୟାଗ କରିଛନ୍ତି ଏବଂ ବହୁ ପ୍ରକାର ନିନ୍ଦା ଅପବାଦ ମଧ୍ୟ ସହିଛନ୍ତି। ସେ ସଂସ୍ଥା ପ୍ରତି ଆପଣଙ୍କର ଯେପରି ଉନ୍ନତିର ଧାରଣା, ଭାବନା, କର୍ମ ରହିବ, ଅନ୍ୟ କେହି ତାକୁ କଳ୍ପନା ବି କରି ପାରିବ ନାହିଁ। ଆପଣ ଯେପରି ଉଚିତ ମନେ କରିବେ ସେପରି କରିବେ। ଆମ୍ଭେମାନେ ଦୂରରେ ରହୁଛୁ। ସବୁ ଠିକ୍ ଠିକ୍ ଜାଣୁ ନାହୁଁ। ଏବଂ କର୍ମ କ୍ଷେତ୍ରରେ ମଧ୍ୟ ନାହୁଁ। କେବଳ ମାନସିକ ଧାରଣାରେ ସଂସ୍ଥାର ଉନ୍ନତି ଚାହୁ। କର୍ମ କ୍ଷେତ୍ରରେ ନ ରହିବା ଯୋଗୁଁ ଘଟଣା ଠିକ୍ ଠିକ୍ ଜାଣି ପାରୁନାହିଁ। କେବଳ ବାହ୍ୟ ଦୃଷ୍ଟିରୁ ଯାହା ଠିକ୍ ବୋଲି ମନେ କରୁ ତାହା ଲେଖି ଆପଣଙ୍କୁ ଜଣାଇ ଦେଉ। କର୍ମ କ୍ଷେତ୍ରରେ ନଥିବା ବ୍ୟକ୍ତି ବାହ୍ୟ ବ୍ୟବହାର ଦୃଷ୍ଟିରୁ ବିଚାର କଲେ ବହୁତ ସମୟରେ ଠିକ୍ ନ ହୋଇପାରେ। କିନ୍ତୁ ଆମର ମନୋଭାବ ସଂସ୍ଥାର ଉନ୍ନତି ଛଡା ଅନ୍ୟ କିଛି ହୋଇପାରେ ନାହିଁ।

ଆପଣ ଯାହା ଲେଖିଛନ୍ତି ତାହା ଠିକ୍। ଯେପରି ଚାଲୁଛି ସେହିପରି ଚାଲୁ। ଆପଣ ଯେପରି ଆନ୍ତରିକତା ସହ କାର୍ଯ୍ୟ କରୁଥିଲେ ସେହି ପରି କରନ୍ତୁ।

ସେ ସବୁ କାର୍ଯ୍ୟ ଆପଣଙ୍କର ସାଧନା। ମା'ଙ୍କ ସେବା ଭାବରେ ସମସ୍ତ କର୍ମ କରି ତାକୁ ସମର୍ପଣ କରନ୍ତୁ। ନିଜେ କେବଳ ଯନ୍ତ୍ର, ମା'ଙ୍କର ସେବକ ଏହି ଭାବକୁ ଆନ୍ତରିକତା ସହ ଧରି ରଖନ୍ତୁ। ମା'ଙ୍କ ନାମ ସବୁ ସମୟରେ ସ୍ମରଣ କରନ୍ତୁ। ତେବେ ଅହଂ ପ୍ରବେଶ କରିବା ମାର୍ଗ ରହିବ ନାହିଁ।

◆◆◆

ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ବଡ ଆନନ୍ଦର କଥା ତଥା ମା'ଙ୍କ କୃପାରୁ ଆପଣ ଅନେଷ୍ଟି ଷ୍ଟୋର କରିଛନ୍ତି ଏବଂ ସ୍କୁଲ କରିବାକୁ ଯାଉଛନ୍ତି। ଏହି ଦୁଇଟି କାର୍ଯ୍ୟ ଯଥାର୍ଥରେ ବିଶେଷ ମହତ୍ତ୍ୱପୂର୍ଣ୍ଣ। ଏହି କର୍ମ ହିଁ ଭଗବତ୍ ଉଦ୍ଦେଶ୍ୟରେ ହେଲେ ଲକ୍ଷ୍ୟ ପ୍ରାପ୍ତିର ଉପାୟ ବା ସାଧନା। ଏହି କର୍ମ କ୍ରମଶଃ ବ୍ୟାପକ ହେବ, ଅନ୍ୟର ଆଦର୍ଶ ହେବ, ଏହାରି ଦ୍ୱାରା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ସଙ୍ଗେ ସଙ୍ଗେ ଯଥାର୍ଥରେ ଜନ ସେବା, ଦେଶ ସେବା ହେବ। ଏହି ପରି କର୍ମ ଦ୍ୱାରା ବ୍ୟକ୍ତି, ଦେଶ, ଜଗତର ଉନ୍ନତି ହେବ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଦୂର ହେବ। ସେବା ମନୋଭାବରେ କଲେ ଯଥାର୍ଥରେ ଏହି କାର୍ଯ୍ୟ ଭାଗବତ କର୍ମ। ଏହି କର୍ମକୁ ଆମ୍ଭେମାନେ ଆନ୍ତରିକତା ସହ ସ୍ୱାଗତ କରୁଛୁ, ସମର୍ଥନ କରୁଛୁ ଏବଂ ଏହାର ଅଭିବୃଦ୍ଧି ପ୍ରସାର ଚାହୁଁ।

ଏହି ଯୁଗ ପରିବର୍ତ୍ତନର ସମୟରେ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଜୀବନରେ ସୁଖ ଶାନ୍ତି ପାଇବାର ଅନ୍ୟ କୌଣସି ପନ୍ଥା ନାହିଁ। ଏକମାତ୍ର ପନ୍ଥା ହେଉଛି ଆଗମନୀ ନୂତନ ଯୁଗର ଅତିମାନସ ସତ୍ୟର ଆଶ୍ରୟ। ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ। ପୁରାତନ ବିଧି ବିଧାନ ଭାଙ୍ଗି ଯାଇଅଛି, ନୂତନ ଅତିମାନସ ସତ୍ୟ ସାମୁହିକ ରୂପେ ବ୍ୟକ୍ତି ଚେତନାରେ ପ୍ରତିଷ୍ଠା ହୋଇନାହିଁ। ଏହି ପରିବର୍ତ୍ତନ ଯୋଗୁଁ ସଂସାରରେ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ହିଂସା, ସ୍ୱାର୍ଥ ଚରମ ସୀମାକୁ ପହୁଞ୍ଚିଅଛି। ଗୋଟିଏ ଦିଗରେ ଅସତ୍ୟ ଯେପରି ବୃଦ୍ଧି ହେଉଅଛି, ଅନ୍ୟ ଦିଗରେ ଯେଉଁ କେତେକ ବ୍ୟକ୍ତି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି ସେମାନେ ସତ୍ୟ ସମ୍ବନ୍ଧେ ଜାଣିବାକୁ ଚାହୁଁଛନ୍ତି, ଗ୍ରହଣ କରୁଛନ୍ତି ଏବଂ ଆଚରଣ କରିବାକୁ ଚେଷ୍ଟା କରୁଅଛନ୍ତି। ଏହି ସତ୍ୟକୁ ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ଆଚରଣ କରିବେ ସେତେ ଶୀଘ୍ର ସଂସାରରୁ ଦୁଃଖ କଷ୍ଟ, ଅଭାବ, ଅନାଟନ, ଅସତ୍ୟ ଦୂର ହେବ। ସୁଖ, ଶାନ୍ତି, ସାମଞ୍ଜସ୍ୟ ପୃଥିବୀରେ ପ୍ରତିଷ୍ଠା ହେବ। ଏହା ହୋଇ ପାରିବ ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ଶ୍ରୀଅରବିନ୍ଦ ଛାତ୍ର ସମାଜ ପ୍ରତିଷ୍ଠା ତଥା ପ୍ରସାର ହେବାରେ। ଏହି କାର୍ଯ୍ୟରେ ଯେଉଁମାନେ ଉତ୍ସାହୀ, ଯେଉଁମାନେ ତତ୍ପର ସେହିମାନେ ଯଥାର୍ଥରେ ଭଗବାନଙ୍କ ସେବା କରୁଅଛନ୍ତି। ଭଗବାନ ଏହାହିଁ ଚାହାନ୍ତି। ଭଗବାନଙ୍କ ସଙ୍କଳ୍ପ ଛଡା ଯୁଗ ପରିବର୍ତ୍ତନ କଦାପି ସମ୍ଭବ ନୁହେଁ। ଯେବେଯେବେ ଭଗବାନଙ୍କ ସଙ୍କଳ୍ପ ପୃଥିବୀରେ କାର୍ଯ୍ୟକାରୀ ହୁଏ ସେ ସମୟରେ ଯେଉଁମାନଙ୍କ ଅନ୍ତର ଉନ୍ମୁକ୍ତ ଥାଏ ସେମାନଙ୍କ ଜ୍ଞାତରେ

ବା ଅଜ୍ଞାତରେ ସେମାନେ ଭଗବାନଙ୍କ ସଙ୍କଳ୍ପ ଅନୁସାରେ କାର୍ଯ୍ୟ କରନ୍ତି । ସେହିମାନେ ହୁଅନ୍ତି ନୂତନ ଯୁଗର ଅଗ୍ରଦୂତ । ଏପରି ସମୟ ସବୁ ସମୟରେ ଆସେ ନାହିଁ । ବର୍ତ୍ତମାନ ସେହି ସୁବର୍ଣ୍ଣ ସୁଯୋଗ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି । ଶ୍ରୀମା ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରି ଶ୍ରୀମା ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ଆମେ କେବଳ ଶ୍ରୀମା'ଙ୍କ ପ୍ରତି ହୃଦୟ ଉନ୍ମୁକ୍ତ କଲେ ମା ଆମର ସମସ୍ତ ଦାୟିତ୍ୱ ଗ୍ରହଣ କରି ଆମ୍ଭମାନଙ୍କୁ ଜୀବନର ଲକ୍ଷ୍ୟ ଦିଗରେ ନେଇଯିବେ । ଏହି ସୁବର୍ଣ୍ଣ ସୁଯୋଗର ମହତ୍ୱ ବର୍ତ୍ତମାନ ଆମ୍ଭେମାନେ ବୁଝି ପାରୁ ନାହୁଁ କିନ୍ତୁ ଉଚ୍ଚତର ଚେତନା ପ୍ରାପ୍ତ ହେଲେ ବୁଝି ପାରିବା । ଉଚ୍ଚତର ଚେତନା ପ୍ରାପ୍ତ ହେବା ପୂର୍ବରୁ ସଙ୍ଗେ ସଙ୍ଗେ ଦୁଃଖ କଷ୍ଟ ଅଭାବରୁ ବହୁ ଅଂଶରେ ମୁକ୍ତହେବାର ଉପାୟ ହେଲା ଆମ୍ଭ ନିଜ ଜୀବନର ଲକ୍ଷ୍ୟ ଜାଣିବା ଏବଂ ଗ୍ରହଣ କରିବା ।

ଆବାଳ ବୃଦ୍ଧ ବନିତା ସମସ୍ତ ଶ୍ରେଣୀର ସମସ୍ତ ବ୍ୟକ୍ତିର ଲକ୍ଷ୍ୟ ଦୁଃଖ ବିହୀନ ପରମ ସୁଖ । ଜ୍ଞାତରେ ତଥା ଅଜ୍ଞାତରେ ସମସ୍ତ ବ୍ୟକ୍ତି ପରମ ସୁଖ ଚାହାନ୍ତି । କୌଣସି ଗୋଟିଏ ବ୍ୟକ୍ତି ଦୁଃଖ ଚାହେଁ ନାହିଁ । କିନ୍ତୁ ଏହି ପରମ ସୁଖ ସମସ୍ତ ବ୍ୟକ୍ତିଙ୍କ ଚେତନାରେ ସ୍ପଷ୍ଟ ନ ଥାଏ । ଲକ୍ଷ୍ୟ ସ୍ପଷ୍ଟ ନ ଥିବାରୁ ତାର ପ୍ରାପ୍ତିର ମାର୍ଗ ଭୁଲ ହୁଏ । ଜୀବନର ଏହି ପରମ ସୁଖ 'ଲକ୍ଷ୍ୟ' ଜ୍ଞାନ ନ ହେବା ହେଲା ଭ୍ରମ । ଏହି ଭ୍ରମ ଯୋଗୁଁ ସଂସାରରେ ଦୁଃଖ ଦ୍ୱନ୍ଦ୍ୱ ବୃଦ୍ଧି ହେଉଅଛି । ଏହି ଲକ୍ଷ୍ୟ ଜ୍ଞାନର ସମୟ ବି ଆସି ନ ଥିଲା । ବର୍ତ୍ତମାନ ସମୟ ଆସିଛି । ଏହି ଲକ୍ଷ୍ୟ ଜ୍ଞାନ ତଥା ଲକ୍ଷ୍ୟ ପ୍ରାପ୍ତି କରାଇବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ସ୍ୱୟଂ ଆଚରଣ କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି । କେବଳ ଆଦର୍ଶ ରଖି ନାହାନ୍ତି, ମା ସ୍ୱୟଂ ରୂପାନ୍ତର କରାଉଅଛନ୍ତି । ଆମ୍ଭେ କେବଳ ନିଜକୁ ତାଙ୍କ ଚରଣରେ ସମର୍ପଣ କରି ପାରିଲେ ଆମ ମଧ୍ୟରେ ତାଙ୍କ ଅତିମାନସ ଶକ୍ତି କାର୍ଯ୍ୟ କରିବ ଏବଂ ଲକ୍ଷ୍ୟରେ ପହଞ୍ଚାଇ ଦେବ । ସମର୍ପଣର ସହଜ ମାର୍ଗ ହେଲା, ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଫଟୋ ରଖନ୍ତୁ, ଘରର ମାଲିକ ତାଙ୍କୁ ମାନନ୍ତୁ, ସମସ୍ତ କର୍ମ ତାଙ୍କ ସେବା ଭାବରେ କରି ତାଙ୍କୁ ସମର୍ପଣ କରନ୍ତୁ । ପ୍ରତ୍ୟେକ ଗ୍ରାମରେ ପ୍ରତ୍ୟେକ ସ୍କୁଲ କଲେଜରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ପ୍ରତିଷ୍ଠା କରନ୍ତୁ । ଏହା ଦ୍ୱାରା ଗୋଟିଏ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବ । ତାହାରି ପ୍ରଭାବରେ ନିଜେ ନିଜର ପରିବାର, ଗ୍ରାମ, ଦେଶ, ତଥା ସଂସାରରେ ଉତ୍ତମ ପ୍ରଭାବ ପଡିବ । ଏହି ବାତାବରଣ ପ୍ରଭାବରେ ବହୁ ବ୍ୟକ୍ତି ସତ୍ୟ ଆଚରଣ କରିବେ । ପରିବାରରେ କଳହ ହେବନାହିଁ । ଏହି ପରି ଲକ୍ଷ୍ୟ ଗ୍ରହଣ କରିଥିବା ଓ ଲକ୍ଷ୍ୟ ପ୍ରାପ୍ତିର ଉପାୟ ଆଚରଣ କରୁଥିବା ବ୍ୟକ୍ତି ଶିକ୍ଷା, ବ୍ୟବସାୟ, ରାଜନୀତିରେ କାର୍ଯ୍ୟ କରିବେ । ଏହିପରି ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ହେଲେ କ୍ରମଶଃ ସଂସାରରୁ ସ୍ୱାର୍ଥ, ହିଂସା, ଲୋଭ, ଦରିଦ୍ରତା ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଯେଉଁମାନେ ଏହି ବିଷୟ ଯୁକ୍ତି, ବୁଦ୍ଧି ତଥା ଶାସ୍ତ୍ର ପ୍ରଣାଳୀରେ ବୁଝିବାକୁ ଚାହାନ୍ତି ସେମାନେ ଲୋକ ସାହିତ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ବହି ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଲିଖିତ ଗ୍ରନ୍ଥ ପଢ଼ିପାରନ୍ତି ।

◆◆◆

ମା'ଙ୍କ କାର୍ଯ୍ୟ ସକାଶେ ଆପଣ ଭଗବାନଙ୍କ ବିଧାନ ଅନୁସାରେ ନିର୍ଦ୍ଧାରିତ ହୋଇ ଅଛନ୍ତି । ତାଙ୍କ କାର୍ଯ୍ୟ ଯେତେ କରିବେ ମା'ଙ୍କ ଶକ୍ତି ତେତେ ପାଇବେ ।

◆◆◆

ତୁମ ପତ୍ର ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି । ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ତୁମ ମନରେ ପ୍ରସନ୍ନତା ତଥା ଶରୀର ସୁସ୍ଥ ସକାଶେ ଏହି ପତ୍ରରେ ପଠାଉଅଛି ।

ଜୀବନରେ କେତେ ବାଧା ବିଘ୍ନ ଆସେ ଏବଂ ଯାଏ । ସେ ସକାଶେ ଚିନ୍ତା ନ କରି ଭବିଷ୍ୟତ ସକାଶେ ଅଗ୍ରସର ହେବା ଉଚିତ ।

ତୁମେ ମା ଏହି ନାମ ସ୍ମରଣ କର । ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ଭରଷା ରଖ । ତାଙ୍କରି କୃପାରୁ ତୁମର ସମସ୍ତ ବାଧାବିଘ୍ନ ଦୂର ହେବ । ସବୁ ସମୟରେ ମା' ଏହି ନାମ ଜପ କରିବା ସଙ୍ଗେ ସଙ୍ଗେ "ମୁଁ ତୁମର" ଏହି ଧାରଣା ରଖ । ସମସ୍ତ କର୍ମ ମା'ଙ୍କ ଚରଣରେ ସମର୍ପଣ କର । କିଛି ସମୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କର ।

◆◆◆

ଯେଉଁ ଶିକ୍ଷାକେନ୍ଦ୍ର ଗୃହ ଉଦ୍‌ଘାଟନ ହେବାକୁ ଯାଉଛି ତାହା ନୂତନ ଅତିମାନସ ସତ୍ୟ ଯୁଗର ଶିକ୍ଷାରେ ପ୍ରବେଶର ଦ୍ୱାର । ଏହି ଶିକ୍ଷା ମାର୍ଗରେ ଅତିମାନସ ସତ୍ୟ ଯୁଗରେ ପ୍ରବେଶ କରି ହେବ । ଏହି ଅନୁଷ୍ଠାନ ଆରମ୍ଭରେ କେତେ ସାଧାରଣ କେତେ କ୍ଷୁଦ୍ର ପ୍ରତୀତ ହେଉଥିଲେ ମଧ୍ୟ ଏହାର ଭବିଷ୍ୟତ ମହାନ୍ ଏବଂ ବିଶାଳ । ମା'ଙ୍କ ସେବା ଭାବରେ ସମସ୍ତ କର୍ମ କଲେ ମା'ଙ୍କ ଶକ୍ତି ଏବଂ ସାହାଯ୍ୟ ସଙ୍ଗେ ସଙ୍ଗେ ରହିବ । ସବୁ ଭାଇ ଭଉଣୀମାନଙ୍କୁ ମା'ଙ୍କ ଆଶୀର୍ବାଦ ।

◆◆◆

ବ୍ୟବସ୍ଥା ବହୁତ ସୁନ୍ଦର ହୋଇଛି । ବହୁତ ସୁନ୍ଦର । ସ୍କୁଲ ସହିତ ଗୋଟିଏ ଆଶ୍ରମ ଗଢ଼ି ଉଠୁ, ଏହି ପ୍ରଯତ୍ନ କରନ୍ତୁ । ୫ ଜଣ ଆଶ୍ରମବାସୀ ରୂପେ ରହିଲେ - ଏହା ବହୁତ ଉତ୍ତମ । ଏବେ କେବଳ ସ୍କୁଲ ହୋଇ ରହିଲା ନାହିଁ, ଆଶ୍ରମର ଭିତ୍ତି ସ୍ଥାପନ ହେଲା ! ମା'ଙ୍କୁ ଡାକନ୍ତୁ, ତାଙ୍କରି ସେବା ଭାବରେ କର୍ମ କରନ୍ତୁ । ଗୋପୀନାଥପୁର ଗୋଟିଏ ଆଶ୍ରମରେ ପରିଣତ ହେବ । ସବୁ ଭାଇ ଭଉଣୀମାନଙ୍କୁ ମା'ଙ୍କ ଆଶୀର୍ବାଦ ।

ଆପଣଙ୍କର ଶୁଭଚିନ୍ତକ

**ଶ୍ରୀ ରାମକୃଷ୍ଣ ଦାସ**

# ଦୁର୍ବାସାଙ୍କ କୋପ

**ଶ୍ରୀ ରାମକୃଷ୍ଣ ଦାସ**

ସକାଳର ଶୀତଳ ବାଳ-ସୂର୍ଯ୍ୟ ରଶ୍ମି ବୃକ୍ଷର ନବ-ପଲ୍ଲବରେ ପଡ଼ି ଚକ୍ ଚକ୍ କରୁଅଛି। ପକ୍ଷୀମାନେ ଚେଁ ଚେଁ ଶବ୍ଦରେ ନିଜ ଭାଷାରେ ଗାନ କରୁଛନ୍ତି। ମନ୍ଦ-ବାୟୁ ଉଦ୍ୟାନ-ପୁଷ୍ପର ସୁଗନ୍ଧ ବହନ କରି ପଥିକମାନଙ୍କୁ ଉପହାର ଦେଉଅଛି। ଗନ୍ଧର୍ବ-ଲୋକରେ ସବୁ ସୁନ୍ଦର-ବନ ଉପବନ, ପଶୁ, ପକ୍ଷୀ, ବୃକ୍ଷଲତା। ଗନ୍ଧର୍ବମାନେ ସଙ୍ଗୀତ, ନୃତ୍ୟର ରସିକ। ସେମାନଙ୍କ ମନ ସର୍ବଦା ପ୍ରଫୁଲ୍ଲିତ। ପ୍ରଫୁଲ୍ଲିତ ନ ହେବାର ବା କାରଣ କ'ଣ ଅଛି? ମୃତ୍ୟୁଲୋକପରି ସେମାନଙ୍କର ଭୋଜନ ବସ୍ତ୍ରର ତ'ଚିନ୍ତା ନାହିଁ। ସେମାନେ ରୋଗ, ଦୁଃଖ, କଷ୍ଟରୁ ମୁକ୍ତ। କେବଳ ଆମୋଦ ପ୍ରମୋଦ କରିବା ଛଡ଼ା ସେମାନଙ୍କର ଆଉ କାମ କ'ଣ?

ଦିନେ ସକାଳୁ ବସୁ ଓ ରୁଭୁ ନାମକ ଦୁଇଜଣ ଗନ୍ଧର୍ବ ପୁଷ୍ପ ଫଳରେ ସୁଶୋଭିତ ଏକ ରମଣୀୟ ଉଦ୍ୟାନରେ ଭ୍ରମଣ କରିବାକୁ ଗଲେ। ସେହି ଉଦ୍ୟାନ ମାର୍ଗରେ ଜଣେ ଆଗନ୍ତୁକ ଅକସ୍ମାତ ଆସି ପହଞ୍ଚିଗଲେ। ତାଙ୍କ ଶରୀର ବେଶ୍ ହୃଷ୍ଟ-ପୁଷ୍ଟ। ମସ୍ତକରୁ ଲମ୍ବିତ ଜଟା ପୃଥିବୀକୁ ସ୍ପର୍ଶ କରୁଅଛି ଏବଂ ଶ୍ୱେତ ଦାଢ଼ି ନାଭିକୁ ଆବୃତକରି ଝୁଲୁଅଛି। ଚକ୍ଷୁ ଦୁଇଟି ବେଶ୍ ବଡ଼ ବଡ଼। ସୁନ୍ଦର ସୁଡ଼ୌଲ ଶରୀର କିନ୍ତୁ ତପଃ-ତେଜ-ପୂର୍ଣ୍ଣ।

ବିଳାସୀ ହେଲେ ବିବେକ ଶୂନ୍ୟ ହୋଇଯାଏ। ବିବେକଶୂନ୍ୟ ହେଲେ ମନୁଷ୍ୟ ଅବିହିତ କାର୍ଯ୍ୟ କରେ। ବସୁ ଏବଂ ରୁଭୁ ଦୁଇ ମିତ୍ର ଋଷିଙ୍କ ଆକୃତିକୁ ଦେଖି ପରସ୍ପର ମନେ ମନେ ପରିହାସ କଲେ, ଶବ୍ଦରେ ନ କହିଲେ ମଧ୍ୟ ତାଙ୍କ ଶରୀର ଇଙ୍ଗିତରୁ ଏହା ବେଶ୍ ବୁଝା ପଡୁଥିଲା। ବିଳାସୀ ମନୁଷ୍ୟଙ୍କର ସ୍ୱାଭାବିକ ଅନ୍ୟମାନଙ୍କ ପ୍ରତି ଈର୍ଷା ହୁଏ, ଫେରେ କଠୋର ତପଃପ୍ରିୟ ଋଷିଙ୍କର ଉଦ୍ୟାନ ଭ୍ରମଣ ତାଙ୍କୁ ସହ୍ୟ ହେବ କିପରି? ନିଜ ବିନୋଦ ସ୍ୱଭାବବଶତଃ ମୃଦୁହାସ୍ୟରେ ଋଷିଙ୍କ ଆଡ଼କୁ ଚାହିଁଲେ। ଏମାନଙ୍କର ପରିହାସ ଋଷି ବୁଝିପାରି ଛିଡ଼ା ହୋଇ ଏମାନଙ୍କୁ ତର୍ଜନୀ ଅଙ୍ଗୁଳି ଦେଖାଇ ଗଭୀର ଏବଂ କ୍ରୋଧ ସ୍ୱରରେ କହିଲେ, "ମୁଁ କିଏ ମୋତେ ଚିହ୍ନ! ମୋ ନାମ ଦୁର୍ବାସା।" ଏତିକି କହିବା ମାତ୍ରେ ତାଙ୍କ ନେତ୍ର ଅଗ୍ନିଶିଖା ପ୍ରାୟ ଜଳିବାକୁ ଲାଗିଲା। ତାଙ୍କ ଶରୀରର ଆକୃତିରେ କ୍ରୋଧର ଚିହ୍ନ ଝଟକି ଉଠିଲା। ଏହା ଦେଖିବା ମାତ୍ରେ ଦୁଇ ମିତ୍ର ଭୟରେ କମ୍ପିବାକୁ ଲାଗିଲେ ଏବଂ ଦୌଡ଼ି ଆସି ଋଷିଙ୍କ ଚରଣରେ ଦଣ୍ଡାକାରରେ ଭୂମିଶାୟୀ ହୋଇଗଲେ। ଋଷିଙ୍କ ଦୟା ହେଲା। ସେ କ୍ରୋଧ ଶାନ୍ତ କରି କହିଲେ, "ଉଠ, ତୁମ୍ଭେମାନେ ଭଲ କରିଛ, ନଚେତ୍ ବର୍ତ୍ତମାନ ମୋ କ୍ରୋଧରେ ଭସ୍ମ ହୋଇ ଯାଇଥାନ୍ତ।" ଦୁଇ ମିତ୍ର ହାତଯୋଡ଼ି ବିନୀତ ହୋଇ ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲେ, "ପ୍ରଭୁ ରକ୍ଷାକର, ଆମ୍ଭେମାନେ ଆପଣଙ୍କ ନାମ ଶୁଣିଥିଲୁ, ମାତ୍ର ସ୍ୱରୂପ ଦେଖି ନ ଥିଲୁ। ତେଣୁ ବଡ଼ ଭୁଲ କରି ପକାଇଛୁ।" ଋଷି ଦୟାପୂର୍ବକ ମୃଦୁସ୍ୱରରେ କହିଲେ, "ଦେଖ ଭାଇ, ତୁମର ତ ରକ୍ଷା ହେଲା, ମାତ୍ର ମୋ କ୍ରୋଧ ଅମୋଘ, ତାହା ବ୍ୟର୍ଥ ହେବ ନାହିଁ। ସେମାନେ ମସ୍ତକନତ କରି କହିଲେ, "ପ୍ରଭୁ,! ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ।" ଋଷି ସ୍ନେହରେ କହିଲେ, "ଏ ଲୋକରେ ତୁମ୍ଭେମାନେ ମୋର ପରିହାସ କରୁଛ ତେଣୁ ଏଠାରେ ରହିପାରିବ ନାହିଁ। ତୁମ୍ଭମାନଙ୍କୁ ମୁଁ ଶକ୍ତି ଦେଉଛି, ତୁମ୍ଭେମାନେ ସମସ୍ତ ଲୋକ ଭ୍ରମଣ କରି ଦେଖ, ଯେଉଁ ଲୋକରେ ଯେଉଁ ଶରୀର ତୁମ୍ଭମାନଙ୍କୁ ପସନ୍ଦ ହେବ, ସେହି ଲୋକରେ ରହିବାକୁ ଏବଂ ସେହି ଶରୀର ଧାରଣ କରିବାକୁ ମୁଁ ବ୍ୟବସ୍ଥା କରିଦେବି। କିନ୍ତୁ ଗୋଲକ, ସାକେତ, ବୈକୁଣ୍ଠ ଓ ସଚ୍ଚିଦାନନ୍ଦଲୋକକୁ ତୁମ୍ଭେମାନେ ଯାଇପାରିବ ନାହିଁ।" ସେମାନେ ଭୟପୂର୍ବକ ଅନତିସ୍ୱରରେ ପଚାରିଲେ, "କାହିଁକି, ଭବାନ୍?" ଋଷି କହିଲେ, "ଯେଉଁମାନେ ମନ ପ୍ରାଣ ଶୁଦ୍ଧ କରି ସମସ୍ତ ଇନ୍ଦ୍ରିୟ ଭଗବାନଙ୍କ ସଙ୍ଗେ ଯୁକ୍ତ କରି ନିଜକୁ ପୂର୍ଣ୍ଣରୂପେ ସମର୍ପଣ କରନ୍ତି, ସେମାନେ, ସେମାନଙ୍କ ସକାଶେ ସେହି ଦିବ୍ୟ ଲୋକ; ଭୋଗୀ ଏବଂ ବିଷୟ-ବିଳାସୀ ବ୍ୟକ୍ତିଙ୍କ ସକାଶେ ନୁହେଁ।" ଏହା କହି ଋଷି ଚାଲିଗଲେ।

ଦୁଇ ମିତ୍ର ବିସ୍ମିତ ହୋଇ କର୍ମ ପାଇଁ ପଶ୍ଚାତାପ କରି ବିଭିନ୍ନ ଲୋକ ଭ୍ରମଣ କରିବାକୁ ବାହାରିଲେ। ସ୍ୱର୍ଗାଦି ଲୋକ ସେମାନେ ପୂର୍ବରୁ ଦେଖି ଥିଲେ। ସେମାନେ ଭାବିଲେ, "ସ୍ୱର୍ଗ ଯଦ୍ୟପି ଭୋଗବିଳାସର ଏକ ଉତ୍କୃଷ୍ଟ ଲୋକ, ତଥାପି ସେଠାରେ ବି କ୍ରୋଧୀ, ତପସ୍ୱୀ ଋଷିମାନଙ୍କର ଶାପର ଭୟ ବରାବର ଥାଏ; ଚାଲ ଅନ୍ୟ ଲୋକକୁ ଯିବା।" ସେମାନେ ପାତାଳ, ସୁତଳ,ବିତଳ ତଳାତଳ ଇତ୍ୟାଦି ବହୁତ ଲୋକ ଦେଖି ନିରାଶ ହୋଇଗଲେ। କେଉଁଠି ବଡ଼ ବଡ଼ ସାପ ଓ କେଉଁଠି କଳା କଳା ଅତିକାୟ ରାକ୍ଷସ; କେଉଁଠି ତ ଏକେବାରେ ଅନ୍ଧକାର। ସେମାନେ ଭୋଗ-ବିଳାସୀ ଗନ୍ଧର୍ବ; କିପରି ଏହିସବୁ ଭୟଙ୍କର ସ୍ଥାନକୁ ପସନ୍ଦ କରିବେ? ନିରାଶ ଏବଂ ବ୍ୟସ୍ତ ହୋଇ ମୃତ୍ୟୁପୁରୀ ମର୍ତ୍ତ୍ୟ ଲୋକକୁ ଆସିଲେ।

ରୁଭୁ : ଏ ଲୋକ ଅନ୍ୟ ଲୋକ ତୁଳନାରେ ଭଲ। ମନୁଷ୍ୟମାନେ ଦେଖିବାକୁ ମନ୍ଦ ନୁହଁନ୍ତି, ଏମାନଙ୍କ ବୁଦ୍ଧି ବି ବହୁତ ଉନ୍ନତ। ପ୍ରକୃତି ଉପରେ ଏମାନଙ୍କର ବେଶ୍ ଆଧିପତ୍ୟ ଅଛି। ଏମାନଙ୍କର ପକ୍ଷୀ ନାହିଁ ଆକାଶରେ ଉଡୁଛନ୍ତି, ଦୂରଦୃଷ୍ଟି ନ ଥିବା ସତ୍ତ୍ୱେ ଦୂର ବସ୍ତୁ ଦେଖୁଛନ୍ତି, ଦୂର ଶ୍ରବଣ-ଶକ୍ତି ଅଭାବରେ ବି ଦୂର କଥା ଶୁଣୁଛନ୍ତି।

ବସୁ : ଏମାନଙ୍କର ଅନ୍ୟ ଦିଗ ତୁ ଦେଖୁ ନାହୁଁ। ଏମାନେ ସୁଖରେ ନାହାନ୍ତି, ବରାବର ଚେଷ୍ଟା କରୁଛନ୍ତି ବାହ୍ୟବସ୍ତୁଦ୍ୱାରା ସୁଖ ପ୍ରାପ୍ତ କରିବାକୁ। କିନ୍ତୁ ଏମାନଙ୍କ ଭିତରେ ଦମ୍ଭ, ହିଂସା, ଦ୍ୱେଷ ଇତ୍ୟାଦି ରହିଥିବା ଶତ୍ରୁଙ୍କୁ ଦୂର କରିବାକୁ କୌଣସି ପ୍ରଯତ୍ନ କରୁନାହାଁନ୍ତି। ସେନେଇ ଏମାନଙ୍କ ଦ୍ୱାରା ଉତ୍ପନ୍ନ ସୁଖକୁ ଏମାନେ ନିଜେ ଅନ୍ତରସ୍ଥ ଶତ୍ରୁ ପ୍ରେରଣାରେ ନିଜର ସର୍ବନାଶ କାର୍ଯ୍ୟରେ ଉପଯୋଗ କରୁଛନ୍ତି।

ରୁଭୁ : ମୁଁ ତୋର ଗୂଢ଼ ରହସ୍ୟମୟ ଉକ୍ତି ବୁଝି ପାରୁ ନାହିଁ।

ବସୁ : ଏମାନେ ଘରେ ବସି ଦୂରଦୃଶ୍ୟ ଦେଖିବାକୁ ଓ ଦୂରବାର୍ତ୍ତା ଶୁଣିବାକୁ ଟେଲିଭିଜନ ଓ ରେଡ଼ିଓ ଉଦ୍‌ଭାବନ କରିଛନ୍ତି। ଆକାଶରେ ଉଡ଼ିବାକୁ ବ୍ୟୋମଯାନ ତିଆରି କରିଛନ୍ତି। ଶକ୍ତି ପ୍ରାପ୍ତ କରିବା ସକାଶେ ଅଣୁକୁ ଶୋଧନ କରି ଆଣବିକ ବମ୍ (ବିସ୍ଫୋରକ) ଆଦି ମଧ୍ୟ ଉଦ୍‌ଭାବନ କରିଛନ୍ତି। ଏହି ଯେଉଁ ବସ୍ତୁସକଳକୁ ନିଜ ଆରାମ ସକାଶେ ଉଦ୍‌ଭାବନ କରିଛନ୍ତି ସେସବୁ ବର୍ତ୍ତମାନ ଯୁଦ୍ଧରେ ପ୍ରୟୋଗ କରାହେଉଛି ଏବଂ ଭବିଷ୍ୟତ ଯୁଦ୍ଧରେ ପ୍ରୟୋଗ ହେବାର ଆଶଙ୍କା ରହିଛି। ଯଦି ଯୁଦ୍ଧ ହୁଏ, ତେବେ ନିଜର ଉତ୍ପନ୍ନ ବସ୍ତୁ ନିଜ ବିନାଶର କାରଣ ହେବ।

ରୁଭୁ : ଏମାନେ ବଡ଼ ଭୁଲ କଲେ; ଏପରି ବସ୍ତୁ ଉଦ୍‌ଭାବନ କରିବା ଉଚିତ ନ ଥିଲା।

ବସୁ : ନୂତନ ବସ୍ତୁ ଉଦ୍‌ଭାବନ କରିବା ଭୁଲ ହୋଇ ନାହିଁ। ତାହାର ଆବଶ୍ୟକତା ବି ଥିଲା। କିନ୍ତୁ ସେମାନଙ୍କର ଭୁଲ ଯେ ଏହିସବୁ ଉଦ୍‌ଭାବିତ ବସ୍ତୁର ଯଥାର୍ଥ ଉପଯୋଗ କରିବାର ଆବଶ୍ୟକ ଅବସ୍ଥା ଏମାନେ ପ୍ରାପ୍ତ କରି ନାହାଁନ୍ତି।

ରୁଭୁ : ଯଥାର୍ଥ ପ୍ରୟୋଗ କରିବାର ଆବଶ୍ୟକ ଅବସ୍ଥା କ'ଣ?

ବସୁ : ଆବଶ୍ୟକ ଅବସ୍ଥା ହେଉଛି, ନିଜ ଭିତରେ ଶାନ୍ତ, ସମତା ଇତ୍ୟାଦି ପ୍ରାପ୍ତ କରିବା। ଏହି ଅବସ୍ଥାରେ ମନୁଷ୍ୟ ଅନ୍ୟକୁ ହିଂସା କରେ ନାହିଁ, ଦ୍ୱେଷ କରେ ନାହିଁ। ତାହାର କେହି ଶତ୍ରୁ ମିତ୍ର ନ ଥାନ୍ତି, ସେ ସମସ୍ତଙ୍କ ମଧ୍ୟରେ ନିଜକୁ ଏବଂ ନିଜ ମଧ୍ୟରେ ସମସ୍ତ ପ୍ରାଣୀଙ୍କୁ ଦେଖେ। ସେନେଇ ଆରାମ ଓ ସୁଖ ସୁବିଧା ଦେଉଥିବା ଶକ୍ତିଶାଳୀ ବସ୍ତୁକୁ ସେ ମନୁଷ୍ୟ ଜାତିର ସେବାରେ ଲଗାଏ। ମନୁଷ୍ୟ ଜାଗତିକ ପ୍ରକୃତି ଉପରେ ଆଧିପତ୍ୟ ପ୍ରାପ୍ତ କରିବାକୁ ଚେଷ୍ଟା କରିଛି ଏବଂ କେତେକ ପରିମାଣରେ ସଫଳ ବି ହୋଇଛି। କିନ୍ତୁ ନିଜ ଭିତରେ ଯେଉଁ କାମ, କ୍ରୋଧ, ଲୋଭ, ମୋହ, ଦ୍ୱେଷ, ହିଂସା, ପରଶ୍ରୀକାତରତା ଇତ୍ୟାଦି ଅଶୁଦ୍ଧ ପ୍ରକୃତି ଶକ୍ତି ରହିଛନ୍ତି ସେ ସବୁର ହାତ-ଯନ୍ତ୍ର ହୋଇ ଅଜ୍ଞାନତାବଶତଃ ନିଜ ଉଦ୍‌ଭାବିତ ଶକ୍ତିଶାଳୀ ବସ୍ତୁକୁ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଏବଂ ଅନ୍ୟକୁ ନାଶ କରିବାକୁ ପ୍ରୟୋଗ କରୁଅଛି।

ରୁଭୁ : ଯେଉଁମାନଙ୍କର ବୁଦ୍ଧି ଏପରି ବିକଶିତ, ଏପରି ତୀବ୍ର ସେମାନେ କ'ଣ ଏତିକି କଥା ବୁଝିପାରୁ ନାହାନ୍ତି। ସେମାନେ କାହିଁକି ନିଜ ଭିତରେ ସମତା ଆଦି ଦିବ୍ୟ ଗୁଣକୁ ସ୍ଥାପନା କରୁ ନାହାଁନ୍ତି?

ରୁଭୁ, ବସୁ ଦୁଇ ମିତ୍ର ବୁଲି ବୁଲି ଗୋଟିଏ ପ୍ରଶସ୍ତ ସ୍ଥାନ, ବହୁତ ବଡ଼ ବଡ଼ ଘର ପାଖରେ ଛିଡ଼ା ହେଲେ। ସାଢ଼େ ଦଶଟା ସମୟ। ଚାରିଆଡ଼େ ବାଳକ ବାଳିକା, ଯୁବକ ଯୁବତୀ ହାତ ବ୍ୟାଗ୍ ଓ ବହି ଧରି ପହୁଞ୍ଚିଲେ। ପରେ କେତେଜଣ ବ୍ୟକ୍ତି କୋଟ୍, ପ୍ୟାଣ୍ଟ, ଟୋପି ପିନ୍ଧି ଘର ଭିତରକୁ ପଶିଗଲେ। ଶେଷରେ ଆସିଲେ ଜଣେ ବିଶିଷ୍ଟ ବ୍ୟକ୍ତି ମୋଟରରେ। ବୋଧହୁଏ ଏହି ହେବ ଏଠିକାର ମୁଖ୍ୟ କର୍ତ୍ତା। ଆଚ୍ଛା ଚାଲ ତାଙ୍କ ପଛେ ପଛେ ଯିବା। ସେହି ବିଶିଷ୍ଟ ବ୍ୟକ୍ତି ଭିତରେ ପ୍ରବେଶ କରିବା ମାତ୍ରେ କେହି ଉଠି ପଡ଼ିଲେ, କେହି ଟୋପିଟା ମୁଣ୍ଡରୁ ଉଠାଇ ଦେଲେ, କେହି ବା ହାତମିଳାଇ ସମ୍ମାନ କଲେ। ପରେ ସେ ଚୌକିରେ ବସିବା ସଙ୍ଗେ ସଙ୍ଗେ କେତେକ ବ୍ୟକ୍ତି ହାତରେ କାଗଜ ପତ୍ର ଧରି ଆସି ତାଙ୍କୁ ଦେଖାଇ ଦସ୍ତଖତ କରାଇ ନେଇଗଲେ। କିଛି ସମୟ ପରେ ନିଶ୍ଚିନ୍ତ ହୋଇ ବସିଲେ।

ଉଭୟ ମିତ୍ର ଭାବିଲେ, ଏ ବ୍ୟକ୍ତି ବୋଧହୁଏ ବହୁତ ବିଦ୍ୱାନ୍ ଓ ପଣ୍ଡିତ। ଏହାଙ୍କ ଦ୍ୱାରା ଆମ୍ଭର ସମସ୍ତ ସନ୍ଦେହ ଦୂର ହୋଇପାରିବ। ଚାଲ ତାଙ୍କ ପାଖକୁ ଯିବା। ଉଭୟ ବନ୍ଧୁ ଅଭିବାଦନ କରି କିଛି ଜିଜ୍ଞାସା କରିବାକୁ ଉଦ୍ୟତ ହେଲେ।

ପଣ୍ଡିତ : (ଆଗନ୍ତୁକଙ୍କ ପ୍ରତି ଦୃଷ୍ଟିପାତ କରି ସେମାନଙ୍କର ଆସିବାର ସମସ୍ତ ବୃତ୍ତାନ୍ତ ଜାଣିଲେ ଏବଂ କହିଲେ) "ଆଚ୍ଛା, ତୁମ୍ଭେମାନେ ନିଜ ନିଜ ସନ୍ଦେହ ଦୂର କରିବା ପାଇଁ ପ୍ରଶ୍ନ କରିପାର।"

ଉଭୟ ବନ୍ଧୁଙ୍କ ପକ୍ଷରୁ ବହୁ ପ୍ରଶ୍ନ କରାଗଲା।

ବସୁ : ଆମ୍ଭେମାନେ ସ୍ୱର୍ଗଲୋକ ପ୍ରଭୃତି ପରିଭ୍ରମଣ କରି......

ବସୁଙ୍କ କହିବା ଶେଷ ହେବା ପୂର୍ବରୁ ପଣ୍ଡିତ କହିଲେ,-

"ସ୍ୱର୍ଗଲୋକ" ! ଏହି ମର୍ତ୍ତ୍ୟଲୋକ ବ୍ୟତୀତ ଅନ୍ୟ କୌଣସି ଲୋକ ଅଛି। ଏହା ତ' ସମ୍ପୂର୍ଣ୍ଣ ଭ୍ରମ, କଳ୍ପନା, ସ୍ୱପ୍ନ।

ବସୁ : କୌଣସି ସତ୍ୟ ବସ୍ତୁ ଥିଲେ, ତାହାର କଳ୍ପନା ସତ୍ୟ ହୁଏ। ପ୍ରକୃତରେ କୌଣସି ବସ୍ତୁ ନ ଥିଲେ ତା ସମ୍ବନ୍ଧେ କଳ୍ପନା କରାଯାଇ ପାରେନାହିଁ, ସ୍ୱପ୍ନ ମଧ ହୋଇ ପାରେ ନାହିଁ। ଯେପରି ଜଣେ ଦରିଦ୍ର କଳ୍ପନା କରେ ବା ସ୍ୱପ୍ନ ଦେଖେ, ଯେ ସେ ଏକ ରାଜଗାଦି ଉପରେ ବସିଅଛି। କିନ୍ତୁ ରାଜଗାଦି ଗୋଟିଏ ସତ୍ୟ ବସ୍ତୁ, ଅଳୀକ ବା ମାୟା ନୁହେଁ।

ଆଚ୍ଛା, ତୁମ ଶରୀର ମଧରେ କେତେ ପ୍ରକାର କୋଷ, କେଉଁଠି ଖାଦ୍ୟ ରହେ, କେଉଁଠି ଜଳ ରହେ, କେଉଁଠି ତାହାର ପରିପାକ କ୍ରିୟା ହୋଇ ରକ୍ତରେ ପରିଣତ ହୁଏ, କେଉଁଠି ମସ୍ତିଷ୍କ କ୍ରିୟା କରେ, କେଉଁଠି ପ୍ରାଣର ଆବେଗ ଉତ୍ତେଜନା ହୁଏ, କେଉଁଠି ରୋଗ, ଜରା ଇତ୍ୟାଦିର ବାସସ୍ଥାନ, ଏ ସମ୍ବନ୍ଧେ ଜଣା ଅଛି କି ?

ପଣ୍ଡିତ : (ଅବହେଳା ସହ ହାସ୍ୟରେ କହିଲେ) ଏ ସମ୍ବନ୍ଧେ ଆମ୍ଭେ କିପରି ଜାଣିବୁ। ଏସବୁ ଡାକ୍ତରମାନଙ୍କ କାମ। ସେମାନେ ଜୀବନବ୍ୟାପୀ ଏସବୁ ବିଷୟ ଅଧୟନ କରନ୍ତି। ନାନା ପ୍ରକାର ଯନ୍ତ୍ରର ସାହାଯ୍ୟରେ କିଛି କିଛି ବୁଝିପାରନ୍ତି, କିନ୍ତୁ ସମ୍ପୂର୍ଣ୍ଣରୂପେ ନୁହେଁ। ମନେହୁଏ, ତୁମ୍ଭେମାନେ ଆଧୁନିକ ଜଗତ ଓ ବିଜ୍ଞାନ ସମ୍ବନ୍ଧେ ଅନଭିଜ୍ଞ। ସେନେଇ ଏପରି ପ୍ରଶ୍ନ କରୁଛ। ଜଗତରେ ବହୁତ ପ୍ରକାର ବିଜ୍ଞାନ ଅଛି। ଗୋଟିଏ ପ୍ରକାର ବିଜ୍ଞାନ ଜାଣିବାକୁ ସମସ୍ତ ଜୀବନ ଅଧୟନ କରିବାରେ ମଧ ପୂର୍ଣ୍ଣ ହୁଏ ନାହିଁ। ଫେରେ ଜଣେ ବ୍ୟକ୍ତି ଅନେକ ପ୍ରକାର ବିଜ୍ଞାନ ଜାଣିବ କିପରି ?

ବସୁ : ସ୍ୱର୍ଗାଦିଲୋକ ଜାଣିଥିବା ରହସ୍ୟମୟ ସୂକ୍ଷ୍ମ ବିଜ୍ଞାନ ସମ୍ବନ୍ଧେ କିଛି ଜାଣିଛନ୍ତି କି? ଉତ୍ତର ମିଳିଲା ନାହିଁ। ତେବେ ସେ ବିଷୟର ନିର୍ଣ୍ଣୟ କରିବା କେତେଦୂର ଯୁକ୍ତିଯୁକ୍ତ। ଯେଉଁମାନେ ସେହି ବିଦ୍ୟା ଜାଣିବାକୁ ପ୍ରଯତ୍ନ କରିଛନ୍ତି ଏବଂ ଉପଲବ୍ଧି କରିଛନ୍ତି, ସେମାନଙ୍କ ଜ୍ଞାନରେ ସ୍ୱର୍ଗଲୋକ ଏକେବାରେ ସତ୍ୟ, ଏପରି ସତ୍ୟ- ଯେପରି ଏହି ପୃଥିବୀ ଆମ୍ଭମାନଙ୍କ ଦୃଷ୍ଟିରେ ସତ୍ୟ। ଔଷଧ ବିଜ୍ଞାନ ପରି ଏହି ସୂକ୍ଷ୍ମ ଜଗତର ବିଜ୍ଞାନ ନ ପଢ଼ିଲେ ଜାଣିହୁଏ ନାହିଁ। କିନ୍ତୁ ସୂକ୍ଷ୍ମ ଜଗତ ଓ ସୂକ୍ଷ୍ମ ଦେହଧାରୀ ଜୀବ ଅଛନ୍ତି। ବହୁବ୍ୟକ୍ତି ସୂକ୍ଷ୍ମ ଦେହଧାରୀ ଦେବତାମାନଙ୍କୁ ଉପାସନା କରି ତାଙ୍କୁ ଦର୍ଶନ କରିଅଛନ୍ତି ଏବଂ ସେମାନଙ୍କ ଜଗତ ଦେଖି ଅଛନ୍ତି। ଏଠାରେ ଗୋଟିଏ ଏକେବାରେ ସତ୍ୟ ଘଟଣା ଉଲ୍ଲେଖ କରିବା।

ପ୍ରାୟ ୧୯୨୧ /୧୯୨୨ ସାଲର କଥା। ସେତେବେଳେ ପଣ୍ଡିଚେରୀ, ଶ୍ରୀଅରବିନ୍ଦ ଆଶ୍ରମରେ ସାଧକମାନଙ୍କ ସଂଖ୍ୟା ବହୁତ କମ ଥିଲା। ଆଶ୍ରମରେ ଗୋଟିଏ ତାମିଲ୍ ଚାକରର କାର୍ଯ୍ୟରେ ସାଧକମାନେ ଅସନ୍ତୁଷ୍ଟ ହୋଇ ତାକୁ ବାହାର କରି ତା ସ୍ଥାନରେ ଅନ୍ୟ ଗୋଟିଏ ଚାକର ନିଯୁକ୍ତ କଲେ। ସେହି ବାହାରି ଯାଇଥିବା ଚାକରଟି ରାଗକରି ପଣ୍ଡିଚେରୀ ନିକଟସ୍ଥ ଗ୍ରାମରେ ଥିବା ଗୋଟିଏ ଫକୀର ସାଧୁ ପାଖକୁ ଯାଇ ତାହା ଦ୍ୱାରା କୌଣସି ମନ୍ତ୍ର ପ୍ରୟୋଗ କଲା। ତା ଫଳରେ ଆଶ୍ରମର ନୂତନ ଚାକର ଉପରେ ଟେକା ପଡ଼ିବା ଆରମ୍ଭ ହେଲା। ସାଧକମାନେ ବହୁତ ସାବଧାନ ହୋଇ ନିରୀକ୍ଷଣ କଲେ। କିନ୍ତୁ କେଉଁଠୁ ଟେକା ଆସୁଛି, କେହି ବୁଝିପାରିଲେ ନାହିଁ। ପୋଲିସକୁ ଖବର ଦିଆଗଲା। ପୋଲିସ ମଧ ଆସି କେତେଦିନ ପର୍ଯ୍ୟନ୍ତ କଡ଼ା ପହରା ଦେଇ ଯଥାସମ୍ଭବ ଅନୁସନ୍ଧାନ କରି ନିରାଶ ହେଲେ। ଏହି ଟେକା ଉପଦ୍ରବ କ୍ରମଶଃ ବଢ଼ିଲା। ସେ ନୂତନ ଚାକରଟି ଆଶ୍ରମରେ ପ୍ରବେଶ କରିବା ମାତ୍ରେ ଟେକା ପଡ଼ିବା ଆରମ୍ଭ ହୁଏ। ଟେକା ପଡ଼ିବା ପୂର୍ବରୁ କେଉଁ ସ୍ଥାନରୁ ବା କେଉଁ ଦିଗରୁ ତାହା ଆସୁଛି ଆଦୌ ଜାଣି ହୁଏ ନାହିଁ। ଶେଷରେ ଜଣେ ସାଧକ ଘରର କବାଟ ବନ୍ଦ କରି ସେହି ଚାକରସହ ଭିତରେ ରହିଲେ। ସେଦିନ ସେହି ବନ୍ଦ ହୋଇଥିବା କୋଠରୀରେ ସେହି ଚାକର ଉପରେ ମଧ ଟେକା ପଡ଼ିଲା ଏବଂ ତଦ୍ୱାରା ତାହାର ଶରୀରରୁ ରକ୍ତସ୍ରାବ ହେଲା। ଏହା ପୂର୍ବରୁ ଏସବୁ ଘଟଣା ମା' ଜାଣିଥିଲେ, ତଥାପି ସେଦିନ ଆଶ୍ରମ ସାଧକ ଯାଇ ମା'ଙ୍କୁ ସବୁ ଘଟଣା କହିଲେ। ଏହା ବି କହିଲେ, "ଏହି ଘଟଣା ବିଶେଷ ହୋଇଗଲାଣି, ଅମ୍ଭମାନଙ୍କର କୌଣସି ପ୍ରତିକାର କରିବାର ଆଉ ଉପାୟ ନାହିଁ।" ମା' କହିଲେ, "ଆଚ୍ଛା, ମୁଁ ଦେଖିବି।" କିଛି ସମୟ ପରେ ଗୋଟିଏ ନିମ୍ନ ପ୍ରାଣମୟ ସୂକ୍ଷ୍ମ ଲୋକର ଗୋଟିଏ ସୂକ୍ଷ୍ମ ଶରୀରଧାରୀ ଛୋଟ ଜୀବ ଭୟରେ କମ୍ପି କମ୍ପି ମା'ଙ୍କ ପାଖକୁ ଆସି କହିଲା, "ମୋତେ ଯାହା କହିବେ, ମୁଁ ତାହା କରିବି, ମୋତେ କ୍ଷମା କରନ୍ତୁ।" ମା' ପଚାରିଲେ, "ତୁ କ'ଣ କରିପାରୁ ? ସେ ଉତ୍ତର ଦେଲା, "ମୁଁ ଟେକା ପକାଇ ପାରେ।" ମା' କହିଲେ, "ମୋର ସେଥିରେ କୌଣସି ଆବଶ୍ୟକତା ନାହିଁ, ଆଜିଠାରୁ ତୁ ଏଠାକୁ ଆସିବୁ ନାହିଁ।" ତା'ପରେ ପୁରୁଣା ଚାକର ମରଣାପନ୍ନ ବେମାର ହେଲା। ତା'ର ସ୍ତ୍ରୀ ଆସି ମା'ଙ୍କୁ ପ୍ରାର୍ଥନା କରିବା ପରେ ଭଲ ହୋଇଗଲା।

ସେହିଦିନଠାରୁ ଟେକା ପଡ଼ିବା ବନ୍ଦ ହୋଇଗଲା। ଯେଉଁ ଟେକା ପଡ଼ିଥିଲା, ସେଥିରୁ କିଛି ଟେକା ଜଣେ ସାଧକ ଗୋଟିଏ ଥଳିରେ କେତେ ବର୍ଷ ପର୍ଯ୍ୟନ୍ତ ରଖି ଥିଲେ। ବହୁତ ଲୋକ ସେ ଟେକା ଦେଖିଛନ୍ତି ଏବଂ ଏ ଘଟଣା ଜାଣିଛନ୍ତି।" ସୂକ୍ଷ୍ମ ଜଗତ କେବଳ କଳ୍ପନା ନୁହେଁ, ସତ୍ୟ କିନ୍ତୁ ସ୍ଥୂଳ ଦୃଷ୍ଟିରେ ଦେଖାଯାଏ ନାହିଁ। ଭୂତ ଟେକା ପକାଇବା କଥା ବହୁତ ଲୋକ ଜାଣନ୍ତି, କେତେବାର ଖବର କାଗଜରେ ମଧ ପଢ଼ିବାକୁ ମିଳି ଥାଏ। ଏହାକୁ ଅତି -ଭୌତିକକାଣ୍ଡ ବୋଲି କୁହାଯାଏ।

ପଣ୍ଡିତ : ଆଚ୍ଛା ସେସବୁ ଯାହାହେଉ, ତୁମେ କ'ଣ ଜାଣିବାକୁ ଚାହ ?

ବସୁ : ଏହି ମର୍ତ୍ତ୍ୟଲୋକର ବ୍ୟକ୍ତି ବେଶ୍ ବୁଦ୍ଧିମାନ। ଏମାନେ ପ୍ରକୃତି ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଛନ୍ତି, କିନ୍ତୁ ନିଜେ ଶାନ୍ତି, ସମତା ଓ ଆନନ୍ଦ ପ୍ରାପ୍ତ କରି ଜୀବନକୁ ସମୃଦ୍ଧିଶାଳୀ କରିବାକୁ ପ୍ରଯତ୍ନ କରୁନାହାଁନ୍ତି। କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ ଇତ୍ୟାଦିର ଦାସ ହୋଇ ସେମାନଙ୍କର ନିର୍ଦ୍ଦେଶରେ କାଠପୁତୁଳୀ ପରି ନାଚୁଛନ୍ତି କାହିଁକି ? ଏହିସବୁ ଦୁର୍ଗୁଣ ଉପରେ ଆଧିପତ୍ୟ କରିପାରିଲେ, ନିଜେ ସୁଖ ଶାନ୍ତିରେ ରହନ୍ତେ, ଅନ୍ୟର ଦୁଃଖ ଅନୁଭବ କରନ୍ତେ, ତାହା ନିବାରଣ କରିବାକୁ ଚେଷ୍ଟା ବି କରନ୍ତେ। ଏହା ବ୍ୟକ୍ତି ମଧ୍ୟରେ ସୀମିତ ନ ରହି ଦେଶ ଦେଶ ମଧ୍ୟରେ ମିତ୍ରତା ସ୍ଥାପନ କରନ୍ତା, ଆଜି ଯେଉଁ ଯୁଦ୍ଧର ଆଶଙ୍କା ଓ ପରସ୍ପର ମଧ୍ୟରେ ହିଂସା ଦେଖା ଦେଇଛି, ତାହା ଦୂର ହୋଇ ଯାଆନ୍ତା ଏବଂ ଏହି ଜଗତ ସ୍ୱର୍ଗରେ ପରିଣତ ହୋଇଯାଆନ୍ତା।

ପଣ୍ଡିତ : ଏଥି ସକାଶେ ସମାଜ-ନୀତି ଓ ରାଜନୀତିର ବ୍ୟବସ୍ଥା କରାହୋଇଛି, କିନ୍ତୁ ଏଥିରେ ସଫଳତା ମିଳୁ ନାହିଁ। ତେବେ ଆଉ କ'ଣ କରାଯିବ ? ଏହା ଛଡ଼ା ଅନ୍ୟ କୌଣସି ଉପାୟ ତ ନାହିଁ।

ବସୁ : ଏହାର ଉପାୟ ସ୍ପଷ୍ଟ: ଅଧ୍ୟାତ୍ମ-ସାଧନା। ଅଧ୍ୟାତ୍ମ-ସାଧନାଦ୍ୱାରା ଭଗବାନଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ ହେଲେ ଉପଯୁକ୍ତ ଦିବ୍ୟଗୁଣ ମନୁଷ୍ୟ ମଧ୍ୟରେ ଆସିପାରେ। ଏହିସବୁ ଦିବ୍ୟଗୁଣ ଭଗବାନଙ୍କର। ଭଗବାନ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏହି ଦିବ୍ୟଗୁଣସହ ବିଦ୍ୟମାନ, କିନ୍ତୁ ମାୟା-ଆବରଣ ପଶ୍ଚାତରେ। ସାଧନାଦ୍ୱାରା ମାୟା ଆବରଣ ଦୂର ହେଲେ, ଭଗବାନ ଏବଂ ଦିବ୍ୟଗୁଣ ପ୍ରକାଶିତ ହୁଅନ୍ତି। ଏହି ଦିବ୍ୟଗୁଣ ପ୍ରକାଶିତ ହେଲେ ମନୁଷ୍ୟ ଆନନ୍ଦମୟ ଜୀବନ ଯାପନ କରିପାରେ। ଏହି ହିଂସାପୂର୍ଣ୍ଣ ଜଗତ ସ୍ୱର୍ଗରେ ପରିଣତ ହୋଇପାରେ।

ପଣ୍ଡିତ : ଭଗବାନ ବୋଲି କୌଣସି ବସ୍ତୁ ନାହିଁ। ଅନ୍ୟାୟରୁ ନିବୃତ୍ତ ହେବାର ଗୋଟିଏ ଉପାୟ ରୂପେ କେତେକ ଲୋକ ଭଗବାନଙ୍କ ନାମ ନେଇ ତାଙ୍କୁ ଶାସ୍ତ୍ର ପୁରାଣରେ ବର୍ଣ୍ଣନା କରିଅଛନ୍ତି। ମାତ୍ର ପ୍ରକୃତରେ ଭଗବାନ ବୋଲି କୌଣସି ବସ୍ତୁ ନ ଥିବାରୁ ଆମ୍ଭେମାନେ ତାହା ଦେଖିପାରୁ ନ ଥାଇ।

ବସୁ : ଆମ୍ଭେ ଜାଣୁ ଯେ ଏହି ସୃଷ୍ଟି ଭଗବାନ କରିଛନ୍ତି। ଭଗବାନ ଯଦି ନାହାଁନ୍ତି, ତେବେ ନାନା ପ୍ର କାର ବୃକ୍ଷଲତା, ମନୋମୁଗ୍ଧକାରୀ ନାନା ରଙ୍ଗ ବେରଙ୍ଗର ପୁଷ୍ପ, ଫଳ, ପଶୁ, ପକ୍ଷୀ ଓ ମନୁଷ୍ୟ ସୃଷ୍ଟି ହେଲେ କିପରି ?

ପଣ୍ଡିତ : ଏଥିରେ ଭଗବାନଙ୍କର ଆବଶ୍ୟକତା କ'ଣ ? ଏହାସବୁ ଜଡ଼ ପ୍ରକୃତିର ଖେଳ।

ବସୁ : ପ୍ରକୃତି ଯଦି ଜଡ଼ ହୁଏ, ତାହା ପଶ୍ଚାତରେ ଯଦି ଚେତନା-ଶକ୍ତି ନ ଥାଏ, ତେବେ ସେ ବିଭିନ୍ନ ବସ୍ତୁ ଉତ୍ପନ୍ନ କରନ୍ତା କିପରି ? ଯେପରିକି ଗୋଟିଏ ସ୍ଥାନରେ ଏକ ପ୍ରକାର ଜଳ, ସାର ଓ ଏକ ପ୍ରକାର ବୀଜ ବପନ କରାଯାଏ କିନ୍ତୁ ଗଛ ହୁଏ- ଗୋଟିଏ ଦୁର୍ବଳ, ଅନ୍ୟଟି ସବଳ। ଗୋଟିଏ ଗଛର ସମସ୍ତ ପତ୍ର କେବେ ବି ସମାନ ଦେଖାଯାଏ ନାହିଁ। ପ୍ରତ୍ୟେକ ପତ୍ରର କିଛି ଭିନ୍ନତା ଥାଏ। ସଂସାରରେ ଯେତେ ମନୁଷ୍ୟ, ପଶୁ ଓ ପକ୍ଷୀ ଅଛନ୍ତି, ଦୁଇଟି ଠିକ୍ ଏକ ରୂପ କେବେ ବି ଧାରଣ କରନ୍ତି ନାହିଁ। ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଯାହା ପ୍ରକୃତି କରୁଛି ତାହାର ପ୍ରେରକରୂପେ କୌଣସି ଚେତନ-ଶକ୍ତି ଅଛି। ଚେତନ-ଶକ୍ତି ଛଡ଼ା ଭିନ୍ନତା ହୋଇପାରେ ନାହିଁ। ଜଡ଼ ମେସିନରେ ଯାହା କିଛି ଭିନ୍ନ ଭିନ୍ନ କାର୍ଯ୍ୟ ହେଉଛି, ତା ପଶ୍ଚାତରେ ବି ଚେତନ-ଶକ୍ତି ରହିଛି। ଏହା ଆଧୁନିକ ଜଡ଼ ବିଜ୍ଞାନ-ବେତ୍ତା ସ୍ପଷ୍ଟଭାବେ ସ୍ୱୀକାର କରିଛନ୍ତି।

ପଣ୍ଡିତ : ପ୍ରକୃତରେ କୌଣସି ଚେତନ-ଶକ୍ତି ଥିଲେ ତାହା ଆବିଷ୍କାର ହୋଇ ପାରିଥା'ନ୍ତା, କିନ୍ତୁ ଏହା ତ ହୋଇନାହିଁ।

ବସୁ : ହୋଇଛି, ବହୁତ ମୁନି, ଋଷି, ସନ୍ଥ, ମହାତ୍ମା ଆବିଷ୍କାର କରିଛନ୍ତି। ଅଧ୍ୟାତ୍ମ- ସାଧନାଦ୍ୱାରା ଦିବ୍ୟଦୃଷ୍ଟି ପ୍ରାପ୍ତ କରି ଦେଖିଛନ୍ତି। ଯଦି କେତେଜଣ ଜନ୍ମାନ୍ଧଙ୍କ ପାଖରେ ତୁମକୁ ନାନା ପ୍ରକାର ପୁଷ୍ପମାଳରେ ବିଭୂଷିତ କରାଇ ଛିଡ଼ାକରି ଦିଆଯାଏ ଏବଂ କୁହାଯାଏ, "ଜଣେ ବ୍ୟକ୍ତି ତୁମ ପାଖରେ ପୁଷ୍ପମାଳରେ ବିଭୂଷିତ ହୋଇ ଛିଡ଼ା ହୋଇଛନ୍ତି" ତେବେ ସେମାନେ କହିବେ, "ଏହା ତୁମ ମସ୍ତିଷ୍କ ବିକୃତି, ଆମ୍ଭ ସାମ୍ନାରେ କିଛି ନାହିଁ।" କିନ୍ତୁ ଯଦି ସେହି ଅନ୍ଧମାନଙ୍କର ନେତ୍ର ଖୋଲି ଦିଆଯାଏ, ଆଉ ସେମାନଙ୍କ ଦୃଶ୍ୟବସ୍ତୁ ସମ୍ବନ୍ଧେ କୁହାଯାଏ, "ଏହା ସବୁ କିଛି ନୁହେଁ, କେବଳ ବୁଦ୍ଧିଭ୍ରମ ହେବାରୁ ଏପରି ତୁମେ କହୁଛ" ତେବେ ସେମାନେ କ'ଣ କହିବେ ? ସେହିପରି ଆମ୍ଭେମାନେ ସୂକ୍ଷ୍ମଜଗତ ଆଉ ଭଗବାନଙ୍କ ସମ୍ବନ୍ଧେ ଅନ୍ଧ ଏବଂ ବଧିର। କେବଳ ଅଧ୍ୟାତ୍ମ-ସାଧନା ଦ୍ୱାରା ଯୋଗଦୃଷ୍ଟି ପ୍ରାପ୍ତ ହେଲେ, ଭଗବାନ ଓ ସୂକ୍ଷ୍ମ ବସ୍ତୁ ଦେଖାଯାଇପାରେ। ସ୍ୱାମୀ ରାମତୀର୍ଥ ଏବଂ ବିବେକାନନ୍ଦ ମଧ୍ୟ ଏହିପରି କରୁଥିଲେ ଏବଂ ଯୋଗ ସାଧନାଦ୍ୱାରା ଯୋଗଦୃଷ୍ଟି ପ୍ରାପ୍ତ କରି ସୂକ୍ଷ୍ମାତିସୂକ୍ଷ୍ମ ଭଗବାନଙ୍କୁ ଦେଖିଥିଲେ।

ତା ପରେ ବସୁ ଏବଂ ରୁଭୁ ଦୁଇବନ୍ଧୁ ସେଠାରୁ ବିଦାୟ ହୋଇ ଭ୍ରମଣ କରି ଅନ୍ୟ ଗୋଟିଏ ସ୍ଥାନରେ ପହୁଞ୍ଚିଲେ। ସେ ସ୍ଥାନଟି ଅତ୍ୟନ୍ତ ରମଣୀୟ।

ତିନିଦିଗରେ କଳ କଳ ନାଦରେ ଗୋଟିଏ ନଦୀ ପ୍ରବାହିତ ହେଉଅଛି। ସେଠିକାର ଆକାଶଚୁମ୍ବୀ ଧବଳ ମନ୍ଦିର ସବୁ ପଥିକ ମନକୁ

ବଳାକାରେ ନିଜ ଆଡ଼କୁ ଆକର୍ଷଣ କରୁଅଛି। ପ୍ରତି ଘରେ ଭଗବାନ ସୀତାରାମଙ୍କ ବିଗ୍ରହ। କେଉଁଠି ରାମାୟଣ, କେଉଁଠି ଭାଗବତାଦି ଶାସ୍ତ୍ର ଚର୍ଚ୍ଚା ତ' କେଉଁଠି ଭଗବାନଙ୍କ ବିଗ୍ରହର ପୂଜା ଓ କେଉଁଠି କେତେକ ତ୍ୟାଗୀ, ସନ୍ଥ, ମାଳା ତିଳକରେ ସୁଶୋଭିତ ହୋଇ ସତ୍‌ସଙ୍ଗ କରୁଅଛନ୍ତି, ଅର୍ଥାତ୍ ଭଗବତ୍ ସ୍ୱରୂପ ଆଉ ସାଧନାର ଗୂଢ଼ ରହସ୍ୟ ସମ୍ବନ୍ଧେ ଚର୍ଚ୍ଚା କରୁଅଛନ୍ତି। ଆଉ କେଉଁଠି କେତେକ ବ୍ୟକ୍ତି ନେତ୍ର ବନ୍ଦ କରି ଧ୍ୟାନରେ ମଗ୍ନ ହୋଇ ଭଗବତ୍ ଦିବ୍ୟାନନ୍ଦରେ ଲୀନ ହୋଇଅଛନ୍ତି। ସେଠିକାର ବାତାବରଣ ମନକୁ ସ୍ୱଭାବତଃ ସାତ୍ତ୍ୱିକ ଭାବାପନ୍ନ କରୁଅଛି। ପ୍ରାଣ ନିଜ ଉଦ୍ଦାମତାକୁ ତ୍ୟାଗକରି ଭଗବାନଙ୍କ ନାମଯଶ ଶ୍ରବଣରେ ମୁଗ୍ଧ ହେଉଅଛି। ଶରୀର ଚାହୁଁଅଛି, କେବଳ ଭ୍ରମଣ କରି ମନ୍ଦିରରେ ବିଗ୍ରହ ପୂଜା ଏବଂ ସନ୍ଥ ମହାତ୍ମାଙ୍କୁ ଦର୍ଶନ କରି ଚର୍ମନେତ୍ର ସଫଳ କରିବାକୁ। ଭୋକ ଶୋଷ ନାହିଁ, ଆନନ୍ଦରେ ଉନ୍ମତ୍ତ ପ୍ରାୟ ହୋଇ ଦୁଇବନ୍ଧୁ ଭ୍ରମଣ କରି ଗୋଟିଏ ମନ୍ଦିରରେ ପ୍ରବେଶ କଲେ। ଯିବାର କୌଣସି ବାଧା ନାହିଁ। ସିଧା ସିଡ଼ିକୁ ଅତିକ୍ରମ କରି ଉପର ମହଲାର ଗୋଟିଏ ବିସ୍ତୃତ କକ୍ଷରେ ଜଣେ ଗୌରବର୍ଣ୍ଣ ତେଜସ୍ୱୀ ପୁରୁଷଙ୍କୁ ଦର୍ଶନ କଲେ। ଶରୀର ବେଶ୍ ସୁଡୌଲ, ଲମ୍ବିତ ଶ୍ୱେତ ଦାଢ଼ୀ ମନ୍ଦବାୟୁରେ ନୃତ୍ୟ କରୁଅଛି। ମସ୍ତକର ଶୁଭ୍ରକେଶ ପୃଷ୍ଠଦେଶରେ ପଡ଼ିଅଛି। ଲଲାଟରେ ଶ୍ୱେତ ଚନ୍ଦନ ଓ ଗଳାରେ ତୁଳସୀମାଳା ଶରୀର ଶୋଭାକୁ ବୃଦ୍ଧି କରୁଅଛି। ମହାତ୍ମାଜୀ ଗୋଟିଏ ମୃଗଛାଲରେ ପଦ୍ମାସନରେ ବସି ଧ୍ୟାନମଗ୍ନ ହୋଇଯାଇଛନ୍ତି। ତାଙ୍କ ଶରୀରରୁ ଜ୍ୟୋତି ବିକୀର୍ଣ୍ଣ ହୋଇ ତାଙ୍କ ପାର୍ଶ୍ୱସ୍ଥ ଶିଷ୍ୟବର୍ଗଙ୍କୁ ଉଦ୍‌ଭାସିତ କରୁଅଛି। ଦର୍ଶନ କରିବା ମାତ୍ରେ ଏମାନଙ୍କର ହୃଦୟ ପ୍ରଫୁଲ୍ଲିତ ହୋଇଗଲା, ମନରେ ଓ ପ୍ରାଣରେ ଏକ ଆନନ୍ଦ ସ୍ରୋତ ପ୍ରବାହିତ ହେଲା। ଏମାନଙ୍କ ମସ୍ତକ ସ୍ୱତଃ ତାଙ୍କ ଚରଣରେ ନତ ହୋଇଗଲା। ମହାତ୍ମାଜୀ ଧୀରେ ନେତ୍ର ଖୋଲି ମୃଦୁହାସ୍ୟରେ ସେମାନଙ୍କର ଆଗମନର କାରଣ ପଚାରି ଆଶ୍ୱାସନା ଦେଇ ପାଖରେ ବସିବାକୁ କହିଲେ। ଦୁଇ ବନ୍ଧୁ ଏହି ମର୍ତ୍ତ୍ୟଲୋକକୁ ଆସିବା ଉଦ୍ଦେଶ୍ୟ ଆଦି କହିବା ପରେ ପ୍ରଶ୍ନ କଲେ-

ବସୁ : ଏହି ମର୍ତ୍ତ୍ୟଲୋକରେ ସୁଖ ଓ ଆନନ୍ଦମୟ ଜୀବନ ପ୍ରାପ୍ତ କରିବାର ଉପାୟ କ'ଣ?

**ମହାତ୍ମାଜୀ :** ମୋହ, ମମତା, କୁଟୁମ୍ବ, ପରିବାର, ଦେଶ, ସମାଜ ଏବଂ ସମସ୍ତ ଜାଗତିକ କର୍ମ ତ୍ୟାଗକରି କେବଳ ଭଗବାନଙ୍କୁ ସ୍ମରଣ କରି ତାଙ୍କ ନାମ ଓ ରୂପକୁ ଚିନ୍ତାକଲେ ସୁଖମୟ ଜୀବନ ପ୍ରାପ୍ତହେବ ଏବଂ ଶରୀର ତ୍ୟାଗକରି ସାକେତ, ଗୋଲକ,ବୈକୁଣ୍ଠାଦି ଦିବ୍ୟଲୋକରେ ନିବାସ କରିବ। ଅଥବା ଜ୍ଞାନାଦି ସାଧନାଦ୍ୱାରା ବ୍ରହ୍ମ-ଚିନ୍ତନ କରି ବ୍ରହ୍ମରେ ଲୀନ ହୋଇଗଲେ, ଏହି ସଂସାର ସ୍ୱପ୍ନବତ୍ ପ୍ରତୀତ ହେବ। ଏହି ସଂସାରର ଦୁଃଖ, କଷ୍ଟ, ସବୁ ସ୍ୱପ୍ନ, ଯେପରି ସ୍ୱପ୍ନରେ ବାଘି କେହି ପିଟୁଛି, ସାପ ବା ବିଛା କାମୁଡୁଛି ଏବଂ ତଦ୍ୱାରା ନାନାପ୍ରକାର ଦୁଃଖ କଷ୍ଟ ମିଳୁଛି। ସେହି କଷ୍ଟରୁ ମୁକ୍ତ ହେବାର କୌଣସି ଉପାୟ ନାହିଁ, ପ୍ରାଣ କଣ୍ଠାଗ୍ରତ ହେଉଛି, କିନ୍ତୁ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏକ ନିମିଷରେ ସବୁ ଦୁଃଖ କଷ୍ଟ ଉଭେଇଯାଏ। ସେହିପରି ଜ୍ଞାନପ୍ରାପ୍ତ ହେବା ସଙ୍ଗେ ଏହି ସଂସାରର ସତ୍ୟତା ଏବଂ ଦୁଃଖ କଷ୍ଟ ଏକାବେଳକେ ଲୋପ ହୋଇଯାଏ; ଯେପରି ଗାଢ଼ ଅନ୍ଧକାର ସୂର୍ଯ୍ୟର ପ୍ରକାଶରେ ବିଲୀନ ହୋଇଯାଏ। ଭାଗବତ ଦିବ୍ୟାନନ୍ଦକୁ ଯେ ଥରେ ଆସ୍ୱାଦନ କରେ ତା ପାଖରେ ଏହି ଜାଗତିକ ବିକୃତି ଆନନ୍ଦ ଏକେବାରେ ରସହୀନ, ଫିକା ପ୍ରତୀତ ହୁଏ। ତାକୁ ଦୁଃଖ କଷ୍ଟ ସ୍ପର୍ଶକରି ପାରେନାହିଁ।

**ବସୁ :** ଏହା ଠିକ୍। ତେବେ ଏ ସଂସାର ହେଲା କାହିଁକି? ଯଦି ସଂସାର ଛାଡ଼ିଲେ ସୁଖ ମିଳେ, ତେବେ ସଂସାରକୁ ଆସିଲୁ କାହିଁକି? ଯେଉଁମାନେ ସଂସାର ତ୍ୟାଗ କରିବେ, ସେମାନେ ପରମ ଆନନ୍ଦକୁ ପ୍ରାପ୍ତ କରିବେ, ଯେଉଁମାନେ ଏହି ସଂସାରରେ ରହିବେ ସେମାନେ କ'ଣ ଚିରଦିନ ଏହିପରି ଦୁଃଖ କଷ୍ଟ ଭୋଗୁଥିବେ? ଏହାର କ'ଣ କିଛି ସମାଧାନ ନାହିଁ?

**ମହାତ୍ମାଜୀ :** ଏପରି ପ୍ରଶ୍ନର ଆବଶ୍ୟକତା କ'ଣ? ଯେବେ ସୁଖ ପ୍ରାପ୍ତି କରିବାର ଉପାୟ ମିଳିଗଲା ତେବେ ସେହି ଉପାୟଦ୍ୱାରା ଅନନ୍ଦ ପ୍ରାପ୍ତ କରିନେବା ଉଚିତ। ସଂସାର କାହିଁକି ହେଲା, ଭବିଷ୍ୟତରେ କ'ଣ ହେବ ସେ ସମ୍ବନ୍ଧରେ ବିଚାର କରିବାରେ ଲାଭ କ'ଣ ହେବ? କ୍ଷୁଧାପ୍ରାପ୍ତ ବ୍ୟକ୍ତିକୁ ଭୋଜନ ମିଳିଲେ ତଦ୍ୱାରା କ୍ଷୁଧା ନିବୃତ୍ତି କରିନେଲେ ହେଲା; କ୍ଷୁଧା କାହିଁକି ଲାଗିଲା, ଏହାର ବ୍ୟବସ୍ଥା କିଏ କଲା, ଏ ସମ୍ବନ୍ଧେ ବିଚାର କରି ସମୟ ନଷ୍ଟ କରିବା ପ୍ରୟୋଜନ କ'ଣ?

ଏହା ଶୁଣି ଦୁଇ ବନ୍ଧୁ ଉତ୍ସାହିତ ହୃଦୟରେ ପ୍ରଣାମ କରି ଆନନ୍ଦରେ ସେଠାରୁ ବିଦାୟ ନେଇ ପୂର୍ବପରି ଅନ୍ୟତ୍ର ଗମନ କଲେ।

◆◆◆

ସହରଟି ଛୋଟ, କିନ୍ତୁ ସଡ଼କଗୁଡ଼ିକ ବେଶ୍ ଚୌଡ଼ା ଏବଂ ପରିଷ୍କାର। ସେଠାରେ ଗୋଟିଏ ସଂସ୍ଥାରେ କେତେକ ଲୋକ ବାସ କରୁଅଛନ୍ତି। ସେମାନଙ୍କର ମାଳା, ତିଳକ ନାହିଁ, ସେମାନେ ଗେରୁଆ ବସ୍ତ୍ର ପିନ୍ଧୁ ନାହାଁନ୍ତି। ସାଂସାରିକ ବ୍ୟକ୍ତିପରି, ଗୃହୀ ମନୁଷ୍ୟପରି କର୍ମ କରୁଛନ୍ତି ସତ କିନ୍ତୁ ଗୃହୀ ନୁହଁନ୍ତି। ଯଦ୍ୟପି ବସ୍ତ୍ର ପିନ୍ଧୁଅଛନ୍ତି, କର୍ମ କରୁଅଛନ୍ତି ତଥାପି ଦେଖିଲେ ମନେହୁଏ ଯେପରି ଏମାନେ ଗୃହୀ ବ୍ୟକ୍ତିଙ୍କଠାରୁ ଭିନ୍ନ। ଦୁଇବନ୍ଧୁ ଏହିସବୁ ଦେଖି ମନେ ମନେ କିଛି ଭାବିବା ସମୟରେ ଜଣେ ଯୁବକ ହାତରେ କିଛି ବହି ଧରି ଆସି

ସେଠାରେ ପହଞ୍ଚିଲେ। ସେ ଏମାନଙ୍କ ଆକୃତିରୁ ବୁଝିପାରିଲେ ଯେ ଏମାନେ ବିଦେଶୀ। ତା ପରେ ପଚାରିଲେ, "ତୁମ୍ଭେମାନେ କେଉଁଠାରୁ ଆସିଛ ?

**ବସୁ :** ନିଜର ପୂର୍ବ ବୃତ୍ତାନ୍ତ ସବୁ କହିବା ପରେ ପ୍ରଶ୍ନ କଲେ; "ତୁମ୍ଭେ କ'ଣ ଏହି ଆଶ୍ରମର ଲୋକ ? ତୁମ୍ଭକୁ ଏଠାରେ କେଉଁ କାମ କରିବାକୁ ହୋଇଥାଏ ?"

**ସାଧକ :** ହଁ, ମୁଁ ଏ ଆଶ୍ରମରେ ବାସକରେ। ମୋର କାର୍ଯ୍ୟ ଏହି ଆଶ୍ରମ ବିଶ୍ୱ-ବିଦ୍ୟାଳୟରେ ଛାତ୍ରଙ୍କୁ ପଢ଼ାଇବା।

**ବସୁ :** ଗୃହ, ସମାଜ,ସଂସାର ତ୍ୟାଗକରି ଯେଉଁମାନେ ମଠରେ ବା ଆଶ୍ରମରେ ରହି ସାଧନା କଲେ, ସେମାନେ ତ ଭଗବାନଙ୍କୁ ପ୍ରାପ୍ତକରି ଆନନ୍ଦରେ ରହିଲେ, ଆଉ ମୃତ୍ୟୁପରେ ଦିବ୍ୟଧାମରେ ଆନନ୍ଦରେ ବାସକଲେ କିମ୍ବା ମୁକ୍ତି ଅଥବା ନିର୍ବାଣକୁ ପ୍ରାପ୍ତହେଲେ। ବାକୀ ଯେଉଁ ସଂସାରୀ ଲୋକ ଦୁଃଖକଷ୍ଟରେ ପଡ଼ି ଦିନ କଟାଉଅଛନ୍ତି ସେମାନଙ୍କ ସକାଶେ କ'ଣ କୌଣସି ଉପାୟ ନାହିଁ? ସେମାନେ ଚିରଦିନ ଏହି ଦୁଃଖଦୈନ୍ୟର ବୋଝ ବହନ କରି ଚାଲୁଥିବେ ?

**ସାଧକ :** ନା, ସେପରି ନୁହେଁ। ବର୍ତ୍ତମାନ ସଂସାର ଏପରି ଅବସ୍ଥାରେ ପହଞ୍ଚିଅଛି ଯେ ଆଧ୍ୟାତ୍ମିକତାକୁ ସଂସାରରୁ ପୃଥକ୍ କଲେ ଚଳିବ ନାହିଁ। ଆଧ୍ୟାତ୍ମିକତାକୁ ଭିତ୍ତିକରି ସମସ୍ତ କର୍ମ ହେବ ଏବଂ ସଂସାର ପରିଚାଳିତ ହେବ। ଏହାଛଡ଼ା କୌଣସି ପୂରାତନ ବିଧି-ବିଧାନ, ନୀତି-ନିୟମ, ରାଜ୍ୟ-ଶାସନଦ୍ୱାରା ସଂସାରରୁ ମିଥ୍ୟା, ଦୁରାଚାର, ସ୍ୱାର୍ଥପରତା, ହିଂସା, ଯୁଦ୍ଧ-ବିଗ୍ରହ ନାଶ ହେବ ନାହିଁ। ଏହି ଦୁର୍ଗୁଣ ନାଶ ନହେଲେ, ମନୁଷ୍ୟ ସୁଖଶାନ୍ତି ପ୍ରାପ୍ତ କରିପାରିବ ନାହିଁ।

**ବସୁ :** ଏହା ହେବ କିପରି ? ଏହାର ଉପାୟ କ'ଣ ? ଏଥି ସକାଶେ କି ଚେଷ୍ଟା କରାହେଉଛି ?

**ସାଧକ :** ଗୋଟିଏ ଦିବ୍ୟ ମହାଶକ୍ତି ଏହି ପୃଥିବୀରେ ଅବତରଣ କରିଛି। କିନ୍ତୁ ବର୍ତ୍ତମାନ ତାହା ସ୍ପଷ୍ଟରୂପେ ଦୃଶ୍ୟତଃ କାର୍ଯ୍ୟକରି ପାରୁ ନାହିଁ। ପୁରାତନ ଶକ୍ତିର ବର୍ତ୍ତମାନ ପ୍ରବଳ ପ୍ରଭାବ ଏବଂ ମନୁଷ୍ୟ ସେହି ପୁରାତନ ଶକ୍ତିକୁ ଦୃଢ଼ଭାବରେ ଧରି ରହିଅଛି। ପୁରାତନ ଶିକ୍ଷାରୁ ଲେଶମାତ୍ର ବ୍ୟତିକ୍ରମ ହେବାକୁ ଚାହୁନାହିଁ। ସେନେଇ ନୂତନ ଶକ୍ତିର କାର୍ଯ୍ୟ ବହୁତ ଆସ୍ତେ ଆସ୍ତେ ହେଉଅଛି। ସୁତରାଂ ଏହି ନୂତନ ଶକ୍ତି ଭଗବାନଙ୍କ ଦିବ୍ୟ ଅମୋଘ ଶକ୍ତି। ଏହାର କ୍ରିୟା ଅମୋଘ। ଏହାର କ୍ରିୟା ପ୍ରଭାବରେ କ୍ରମଶଃ ପ୍ରତ୍ୟେକ ବସ୍ତୁ ନମନୀୟ ହେବାକୁ ଲାଗିବ ଏବଂ ଭବିଷ୍ୟତରେ ସେହି ଶକ୍ତିଦ୍ୱାରା ପୂର୍ଣ୍ଣ ରୂପାନ୍ତର ହୋଇ ଏହି ମୃତ୍ୟୁପୁରୀରେ ସ୍ୱର୍ଗଲୋକ ସ୍ଥାପିତ ହେବ। ଏହି ଦୁଃଖପୀଡ଼ିତ ଜରାଜର୍ଜରିତ ବ୍ୟାଧିଗ୍ରସ୍ତ ମୃତ୍ୟୁ କବଳିତ ମାନବ ଦୁଃଖ, କଷ୍ଟ, ରୋଗ, ଶୋକ, ଜରା ଓ ମୃତ୍ୟୁ କବଳରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ। ସେ ହେବ ନୂତନ ଜଗତର ଦିବ୍ୟମାନବ।

ରୁଭୁ ଓ ବସୁ ଦୁଇ ମିତ୍ର ହର୍ଷ ଓ ଆନନ୍ଦରେ ଗଦ୍‌ଗଦ ହୋଇ ପରସ୍ପରକୁ କହିବାକୁ ଲାଗିଲେ, "ଗନ୍ଧର୍ବ, ସ୍ୱର୍ଗାଦି ଲୋକ ଭୋଗ-ବିଳାସର ଚରମ ସ୍ଥାନ ହେଲେ ସୁଦ୍ଧା ଅସ୍ଥାୟୀ। ଆଉ ବୈକୁଣ୍ଠ, ଗୋଲକ, ସାକେତ, କୈଳାସ ଆଦି ଯଦ୍ୟପି ଭାଗବତ ଦିବ୍ୟଧାମ, ଶାଶ୍ୱତ ଆନନ୍ଦମୟ, ତଥାପି ନିଜ ସୀମାରେ ଆବଦ୍ଧ। ସେଠାରେ ଉନ୍ନତିର ସ୍ଥାନ ନାହିଁ। ସ୍ୱର୍ଗର ଦେବତା ଏବଂ ଗୋଲକାଦି ଦିବ୍ୟଧାମର ନିତ୍ୟମୁକ୍ତ ଜୀବମାନଙ୍କୁ ବିକାଶ କରିବାକୁ ହେଲେ ସେମାନେ ଏହି ମୃତ୍ୟୁ-ଲୋକରେ ଜନ୍ମ ନିଅନ୍ତି। ଏହି ଲୋକରେ କର୍ମ କରି ସ୍ୱର୍ଗ-ଭାଗବତ ଦିବ୍ୟଧାମ ଏବଂ ନର୍ବାଣ, କୈବଲ୍ୟ, ମୁକ୍ତି ଆଦି ଅତିକ୍ରମ କରି ସଗୁଣ,ନିର୍ଗୁଣ ଆଉ ଏକ ସଙ୍ଗେ ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରାଯାଏ ଏବଂ ସେହି ତତ୍ତ୍ୱ ଆଉ ତାହାର ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ଏହି ମନୁଷ୍ୟ ଶରୀରକୁ ପୂର୍ଣ୍ଣ ରୂପାନ୍ତର କରାଯାଏ। ଆଜି ଋଷିଙ୍କ ଶାପ ଆମ୍ଭମାନଙ୍କ ପ୍ରତି ବରଦାନ ସ୍ୱରୂପ ହେଲା।

---

ମୁଁ ନିରନ୍ତର ତୋ ହୃଦୟ ମଧ୍ୟରେ ରହି ବହନ କରି ଆଣୁଛି ଶାନ୍ତି ଓ ନିଶ୍ଚୟତା। ମୁଁ ନିରନ୍ତର ତୋ ମସ୍ତକ ଉର୍ଦ୍ଧ୍ୱରେ ରହି ଉତାରି ଆଣୁଛି ଆଲୋକ ଓ ଆନନ୍ଦ ଏବଂ ମୁଁ ଏକ ଅବିକମ୍ପିତ ପୁଲକ ନେଇ ଭେଦ କରିବି ତୋର ସମସ୍ତ କୋଷଗୁଡ଼ିକ ମଧ୍ୟରେ।

ପ୍ରେମ ଓ ଆଶୀର୍ବାଦ ସହ।

**- ଶ୍ରୀମା**

---

# THE WORK BEFORE US

**M. P. Pandit**

In the first place Mother's withdrawal from the physical scene has meant the breaking down of the walls, the four walls of Ashram. Hereafter, there is no such feeling that the Integral Yoga can be practised only in the Ashram. The Mother is present everywhere and readily accessible. We have received scores of letters from all over the world saying how at the very remembrance of her, her cosciousness manifests, her power radiates and people are guided. So today there is no such demarcation as 'sadhaks inside' and 'sadhaks outside'. There is one fellowship. The whole world is Mother's Ashram, all are our brethren in the great effort for the divinisation of human nature. Each one acts from his level, the level to which his evolution has brought him. There is no system as such, no curriculum; though the path is long, the teaching is great, the freedom given unbelievable; but the guidance is surely given to each individual. Very often I am asked: "How are we to know that Mother accepted us as her disciples - are we not deceiving ourselves by saying that we are Mother's disciples or we are doing her yoga?" The only answer I have been able to give after getting corroboration from Mother is that to whosoever accepts Mother and Sri Aurobindo as his gurus, as his guides, are automatically accepted by them as their disciples. What is the link? Where is the initiation? No physical link is required, no physical initiation is required. Read something written by Mother or Sri Aurobindo, look at their photos, think of them with feeling and contact is established, that is enough. It is a contact of the soul with the Divine in embodiment which as come to reclaim your soul.

So often I receive letters from the United States or Europe saying that after reading a few lines from Sri Aurobindo's writings, people have been captured, have followed and have found themselves on the path. The old methods of Diksha- you know there are sixteen kinds which are not necessary. Human consciousness has advanced far enough not to need these means for entry in to spiritual life. This is the first contribution towards the universalisation of spiritual life that the Mother has made. Secondly she has eliminated the demarcation between sadhana and life. She does not accept that we should have separate periods for meditation, prayer, communion with the Divine and keep the rest of the time for our humdrum existence. In her view all one's life, all the twenty-four hours are to be reserved for sadhana. What matters is not how many hours are spent in the puja room, in meditation, in reading, but to what extent and with what intensity we prolong the spirit of meditation, the spirit of yogic sadhana; whether we can govern our life, our day-to-day dealings with people from this perspective; whether we can observe the rule which Sri Aurobindo has given: "Always behave as if the Mother was looking at you." That is the one simple rule and mantra which everyone of us must have if we seriously mean to achieve the yogic goal. As Mother says: "At every moment we are faced with a choice to go under or to go higher; to go to the right or to go to the left; each moment Nature presents a choice and we have the freedom, at any rate the sense of freedom, to decide whither we we will go.

Not all of us are gifted with discrimination enough to come to an instant judgment but we have this yardstick; what would Mother want us to do? Let us forget for the moment our own likes and dislikes and ask ourselves what Mother would like us to do and follow the guidance implicitly. It is by this way of constant reference to the guide that we create a habit, we create an opening for the inner psychic influence to come: into operation, to start governing our day - to-day activity. The rest is a matter of time.

Thus far about individual sadhana which is indispensable for any kind of work that one may want to do in the society.

It is again a special feature of Sri Aurobindo's philosophy and yoga that we cannot do this yoga in isolation. We are not hermits, we are not anchorites who live in the depths of the forest; we are here in the midst of life, we have to play our due part in the society from which we draw our sustenance. We have a debt to pay to the society. It is all right for a while for persons to withdraw into a retreat, into solitude to equip themselves; but after a certain measure of experience is attained, it is incumbent upon everyone to discharge his responsibility to the collectivity of which he is a member. Here too, Mother has indicated how each one has his own way of contribution. There is a sector of life where we contribute in our individual way irrespective of whether the others ask for our contribution or not. Life and yoga are to go on simultaneously. We touch the life of the society at different levels, at the level of education, at the level of civic consciousness, industy, agriculture, politics, social evolution. For each of these we can get guidance from the writings of Sri Aurobindo and The Mother; there is freedom for each individual to evolve in the manner that is best suited for him, consistent of course with the overall perspective of the general development. That is the basis on which life in the Ashram has been developed during the last fifty years. I have always maintained that whatever the appearances, here is an experiment that has been made to establish a spiritual pattern of society for the future. It is being extended, adapted and applied on a larger canvas in Auroville; and mind you, Mother always said that there is not going to be one Auroville, many Aurovilles have to spring up, each with a distinct stamp, all over the world as so many points of light in this ocean of ignorance and darkness. Many enlightened communities on the model of the gnostic communities of which Sri Aurobindo speaks of in the last chapter of the Life Divine, are to extend themselves by and by flooding the entire globe one day with the light of the Life Divine. It is a long way off there is much to do and each one of us has a responsibility. Those who are staying in the Ashram have a double responsibility: to play their due part in the Ashram life and also to keep themselves in tune with the demands and requirements of the larger fellowship outside the borders of Pondicherry. The challenge that they face is more, the difficulties are more, the complexities are more, the guidance that they need is more than is normally conceived. It is a question of breaking through the established routine in every walk of life. We are not in a position of strength everywhere. For example, in the field of education, it is not everywhere that we can start schools and colleges. Where we are not in a position of strength, we have to follow the policy of infiltration - 'infiltration' has acquired a bad odour in the communist context; however, it serves the purpose to use that word today. We have to help both individuals and groups of individuals who are open to this new ideology of perfection of man and through them introduce the concepts of Mother's philosophy on education, Sri Aurobindo's concept of the spiritual evolution of the child and get them to introduce these ideals in their curricula.

---

You should chant and chant my name "Ma-Ma-Ma"

As soon as you get up early in the morning you should do Japa of my Name for ten minutes atleast "Ma-Ma-Ma" and also in the night before going to sleep.

(My Mother/39 from a Conversation) ***- The Mother***

# ଛାତ୍ର ଜୀବନର ସ୍ୱପ୍ନ

**ପ୍ରପତ୍ତି**

ମନେକର ତୁମ୍ଭମାନଙ୍କ ସମ୍ମୁଖରେ ମୁଁ ଉପସ୍ଥିତ ହୋଇ ତୁମକୁ ଏଇ ପ୍ରଶ୍ନଟି ପଚାରୁଛି :-

ତୁମେ ଜୀବନରେ କ'ଣ ଚାହଁ?
ତୁମ ଜୀବନର ଲକ୍ଷ୍ୟ କ'ଣ?
ତୁମ ଜୀବନର ସ୍ୱପ୍ନ କ'ଣ?

ପୁନର୍ବାର ତୁମ୍ଭମାନଙ୍କ ପାଇଁ ଏ ପ୍ରଶ୍ନର ମୁଁ ଉତ୍ତର ଦେଉଛି :-

ଆମେ ଚାହୁଁ ସୁନ୍ଦର, ସୁସ୍ଥ ସବଳ, ଜ୍ଞାନଦୀପ୍ତ ଆନନ୍ଦମୟ ମହାନ ଜୀବନ।

...ଆମେ ଚାହୁଁ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ :- କୁରୂପ ଓ ରୋଗକୁ ଆମେ ଚାହୁଁ ନାହୁଁ।

...ଆମେ ଚାହୁଁ ସାମର୍ଥ୍ୟ, ତେଜ, ଶକ୍ତି,ସାହସ ଓ ବୀର୍ଯ୍ୟ,- ଦୁର୍ବଳତା, ଶକ୍ତିହୀନତା, ଅସାମର୍ଥ୍ୟ, ଭୀରୁତା ଆମେ ଆଦୌ ପସନ୍ଦ କରୁନାହୁଁ।

...ଆମେ ଚାହୁଁ ମନରେ ଜ୍ଞାନ, ଜ୍ୟୋତି, ଦୀପ୍ତି ଓ ବିଦ୍ୱତ୍ତା, ପ୍ରସାରତା, ବିଶାଳତା, ଐକ୍ୟ, - ଆମେ ଅଜ୍ଞାନ, ଅବିଦ୍ୟା, ମୁର୍ଖତା, ସଂକୀର୍ଣ୍ଣତା, କ୍ଷୁଦ୍ରତା, ଦ୍ୱନ୍ଦ୍ୱ ଚାହୁଁ ନାହୁଁ।

...ଆମେ ଚାହୁଁ ସେହି ମହାନ୍ ଜୀବନ, ଯାହାର ଅନ୍ତର ପ୍ରେମ, ଭକ୍ତି,ଶ୍ରଦ୍ଧାରେ ପୂର୍ଣ୍ଣ, -ଯେ ସର୍ବଜୀବରେ କରୁଣା କରନ୍ତି, ସକଳ ବସ୍ତୁରେ ଭାଗବତ ସତ୍ତାର ଉପଲବ୍ଧି କରନ୍ତି।

...ଆମେ ଚାହୁଁ ସେହି ଜୀବନ ଯାହା ଶାନ୍ତି, ସମତା, ସରସତାରେ ଉଜ୍ଜ୍ୱଳ, ଚିର ହାସ୍ୟମୟ, ଆନନ୍ଦମୁଖର, -ଆମେ ଦୁଃଖ, ଦୁର୍ବିପାକ, ଯନ୍ତ୍ରଣା, ବିପଦ,ଅସ୍ୱସ୍ତି ଅଶାନ୍ତିକୁ ଆଦୌ ଚାହୁଁ ନାହୁଁ।

ଏହିପରି ଅନେକ ଗୁଡ଼ିଏ କଥା କହି ସାରିଲା ପରେ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଆଶାବାଦୀ, ସାହସୀ, ସରସମନା, ସେମାନେ ହଠାତ୍ କହିଉଠିବେ, "ହଁ, ଆମେ ଏସବୁ ନିଶ୍ଚୟ ଚାହୁଁ- ଖୁବ୍ ଚାହୁଁ। "ଯେଉଁମାନେ ନିରାଶ ଓ ହତାଶାର ଚକ୍ରରେ ପଡ଼ି ଧକ୍କା ଖାଇଛନ୍ତି ସେମାନେ ଦୀର୍ଘ ନିଶ୍ୱାସ ଛାଡ଼ି କହିବେ, "ହଁ, ଚାହୁଁ, ଖୁବ୍ ଚାହୁଁ, କିନ୍ତୁ ମିଳୁଛି କେଉଁଠି? କିଏ ଜୀବନରେ ଆନନ୍ଦ ସୁଖ ଶାନ୍ତି ସୌନ୍ଦର୍ଯ୍ୟ, ଅମରତ୍ୱ, ଐକ୍ୟ ଓ ସମତା ଚାହେ ନାହିଁ? ସମସ୍ତେ ଆମ୍ଭେ ଚାହୁଁଛୁ ଏଇ ବସ୍ତୁ, କିନ୍ତୁ କେବେ ମିଳୁଛି, କେବେ ଅଳ୍ପ ମିଳୁଛି, କେବେ ଆଦୌ ମିଳୁ ନାହିଁ।"

ଫେରେ ମୁଁ ପଚାରିବି? "କାହିଁକି ଏପରି ହେଉଛି, ଆମେ ଯାହା ଅଭୀପ୍ସା କରୁଛୁ, ଚାହୁଁଛୁ, ଯାହାପାଇଁ ଦେଶେ ଦେଶେ, ଯୁଗେ ଯୁଗେ ମାନବ-ସମାଜ ଆଶା ବାନ୍ଧିଛି, ଯାହାର ସନ୍ଧାନ କରିଛି, ଖୋଜୁଛି, ତାକୁ ପାଉ ନାହିଁ କାହିଁକି?"

ସମ୍ଭବତଃ ତୁମେ ଏହାର ଦୁଇଟା ଜବାବ ଦେଇପାରିବ :-

(୧) ହୁଏତ ଏହିସବୁ ମନୁଷ୍ୟ ଜୀବନରେ କଳ୍ପନା-କବିର କବିତା, ମାୟାବିନୀର ଗାଳ୍ପଗଳ୍ପ, ପୌରାଣିକ ଇତିକଥା... ମନୁଷ୍ୟ ଜୀବନରେ ଏହା ଘଟେ ନାହିଁ... ଇତ୍ୟାଦି ଇତ୍ୟାଦି।

(୨) ହୁଏତ ମନୁଷ୍ୟ ଏସବୁର ଯୁଗେ ଯୁଗେ ସନ୍ଧାନ କରିଛି କିନ୍ତୁ ତାକୁ ପାଇବା ନିମିତ୍ତ ଏ ପର୍ଯ୍ୟନ୍ତ ରାସ୍ତା ଖୋଜି ପାଇନାହିଁ- ଲକ୍ଷ୍ୟ ସିଦ୍ଧି ନିମିତ୍ତ ଯଦି ଉପଯୁକ୍ତ ମାର୍ଗର ସନ୍ଧାନ ମିଳନ୍ତା ତେବେ ମନୁଷ୍ୟ ଏସବୁର ଅଧିକାରୀ ହୋଇପାରନ୍ତା।

ତୁମ ଜବାବର ପ୍ରଥମ ଯୁକ୍ତିକୁ ପରୀକ୍ଷା କରିବା :

ଜୀବନରେ ସୁଖ, ଶାନ୍ତି, ସମତା, ସମନ୍ୱୟ, ଐକ୍ୟ, ଅମରତ୍ୱ, ଶକ୍ତି, ଜ୍ୟୋତି, ଆନନ୍ଦ, ଲାଭ କରିବା ନିମିତ୍ତ ଆକାଙ୍କ୍ଷିତ ହେବା କ'ଣ ମିଥ୍ୟା? ଏପରି ମିଥ୍ୟାର ରାଜତ୍ୱ ଆଦିମ କାଳରୁ କାହିଁକି ଚାଲିଆସିଛି, କାହିଁକି ଏପରି ମିଥ୍ୟା କଳ୍ପନା ଘେନି ମନୁଷ୍ୟ ବ୍ୟସ୍ତ?

ଉଦାହରଣତଃ : ବୈଦିକ ଋଷିକଣ୍ଠରୁ ନିସୃତ ଗୋଟିଏ ମହାନ୍ ମନ୍ତ୍ର ଅର୍ଥ ଦେଖ :

ଉଦ୍‌ବୟଂ ତମସସ୍ପରି ଜ୍ୟୋତିଷ୍ପଶ୍ୟନ୍ତ ଉତ୍ତରମ୍
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍।

(ଋଗ୍‌ବେଦ)

ଅର୍ଥାତ୍, "ଅନ୍ଧକାର ଊର୍ଦ୍ଧ୍ୱରେ ସେହି ମହତ୍ତର ଜ୍ୟୋତିକୁ ଦର୍ଶନ କରି ଆମ୍ଭେମାନେ ଭାଗବତ ତତ୍ତ୍ୱର ସେହି ଦିବ୍ୟସୂର୍ଯ୍ୟ, ସର୍ବୋତ୍ତମ ଜ୍ୟୋତି ନିକଟକୁ ଆସିଅଛୁ।"

ଋଷିକଣ୍ଠ-ନିସୃତ ଅନ୍ୟ ଏକ ମହାନ୍ ଦିବ୍ୟ-ବାଣୀର କଥା ଶୁଣ :

"ଆଦିତ୍ ତେ ବିଶ୍ୱେ, କ୍ରତୁଂ ଜୁଷନ୍ତ
ଶୁକାଦ୍ ଯଦ୍ ଦେବ, ଜୀବୋ, ଜନିଷ୍ଠାଃ।
ଭଜନ୍ତି ବିଶ୍ୱେ, ଦେବତ୍ୱଂ ନାମ
ଋତଂ ସପନ୍ତୋ ଅମୃତମେବୈଃ।। (ଋଗ୍‌ବେଦ)

ଅର୍ଥାତ୍, "ତୁ (ମନୁଷ୍ୟ) ଶୁଷ୍କ ବୃକ୍ଷ (ଜଡ) ମଧ୍ୟରୁ ଜୀବନ୍ତ ଭଗବାନ ରୂପେ ଆବିର୍ଭୁତ ହୋଇଅଛୁ, ସମସ୍ତେ ତୋର ସଙ୍କଳ୍ପ ସ୍ୱୀକାର କରନ୍ତୁ, ସେମାନେ ସମସ୍ତେ ସେହି ଦିବ୍ୟତ୍ୱ ପ୍ରାପ୍ତ କରନ୍ତୁ, ତୋ ସଙ୍ଗେ ଗତି କରି ସତ୍ୟ-ଚେତନା ଓ ଅମୃତର ଅଧିକାରୀ ହୁଅନ୍ତୁ। ମନୁଷ୍ୟ ଭଗବାନଙ୍କ ରୂପରେ ଆବିର୍ଭୂତ, ସେ ଦିବ୍ୟତ୍ୱ, ଅମୃତତ୍ୱ ଓ ସତ୍ୟ-ଚେତନା ପ୍ରାପ୍ତକରୁ"- ଏହାହିଁ ଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି- କାରଣ "ଅମୃତସ୍ୟ ପୁତ୍ରାଃ ସର୍ବେ।"

ଉପନିଷଦରୁ ଆଉ ଗୋଟିଏ ଉଦାହରଣ ଦେଖ :

"ହିରଣ୍ମୟେ ପରେ କୋଷେ ବିରଜଂ ବ୍ରହ୍ମ ନିଷ୍କଳମ୍।
ତଚ୍ଛୁଭ୍ରଂ ଜ୍ୟୋତିଷାଂ ଜ୍ୟୋତିସ୍ତଦ୍ ଯଦାତ୍ମବିଦୋ ବିଦୁଃ।।"
(ମୁଣ୍ଡକୋପନିଷଦ୍)

ଅର୍ଥାତ୍, "ହିରଣ୍ମୟ କୋଷ ମଧ୍ୟରେ ନିଷ୍କଳଙ୍କ ଓ ଅଖଣ୍ଡରୂପେ ବ୍ରହ୍ମ ବିଦ୍ୟମାନ୍। ସେ ଭାସ୍ୱର, ଜ୍ୟୋତିମାନଙ୍କ ମଧ୍ୟରେ ଜ୍ୟୋତି, ଆତ୍ମଜ୍ଞାନୀମାନେ ଏହାଙ୍କୁ ଜାଣନ୍ତି।"

ଏହିପରି ବେଦ, ଉପନିଷଦ, ଗୀତା, ତନ୍ତ୍ର, ଭାରତୀୟ ଷଡ଼୍‌ଦର୍ଶନ, ତା'ର ପରମ୍ପରା, ସଂସ୍କୃତି, ଐତିହ୍ୟ, କାବ୍ୟ, କଳା ପ୍ରଭୃତି କ୍ଷେତ୍ରରୁ ଅସଂଖ୍ୟ ଉଦାହରଣ ମିଳିବ ଯାହା ପ୍ରମାଣ କରିବ ଯେ ମନୁଷ୍ୟର ଜୀବନ ଦୁର୍ବଳ, ଦୁଃସ୍ଥ, କ୍ଷୁଦ୍ର, ଦୁଃଖଗ୍ରସ୍ତ, ସୀମିତ, ଅଜ୍ଞାନ ଅନ୍ଧକାରମୟ ବା ଅଜ୍ଞାନାଚ୍ଛନ୍ନ ନୁହେଁ। ଏପରି ବ୍ୟକ୍ତି ଅଛନ୍ତି ଓ ଥିଲେ ଯେଉଁମାନେ ଆତ୍ମଜ୍ଞାନୀ, ମହାମାନବ, ମହାପୁରୁଷ, ଦିବ୍ୟ ଐଶ୍ୱର୍ଯ୍ୟ-ଯୁକ୍ତ, ବିଭୂତି, ଅବତାର ଓ ସିଦ୍ଧପୁରୁଷ।

ପାଶ୍ଚାତ୍ୟ ଦର୍ଶନରେ ମହାମତି ପ୍ଲାଟୋ ଏହିପରି ଏକ ମହାନ୍ ସତ୍ୟର ଉପଲବ୍ଧି କରି ଏକ ସ୍ୱର୍ଗରାଜ୍ୟର କଳ୍ପନା କରିଥିଲେ। ତାଙ୍କର ମହାଗ୍ରନ୍ଥ 'Republic' ର ,ଗୋଟିଏ ସ୍ଥାନରେ ସତ୍ୟର ଦର୍ଶନ କରି ପ୍ଲାଟୋ ବିସ୍ମିତ ହୋଇ କହୁଛନ୍ତି,- "What a wonder of beauty that must be which is the author of Science and Truth..." ଅର୍ଥାତ୍, "ସେହି ମହାନ୍ ସତ୍ୟ କିପରି ଅପରୂପ ସୌନ୍ଦର୍ଯ୍ୟ ହୋଇ ନ ଥିବ, ଯାହା ବିଜ୍ଞାନ ଓ ପାର୍ଥିବ ସତ୍ୟର ମୂଳ ଉତ୍ସ..."

ଖ୍ରୀଷ୍ଟଙ୍କ ମହାକାବ୍ୟର କଥା ଶୁଣ :

"The kingdom of God is within you."- "ଭଗବତ୍ ରାଜ୍ୟ, (ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣଶକ୍ତି, ପୂର୍ଣ୍ଣଆନନ୍ଦର ରାଜ୍ୟ) ତୁମ୍ଭମାନଙ୍କ ଅନ୍ତରରେ ରହିଛି।"

ଯେ କୌଣସି ଦେଶରୁ, ଯେ କୌଣସି ସମୟରେ, ଯେ କୌଣସି କ୍ଷେତ୍ରରେ ତୁମେ ବରାବର ଦେଖିବାକୁ ପାଇବ ମନୁଷ୍ୟ ପୂର୍ଣ୍ଣତା, ଜ୍ଞାନ, ଶକ୍ତି, ଜ୍ୟୋତି ଓ ଆନନ୍ଦ ଆଡ଼କୁ ଯିବାକୁ ସତତ ଉଦ୍‌ବିଗ୍ନ। କେବଳ ତତ୍କାଳୀନ ଛାତ୍ର ନଚିକେତା ଯମଠାରୁ ମୃତ୍ୟୁର ରହସ୍ୟ ଜାଣିବାକୁ ଚାହି ନ ଥିଲା, ଆମ୍ଭେମାନେ ମଧ୍ୟ ମୃତ୍ୟୁର ରହସ୍ୟ ଉଦ୍ଘାଟନ କରି ଅମରତ୍ୱ ପାଇଁ ଅଭୀପ୍ସା କରୁଛୁ।

ତେବେ, ଏସବୁ ମନୁଷ୍ୟ ଜୀବନର କଳ୍ପନା ହେବ କିପରି? ଏହାର ପଛରେ ମନୁଷ୍ୟର ଉଦ୍ୟମ, ପ୍ରଚେଷ୍ଟା, ଆପ୍ରାଣ ଅଭୀପ୍ସା ଓ ନିରଳସ, ନିବିଷ୍ଟ ସଙ୍କଳ୍ପ, ପ୍ରତ୍ୟୟ ଓ ଆକାଂକ୍ଷା ରହିଛି। ଏହା ମିଥ୍ୟା ହେବ କିପରି? କେହି ଯଦି କହେ, "ତୁମେ ଗତକାଲି ଗୋଟିଏ ସୁନାର ଘୋଡ଼ା ଉପରେ ବସି ଆକାଶ ମାର୍ଗରେ ଉଡୁଥିଲ, ଆଉ ତୁମ ଦେହରେ ଚତୁର୍ଦ୍ଦିଗସ୍ଥ ନୀଳ ମେଘମାଳାରୁ ରଜତଧବଳ ଶୁଭ୍ର ହୀରକଖଣ୍ଡ ବୃଷ୍ଟି ହୋଇ ଏ ପୃଥିବୀକୁ ଉଦ୍‌ଭାସିତ କରୁଥିଲା", ତେବେ ତୁମେ ହଠାତ୍ ଏପରି କଳ୍ପନାର ଚାତୁରୀ ଦେଖି ବଡ଼ ଜୋରରେ ହସି ଉଠିବ। କିନ୍ତୁ ମନୁଷ୍ୟ ଜୀବନରେ ନିରଳସ ଶାନ୍ତି, ସୁଖ, ତୃପ୍ତି, ଆନନ୍ଦ, ଐକ୍ୟ, ଜ୍ଞାନ ଓ ଶକ୍ତି ଲାଭ କରିବାପାଇଁ ପ୍ରଯତ୍ନ କରିବା ଏବଂ ତାହାକୁ ପ୍ରାପ୍ତ କରିବାର ସଙ୍କଳ୍ପକୁ ଆମେ କେବଳ ନିଚ୍ଛକ କଳ୍ପନା, ଆକାଶ-କୁସୁମ, ମରୀଚିକା ବୋଲି କହିବା କିପରି?...ଏହିପରି ଅନେକ ଯୁକ୍ତିଦ୍ୱାରା ଦେଖାଇଦେଇ ହେବ ଯେ ସୁସ୍ଥ ଓ ନିର୍ମଳ ଜୀବନ, ସୁନ୍ଦର ଓ ସବଳ ଜୀବନ, ପ୍ରଜ୍ୱଳ ଓ ଆନନ୍ଦମୟ ଜୀବନ କଳ୍ପନା ନୁହେଁ। ବର୍ତ୍ତମାନ ତାହାର ବିପକ୍ଷରେ ସବୁ ଯୁକ୍ତିକୁ ବାଦଦେଇ ତାର ଅନୁସନ୍ଧାନ ଓ ସିଦ୍ଧିର ଉପାୟ ଖୋଜିବା।

ତେବେ ଏକଥା ସ୍ୱୀକାର୍ଯ୍ୟ ଯେ ଆମେ ଯେଉଁ ସୁସ୍ଥ, ନିର୍ମଳ, ଆନନ୍ଦମୟ, ସାମର୍ଥ୍ୟଯୁକ୍ତ, ଅମର ଜୀବନ କାମନା କରୁଛୁ, ତାହା ଲାଭ କରିବାର ଉପାୟ ପାଇନାହୁଁ। ତୁମେ ପଚାରିବ "ଏପରି ଜୀବନ ଲାଭ କରିବାର ଉପାୟ ଅଛି କି ?"

"ହଁ ନିଶ୍ଚୟ ଅଛି।"

"କ'ଣ ବର୍ତ୍ତମାନ ଜୀବନରେ ତା ସମ୍ଭବ?"

"ହଁ, ନିଶ୍ଚୟ ସମ୍ଭବ।"

"କ'ଣ ବର୍ତ୍ତମାନ ଜୀବନ ଯେପରି ଅଛି ସେହିପରି ରହିବ ଅଥଚ ଆମେ ସ୍ୱର୍ଗରାଜ୍ୟର ଅଧିକାରୀ ହେବା, ବିନା ଉଦ୍ୟମରେ, ବିନା ପରିଶ୍ରମରେ?"

"ଏହା କେବେ ବି ସମ୍ଭବ ନୁହେଁ।"

ବର୍ତ୍ତମାନ ଜୀବନ ଯେପରି ଅଛି ତାହାର ଆବଶ୍ୟକ ଏକ ଆମୂଳ-ଚୂଳ ରୂପାନ୍ତର, ସମ୍ପୂର୍ଣ୍ଣ ପରିବର୍ତ୍ତନ। ଏ ଜୀବନ ଅଜ୍ଞାନତା ଓ ପଶୁତ୍ୱରେ ପରିପୂର୍ଣ୍ଣ। ବର୍ତ୍ତମାନ ମନୁଷ୍ୟ ଅର୍ଦ୍ଧପଶୁ ଓ ଅର୍ଦ୍ଧମାନବ। କିନ୍ତୁ ସେ ହେବାକୁ ଚାହେ ଦିବ୍ୟ, ସତ୍ ଓ ଶୁଦ୍ଧ। ତାକୁ ଛାଡ଼ିବାକୁ ହେବ ତା'ର ପଶୁତ୍ୱ, ଛାଡ଼ିବାକୁ ହେବ ତାର ମାନବତ୍ୱ, ହେବାକୁ ହେବ ଅତି-ମାନବ, ଦିବ୍ୟ-ମାନବ- ଏହି 'ଅତି-ମାନବ' ହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣସାମର୍ଥ୍ୟ ଓ ପୂର୍ଣ୍ଣ ଆନନ୍ଦର ଅଧିକାରୀ। ଏହି 'ଅତି-

ମାନବ' ଦିବ୍ୟ-ପୁରୁଷ, ସେହିଁ ଆଗାମୀ ମାନବ-ସମାଜର ପଥଦ୍ରଷ୍ଟା, ଅଗ୍ରଗାମୀ ଦେବଦୂତ, ନୂତନ ଜଗତର ପରମତତ୍ତ୍ୱ। ଅତି-ମାନସ ଦିବ୍ୟ-ଶକ୍ତି ବଳରେ ମନୁଷ୍ୟ ଜୀବନର ଆମୂଳ ରୂପାନ୍ତର ହେଲେ ଆମ୍ଭେମାନେ ଯେଉଁ ଲକ୍ଷ୍ୟର କଥା ଉଲ୍ଲେଖ କରିଛୁ, ତାହା ଲାଭ ହେବ।

ତେବେ, ତୁମ୍ଭେମାନେ କହିବ, "ଏସବୁ ତ' ବହୁତ ଦୂରର କଥା, ବହୁବର୍ଷବ୍ୟାପୀ ସାଧନାର କଥା। ଆମେ ପାରିବୁ କି ନାହିଁ କିଏ ଜାଣେ ? ବର୍ତ୍ତମାନ ଆମେ କ'ଣ କରିବୁ ଯଦ୍ଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପାରିବୁ- ଆଜି ଆମକୁ ସେହି କଥା କୁହନ୍ତୁ। ଏସବୁ ବିଷୟ ଶୁଣିବାକୁ ଯେମିତି ରୁଚିକର ବୋଧ ହେଉଛି ସେହିପରି ଅସମ୍ଭବ ମଧ୍ୟ ବୋଧ ହେଉଛି।"

ବେଶ୍, ତୁମ୍ଭମାନଙ୍କୁ ଯାହା କରିବାକୁ ହେବ ତା ସଂକ୍ଷେପରେ କହୁଛି। ପ୍ରଥମରୁ କିନ୍ତୁ ଗୋଟାଏ କଥା ମନେରଖ ଅସମ୍ଭବ ବୋଲି କୌଣସି କଥା ନାହିଁ। 'ଏସବୁ ଅସମ୍ଭବ', ଏକଥା ମନରୁ ଏକବାରେ ପୋଛି ପକାଅ। ସବୁହିଁ ଏ ପୃଥିବୀରେ ସମ୍ଭବ, ନିଶ୍ଚୟ ସମ୍ଭବ। ଦ୍ୱିତୀୟତଃ ମୁଁ ଯାହା କହୁଛି ତାହା ପାଇଁ ବେଶୀ ବର୍ଷ ଲାଗିବ ନାହିଁ, ସିଦ୍ଧି କରିବାକୁ, ତପସ୍ୟା କରିବାକୁ ପଡ଼ିବ ନାହିଁ। କାରଣ, ତୁମର ଏହି ଉଚ୍ଚତର ଜୀବନ ପାଇଁ ପ୍ରେରଣା ଯେତିକି ତୀବ୍ର, ଅଗ୍ନିମୟ, ଅଖଣ୍ଡ ହୋଇ ଉଠିବ, ଏହାକୁ ସିଦ୍ଧି କରିବାର ସମୟ ସେତିକି ପାଖେଇ ଆସିବ, ସେତିକି ଊଣା ହୋଇଯିବ। ତେବେ ଶୁଣ : ତୁମେ ସଙ୍କଳ୍ପ କର, "ଆମେ ଚାହୁଁ ମହାନ୍ ଆନନ୍ଦମୟ ଦିବ୍ୟ-ଜୀବନ" - ଏହି ସଙ୍କଳ୍ପରେ ତୁମେ ଦୃଢ଼ ହୁଅ ଏକନିଷ୍ଠ ହୁଅ, ପ୍ରତ୍ୟହ ସନ୍ଧ୍ୟା ଓ ସକାଳରେ ବାରମ୍ବାର ନିଜ ସମ୍ମୁଖରେ ଏହି ଲକ୍ଷ୍ୟ, ଏହି ଆଦର୍ଶ ଏହି ସାଧନାକୁ ରଖ। "ମୁଁ ଅତୀତର ସାଧାରଣ ଜୀବନ ଚାହେ ନାହିଁ, ଚାହେ ଭବିଷ୍ୟତରେ ପୂର୍ଣ୍ଣ, ଜ୍ଞାନମୟ ଦିବ୍ୟ-ଜୀବନ, ସକଳ ଅନ୍ଧକାର ଓ ମୂଢ଼ତା ବିରୁଦ୍ଧରେ ମୁଁ ଯୁଦ୍ଧ କରି ବିଜୟୀ ହେବି, ଭଗବାନ ମୋତେ ଏହି ଶକ୍ତି ଦିଅ, ସାହାସ ଦିଅ, ସଦ୍‌ବୁଦ୍ଧି ଓ ଜ୍ଞାନ ଦିଅ।"

ପ୍ରିୟ ବନ୍ଧୁଗଣ, ଆଜି ଯାହାଙ୍କ ଜନ୍ମୋତ୍ସବରେ ଏହି ଉଦ୍ଦୀପନାମୟ ସରସ ଅମର କଥା ଗୁଡିକ ତୁମ୍ଭମାନଙ୍କୁ କହିଯାଉଛି ସେହିଁ ହେଲେ ଶ୍ରୀମା- ଭଗବତୀ ଜନନୀ; ଦିବ୍ୟ ଶକ୍ତି, ଦିବ୍ୟ-ଜ୍ଞାନ, ଜ୍ୟୋତି ଓ କରୁଣାର ସାକ୍ଷାତ୍ ମୂର୍ତ୍ତି, ପୂର୍ଣ୍ଣାବତାର। ତୁମ୍ଭମାନଙ୍କ ପରି ବହୁ ଛୋଟ ଛୋଟ ଓ ଶିଶୁମାନଙ୍କୁ ଧରି ମା ଆଜି ଏକ ନୂତନ-ଜୀବନ ଓ ନୂତନ-ସମାଜ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ସେମାନଙ୍କୁ ସେ ଅକ୍ଳାନ୍ତ ପରିଶ୍ରମ, ଅସୀମ ପ୍ରେମ ଓ ଆଦରରେ ଗଢିତୋଳୁଛନ୍ତି ନୂତନ-ମାନବ ଜାତିର Nucleus ବା କେନ୍ଦ୍ର-ବସ୍ତୁ ରୂପେ। ଦିନ ଆସିବ ଯେତେବେଳେ ସମଗ୍ର ମାନବ ସମାଜରେ ଏହି ଆଦର୍ଶ ବ୍ୟାପୀ ଯିବ, ଆଉ ସେତେବେଳେ ସମସ୍ତେ ଦେଖିପାରିବେ ଯେ ଏକ ମହାନ୍ ଉଚ୍ଚତର ଦିବ୍ୟ ଜୀବନ ଏ ପୃଥିବୀରେ ସ୍ଥାପିତ ହୋଇଛି।

ଆଉ କେତୋଟି କଥା କହି ଆଜିର ବକ୍ତବ୍ୟଟି ଶେଷ କରିବି। ଆଶାକରେ ତୁମ୍ଭମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟି ନାହିଁ। ଦେଖୁଛି ଯେ ତୁମ୍ଭେମାନେ ବାରମ୍ବାର ମତେ ପ୍ରଶ୍ନ କରିବାକୁ ଉଦ୍ୟତ, ତୁମେ ଚାହୁଁଛ କିଛି ବାସ୍ତବ (concrete) ପ୍ରେରଣା, ଉପଦେଶ ବା ସୂଚନା, ଯଦ୍ଦ୍ୱାରା ତୁମେ ଛାତ୍ର-ଜୀବନରେ ଏହି ମହାନ ଜୀବନ ନିମିତ୍ତ ଆଗେଇ ଯିବ। ଏବେ ତାହା ଶୁଣ : ତୁମର ଲକ୍ଷ୍ୟ କଥା ଆଗରୁ କହିଛି " ପୂର୍ଣ୍ଣଜ୍ଞାନମୟ ଆନନ୍ଦମୟ ମହାନ୍-ଜୀବନ" । ଏହାକୁ ଯଦି ଅନ୍ୟ ଭାଷାରେ ପ୍ରକାଶ କର, ତେବେ କୁହାଯିବ ଆମେ ଚାହୁ ବ୍ୟକ୍ତିତ୍ୱର ଚରମ ଉନ୍ନତି, ସର୍ବାଙ୍ଗୀନ ପୂର୍ତ୍ତି, ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା। ଆମ ବ୍ୟକ୍ତିତ୍ୱର ଅର୍ଥ କ'ଣ ? ଆମ ବ୍ୟକ୍ତିତ୍ୱର ଚାରୋଟି ଅଙ୍ଗ ଅଛି : ପ୍ରଥମତଃ,-ଶରୀର, ଦ୍ୱିତୀୟତଃ ପ୍ରାଣ, ତୃତୀୟତଃ ମନ, ଚତୁର୍ଥତଃ ଅନ୍ତରାତ୍ମା ବା ଚୈତ୍ୟ-ପୁରୁଷ। ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତି ନିମିତ୍ତ ପୂର୍ଣ୍ଣାଙ୍ଗ ଶିକ୍ଷା ଆବଶ୍ୟକ। ଏହି ଶିକ୍ଷାରେ ଶରୀର ହେବ ସୌନ୍ଦର୍ଯ୍ୟର ପ୍ରକାଶଭୂମି ଅର୍ଥାତ୍ ଶରୀରରେ ପୂର୍ଣ୍ଣ ସୌନ୍ଦର୍ଯ୍ୟ, ସୁଷମା ଓ ସାମଞ୍ଜସ୍ୟ ପ୍ରକାଶିତ ହେବ। ପ୍ରାଣ ହେବ ସାମର୍ଥ୍ୟ ଓ ଶକ୍ତିର କ୍ଷେତ୍ର। ମନ ହେବ ଦିବ୍ୟ-ଜ୍ଞାନର କ୍ଷେତ୍ର। ଚୈତ୍ୟ-ପୁରୁଷ ହେବେ ପ୍ରେମ ଓ ଭକ୍ତି କ୍ଷେତ୍ର। ଏଥିପାଇଁ ଛାତ୍ରକୁ ଉଦ୍ୟମ କରିବାକୁ ହେବ।

୧। ଶରୀର-କ୍ଷେତ୍ରରେ ପ୍ରତ୍ୟହ ଗ୍ରହଣ କରିବାକୁ ହେବ ଏକ ସୁସଂଯତ ସୁଶିକ୍ଷିତ, ସୁଶୃଙ୍ଖଳ ବିଧିବଦ୍ଧ ବ୍ୟାୟାମ, କସରତ୍...। ସୁତରାଂ ଯଦି ତୁମ୍ଭେମାନେ ପୂର୍ଣ୍ଣାଙ୍ଗ ଜୀବନର ଅଧିକାରୀ ହେବାକୁ ଇଚ୍ଛା କର ଶରୀର-ଚର୍ଚ୍ଚା ପ୍ରତି ବରାବର ମନୋଯୋଗ ଦିଅ। ପ୍ରତ୍ୟହ ସ୍କୁଲ ପଢା ସଙ୍ଗେ ସଙ୍ଗେ ଯଥାନିର୍ଦ୍ଦିଷ୍ଟ ଖେଳାଧୂଳା, ଫୁଟ୍‌ବଲ, ଟେନିସ୍, ଭଲିବଲ୍, ଦୌଡ଼ାଦୌଡ଼ି, ଭ୍ରମଣ, Athelatics, ଇତ୍ୟାଦି କର।

୨। ପ୍ରାଣ କ୍ଷେତ୍ରରେ ଯେଉଁ ଶିକ୍ଷା ଦିଆଯାଏ ତାହା କଠିନ୍ ହେଲେ ମଧ୍ୟ ଦୁଃସାଧ ନୁହେଁ। ତୁମକୁ ତୁମର ଇନ୍ଦ୍ରିୟଗଣକୁ ରୁଚିବୋଧ ଓ ସୌନ୍ଦର୍ଯ୍ୟବୋଧର ଶିକ୍ଷା ଦେବାକୁ ହେବ। ଇଂରାଜୀରେ ଯାହାକୁ କହନ୍ତି refined taste ମାର୍ଜିତ-ରୁଚି ହେବାକୁ ହେବ। ଯାହା କୁତ୍ସିତ, କଦାକାର, ବୀଭତ୍ସ, ନୀଚ, ନିମ୍ନବୃତ୍ତିର ପ୍ରେରକ, ତାକୁ ବରାବର ବର୍ଜନ କର। ଖରାପ ଉପନ୍ୟାସ, କୁତ୍ସିତ ସିନେମା ଚିତ୍ର, ଜଘନ୍ୟ, ନିମ୍ନ ଓ ଅପରିଣତ ବୃତ୍ତିର କୁଚିନ୍ତା ଓ ବିଭ୍ରାନ୍ତି ବରାବର କଷ୍ଟେମଷ୍ଟେ ବର୍ଜନ କର। କଳହ, ଦ୍ୱନ୍ଦ୍ୱ, ମିଥ୍ୟା-ଗର୍ବ, ଅଭିମାନ, ଯେତେଦୂର ପାର ଛାଡି ଦିଅ। ଏହିସବୁ କ୍ଷୁଦ୍ର ଜିନିଷକୁ ପିଲାଦିନୁ ଛାଡ଼ିବା ସହଜ, ବଡ଼ ହେଲେ ଛାଡ଼ିବା କଠିନ୍। ତୁମ୍ଭେମାନେ ଅଳ୍ପ ବୟସ୍କ, ଇଚ୍ଛାକଲେ ଶୁଦ୍ଧ ସୁବର୍ଣ୍ଣତୁଲ୍ୟ ଜକ୍ ଜକ୍ ଓ ଉଜ୍ଜ୍ୱଳ ହୋଇଉଠିବ। ପ୍ରାଣର ଯଥାଯଥ ସଞ୍ଜମ ଓ ଶୃଙ୍ଖଳା ସାଧନାରେ ଚରିତ୍ର ଗଠିତ ହୁଏ। ଅନେକ ଛାତ୍ର ବଡ଼ ଉଦ୍ଧତ, ଦୁଷ୍ଟ କିନ୍ତୁ ଖୁବ୍ ଶକ୍ତିଶାଳୀ ଓ ବୁଦ୍ଧିମାନ୍। ଏମାନଙ୍କୁ ନିୟମ କରିବାକୁ ହେବ ଯେ ସେମାନେ ଯେପରି ତାଙ୍କର ବୁଦ୍ଧିକୁ ଭଲ କାମରେ ଲଗାନ୍ତି। ଜନକଲ୍ୟାଣ ସାଧନ କରିବା, ସେବାଦଳ ଗଠନ

କରିବା ବିପଦଗ୍ରସ୍ତ ପରିବାର ବା ବ୍ୟକ୍ତିକୁ ସାହାଯ୍ୟ କରିବା ଇତ୍ୟାଦି ଏହି ସବୁ ଛାତ୍ରଙ୍କର କାର୍ଯ୍ୟ ହେବା ଉଚିତ। ସତ୍-ଚରିତ୍ର ଓ ସତ୍-ପ୍ରକୃତି ପାଠ ପଢା ଉପରେ ନିର୍ଭର କରେ ନାହିଁ। ତୁମ ହୃଦୟ ଯେପରି ନିର୍ମଳ ଓ ପବିତ୍ର ରହେ ତାହା ଦେଖିବ ଓ ସେଥିପାଇଁ କଠିନ ଉଦ୍ୟମ କରିବ। ନିଜକୁ କେବେ ବି ଠକିବ ନାହିଁ।

୩। ମନର ଶିକ୍ଷା : ତାହା ତୁମ କ୍ଲାସମାନଙ୍କରେ ପ୍ରତ୍ୟହ ହୁଏ। ଗଣିତ, ଇଂରାଜୀ, ଭୂଗୋଳ, ଇତିହାସ ଇତ୍ୟାଦି ଯାହାକିଛି ଶିକ୍ଷା ଦିଆଯାଏ ତାହା ତୁମର ଜ୍ଞାନର ପରିସର ବୃଦ୍ଧି ନିମିତ୍ତ। ତାହା ମନୋଯୋଗ ସହ ପଢିବ- ଏ ଦିଗରେ ବୃଥା ସମୟ ନଷ୍ଟ ନ କରି ନିଜ ପାଠ ପଢିବାକୁ ଚେଷ୍ଟା କରିବ। ଦେଖିବ ଯେ ତୁମର, ଏସବୁ ଶିକ୍ଷାରେ ମନ ଲାଗିଯାଉଛି। ଏ ବିଷୟରେ ବେଶୀକିଛି କହିବା ଆବଶ୍ୟକ ମନେ କରୁନାହିଁ,।

୪। ଶେଷରେ ହେଲା ଅନ୍ତରାତ୍ମିକ ଶିକ୍ଷା, ଚୈତ୍ୟ-ପୁରୁଷଙ୍କ ବିକାଶ ଓ ଉନ୍ମୀଳନ ନିମିତ୍ତ ସବୁଭାବରେ ଚେଷ୍ଟା କରିବାକୁ ହେବ। ମନେରଖିବ, ଆମ ଭିତରେ ଭଗବାନଙ୍କ ପ୍ରତିଭୂ ଅଛନ୍ତି। ଆମ୍ଭେମାନେ ପ୍ରତ୍ୟେକ ମୂଳ ସତ୍ତାରେ ଶାଶ୍ୱତ, ଦିବ୍ୟ ଓ ଅଖଣ୍ଡ; ଅନନ୍ତ କାଳରୁ ବହୁ ଜନ୍ମ ମଧ୍ୟଦେଇ ଆସିଛୁ ଆଉ ଭଗବତ୍ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ଆମକୁ ହୁଏତ ବହୁ ଜନ୍ମ ନେବାକୁ ହେବ। ଆମର ଅକ୍ଷୟ ଅମର ସତ୍ତାହିଁ ହେଲେ ଚୈତ୍ୟ ପୁରୁଷ। ସେ ଆମ ଅନ୍ତରରେ ଜ୍ୟୋତିରୂପେ, ଖାଣ୍ଟି ପ୍ରେମ ଓ ଆନନ୍ଦ ରୂପେ ରହିଛନ୍ତି। ମନ-ପ୍ରାଣ-ଶରୀର ଏହାଙ୍କର ବାହନ ମାତ୍ର। କିନ୍ତୁ ଏହି ସତ୍ତା ପରଦାର ଉହାଡରେ ଥିବାରୁ ବାହାରକୁ ଆସି ପାରନ୍ତି ନାହିଁ। ଏହି ସତ୍ତାଙ୍କ ମୁକ୍ତି ନିମିତ୍ତ ଏବଂ ତାଙ୍କୁ ଆମର କର୍ମର ଚାଳକ ଓ ନିର୍ଦ୍ଦେଶକ କରିବା ନିମିତ୍ତ ପ୍ରତ୍ୟହ ଦୁଇବେଳା କିଛି ସମୟ ପ୍ରାର୍ଥନା କରିବ। ସମ୍ଭବ ହେଲେ କିଛି ସମୟ ଧ୍ୟାନ କରିବ। ନୀରବରେ ହୃଦକେନ୍ଦ୍ରରେ ଧ୍ୟାନ କରିବ। ପ୍ରତ୍ୟହ ଶୋଇବା ବେଳେ ନିଦ୍ରା ଯେପରି ନିର୍ମଳ, ଅବିକୃତ ଓ ଗାଢ ହୁଏ ସେଥିପାଇଁ ପ୍ରାର୍ଥନା କରି ଶୋଇବ। ଖାଦ୍ୟ ଗ୍ରହଣ ସମୟରେ ଖାଦ୍ୟ ଭଗବାନଙ୍କୁ ଅର୍ପଣ କରି ଭୋଜନ କରିବ। ସ୍ନାନ, ଭୋଜନ, ଶୟନ, ପଠନ ଇତ୍ୟାଦି ପ୍ରତ୍ୟେକ କର୍ମରେ ଭଗବାନଙ୍କୁ ସ୍ମରଣ କରି ଏକ ଶୁଦ୍ଧ ଓ ଦୃଢ ନିଷ୍ଠାସହ କରିବ। କର୍ମର ଶେଷରେ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ତାହାଙ୍କୁ ସକଳ କର୍ମଫଳ ଅର୍ପଣ କରିବ। ପରୀକ୍ଷା ଆସିଗଲେ ଭୟରେ ଅଧୀର ଓ ବ୍ୟଗ୍ର ହେବ ନାହିଁ। ଯେବେ ପରୀକ୍ଷାରେ ଭଲ ନ ହୁଏ ସେଥିରେ ବି ଉଦ୍‌ବିଗ୍ନ ହେବ ନାହିଁ। ଛାତ୍ର-ଜୀବନରେ ଉତ୍ସାହ, ଉନ୍ମାଦନା, ଲକ୍ଷ୍ୟ ହାସଲ ନିମିତ୍ତ ନିଷ୍ଠା କେବେବି ହରାଇବ ନାହିଁ। ସର୍ବଦା ଧୀର, ସ୍ଥିର, ଶାନ୍ତ ରହି ଆଗେଇ ଚାଲିବାକୁ ଚେଷ୍ଟା କରିବ। କେଉଁଠି ଭୁଲ ବା ତ୍ରୁଟି ହେଲେ ତାକୁ ସଙ୍ଗେସଙ୍ଗେ ସହାସ୍ୟ ବଦନରେ ମାନିନେବ। ତୁମେ ଜଣେ ଯଥାର୍ଥରେ ବୀର, ଯୋଦ୍ଧା, ସାହସୀ ବୋଲି ଅନ୍ତରରେ ଦୃଢ ଭାବରେ ବିଶ୍ୱାସ କରିବ। ଅନ୍ୟମାନଙ୍କ ପ୍ରତି ତୁମ ବ୍ୟବହାର ଯଥାର୍ଥ, ଭଦ୍ରୋଚିତ ଓ ବିନମ୍ରତାରେ ପୂର୍ଣ୍ଣ ହେବା ଚାହିଁ। ଚେଷ୍ଟା କର, ଦେଖିବ, ଏହା ଅଳ୍ପଦିନରେ ସମ୍ଭବ ହେବ।

ଯେଉଁମାନେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଶ୍ରଦ୍ଧା ଓ ଭକ୍ତିସହ ପୂଜା କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବେ ସେମାନେ ନିଶ୍ଚୟ ତାଙ୍କର ଜ୍ୟୋତି, ଶକ୍ତି ଓ ସାମର୍ଥ୍ୟ ପାଇବେ। ଫେର ବି, ଯେହେତୁ ଭଗବତ୍ ଶକ୍ତି ସର୍ବବ୍ୟାପୀ, ଅନ୍ୟମାନେ ମଧ୍ୟ ସେହି ଶକ୍ତିର ପ୍ରସାର ଫଳରେ ସୁଫଳ ଲାଭ କରିବେ। ସମଗ୍ର ଜଗତରେ ସେତେବେଳେ ଗୋଟାଏ ନୂତନ-ସମାଜର ସୂଚନା ମିଳିବ।

ଯାହାହେଉ ଏହି ବକ୍ତବ୍ୟରେ, ବନ୍ଧୁଗଣ, ତୁମର କର୍ମ - ପଦ୍ଧତିର ଏକ ସଂକ୍ଷିପ୍ତ ସୂଚନା ଦେଇଛି। ତୁମ ଛାତ୍ର ଜୀବନର ଏହି ସ୍ୱପ୍ନ ନିଶ୍ଚୟ ହିଁ ସାର୍ଥକ ହେବ, ଏ ବିଶ୍ୱାସ ରଖ। ଆଜି ସ୍ୱପ୍ନର ସିଦ୍ଧି ନିର୍ଭର କରୁଛି ତୁମର ନିଷ୍ଠା, ସାହସ ଉଦ୍ଦୀପନା ଉପରେ- ଜୀବନ ତୁମର ଭଗବତ ଉଦ୍ଦେଶ୍ୟରେ ଗୋଟାଏ ବିରାଟ Adventure ହେଉ। ଏହି ପବିତ୍ର ଶୁଭବାସରରେ ମା'ଙ୍କର ଅଯାଚିତ କରୁଣା ଲାଭ କର।

---

**ସାଂସାରିକ ବିଷୟ-ଜ୍ଞାନ ତୁମ କାନରେ୍ ଯେପରି୍ ବେଶୀ ମନ୍ତ୍ରଣା ନ ଦିଏ, କାରଣ, ଏହାହିଁ ହେଲା୍ ଅପ୍ରତ୍ୟାଶିତଙ୍କ ମୃତ୍ୟୁର୍ଦ୍ଧା।**

**– ଶ୍ରୀଅରବିନ୍ଦ**

---

# ଶତାବ୍ଦୀର ପ୍ରଥମ ଦଶକରେ ଶ୍ରୀଅରବିନ୍ଦ

ଅଧ୍ୟାପକ ମନୋଜ ଦାସ

ବଡ଼ଲାଟ କର୍ଜନ ପ୍ରବର୍ତ୍ତିତ ବଙ୍ଗ-ବିଭାଗ ବିରୁଦ୍ଧରେ ଯେତେବେଳେ ଦେଶବ୍ୟାପୀ ପ୍ରବଳ ବିକ୍ଷୋଭ ଦେଖାଦେଇଛି, ସେତିକିବେଳେ, ୧୯୦୫ ମସିହାର ଏକ ସନ୍ଧ୍ୟାରେ କଲିକତାର ଏକ ବିରାଟ ଜନସଭାରେ ଦେଶପ୍ରେମିକ ସୁବୋଧ ମଲ୍ଲିକ ଘୋଷଣା କଲେ ଯେ ବିଦେଶୀ ସରକାରର କାନୁନ୍ ମୁକ୍ତ ଏକ ଜାତୀୟ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ସେ ଏକ ଲକ୍ଷ ଟଙ୍କା ଦାନ କରୁଛନ୍ତି। ଉତ୍‌ଫୁଲ୍ଲ ଜନତା ସେଦିନ ସୁବୋଧ ମଲ୍ଲିକଙ୍କ ବଦାନ୍ୟତା ପାଇଁ 'ରାଜା' ବୋଲି ଅଭିହିତ କଲା। ସେବେଠାରୁ ସୁବୋଧ ମଲ୍ଲିକ ରାଜା ସୁବୋଧ ମଲ୍ଲିକ ବୋଲି ବିଦିତ-ଜନତାର ରାୟରେ 'ରାଜା' ବନିବାର ଏକ ଅନନ୍ୟ ଉଦାହରଣ।

ସୁବୋଧ ମଲ୍ଲିକ କିନ୍ତୁ ଏକ ସର୍ତ୍ତ ରଖିଥିଲେ। ସେ ଯେଉଁ ଅନୁଷ୍ଠାନ ପ୍ରତିଷ୍ଠା କରିବେ, ଶ୍ରୀଅରବିନ୍ଦ ତାହାର ଅଧ୍ୟକ୍ଷ ହେବା ଋହି। ଶ୍ରୀଅରବିନ୍ଦ ସେତେବେଳେ ବରୋଦା କଲେଜର ଉପାଧ୍ୟକ୍ଷ। ମହାରାଜ ସୟାଜୀ ରାଓ ତାଙ୍କୁ ଏଭଳି ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ଯେ ସେ ଦୀର୍ଘକାଳ ଛୁଟି ନେଇ ବଙ୍ଗ ଦେଶକୁ ଆସି ଜାତୀୟବାଦୀ ଆନ୍ଦୋଳନକୁ ଉତ୍ସାହିତ କରୁଥିଲେ ସୁଦ୍ଧା ମହାରାଜା କିଛି କହୁନଥିଲେ।

୧୯୦୬ ମସିହାରେ ଶ୍ରୀଅରବିନ୍ଦ ବରୋଦାରୁ ଇସ୍ତଫା ଦେଇ କଲିକତା ଆସିଲେ। ଅବଶ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ରୂପେ ସେ ବେଶି ଦିନ ରହି ପାରିଲେ ନାହିଁ। କାରଣ, ସେ ଆସିବା ମାତ୍ରେ ତାଙ୍କୁ କେନ୍ଦ୍ରକରି ଜାତୀୟବାଦୀ ଆନ୍ଦୋଳନ କ୍ଷିପ୍ର ଗତିରେ ଶକ୍ତି ସଞ୍ଚୟ କରିବାକୁ ଲାଗିଲା। ବିପିନ ଚନ୍ଦ୍ର ପାଲ 'ବନ୍ଦେ ମାତରମ୍' ପତ୍ରିକାର ପ୍ରତିଷ୍ଠା ଓ ସମ୍ପାଦନାରେ ତାଙ୍କର ସହାୟତା ଲୋଡ଼ିଲେ। ସହାୟତା କରିବାକୁ ଯାଇ ଶ୍ରୀଅରବିନ୍ଦ ଦେଖିଲେ ଯେ ପତ୍ରିକାର ଦାୟିତ୍ୱ ପୂରାପୂରି ତାଙ୍କରି ଉପରେ ନ୍ୟସ୍ତ ହୋଇଗଲା।

'ବନ୍ଦେ ମାତରମ୍' ର ଜନପ୍ରିୟତା ସମସ୍ତ କଳନାକୁ ଅତିକ୍ରମ କରିଗଲା। ଷ୍ଟେଟସ୍‌ମ୍ୟାନର ତତ୍କାଳୀନ ସମ୍ପାଦକ ମିଃ ରାଟକ୍ଲିପ୍ କେତେବର୍ଷ ତଳେ 'ମାଞ୍ଚେଷ୍ଟର ଗାର୍ଡିଆନ' କାଗଜରେ ଲେଖିଥିଲେ ଯେ ଭାରତୀୟ ସାମ୍ବାଦିକତାର ଇତିହାସରେ 'ବନ୍ଦେ ମାତରମ୍'ର ଆବିର୍ଭାବ ଥିଲା ଏକ ଅଭୂତପୂର୍ବ ଘଟଣା। ଶକ୍ତିଶାଳୀ ବୈପ୍ଳବିକ ଭାଷା ଓ ପ୍ରଖର ବୁଦ୍ଧିମତ୍ତାରେ ପତ୍ରିକାର ପ୍ରତି ପୃଷ୍ଠା ଥିଲା ପ୍ରଦୀପ୍ତ।

ଆଜି ଏକଥା ସ୍ୱୀକୃତ ଯେ ଶ୍ରୀଅରବିନ୍ଦ ହେଉଛନ୍ତି ଭାରତ ଜନନୀଙ୍କର ପ୍ରଥମ ସନ୍ତାନ ଯେ କି ପ୍ରକାଶ୍ୟ ଭାବରେ ଆପୋଷହୀନ ସ୍ୱାଧୀନତାର ଦାବୀ ଉପସ୍ଥାପିତ କରିଥିଲେ। ଦୃଢ଼ୀଭୂତ ସାମ୍ରାଜ୍ୟର ସେଇ ଯୁଗରେ ଏଭଳି ଦାବୀ ଉଠାଇବା ପାଇଁ ଯେଉଁ ମାତ୍ରାର ସାହସ ଓ ତ୍ୟାଗର ପ୍ରସ୍ତୁତିର ପ୍ରୟୋଜନ ଥିଲା, ଆଜି ତାହା କଳ୍ପନା କରିବା ସହଜ ନୁହେଁ। ନେତାଜୀ ସୁଭାଷ ଚନ୍ଦ୍ର ତାଙ୍କ ସ୍ମୃତି କଥାରେ ଲେଖିଛନ୍ତି : "ଯେତେବେଳେ ଅଧିକାଂଶ ନେତା ସବୁ ଦିଗ ବଞ୍ଚାଇ କେବଳ ସ୍ୱାୟତ୍ତ ଶାସନ ପର୍ଯ୍ୟନ୍ତ ଦାବୀ କରିବାକୁ ପ୍ରସ୍ତୁତ ଥିଲେ, ସେତେବେଳେ ଏକା ଶ୍ରୀଅରବିନ୍ଦ ସ୍ୱାଧୀନତାର ଉଦାତ୍ତ ଆହ୍ୱାନ ଶୁଣାଇଥିଲେ। ସମ୍ପୂର୍ଣ୍ଣ ଅବିଚଳିତ ଭାବରେ ସେ କାରାଦଣ୍ଡ ସହିଥିଲେ। ...୧୯୧୩ ରେ ଯେତେବେଳେ ମୁଁ କଲିକତା ଆସିଲି, ସେତେବେଳକୁ ଶ୍ରୀଅରବିନ୍ଦ ଏକ ଅଭାବନୀୟ ଶ୍ରଦ୍ଧାପ୍ଳୁତ ନାମ। କ୍ୱଚିତ୍ କୌଣସି ନେତାଙ୍କ ସମ୍ପର୍କରେ ଲୋକେ ଏଡ଼େ ଭାବବିହ୍ୱଳ ହୋଇ ଆଲୋଚନା କରୁଥିବେ। ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ କେତେ କାହାଣୀ ଶୁଣାଯାଉଥାଏ..."

("On the Congress Platform he had stood up as a champion of left-wing thought and a fearless advocate of independence at a time when most of the leaders, with their tongues in their cheeks, would talk only of colonial self-Government. He had undergone incarceration with perfect equanimity . . . When I came to Calcutta in 1913, Aurobindo was already a legendary figure. Rarely have I seen people speak of a leader with such rapturous enthusiasm and many were the anecdotes of this great man ...").

ଶ୍ରୀଅରବିନ୍ଦ କେବଳ ଯେ ସ୍ୱାଧୀନତାର ଆଦର୍ଶରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ, ସେତିକି ନୁହେଁ, ସେ ଦିଗରେ ଆନ୍ଦୋଳନ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ଅନୁସୃତ ହେବା ଆବଶ୍ୟକ, ସେସବୁ ମଧ୍ୟ ଉପସ୍ଥାପିତ କରିଥିଲେ। ସେସବୁ ହେଲା ଅସହଯୋଗ, ସ୍ୱଦେଶୀ, ଇଂରାଜୀ ପଣ୍ୟ ବର୍ଜନ ଓ ଜାତୀୟ ଶିକ୍ଷା ପଦ୍ଧତି।

'ବନ୍ଦେ ମାତରମ୍' ପତ୍ରିକା ଜରିଆରେ ତାଙ୍କ ବାର୍ତ୍ତା ପରିବେଷଣ କରିବା ସଙ୍ଗେ ସଙ୍ଗେ ଜନସଭାମାନଙ୍କରେ ମଧ୍ୟ ସେ ଭାଷଣ ଦେଉଥିଲେ। ତାଙ୍କୁ ଶୁଣିବା ପାଇଁ ସର୍ବଦା ଯେଉଁ ବିରାଟ ଜନସମାବେଶ ହେଉଥିଲା, ସେ ସମାବେଶର କିୟଦଂଶ ମାତ୍ର ତାଙ୍କ ଇଂରାଜୀ ବକ୍ତୃତା ବୁଝୁଥିବେ। ପୁଣି ସେ ଥିଲେ ଜଣେ ଧୀର ସ୍ଥିର

ବକ୍ତା। ଅଥଚ ବିସ୍ମୟର କଥାହେଲା, ସମଗ୍ର ସମାବେଶ ମନ୍ତ୍ରମୁଗ୍ଧ ଭଳି ବସି ରହି ତାଙ୍କ କଣ୍ଠସ୍ୱର ଶୁଣୁଥିଲା। ଲଣ୍ଡନ୍ ଟାଇମ୍ସ୍ କାଗଜ ଦିନକର ଗୋଟିଏ ସଭାର ବିବରଣୀ ଦେଇ ଲେଖିଛନ୍ତି ଏହି ମର୍ମରେ : ସେଦିନ ପାଞ୍ଚ ହଜାର ଲୋକଥିଲେ। ଯେତେବେଳେ ବଡ଼ ବଡ଼ ବକ୍ତାମାନେ ବି ଜନତାକୁ ଅନୁପ୍ରାଣିତ କରି ପାରିଲେ ନାହିଁ, ସେତିକିବେଳେ ହଠାତ୍ ଦେଖାଗଲା ସଭାମଞ୍ଚର ଗୋଟିଏ କୋଣରେ ଶ୍ରୀଅରବିନ୍ଦ ଛିଡ଼ା ହୋଇଛନ୍ତି। ସେତିକିରେ ବିରାଟ ଜନତାର କରତାଳି ଓ ଉଲ୍ଲାସ ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହେଲା। ନିଃସନ୍ଦେହରେ ଶ୍ରୀଅରବିନ୍ଦ ହିଁ ହେଲେ ସେ ସନ୍ଧ୍ୟାର ନାୟକ। ( "He was unquestionably the hero of the evening").

୧୯୦୭ ମସିହାରେ ଅନୁଷ୍ଠିତ ହେଲା ଐତିହାସିକ ସୁରାଟ କଂଗ୍ରେସ ମାନ୍ଦାପନ୍ଥୀ (Moderate) ମାନଙ୍କ ସହ ଜାତୀୟତାବାଦୀ ବା ଚରମପନ୍ଥୀ (Nationalist Extremist) ମାନଙ୍କ ସଂଘର୍ଷ ସେଠାରେ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେଲା। ମାନ୍ଦାପନ୍ଥୀମାନେ ସ୍ୱଦେଶୀ, ଅସହଯୋଗ ଓ ବିଦେଶୀ ପଣ୍ୟ ବର୍ଜନ ଭଳି ପଦକ୍ଷେପର ସମର୍ଥନମୂଳକ ପ୍ରସ୍ତାବ ଗ୍ରହଣ କରିବାକୁ ରାଜି ନହେବା ଏ ସଂଘର୍ଷର କାରଣ। ଲୋକମାନ୍ୟ ତିଳକ ଓ ଶ୍ରୀଅରବିନ୍ଦ ଥିଲେ ଜାତୀୟତାବାଦୀ ମାନଙ୍କର ନେତା। ସମ୍ମିଳନୀ ଭାଙ୍ଗିଗଲା। ପରଦିନ ଶ୍ରୀଅରବିନ୍ଦଙ୍କ ସଭପେତିତ୍ୱରେ ଜାତୀୟତାବାଦୀମାନଙ୍କର ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହେଲା।

ଏହି ଘଟଣା ପରେ ମାନ୍ଦାପନ୍ଥୀମାନଙ୍କ ପ୍ରଭାବ ଧୀରେଧୀରେ ଅବଲୁପ୍ତ ହେଲା। ସମଗ୍ର ଜାତିର ମାନସ ପଟରେ ତିଳକ ଓ ଶ୍ରୀଅରବିନ୍ଦ ହେଲେ ଅବିସମ୍ବାଦିତ ନାୟକ। ସର୍ବୋପରି, ଯୁବଚିତ୍ତରେ ଶ୍ରୀଅରବିନ୍ଦଙ୍କ ସ୍ଥାନ ହେଲା ଅଦ୍ୱିତୀୟ। ତତ୍କାଳୀନ ସମ୍ବାଦପତ୍ର ଓ ସି. ଆଇ. ଡି. ରିପୋର୍ଟମାନଙ୍କରୁ ଯେଉଁସବୁ ତଥ୍ୟ ମିଳୁଛି, ତାହା ପଢ଼ି ଚମତ୍କୃତ ହେବାକୁ ପଡ଼େ। ଭାରତର ସ୍ଥାନେ ସ୍ଥାନେ ଶ୍ରୀଅରବିନ୍ଦଙ୍କୁ ଯେଉଁଭଳି ସମ୍ମାନ ଓ ସମ୍ବର୍ଦ୍ଧନା ଦିଆଯାଉଥିଲା, ତାହା କୌଣସି ନେତାଙ୍କ ଭାଗ୍ୟରେ ଘଟି ନଥାଏ। ପୁନା ଭଳି ସହରମାନଙ୍କରେ ଷ୍ଟେସନରୁ ବିରାଟ ଯୁବସମାବେଶ ତାଙ୍କୁ ପାଛୋଟି ନେଇ ଘୋଡ଼ାଗାଡ଼ିରେ ବସାଇ ତପ୍ତରେ ଗାଡ଼ିରୁ ଘୋଡ଼ା ଖୋଲିଦେଇ ଦଳଦଳ ଯୁବକ ଶୋଭାଯାତ୍ରା ଭିତରେ ଗାଡ଼ି ଟାଣିଟାଣି ଚାଲୁଥାନ୍ତି। ଆଲିପୁର ବିଚାର ବେଳେ ପୋଲିସ ପକ୍ଷ ଓକିଲ ବାରିଷ୍ଟର ନର୍ଟନ କ୍ଷୋଭର ସହ କହି ପକାଇଥିଲେ : ଅରବିନ୍ଦ ସତେ ଯିମିତି ଜଣେ ସମ୍ରାଟ। ଭାରତରେ ସିଏ ଯୁଆଡ଼େ ଗଲେ ସେଇଠି ରାଜକୀୟ ଥାଟରେ ତାଙ୍କୁ ସଂଖୁଳା ଯାଇଥାଏ।

କିନ୍ତୁ 'ରାଜକୀୟ' ସମ୍ମାନ ଅସମ୍ମାନର ଅସୀମ ଊର୍ଦ୍ଧ୍ୱରେ ଥିଲେ ଶ୍ରୀଅରବିନ୍ଦ। ଯେତେବେଳେ ସେ ଗିରଫ ହେଲେ ଓ ତାଙ୍କ ପାଇଁ ପ୍ରତିରକ୍ଷା ପାଣ୍ଠି ଖୋଲାଗଲା, ସେତେବେଳେ ଏକ ସମ୍ପାଦକୀୟରେ ଦୈନିକ 'ବସୁମତୀ'ରେ ଲେଖିଥିଲେ :-

"ଜାତୀୟତାର ମନ୍ତ୍ରଦେଇ ସମଗ୍ର ଭାରତ ଜାତିକୁ ପ୍ରାଣବନ୍ତ କରିଛନ୍ତି ଅରବିନ୍ଦ। ଆକୁମାରୀ ହିମାଚଳ ତାଙ୍କ ବଜ୍ର ବାର୍ତ୍ତାରେ ପ୍ରତିଧ୍ୱନିତ। ହେ ଭାରତବାସୀ ! ତୁମ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି ଏହି ଅତୁଳନୀୟ ମହାନ୍ ପୁରୁଷ। ତୁମ ପାଇଁ ସେ ସମସ୍ତ ସାଂସାରିକ ସୁଖ ଜଳାଞ୍ଜଳି ଦେଇଛନ୍ତି। ସେ ଗ୍ରହଣ କରିଛନ୍ତି ନିଷ୍କାମ କର୍ମର ତପସ୍ୟା; ତୁମକୁ ଦେଇଛନ୍ତି ଅପରାଜୟ ମାତୃମନ୍ତ୍ର। ହେ ଭାରତବାସୀ ! ସେହି ସତ୍ୟଦ୍ରଷ୍ଟା, ତୁମର ମନ୍ତ୍ରଦାତା, ତୁମର ଆଧ୍ୟାତ୍ମିକ ଗୁରୁ ଅରବିନ୍ଦ ଆଜି ଅଭିଯୁକ୍ତ। ତୁମେ ଯଦି ଭାରତଜନନୀଙ୍କର ଯଥାର୍ଥ ସନ୍ତାନ ହୋଇଥିବ, ତେବେ ତୁମେ ମୁକ୍ତିଦାତାଙ୍କ ସହାୟତା ପାଇଁ ଆଜି ନିର୍ଭୟରେ ବାହାରି ଆସ"।

---

ଯେଉଁମାନେ ଭଗବାନଙ୍କ ନିକଟରେ ନିଜକୁ ଅର୍ପଣ କରିଛନ୍ତି, ସେମାନେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକଟି ବାଧା ଏକ ନୂତନ ଅଗ୍ରଗତିର ନିଶ୍ଚିତ ପ୍ରତିଶୃତି, ତେଣୁ ଏହାକୁ ଭଗବତ୍ କୃପାଦ୍ୱାରା ପ୍ରଦତ୍ତ ଏକ ଉପହାର ରୂପେ ଗ୍ରହଣ କରାଯିବା ଉଚିତ୍।

– ଶ୍ରୀମା

# ଅତିମାନସ ସତ୍ୟ ଚେତନାର ଏକ ବିଭାବ

**ବିଶ୍ୱମ୍ଭର ସାମନ୍ତ**

**ଶ୍ରୀ**ଅରବିନ୍ଦ ଯାହାକୁ ଅତିମାନସ ବୋଲି କହିଛନ୍ତି, ତାହା ହେଉଛି ଚେତନାର ଏପରି ଏକ ସ୍ତର ବା ଅବସ୍ଥା ଯେଉଁଠି ସବୁ କିଛି ସତ୍ୟମୟ। ସେଠାରେ ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ ଭାବାବେଗ, କର୍ମର ସମସ୍ତ ପ୍ରେରଣା, ସଙ୍କଳ୍ପ ଓ ଶକ୍ତି ଆଦି ସବୁ କିଛି ଦିବ୍ୟସତ୍ୟର ଆଲୋକରେ ଉଦ୍ଭାସିତ। ଅତିମାନସ ତା'ର ସମଗ୍ର ସ୍ୱରୂପରେ ତଥା ତା'ର ମୂଳସତ୍ତା ଓ ଉପାଦାନରେ ଏକ ସତ୍ୟଚେତନା। ସେଠାରେ ଅଜ୍ଞାନ, ମିଥ୍ୟା ବା ଭ୍ରାନ୍ତି ଆଦିର ଆଦୌ କୌଣସି ପ୍ରବେଶ ନାହିଁ। ଆମ ମନର ଚେତନା ପାଇଁ ଚେତନାର ଏହି ଅତିମାନସ ସ୍ତରକୁ କଳ୍ପନା କରିବା ମଧ୍ୟ ଦୁରୂହ। କାରଣ ମନ ସ୍ତରରେ ଆମେ ନାନା ଆୟାସ, ନାନା ସାଧସାଧନା କରି ମଧ୍ୟ ସତ୍ୟ କେଉଁଟା, ମିଥ୍ୟା କେଉଁଟା ତାହା ବାଛିବାକୁ ମଧ୍ୟ ସମର୍ଥ ହୋଇ ନଥାଉ, ନିରନ୍ତର ସତ୍ୟରେ ବାସ କରିବା ତ ଦୂରର କଥା। କିନ୍ତୁ ଅତିମାନସ କ୍ଷେତ୍ରରେ ଏହା ଏପରି ନୁହେଁ। ଚେତନାର ଏହି ସ୍ତର ସତ୍ୟର ନିଜସ୍ୱ ଧାମ ହୋଇଥିବାର ଏଠାରେ ସବୁକିଛି ସହଜ ଓ ସ୍ୱତଃସ୍ଫୁର୍ତ୍ତ ଭାବରେ କେବଳ ସତ୍ୟର ହିଁ ଅଭିବ୍ୟକ୍ତି ହୋଇଥାଏ। ଶ୍ରୀଅରବିନ୍ଦଙ୍କ ଭାଷାରେ, "... ଏହାର ସୋପାନଗୁଡ଼ିକ ହେଉଛି ସତ୍ୟରୁ ଆହୁରି ମହତ୍ତର ସତ୍ୟ ଭିତରକୁ, ସତ୍ୟତର ଦୃଷ୍ଟିରୁ ଗଭୀରତର ଦୃଷ୍ଟି ଭିତରକୁ, ସମ୍ବୋଧିରୁ ସମ୍ବୋଧିକୁ, ଜ୍ୟୋତିରୁ ଆଲୋକର ଅସୀମ ଉଦ୍ଭାସ ଭିତରକୁ, କ୍ରମ ବର୍ଦ୍ଧମାନ ବ୍ୟାପ୍ତିରୁ ବିପୁଳ ପ୍ରସାର ଓ ସ୍ୱୟଂ ଆନନ୍ତ୍ୟ ଭିତରକୁ। ନିଜର ଶିଖରରେ ଏହା ଦିବ୍ୟ ସର୍ବଜ୍ଞତା ଓ ସର୍ବଶକ୍ତିମାନତାର ଅଧିକାରୀ।"

ଏହିପରି ଯେଉଁ ମହାନ ଅତିମାନସ ଚେତନା ତାହାର ଅଗଣନ ଦିଗ ଓ ଅନନ୍ତ ବିଭାବ ରହିଛି, ସେଗୁଡ଼ିକୁ କଳନା କରିବା ବି ଆମ ପକ୍ଷରେ ଅସମ୍ଭବ, ଆଲୋଚନା କରିବା ତ ଦୂରର କଥା। ଆମେ ଏଠାରେ ତା'ର କେବଳ ଗୋଟିଏ ବିଭାବ ଉପରେ ସାମାନ୍ୟ ଆଭାସ ଦେବାକୁ ଚେଷ୍ଟା କରିବା।

ପୃଥିବୀରେ ଆମେ ସବୁଠୁ ଯେଉଁ ବଡ଼ ସମସ୍ୟାର ସମ୍ମୁଖୀନ ହେଉ, ତାହା ହେଉଛି, ଏଠାରେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ, ପ୍ରେମ ଆଦି ସତ୍ୟର ବିଭିନ୍ନ ବିଭାବ ଭିତରେ କୌଣସି ପାରସ୍ପରିକ ସଙ୍ଗତି ଓ ସମନ୍ୱୟ ନାହିଁ। ବରଂ ବେଶୀ କ୍ଷେତ୍ରରେ ଏଗୁଡ଼ିକ ଭିତରେ ଦ୍ୱନ୍ଦ୍ୱ ଓ ବିରୋଧ ଦେଖାଯାଏ। କେଉଁଠି ଜ୍ଞାନର ବିପୁଳ ପ୍ରକାଶ ଦେଖାଦେଇଛି ତ ସେଠି ଶକ୍ତିର ସମ୍ପୂର୍ଣ୍ଣ ଅଭାବ, କେଉଁଠି ଶକ୍ତିର ବିସ୍ମୟକର ଅଭିବ୍ୟକ୍ତି ହୋଇଛି ତ ସେଠି ଜ୍ଞାନ ଓ ପ୍ରେମର କୌଣସି ପ୍ରକାଶ ନାହିଁ। ଏହି ସମସ୍ୟାଟି ଏପରି ଆକାର ଧାରଣ କରିଛି ଯେ ଆମେ ପୌରାଣିକ ଗଳ୍ପମାନଙ୍କରେ ମଧ୍ୟ ଲକ୍ଷ୍ମୀ, ସରସ୍ୱତୀ ବିବାଦ ଆଦି କଥା ଦେଖିବାକୁ ପାଉ। ପ୍ରକୃତରେ ଆମେ ଦେଖୁ ଜଣେ ଅସାଧାରଣ ଜ୍ଞାନୀ ଓ ବିଚାରବନ୍ତ ଲୋକ, ତୀକ୍ଷ୍ଣ ଚିନ୍ତା ଓ ବିଚାର ଦ୍ୱାରା ବା ନିଜର ଜ୍ଞାନ ଦୃଷ୍ଟିରେ କୌଣସି କ୍ଷେତ୍ରରେ ସତ୍ୟଟିଏ ଦେଖିପାରୁଛନ୍ତି କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କର କୌଣସି ଶକ୍ତି ନାହିଁ। ଜ୍ଞାନମୟ ଚିନ୍ତାର ଦୃଷ୍ଟିରେ ସେ ସତ୍ୟଟିକୁ ଧରିପାରୁଛନ୍ତି କିନ୍ତୁ ବାସ୍ତବତାରେ ଫୁଟାଇବାକୁ ସେ ସମ୍ପୂର୍ଣ୍ଣ ଦୁର୍ବଳ ଏବଂ ଅସମର୍ଥ। ସେହିପରି ଦେଖୁ କୌଣସି ବ୍ୟକ୍ତି ବା ଦଳ ବା ଦେଶ ହାତରେ ଅଜସ୍ର ଶକ୍ତି ଠୁଳ ହୋଇଛି, ଶକ୍ତି ଓ ସଙ୍ଗଠନର ବିସ୍ମୟକର ପ୍ରକାଶ ହୋଇଛି କିନ୍ତୁ ସତ୍ୟକୁ ବୁଝିବାର ବା ଅନୁଭବ କରିବା ଭଳି କୌଣସି ଜ୍ଞାନ ସେଠାରେ ନାହିଁ। ତେଣୁ ସେହି ପୁଞ୍ଜୀଭୂତ ଶକ୍ତି ସତ୍ୟର ସେବାରେ ନିୟୋଜିତ ନହୋଇ ହୁଏତ ନିତାନ୍ତ ଅଜ୍ଞାନ ଓ ଅନ୍ଧକାର ଶକ୍ତିର ସେବାରେ ଲାଗୁଛି। ଆବଶ୍ୟକୀୟ ଜ୍ଞାନ ନଥିବାରୁ ଜଣେ ଶକ୍ତିମାନ ଲୋକ ଜ୍ଞାନୀ ଅଥଚ ଦୁର୍ବଳ ଲୋକକୁ ନିର୍ଯ୍ୟାତିତ କରୁଛି, ଜଣେ ଅତ୍ୟାଚାରୀ ଶକ୍ତିମାନ ଶାସକ ତାର ଦେଶବାସୀଙ୍କୁ ବା ସାମ୍ରାଜ୍ୟ ଲିପ୍‌ସୁ କୌଣସି ଦେଶ ଅନ୍ୟ ଦେଶ ଓ ଜାତି ଉପରେ ଶୋଷଣ, ଲୁଣ୍ଠନ ଓ ନିର୍ମମ ଦମନର ଲୀଳା ଚଳାଇଛି।

ମନର ଚେତନା ଦ୍ୱାରା ଗଠିତ ଏହି ପୃଥିବୀର ବ୍ୟବସ୍ଥା ଏପରି ଯେ ଏଠାରେ ଗୋଟିଏ ଅଜ୍ଞାନ ଓ ମୂଢ଼ ଲୋକ ମଧ୍ୟ ଅକଳନ ସମ୍ପଦ ଓ ଶକ୍ତିର ଅଧିକାରୀ ହୋଇପାରେ, ଜଣେ ମହାନ୍ ଜ୍ଞାନୀ ଲୋକଙ୍କୁ ମଧ୍ୟ ଅସହାୟ ଭାବରେ ଅଭାବ, ଅନାଟନ, ଦୁଃଖ, ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିପାରେ, ଲୋକଙ୍କ ପାଇଁ ହୃଦୟରେ ଗଭୀର ପ୍ରେମ ନେଇ ଜଣେ ମହାପୁରୁଷଙ୍କୁ ମଧ୍ୟ ସେହି ଲୋକମାନଙ୍କଠାରୁ ନାନା ନିଷ୍ଠୁରତାକୁ ନୀରବରେ ସହ୍ୟ କରିବାକୁ ପଡ଼ିପାରେ। ଏହି ପୃଥିବୀରେ ଚେଙ୍ଗିଜ୍ ଖାଁ, ହିଟଲର ଭଳି ଅତ୍ୟାଚାରୀ ବିପୁଳ ଶକ୍ତି ଓ କ୍ଷମତାର ଅଧିକାରୀ ହୋଇପାରେ, ସକ୍ରେଟିସ୍‌ଙ୍କ ଭଳି ଜ୍ଞାନୀ ପଣ୍ଡିତଙ୍କୁ ବିଷପାନ କରିବାକୁ ପଡ଼େ, ପ୍ରେମର ଅବତାର ଯୀଶୁଙ୍କୁ କ୍ରୁଶବିଦ୍ଧ ହେବାକୁ ପଡ଼େ। ଖାଲି ସେତିକି ନୁହେଁ, ସତ୍ୟର ସେବା କରିବାକୁ ସମସ୍ତ ଆଗ୍ରହ ଓ ଉତ୍ସାହ ନେଇ ଜଣେ ମଧ୍ୟ ପୂରାପୂରି ମିଥ୍ୟା ଓ ଅନ୍ଧକାର ଶକ୍ତିର ସେବା କରିପାରେ। ଛଳନା ଓ ପ୍ରବଞ୍ଚନାର ଆଶ୍ରୟ ନେଇ

ଅଜ୍ଞାନ ଓ ମିଥ୍ୟାର ଶକ୍ତି ଏଠାରେ ନିଜକୁ ଶ୍ରେଷ୍ଠତମ ସତ୍ୟବୋଲି ଜାହିର କରିପାରେ ଓ ଏପରିକି ନିଜ ପଛରେ ବହୁ ସାଧୁ ହୃଦୟ ଲୋକଙ୍କର ଆନୁଗତ୍ୟ ଓ ସମର୍ଥନ ମଧ୍ୟ ଲାଭ କରିପାରେ।

ପୃଥିବୀରେ ଏହିପରି ଅସଙ୍ଗତି ସମ୍ଭବ ହେଉଛି କିପରି ? କାରଣ ଏଠାରେ ସମସ୍ତ ବିଧାନ, ବ୍ୟବସ୍ଥା ଓ ସଙ୍ଗଠନ ପଛରେ ଯେଉଁ ଚେତନା କ୍ରିୟା କରୁଛି ତାହା ହେଉଛି ମନର ଚେତନା। ଏହି ମନର ଚେତନା ପାଖରେ ସତ୍ୟର ଅଭ୍ରାନ୍ତ ଆଲୋକ ନାହିଁ। ଏହା ମିଶ୍ରିତ ଅର୍ଦ୍ଧ ଆଲୋକ ଓ ଅର୍ଦ୍ଧ ଅନ୍ଧକାର ଭିତରେ ଅଣ୍ଡାଳି ଅଣ୍ଡାଳି ବାଟ ଚାଲୁଥାଏ। ନିର୍ଭୁଲ ଭାବରେ ସତ୍ୟକୁ ମିଥ୍ୟାଠାରୁ ବାରି ଅଲଗା କରିବାର ଶକ୍ତି ମନର ନାହିଁ, ବରଂ ଅନେକ କ୍ଷେତ୍ରରେ ସତ୍ୟକୁ ମିଥ୍ୟାବୋଲି, ମିଥ୍ୟାକୁ ସତ୍ୟବୋଲି ଭ୍ରମ କରିଥାଏ। କୌଣସି ଜିନିଷର ଯଥାର୍ଥ ସ୍ୱରୂପ କ'ଣ, ତା ପଛରେ କେଉଁ ସତ୍ୟ ବା ଶକ୍ତି ରହିଛି ତାହାକୁ ସିଧା ସଳଖ ପ୍ରତ୍ୟକ୍ଷ କରିବାର ଶକ୍ତି ମନର ନାହିଁ, ତେଣୁ କେଉଁ ବସ୍ତୁ କେଉଁଠି ରହିବା କଥା, କିଏ କେଉଁ ଆସନ ଗ୍ରହଣ କରିବା କଥା ମନର ଚେତନା ତାହା ବୁଝିବାକୁ ଅସମର୍ଥ। ତେଣୁ ମନର ଚେତନା ଦ୍ୱାରା ଗଠିତ ପୃଥିବୀର ବର୍ତ୍ତମାନ ବ୍ୟବସ୍ଥାରେ ବସ୍ତୁ ସବୁ ସେମାନଙ୍କର ଅନ୍ତର୍ନିହିତ ସତ୍ୟ ଅନୁଯାୟୀ ନିଜ ନିଜର ଯଥାର୍ଥ ସ୍ଥାନରେ ନାହାନ୍ତି। ଶ୍ରୀମା ଏ ବିଷୟରେ ବୁଝାଇବାକୁ ଯାଇ ଲେଖିଛନ୍ତି, "ଏହି ପୃଥିବୀରେ ସବୁଠୁ ବାଜେ ଓ କଦର୍ଯ୍ୟ କଥା ହେଲା ତମକୁ ସମସ୍ତ କୃତ୍ରିମ ଉପାୟ ଉପରେ ନିର୍ଭର କରିବାକୁ ପଡ଼େ। ଯେ କୌଣସି ନିର୍ବୋଧ ଲୋକ, ସେ ଯଦି ଏହି କୃତ୍ରିମ ଉପାୟ ସବୁକୁ ହସ୍ତଗତ କରିପାରେ ତେବେ ସେ ସବୁଠାରୁ କ୍ଷମତାଶାଳୀ ହୋଇପାରିବ.......... ଏଠାରେ ଏହି ନିମ୍ନ ଜଗତରେ କୋଟିକରେ ବି ଗୋଟିଏ ଉଦାହରଣ ମିଳିବ ନାହିଁ ଯେଉଁଠି କ୍ଷମତା ଆସିଛି ସତ୍ୟର ଯଥାର୍ଥ ଅଭିବ୍ୟକ୍ତି ରୂପେ। ଆକସ୍ମିକ ଭାବରେ ତୁମେ ହୁଏତ ଏପରି ଉଚ୍ଚ ପରିବାରରେ ଜନ୍ମ ନେଇଛ ବା କୌଣସି ପଦବୀ ଲାଭ କରି କୌଣସି ଉଚ୍ଚ ଆସନ ପାଇଛ ଓ ପ୍ରାଚୁର୍ଯ୍ୟପୂର୍ଣ୍ଣ ସମୃଦ୍ଧିମୟ ଜୀବନ ଯାପନ କରୁଛ। କିନ୍ତୁ ତାହା ତୁମ ସତ୍ତାର ଯଥାର୍ଥ ସ୍ୱତଃସ୍ଫୁର୍ତ୍ତ, ସ୍ୱାଭାବିକ ଓ ଅନ୍ତର ଅଭିବ୍ୟକ୍ତି ରୂପେ ଆସିନାହିଁ; କେବଳ ଜୀବନର ନାନା ଆକସ୍ମିକ ଯୋଗାଯୋଗ ତୁମକୁ ତାହା ଆଣି ଦେଇଛି। ସାଧାରଣ ଭୌତିକ ଜୀବନର କୌଣସି ବିଷୟ ମଧ୍ୟ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ, ବାହାରର ଆକୃତି ଓ ଅନ୍ତରର ସତ୍ୟ ଭିତରେ ନାନା ବୈଷମ୍ୟ, ନାନା ଅମେଳ ରହିଯାଇଛି ଏବଂ ବାହାରର ଆକୃତି କେବେହେଲେ ବିଷୟର ଗଭୀର ସତ୍ୟକୁ ଅଭିବ୍ୟକ୍ତ କରୁନାହିଁ। କୌଣସି ଗୁଣ ନଥିବା ଜଣେ ଲୋକ ଏଠାରେ ଅତି ଉଚ୍ଚ ଆସନରେ ବସିପାରେ ଏବଂ ଆଶ୍ଚର୍ଯ୍ୟ ଧରଣର ଦକ୍ଷତା ଓ ଶକ୍ତିଥିବା ଲୋକ ମଧ୍ୟ ସାମାନ୍ୟ ଛୋଟ କାମଟିଏ ପାଇ ଘୋଷାରି ହେଉଥାଇପାରେ, ଯେ କି ମୂଲ୍ୟବାନ ଅବଦାନ ଦେଇପାରନ୍ତା, ଯଦି ପୃଥିବୀରେ ଯଥାର୍ଥ ସତ୍ୟ ଓ ଆନ୍ତରିକତାର ବିକାଶ ହୁଅନ୍ତା.........।"

ଶ୍ରୀଅରବିନ୍ଦ କହନ୍ତି, ପୃଥିବୀ ବ୍ୟବସ୍ଥାରେ ଏହି ଯେଉଁ ଅସଙ୍ଗତି ରହିଛି ତାହା କେବେହେଲେ କୌଣସି ମାନସିକ ଆଦର୍ଶ ବା ଚେତନା ଦ୍ୱାରା ଦୂରୀଭୂତ ହୋଇ ପାରିବ ନାହିଁ। କେବଳ ଅତିମାନସର ସତ୍ୟ ଚେତନାର ସାର୍ଥକ ଅଭିବ୍ୟକ୍ତି ହିଁ ଏହି ବୈଷମ୍ୟ ଦୂର କରିପାରେ। କାରଣ ଏହି ଅତିମାନସରେ କେବଳ ଜ୍ଞାନ ନୁହେଁ, ସେହି ଜ୍ଞାନକୁ କାର୍ଯ୍ୟକାରୀ କରିବାର ଶକ୍ତି ମଧ୍ୟ ରହିଛି। ଏହି ସତ୍ୟ ଚେତନାରେ ଜ୍ଞାନ, ଶକ୍ତି, ଆନନ୍ଦ, ପ୍ରେମ ଆଦି ଦିବ୍ୟ ଗୁଣସବୁ ଏକ ଓ ଅଖଣ୍ଡ ଭାବରେ ପରସ୍ପର ସହିତ ସଂଯୁକ୍ତ ଓ ଏକତ୍ରିତ ତଥା ଅନୁପ୍ରବିଷ୍ଟ ହୋଇ ବିଦ୍ୟମାନ ଅଛନ୍ତି। ଏହି ଚେତନାରେ ଜ୍ଞାନ ଯେଉଁ ସତ୍ୟକୁ ଦେଖିପାରେ ସେହି ସତ୍ୟକୁ ଅଭିବ୍ୟକ୍ତ କରିବା ପାଇଁ ସେହି ଜ୍ଞାନ ମଧ୍ୟରେ ସ୍ୱତଃସ୍ଫୁର୍ତ୍ତ ସଙ୍କଳ୍ପ ଓ ଶକ୍ତି ମଧ୍ୟ ରହିଥାଏ। ଯେଉଁଠି ବିପୁଳ ଶକ୍ତି ଠୁଳ ହୋଇଥାଏ, ସେହି ଶକ୍ତିର ସଦୁପଯୋଗ ପାଇଁ, ସତ୍ୟର ସେବାରେ ତାହାର ବିନିଯୋଗ ପାଇଁ ସେହି ଶକ୍ତି ମଧ୍ୟରେ ହିଁ ଆବଶ୍ୟକୀୟ ଜ୍ଞାନ ଥାଏ। ଅତିମାନସ ସ୍ତରରେ ଜ୍ଞାନସମ୍ପନ୍ନ କୌଣସି ଲୋକ ତା'ର ଜ୍ଞାନ ଦୃଷ୍ଟିରେ ଯେଉଁ ସତ୍ୟ ଉପଲବ୍ଧି କରେ ତାକୁ ସଫଳ ରୂପ ଦେବା ପାଇଁ ତା ମଧ୍ୟରେ ସେତିକି ସାମର୍ଥ୍ୟ ଓ ଶକ୍ତି ମଧ୍ୟ ଥାଏ। ଏ ଜିନିଷଟି ଶ୍ରୀମା'ଙ୍କର ନିମ୍ନୋକ୍ତ ଲେଖାରୁ ସହଜରେ ବୁଝିହେବ, "...... ଯେଉଁ ଜୀବନ ଯଥାର୍ଥରେ ସତ୍ୟମୟ ଓ ସ୍ୱତଃସ୍ଫୁର୍ତ୍ତ ଭାବେ ଆନ୍ତରିକ - ଅତିମାନସ ଜଗତରେ ଯେପରି ହୋଇଥାଏ - ସେ ଜୀବନ ଅନ୍ତରସ୍ଥ ଚେତନାର ସଙ୍କଳ୍ପ ଅନୁଯାୟୀ ସବୁ କିଛିରେ ଆପେ ଭରି ଉଠେ। ସେ କ୍ଷେତ୍ରରେ ସଙ୍କଳ୍ପ ପ୍ରତ୍ୟକ୍ଷ ଭାବରେ ଉପାଦାନ ଉପରେ କ୍ରିୟା କରେ ଏବଂ ଉପାଦାନ ତାହା ମାନି ନିଏ, ଯେତେବେଳେ ଯାହା ଉଚିତ ବୋଲି ଆମେ ସ୍ଥିର କରିବୁ, ସଙ୍ଗେ ସଙ୍ଗେ ତାହା ସେପରି ହୋଇଯାଏ। ସେ କ୍ଷେତ୍ରରେ ଯଦି ତୁମର ଶକ୍ତି ଓ ଜ୍ଞାନ ଥାଏ ତେବେ ତୁମେ ଯାହା ଚାହିଁବ ତାହା ପାଇଯିବ, ଯଦି ତୁମର ପ୍ରାପ୍ୟ ନୁହେଁ ତେବେ ଯେତେ ଇଚ୍ଛା କଲେ ମଧ୍ୟ କୌଣସି କୃତ୍ରିମ ଉପାୟରେ ତୁମେ ତାହା ପାଇବ ନାହିଁ।... ଅତିମାନସ ଜଗତରେ ଯେଉଁ ବ୍ୟକ୍ତି ଯେତେ ଅଧିକ ସଚେତନ ଓ ସତ୍ୟ ସହିତ ଯେତିକି ଅଧିକ ସଂଯୁକ୍ତ, ବସ୍ତୁ ଓ ଉପାଦାନ ଉପରେ ତା'ର ସଙ୍କଳ୍ପ ଶକ୍ତିର ସେତିକି ଅଧିକ କ୍ଷମତା ରହିଥାଏ।"

ଅତିମାନସ ଚେତନା ଦ୍ୱାରା ଜଗତ ବ୍ୟବସ୍ଥିତ ଓ ନିୟନ୍ତ୍ରିତ ହେଲେ ସେଥିରେ କୌଣସି ଭୁଲଭ୍ରାନ୍ତି ଓ ବୈଷମ୍ୟ, ଅସଙ୍ଗତିର ଅବକାଶ ବି ରହିବ ନାହିଁ। କାରଣ ସେତେବେଳେ ସବୁକିଛି ବ୍ୟବସ୍ଥିତ ହେବ ସେମାନଙ୍କ ଅନ୍ତର୍ନିହିତ ସତ୍ୟ ଅନୁସାରେ। ମନ ପରି ଏହା ବସ୍ତୁସବୁକୁ ସେମାନଙ୍କ ଖଣ୍ଡିତ ଓ ସୀମିତ ରୂପରେ ପରସ୍ପରଠାରୁ ଓ ସମଗ୍ରଠାରୁ ବିଚ୍ଛିନ୍ନ କରି ଦେଖେ ନାହିଁ। ଏହି ଅତିମାନସ ଚେତନା ଏକ ଅଖଣ୍ଡ, ସର୍ବମୟ ଦୃଷ୍ଟିର ଅଧିକାରୀ ହୋଇଥିବାରୁ ଏହା ସମଗ୍ର ସୃଷ୍ଟିର ସତ୍ୟ ଉଦ୍ଦେଶ୍ୟକୁ ଜାଣିଥାଏ ଓ ସେହି ଉଦ୍ଦେଶ୍ୟ ପରିପୂରଣ

ଦିଗରେ କେଉଁ ବସ୍ତୁର କେଉଁ ସ୍ଥାନ, କାହାର କେଉଁ ଭୂମିକା ତାହା ମଧ୍ୟ ଜାଣିଥାଏ, ତେଣୁ ତା'ର ବିଶ୍ୱ ବ୍ୟବସ୍ଥାରେ ସେ ପ୍ରତ୍ୟେକ ବସ୍ତୁକୁ ତା'ର ନିର୍ଦ୍ଧାରିତ ସ୍ଥାନରେ ସଜାଇ ଦିଏ। ଆଉ ବିବାଦ ବା ବୈଷମ୍ୟର ପ୍ରଶ୍ନ ଉଠେ ନାହିଁ। ସବୁକିଛି ଏକ ଅପୂର୍ବ ସମନ୍ୱୟ, ଐକ୍ୟ, ସୁଷମା ଓ ସଙ୍ଗତିରେ ସୁସଜ୍ଜିତ ହୋଇ ସୃଷ୍ଟିର ଦିବ୍ୟ ସତ୍ୟକୁ ପ୍ରକାଶ କରନ୍ତି। ଏହାହିଁ ଦିବ୍ୟ ଜୀବନ ଏବଂ ପୃଥିବୀ ଉପରେ ଏହି ଦିବ୍ୟ ଜୀବନର ପ୍ରତିଷ୍ଠା ସମ୍ଭବ ହୋଇ ପାରିବ କେବଳ ଅତିମାନସ ଚେତନା ଏଠାରେ ସକ୍ରିୟ ହେବା ଦ୍ୱାରା।

ଶ୍ରୀଅରବିନ୍ଦ ନିଜ ସାଧନାରେ ଏହି ଅତିମାନସ ସତ୍ୟ ଚେତନା ଉପଲବ୍ଧି କରିଥିଲେ। ତାଙ୍କର ଯୋଗ ଦୃଷ୍ଟିରେ ସେ ଦେଖିପାରିଥିଲେ ଯେ ଆମର ବର୍ତ୍ତମାନର ମନଶ୍ଚେତନାର ବହୁ ଊର୍ଦ୍ଧ୍ୱରେ ଏହି ଅତିମାନସ ଚେତନା ରହିଛି; ତା'ର ସେହି ନିଜସ୍ୱ ଦିବ୍ୟ ଭୂମିରେ ଭଗବତ ଜ୍ଞାନ, ଶକ୍ତି, ପ୍ରେମ ଓ ଆନନ୍ଦରେ ପୂର୍ଣ୍ଣ ଏକ ସ୍ୱୟଂପ୍ରତିଷ୍ଠ, ପ୍ରଦୀପ୍ତ, ସ୍ୱୟଂକ୍ରିୟ ସତ୍ୟ ଚେତନା। ବର୍ତ୍ତମାନର ପୃଥିବୀରେ ଏ ପର୍ଯ୍ୟନ୍ତ ଏହା ପ୍ରକାଶିତ ହୋଇନାହିଁ ବା ବ୍ୟକ୍ତ ଭାବରେ କ୍ରିୟା କରିନାହିଁ। କାରଣ ତା ହୋଇଥିଲେ ଏହି ପାର୍ଥିବ ଜୀବନରେ ଆଉ କୌଣସି ମିଥ୍ୟା, ମଳିନତା, ବିବାଦ ଓ ଅସଙ୍ଗତି ଆଦି ନଥାନ୍ତା। କିନ୍ତୁ ଆଜି ନ ହେଲେ ମଧ୍ୟ ଦିନେ ନା ଦିନେ ଏହି ସତ୍ୟ ଚେତନା ଏଠାରେ ପ୍ରକାଶିତ ହୋଇ ପୃଥିବୀରେ ସତ୍ୟମୟ ଦିବ୍ୟ ଜୀବନ ପ୍ରତିଷ୍ଠା କରିବ। ଏହାହିଁ ପାର୍ଥିବ ଜୀବନର ଅନିବାର୍ଯ୍ୟ ନିୟତି। କାରଣ ଯେପରି ଏକଦା କେବଳ ଜଡ଼ ପିଣ୍ଡ ରୂପେ ପ୍ରତୀତ ହୋଇଥିବା ପୃଥିବୀ ନିଜ ଗର୍ଭରେ ଜୀବନ, ମନ ଓ ବୁଦ୍ଧି ଆଦି ସତ୍ୟକୁ ଲୁକ୍‌କାୟିତ କରି ରଖିଥିଲା ଓ କ୍ରମ ବିବର୍ତ୍ତନରେ ତାହା ଗଛଲତା, ଜୀବଜନ୍ତୁ ଓ ମାନବ ଆଦିଙ୍କୁ ଜନ୍ମ ଦେଲା, ସେହିପରି ଅତିମାନସ କେବଳ ଏକ ଊର୍ଦ୍ଧ୍ୱ ଜଗତରେ ନାହିଁ, ଏହି ପୃଥିବୀରେ ମଧ୍ୟ ଏହା ରହିଛି, କିନ୍ତୁ ଗୋପନ ଭାବରେ ହିଁ ରହିଛି। ଶ୍ରୀଅରବିନ୍ଦ ଲେଖିଛନ୍ତି, "ବାସ୍ତବରେ ବର୍ତ୍ତମାନ ମଧ୍ୟ ଏଠାରେ ଏକ ଅତିମାନସ ରହିଛି କିନ୍ତୁ ନିବର୍ତ୍ତିତ ହୋଇ ରହିଛି - ଏହି ଅଭିବ୍ୟକ୍ତ ମନ, ପ୍ରାଣ ଓ ଜଡ଼ର ଅନ୍ତରାଳରେ ଗୋପନ ଭାବରେ ରହିଛି ଏବଂ ପ୍ରକାଶ୍ୟ ଭାବରେ ନିଜର ସାମର୍ଥ୍ୟ ନେଇ କାର୍ଯ୍ୟ କରୁନାହିଁ। ଯେତେବେଳେ ଏହା କାର୍ଯ୍ୟ କରୁଛି ସେତେବେଳେ ଏହା ଏହିସବୁ ନିମ୍ନତର ଶକ୍ତି ଭିତର ଦେଇ କାର୍ଯ୍ୟ କରୁଛି, ସେମାନଙ୍କ ସ୍ୱଭାବ ଦ୍ୱାରା ପରିବର୍ତ୍ତିତ ହୋଇଯାଉଛି, ତେଣୁ ଏ ପର୍ଯ୍ୟନ୍ତ ତା'ର କ୍ରିୟାକୁ ଚିହ୍ନିବା ସମ୍ଭବ ନୁହେଁ।" ଏହା ପୃଥିବୀ ଉପରେ ନିଜର ପୂର୍ଣ୍ଣ ଶକ୍ତି ନେଇ କ୍ରିୟା କରିବା ପାଇଁ ଆବଶ୍ୟକ ହେଉଛି ଊର୍ଦ୍ଧ୍ୱର ଅତିମାନସ ଜଗତରୁ ଅତିମାନସ ଶକ୍ତିର ଅବତରଣ। ଶ୍ରୀଅରବିନ୍ଦ ତାଙ୍କର ସମଗ୍ର ଜୀବନବ୍ୟାପୀ ଏହି ଅତିମାନସ ଶକ୍ତିର ଅବତରଣ ପାଇଁ ସାଧନା ଚଳାଇଥିଲେ, କାରଣ ସେ ଦେଖିପାରିଥିଲେ ଯେ "କେବଳ ... ଏକ ଅବତରଣଶୀଳ ଅତିମାନସ ଏଠାରେ ପହଞ୍ଚିବା ଦ୍ୱାରା ଏହା ପୃଥିବୀ ଉପରେ ମୁକ୍ତ ହୋଇ କ୍ରିୟା କରିବ ଏବଂ ଆମର ଭୌତିକ, ପ୍ରାଣିକ ଓ ମାନସିକ କ୍ରିୟା ଭିତର ଦେଇ ନିଜକୁ ପ୍ରକାଶ କରିବ। ଯେତେବେଳେ ଏହି ନିମ୍ନତର ଶକ୍ତିଗୁଡ଼ିକ ଆମର ସମଗ୍ର ସତ୍ତାର ଏକ ସାମଗ୍ରିକ ଦିବ୍ୟ କ୍ରିୟାର ଅଂଶ ହୋଇ ଉଠିବ ସେତେବେଳେ ହିଁ ଏହା ଆମମାନଙ୍କ ପାଇଁ ଆଣିବ ଏକ ପୂର୍ଣ୍ଣ ଭାଗବତ ସିଦ୍ଧି ବା ଏକ ଦିବ୍ୟ ଜୀବନ।"

ପୃଥିବୀ ଉପରେ ଏହି ଅତିମାନସ ଶକ୍ତି ଅବତରଣ କରିଥିଲା ୧୯୫୬ ଫେବୃୟାରୀ ୨୯ ତାରିଖରେ। ଶ୍ରୀମା' ଏ ସମ୍ପର୍କରେ କହିଛନ୍ତି, "ପୃଥିବୀ ଉପରେ ଅତିମାନସର ଆବିର୍ଭାବ ଆଉ ସମ୍ଭାବନା ମାତ୍ର ନୁହେଁ, ତାହା ଜୀବନ୍ତ ବାସ୍ତବ ରୂପେ ଏଠାକୁ ଓହ୍ଲାଇ ଆସିଛି। ଏହି ଅତିମାନସ ଜ୍ୟୋତି ଓ ଶକ୍ତି ତା'ର ନିଜର କାର୍ଯ୍ୟ ଆରମ୍ଭ କରିଦେଇଛି। ଏପରି ଦିନ ଆସିବ ଯେତେବେଳେ ସବୁଠାରୁ ଅନ୍ଧ, ଅଜ୍ଞାନୀ ଓ ଅବିଶ୍ୱାସୀ ମଧ୍ୟ ଏହି ସତ୍ୟର ଅସ୍ତିତ୍ୱ ସ୍ୱୀକାର କରିବ...."।

ଅତିମାନସ ଶକ୍ତି ବର୍ତ୍ତମାନ ପୃଥିବୀରେ କ୍ରିୟା କରି ଚାଲିଛି। ଆମର ସ୍ଥୂଳ ମନ ଏହାର କ୍ରିୟାକୁ ଅନୁଭବ କରିବାକୁ ଅକ୍ଷମ ହେଲେ ମଧ୍ୟ ଏହି ଶକ୍ତି ନିଶ୍ଚିତ ଓ ଅଭ୍ରାନ୍ତ ଭାବରେ ପୃଥିବୀକୁ ନେଇଯାଉଛି ତା'ର ଚରମ ପୂର୍ଣ୍ଣତାର ପଥରେ। ଅତିମାନସ କ୍ରିୟାରେ ବ୍ୟର୍ଥତା ଓ ବିଫଳତାର ପ୍ରଶ୍ନ ଉଠେ ନାହିଁ, ବିଜୟ, ସଫଳତା ଓ ସିଦ୍ଧି ହିଁ ହେଉଛି ଏହାର ସ୍ୱଭାବ। "... ଏହା ସତ୍ୟ ଓ ଆଲୋକ ଭିତରୁ ନିଜର ଗତି ଆରମ୍ଭ କରିଥାଏ ଏବଂ ନିରନ୍ତର ସତ୍ୟ ଓ ଆଲୋକ ଭିତରେ ହିଁ ଗତି କରିଥାଏ। ଯେହେତୁ ଏହାର ଜ୍ଞାନ ହେଉଛି ସର୍ବଦା ସତ୍ୟମୟ, ତେଣୁ ଏହାର ସଙ୍କଳ୍ପ ମଧ୍ୟ ଆଲୋକ ଭିତରେ ହିଁ ଗତି କରିଥାଏ। ଏହା ନିଜର ଆଚରଣରେ ଇତଃସ୍ତତ ହୁଏ ନାହିଁ ବା ନିଜର ପଦକ୍ଷେପରେ ଝୁଣ୍ଟି ପଡ଼େ ନାହିଁ।... ଅତିମାନସ ଦ୍ୱାରା ଚାଳିତ ସମସ୍ତ ଜୀବନ, କର୍ମ ଓ ନେତୃତ୍ୱ ଆମେ ଭୋଗୁଥିବା ସମସ୍ତ ମିଥ୍ୟା ଓ ଅନିଶ୍ଚୟତା କବଳରୁ ସ୍ୱଭାବଗତ ଭାବରେ ହିଁ ସୁରକ୍ଷିତ। ସମ୍ପୂର୍ଣ୍ଣ ନିରାପଦ ଭାବରେ ହିଁ ଏହା ନିଜର ପୂର୍ଣ୍ଣତା ଦିଗରେ ଗତି କରେ। ଥରେ ଯଦି ଏହି ସତ୍ୟଚେତନା ଏଠାରେ ନିଜର ନିଶ୍ଚିତ ଭିତ୍ତି ଉପରେ ପ୍ରତିଷ୍ଠିତ ହୁଏ, ତାହେଲେ ଦିବ୍ୟଜୀବନର ବିବର୍ତ୍ତନ ହେବ ଆନନ୍ଦ ଓ ଆଲୋକ ଭିତରେ ଏକ ଜୟଯାତ୍ରା...।" **(ଶ୍ରୀଅରବିନ୍ଦ)**

# କ୍ଷମାକର, ଭୁଲିଯାଅ

**ନିରଞ୍ଜନ ନାୟକ**

ଏକ ପାଖରେ ସିଂହମାନଙ୍କର ପ୍ରଚଣ୍ଡ ରଡ଼ି, ଅନ୍ୟ ପାଖରେ ବାଘମାନଙ୍କର ଭୟଙ୍କର ଗର୍ଜନ। ପାଟ ଜଙ୍ଗଲ ଭୟରେ ଶିହରି ଉଠୁଛି। ସତେ ଯେପରି ମୁହୂର୍ତ୍ତକ ମଧ୍ୟରେ ସମଗ୍ର ବନଭୂମି ରସାତଳଗାମୀ ହେବ। ଜୀବଜନ୍ତୁ, ପଶୁପକ୍ଷୀ ଭୟରେ ନିର୍ବାକ ନିସ୍ପନ୍ଦ ହୋଇ ବୃକ୍ଷଲତାକୁ ଆଶ୍ରୟ କରି ଆସନ୍ନ ପ୍ରଳୟକୁ ଅପେକ୍ଷା କରି ରହିଛନ୍ତି।

ପାଟ ଜଙ୍ଗଲର ବାଘ ଓ ସିଂହମାନଙ୍କ ମଧ୍ୟରେ କଳହ ଆଜି ନୂଆ ନୁହେଁ। ବହୁ ଦିନରୁ ସେମାନଙ୍କ ମଧ୍ୟରେ ବିଭିନ୍ନ କାରଣରୁ ବାଦବିବାଦ, ସଂଘର୍ଷ, ଖଣ୍ଡଯୁଦ୍ଧ ଲାଗି ଆସୁଛି। କିନ୍ତୁ ଆଜି ତାହା ଚରମ ଆକାର ଧାରଣ କରିଛି। ହୁଏତ ବାଘକୁଳ ନିର୍ମୂଳ ହେବେ। ନଚେତ୍ ସିଂହ ବଂଶ ନିଶେଷ ହେବେ।

ଝିମିଟି ଖେଳରୁ ମହାଭାରତ ଭଳି ଏ କଳି ଗୋଟିଏ ସିଂହଛୁଆ ଓ ବାଘଛୁଆର ବନ୍ଧୁତାରୁ ଆରମ୍ଭ ହୋଇଛି। ସିଂହ ଛୁଆଟି ନାମ ବୁକୁ ଓ ବାଘଛୁଆଟି ନାମ ପୁଟୁ।

ବୁକୁ ମହାପରାକ୍ରମଶାଳୀ ବୀରଶ୍ରେଷ୍ଠ ସିଂହରାଜା ବିକ୍ରମର ପୁଅ ଓ ପୁଟୁ ମହାପ୍ରତାପଶାଳୀ ଦୁର୍ଦ୍ଦାନ୍ତ ବାଘରାଜା ପ୍ରତାପର ପୁଅ।

ବୁକୁ ପିଲାଦିନେ ବହୁତ ଡଉଲଡାଉଲ, ବଳବାନ୍ ଓ ତେଜିୟାନ୍ ଥିଲା। ତା ସାଙ୍ଗରେ କୌଣସି ସିଂହଛୁଆ ତାକୁ ବଳରେ ପାରୁନଥିଲେ। ତା'ର ସୁନାମିଶା ହଳଦିଆ ଦେହରୁ ଖାଲି ତେଲ ଖସିପଡୁଥିଲା। କିନ୍ତୁ ଏବେ ସେ ବହୁତ ଦୁର୍ବଳ, ରୋଗଣା ହୋଇଯାଇଛି। ଶୁଣାଯାଏ ସେ କୁଆଡ଼େ ତା ବୋଉ କଥା ମାନୁନଥିଲା। ଥରେ ବହୁତ ଦିନଧରି ପବନ ଓ ବର୍ଷା ହେଲା। ତା ବୋଉ ତାକୁ ବାହାରକୁ ଯିବାକୁ ମନାକଲା। ସେ କିନ୍ତୁ ମାନିଲା ନାହିଁ। ଲୁଚିକରି ଘରୁଯାଇ ବର୍ଷାରେ ଭିଜେ। ସେଇ ଭିଜା ଦେହରେ ଥଣ୍ଡା ପବନ ଖାଏ, ଫଳରେ ଦେହ ତା'ର ଅସୁସ୍ଥ ହୋଇ ପଡ଼ିଲା। ବହୁତ ଡାକ୍ତର ଲାଗିଲେ ଭଲ ହେଲା ନାହିଁ। ଶେଷକୁ ମସ୍ତାନ ହାତୀ ତା'ର ଚିକିତ୍ସା ଦାୟିତ୍ୱ ନେଲା। ମସ୍ତାନ ଡାକ୍ତର ହିସାବରେ ଭଲ ହେଉ ବା ମନ୍ଦ ହେଉ ବୁକୁକୁ କିନ୍ତୁ ସେ ବହୁତ ଭଲପାଏ। ତା'ର ସ୍ୱାସ୍ଥ୍ୟ ଦେଖି ସେ ସବୁବେଳେ ଚିନ୍ତିତ।

ବହୁତ ଦିନ ରୋଗଶଯ୍ୟାରେ ପଡ଼ିପଡ଼ି ବୁକୁକୁ କିଛି ଭଲ ଲାଗିଲା ନାହିଁ। ଦିନେ କାହାକୁ କିଛି ନକହି ବସାଛାଡ଼ି ଜଙ୍ଗଲ ଭିତରେ କିଛି ଦୂରକୁ ଚାଲିଗଲା। ଜଙ୍ଗଲଟା ଆଜି ତାକୁ ନୂଆ ଲାଗୁଛି। ଟିକିଏ ଖେଳିବାକୁ ମନ ହେଉଛି। କିନ୍ତୁ ଶକ୍ତି କାହିଁ! ଆଉ ସେପରି ସାଙ୍ଗ ବି କାହିଁ ଯିଏ ଏହି ଦୁର୍ବଳ ମୁହୂର୍ତ୍ତରେ ଶକ୍ତି, ସାହସ, ଆନନ୍ଦ ଓ ଆଶ୍ୱାସନା ଯୋଗାଇବ। ଏହି ସମୟରେ ପଛରୁ କାହାର ପାଦଶବ୍ଦ ଶୁଣାଗଲା। ବୁକୁ ପଛକୁ ଫେରି ଚାହିଁଲା ଓ ଦେଖିଲା ଦୁଇଟି ଜ୍ୱଳନ୍ତ ଆଖି ତା ଉପରକୁ ଲମ୍ଫପ୍ରଦାନ କରିବାକୁ ଉଦ୍ୟତ। ଭଲକରି ଦେଖିଲାବେଳକୁ ତାରି ବୟସର ଗୋଟିଏ ବାଘଛୁଆ। କିନ୍ତୁ କି ବଳିଷ୍ଠ ତାର ଶରୀର ଗଠନ! ପଞ୍ଝା ଦୁଇଟା କି ଶକ୍ତ! ନିଶ ଫୁଲାଇ ସେ ବୁକୁକୁ ଆକ୍ରମଣ କରିବାକୁ ଉଦ୍ୟତ।

ବୁକୁ ଚିହ୍ନିପାରିଲା, ଇଏ ଆଉ କେହିନୁହେଁ ସ୍ୱୟଂ ମହାବୀର ପୁଟୁ। ମହାପ୍ରତାପଶାଳୀ ବାଘରାଜା ପ୍ରତାପର ପୁଅ। ପୁଟୁ ବିଷୟରେ ବୁକୁ ଅନ୍ୟମାନଙ୍କଠାରୁ ଶୁଣିଥିଲା, କିନ୍ତୁ ନିଜ ଆଖିରେ ଦେଖି ନଥିଲା। ପୁଟୁ କିନ୍ତୁ ଜାଣେ ନାହିଁ ଯେ ଯାହାକୁ ସେ ଆକ୍ରମଣ କରିବାକୁ ଯାଉଛି ସେ ହେଉଛି, ମହାପରାକ୍ରମଶାଳୀ ସିଂହରାଜ ବିକ୍ରମର ପୁଅ।

ପୁଟୁ ବୀରବିକ୍ରମରେ ଆକ୍ରମଣ କରିବାକୁ ଆସୁଥିବାର ଦେଖି ବୁକୁ ଭୟରେ ଲାଙ୍ଗୁଡ଼ ଜାକି ଚୁପ୍ ହୋଇ ପଡ଼ି ରହିଲା। ପୁଟୁର ବିଶ୍ୱାସ ହେଲାନାହିଁ ଯେ ସିଂହଛୁଆ କେବେ ଏପରି ଭୟରେ ଲାଙ୍ଗୁଡ଼ ଜାକି ପଡ଼ିରହେ। ସୁଯୋଗ ପାଇ ପ୍ରତିଆକ୍ରମଣ କରିବାର ଛଳନା କରୁନାହିଁ ତ! ଏଇଆ ଭାବି ପୁଟୁ ଧୀରେ ଧୀରେ ତା ପାଖକୁ ଆସିଲା, ପୁଟୁକୁ ପାଖରେ ଦେଖି ବୁକୁ ଭୟରେ ଥରିଥରି କହିଲା, "ପୁଟୁ, ମୁଁ ଦୀର୍ଘଦିନ ରୋଗ ଭୋଗି ଭୋଗି ବହୁତ ଦୁର୍ବଳ, ତୋ ସହ ଯୁଦ୍ଧ କରିପାରିବି ନାହିଁ। ଯଦି ଚାହୁଁ, ମୋତେ ଖାଇଦେ। ମୁଁ କିଛି ପ୍ରତିବାଦ କରିବି ନାହିଁ।" ବାଘମାନଙ୍କର ଚିରଶତ୍ରୁ ସିଂହର କଥାରେ ପୁଟୁର ପୂରା ବିଶ୍ୱାସ ନହେଲେ ବି ଦେଖିଲା ବାସ୍ତବରେ ବୁକୁ ବହୁତ ଦୁର୍ବଳ। ତା'ର ବୁକୁ ପ୍ରତି ବହୁତ ଦୟା ହେଲା। ସେ ଆସି ତା'ର ବଳିଷ୍ଠ ପଞ୍ଝାରେ ବୁକୁର ମୁଣ୍ଡକୁ ଥାପୁଡ଼ାଇ ଦେଇ ତା'ର ପିଠି ଆଉଁସି ଦେଇ କହିଲା, "ଆଜିଠାରୁ ଆମେ ଦୁହେଁ ପରସ୍ପରର ବନ୍ଧୁ ହେଲେ। କିଛି ଚିନ୍ତା କରନା। ତୋର ସମସ୍ତ ଶକ୍ତି ଖୁବ୍ ଶୀଘ୍ର ଫେରି ଆସିବ ତୁ ସୁସ୍ଥ ହୋଇଯିବୁ।

ପୁଟୁର ବଳିଷ୍ଠ ପଞ୍ଝାର ସ୍ପର୍ଶ ଓ ତା'ର ଆଶ୍ୱାସନାପୂର୍ଣ୍ଣ କଥାଶୁଣି ବୁକୁ ନିଜକୁ ବହୁତ ଶକ୍ତିଶାଳୀ ମନେକଲା। ତା'ର ବୋଧହେଲା

ସତେ ଯେପରି ଏତେଦିନେ ତା'ର ସୁଖଦୁଃଖର ଏକ ଯଥାର୍ଥ ସାଥୀ ପାଇଛି। ପରସ୍ପର କିଛି ସମୟ ଖୁସିଗପ କରିବା ପରେ ଯେଝା ଗୃହକୁ ଗଲେ। ଘରେ ପହଞ୍ଚି ବୁକୁ ତା ବୋଉକୁ ସବୁ କଥା କହିଲା। ବୋଉ ତା'ର ଏକଥା ଶୁଣି କାନରେ ହାତ ଦେଇ କହିଲା, "ଇରେ ତୁ କ'ଣ କହିଲୁ! ସିଂହମାନଙ୍କର ଚିରଶତ୍ରୁ ବାଘଛୁଆ ସାଙ୍ଗରେ ବନ୍ଧୁତା କରିଛୁ! ବିକ୍ରମ ଏକଥା ଶୁଣିଲେ ଆଉ ଦୁନିଆରେ ରଖାଇ ଦେବ ତ! ଯା ତୋର ଯାହା ଇଚ୍ଛା ତା କର। ମୋତେ ଆଉ କିଛି କହନା!"

ବୁକୁ ଆଉ କିଛି କହିବା ପୂର୍ବରୁ ବୋଉ ତା'ର ମୁହଁ ବୁଲାଇ ଅନ୍ୟଆଡ଼େ ଚାଲିଗଲା। ବୁକୁ ମନରେ ବହୁତ ଆଘାତ ଲାଗିଲା। ହେଲେ ସେ ପୁଟୁର ସାଙ୍ଗ ଛାଡ଼ିପାରିବ ନାହିଁ। ମସ୍ତାନ ହାତୀ ଏବେ ବୁକୁକୁ ଦେଖି ତା'ର ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଛି ବୋଲି ସମସ୍ତଙ୍କୁ ଜଣାଇଦେଲା। ଏବେ ବୁକୁର ଦେହ ଗୋଲଗୋଲ ହୋଇ ବେଶ୍ ବଳିଷ୍ଠ ଦେଖାଗଲାଣି। ତା'ର ଚାଲିଚଳନରେ ସିଂହ ରାଜପୁତ୍ର ସମସ୍ତ ଠାଣି ଫୁଟି ଉଠିଲାଣି।

ଦିନେ ସେ ଶୋଇଛି। ପୁଟୁ କଥା ତା'ର ମନେ ପଡ଼ିଲା। ପୁଟୁସହ ଅନେକ ଦିନ ହେଲାଣି ଦେଖାହୋଇନାହିଁ। ବୋଧହୁଏ ପୁଟୁ ବାଘ ବି ସିଂହମାନଙ୍କ ଭୟରେ ତା ପାଖକୁ ଆସିପାରୁ ନାହିଁ। ଏହି ସମୟରେ ପଛରୁ କାହାର ପରିଚିତ ପାଦଶବ୍ଦ ଶୁଣାଗଲା। ତା ସହ ପରିଚିତ ପଞ୍ଝାର ମଧ। ବୁକୁ ବୁଲିପଡ଼ି ଚାହିଁଲା ବେଳକୁ ଦେଖିଲା ପୁଟୁ। ଆଉ ତା'ର ଆନନ୍ଦ ଦେଖେ କିଏ! ଉଠିପଡ଼ି ତାକୁ କୁଣ୍ଢାଇ ପକାଇଲା। ପୁଟୁ କିନ୍ତୁ ଖୁବ୍ ସତର୍କତାର ସହ ଚୁପ୍ ଚୁପ୍ କରି ତା କାନରେ କହିଲା, "ତୋ ପାଖରେ ଗୋଟିଏ କାମ ଅଛି। ଟିକିଏ ବାହାରକୁ ଆ, ମୁଁ କହିବି।" ବୁକୁ କହିଲା, "ଠିକ୍ କଥା ଏଠାରେ ରହିଲେ ସିଂହମାନେ ତୋତେ ଯଦି ଦେଖନ୍ତି, ତେବେ ଖଣ୍ଡ ଖଣ୍ଡ କରି ଚିରି ପକାଇବେ। ଚାଲ ସିଆଡ଼େ ବାହାରେ କଥାବାର୍ତ୍ତା ହେବା।"

ବାହାରକୁ ଯାଇ ପୁଟୁ ଏକାନ୍ତରେ ବୁକୁକୁ କହିଲା, "ଦେଖ୍ ବୁକୁ, ଆମ ପରିବାର ପ୍ରତି ବିପଦ ଆସିଛି। ଟିପୁ ବୋଲି ଗୋଟିଏ ବାଘ ମୋ ବାପା ପ୍ରତାପର କଥା ମାନୁନାହିଁ। ସେ ଚାହୁଁଛି ପ୍ରତାପକୁ ମାରି ବାଘମାନଙ୍କର ରାଜା ହେବ। ତେଣୁ ବାଘମାନଙ୍କୁ ଶିଖାଇ ବିଶୃଙ୍ଖଳା ସୃଷ୍ଟି କରୁଛି। ତାକୁ ଜବତ୍ କରିବାର ଏକମାତ୍ର ଉପାୟ ଅଛି। ତାହା ହେଉଛି ସିଂହର ରଡ଼ି। ସିଂହରଡ଼ି ଶୁଣିଲେ ଭୟରେ ତା'ର କଲିଜା ପାଣି ହୋଇଯାଏ। ତାକୁ ତଡ଼ିବାରେ ତୁ ମୋତେ ଟିକିଏ ସାହାଯ୍ୟ କରିବୁ। ତୁ ଟିକିଏ ଖୁବ୍ ଜୋର୍‌ରେ ରଡ଼ି ଛାଡ୍ ତ ମୁଁ ଶୁଣେ। ବୁକୁ ବନ୍ଧୁର ଅନୁରୋଧରେ ସଙ୍ଗେ ସଙ୍ଗେ ଭୟଙ୍କର ଭାବେ ବୁକୁଫଟା ରଡ଼ି ଛାଡ଼ିଲା। ଆଖପାଖ ବୃକ୍ଷଲତା ଓ ପୁଟୁର ଅନ୍ତର ସେ ରଡ଼ି ଶୁଣି ଶିହରି ଉଠିଲା। ପୁଟୁ ବୁକୁର ବେକ ଆଉଁସି ଦେଇ କହିଲା, "ସାବାସ୍, ଟିପୁକୁ ଦେଖିଲେ ଠିକ୍ ଏଇଭଳି ରଡ଼ି ଛାଡ଼ିବୁ। ଏତିକି ଶୁଣିଲେ ତ ସିଏ କୁଆଡ଼େ ଛାନିଆ ହୋଇ ପଳାଇବ।"

ବନ୍ଧୁର ପ୍ରଶଂସାରେ ବୁକୁର ମନ କୁଣ୍ଢେମୋଟ ହୋଇଗଲା। ଘରକୁ ଫେରି ତା ବୋଉ ଆଗରେ ସବୁକଥା କହିଲା। ବୋଉ ଏକଥା ଶୁଣି ରାଗରେ ଅଗ୍ନିଶର୍ମା। କହିଲା, "ତୁ ଆଉ ମୋତେ ରଖାଇଥୋଇ ଦେବୁନାହିଁ ଦେଖୁଛି। ବିକ୍ରମର କ୍ରୋଧକଥା ଜାଣୁ ତ। ସେ ଥରେ ରାଗିଲେ ଆଉ ତାକୁ ବୁଝାଇବାର ସାଧ କାହାର ନାହିଁ। ବାଘମାନେ ଆମର ଚିରଶତ୍ରୁ। ତୁ ବିକ୍ରମର ପୁଅହୋଇ ବାଘରାଜା ପ୍ରତାପକୁ ସାହାଯ୍ୟ କରିବୁ! ଏହା କେବେ ବି ହୋଇପାରିବ ନାହିଁ। ତୁ ଯଦି ଏକଥା କରୁ, ତୋ ଖବର ତୁ ବୁଝିବୁ। ମୋତେ ଆଉ କିଛି କହିବୁ ନାହିଁ।"

ବୋଉର କଥା ଶୁଣି ବୁକୁର ମନଟା ଆମ୍ବିଳା ହୋଇଗଲା। ଗୋଟିଏ ଦିଗରେ ବନ୍ଧୁର ଅନୁରୋଧ, ଅନ୍ୟ ଦିଗରେ ବୋଉର ଆକଟ। କ'ଣ କରିବ ବିଚାରା! ଶେଷକୁ ବୋଉ କଥା ମାନିବାକୁ ସ୍ଥିର କଲା।

କିଛିଦିନ ବିତି ଯାଇଛି। ଏହା ମଧ୍ୟରେ ଟିପୁର ଉପଦ୍ରବ ବଢ଼ିଯାଇଛି। ପୁଟୁ ଆଉ ସମ୍ଭାଳି ନପାରି ଦିନେ ରାତିରେ ଲୁଚି ଲୁଚି ବୁକୁ ଘରକୁ ଆସିଛି। ପୁଟୁ ରାତିରେ ଲୁଚି ଲୁଚି ଆସୁଥିବାର ଟିପୁ ଦେଖିଛି। ସେ ଚାହେଁ ପୁଟୁକୁ ଜୀବନରେ ଶେଷ କରିଦେବାକୁ। ତା ହେଲେ ସେ ନିଷ୍କଣ୍ଟକ ହୋଇଯିବ। ତେଣୁ ପୁଟୁ ପଛେ ପଛେ ସେ ବି ଛପି ଛପି ଆସିଲା। ପୁଟୁ ଏକଥା ଜାଣେ ନାହିଁ। ସେ ସିଧା ଘରକୁ ପଶିଗଲା। ଏତେ ରାତିରେ ପୁଟୁକୁ ଦେଖି ବୁକୁ ଆବାକ୍! କହିଲା, "ପୁଟୁ! ଏତେ ରାତିରେ କୁଆଡ଼େ?" ପୁଟୁ ତାକୁ ଚୁପ୍ ଚୁପ୍ କରି କହିଲା, "ବୁକୁ! ମୁଁ ଯେଉଁ ସାହାଯ୍ୟ ପାଇଁ ତୋତେ କହିଥିଲି ସେ କଥା ତୋର ମନେ ଅଛି ତ? ବର୍ତ୍ତମାନ ସେଇ ସମୟ ଉପସ୍ଥିତ। ଟିପୁର ଉପଦ୍ରବ ଅସହ୍ୟ ହୋଇପଡ଼ିଛି। ତୁ ଟିକିଏ ମୋ ସାଙ୍ଗରେ ଆ। ତା ଘର ନିକଟରେ ରଡ଼ି ଛାଡ଼ିବୁ।"

ବୁକୁ କହିଲା, "ପୁଟୁ! ମୁଁ ବହୁତ ଦୁଃଖିତ। ମୁଁ ତୋତେ ସାହାଯ୍ୟ କରି ପାରିବି ନାହିଁ। ବୋଉ ମୋତେ ମନା କରିଛି। ଏକାମ ମୁଁ କଲେ ବାପା କ'ଣ ନାହିଁ କ'ଣ କରିବସିବେ ତା ଜଣାନାହିଁ।"

ପୁଟୁ କହିଲା, "ଠିକ୍ ଅଛି, ତୋତେ ବିପଦରେ ପକାଇ ମୁଁ ମୋର କାର୍ଯ୍ୟ ହାସଲ କରିବାକୁ ଚାହେଁ ନାହିଁ। ତୁ ଥା', ମୁଁ ଯାଉଛି। ଟିପୁକୁ ତଡ଼ିବାର ଅନ୍ୟ ବ୍ୟବସ୍ଥା କରିବି।" ଏଇଆ କହି ସେ ବୁଲିପଡ଼ିବା ମାତ୍ରେ ଦେଖିଲା ବେଳକୁ ଟିପୁ ତା ପଛରେ ଆସି ଯମ ଭଳି ଠିଆ ହୋଇଛି। ଟିପୁ ଆଉ କାଳବିଳମ୍ବ ନକରି ପୁଟୁ ଉପରକୁ ଲମ୍ଫପ୍ରଦାନ କରି ତାକୁ ଖଣ୍ଡ ଖଣ୍ଡ କରି ଚିରିଦେବା ପାଇଁ ଉଦ୍ୟତ ହେଲା। ତା'ର ଜ୍ୱଳନ୍ତ ଆଖିକୁ ଦେଖି ପୁଟୁ ଜୀବନର ଆଶା ଛାଡ଼ିଦେଇ ମୃତ୍ୟୁକୁ ଅପେକ୍ଷା କରି ଛିଡ଼ା ହେଲା।

ବୁକୁ ନିଜ ଆଖି ଆଗରେ ନିଜର ପ୍ରିୟ ବନ୍ଧୁର ମୃତ୍ୟୁକଥା ଚିନ୍ତା କରିପାରିଲା ନାହିଁ। ବାଘ ଓ ସିଂହମାନଙ୍କ ମଧ୍ୟରେ ଚିର ଶତ୍ରୁତା କଥା ସେ ଭୁଲିଗଲା। ଭୁଲିଗଲା ବୋଉର ଆକଟ, ବାପାର କ୍ରୋଧ, ବଂଶର ପରମ୍ପରା। ତା'ର ଭୟଙ୍କର ରଡ଼ିରେ ବନଭୂମି ପ୍ରକମ୍ପିତ ହୋଇଉଠିଲା। ସେ ରଡ଼ି ଶୁଣି ଟିପୁ ଲାଙ୍ଗୁଡ଼ ଜାକି କୁଆଡ଼େ ପଳାଇଲା ଯେ ସେହିଦିନଠାରୁ ତାକୁ ଆଉ ସେ ଜଙ୍ଗଲରେ କେହି ଦେଖି ନାହାନ୍ତି। କୃତଜ୍ଞତାରେ ପୁଟୁର ଆଖିରୁ ଲୁହ ଝରିପଡ଼ିଲା। ବୁକୁ କିନ୍ତୁ ଜାଣିପାରିଲା ଆଉ ଟିକିଏ କାଳବିଳମ୍ବ କଲେ ସିଂହମାନଙ୍କ ହାତରେ ପୁଟୁର ପ୍ରାଣଯିବ। ସେ ପୁଟକୁ କହିଲା, "ଯେତେ ଶୀଘ୍ର ପାରୁ ତୁ ଏ ଘର ଛାଡ଼ି ପଳା। ନଚେତ୍ ସିଂହମାନେ ଆସି ତୋତେ ବର୍ତ୍ତମାନ ମାରି ଟିକି ଟିକି କରି ପକାଇବେ।" ବୁକୁ କଥା ଶୁଣି ପୁଟୁ ପ୍ରାଣମୂର୍ଚ୍ଛା ଦୌଡ଼ିବାକୁ ଲାଗିଲା। ସିଂହମାନେ ଏ ରଡ଼ି ଶୁଣି ନିଜ ନିଜ ଘରଛାଡ଼ି ବୁକୁ ଘରପାଖରେ ଜମାହୋଇ ପଡ଼ିଲେ।" କିଏ କହିଲା, "ଏଇତ, ବାଘଟାଏ ଦଉଡ଼ି ପଳାଇ ଯାଉଛି।" ଘଟଣାଟି ଜାଣିବାକୁ ଆଉ ବେଶୀ ସମୟ ଲାଗିଲା ନାହିଁ। ବୁକୁକୁ ପଚାରିବାରୁ ସେ ମିଛ ନକହି ସ୍ପଷ୍ଟଭାବରେ ସବୁକଥା ତା ବାପା ବିକ୍ରମକୁ କହିଦେଲା। ଏକଥା ଶୁଣି ବିକ୍ରମ ମୁହୂର୍ତ୍ତକାଳ କ'ଣ କରିବ ବୋଲି କିଛି ଚିନ୍ତା କରି ପାରିଲା ନାହିଁ। ସିଂହ ଘରେ ବାଘର ତାମସା। ସେଥିରେ ପୁଣି ନିଜ ପୁଅ ଜଡ଼ିତ। ଅନ୍ୟ ସିଂହମାନେ ଶୁଣିଲେ କ'ଣ ଭାବିବେ! ନା, ନା, ନିଜର ପୁଅ ହେଲେ ବି ତା ପ୍ରତି ଉପଯୁକ୍ତ ଶାସ୍ତିବିଧାନ କରିବାକୁ ହେବ। କ୍ରୋଧରେ ବିକ୍ରମର ଦେହ ଥରିବାକୁ ଲାଗିଲା। ତା ଆଖିରୁ ଖାଲି ନିଆଁ ବାହାରିଲା। ବୁକୁର ବୋଉ ବିକ୍ରମର କ୍ରୋଧ ଜାଣେ। ଭାବିଲା, ଆଉ ପୁଅକୁ ଏଥର ବିକ୍ରମ ହାତରୁ ରକ୍ଷା କରିହେବ ନାହିଁ। ଭୟରେ ସେ ବିକ୍ରମର ପାଖ ପଶି ପାରିଲା ନାହିଁ।

ବିକ୍ରମର କ୍ରୋଧ ନିନାଦରେ ବନଭୂମି ଥରି ଉଠିଲା। ସେ ଗୁରୁଗମ୍ଭୀର କଣ୍ଠରେ ବୁକୁକୁ କହିଲା, "ତୁ ବିକ୍ରମର ପୁଅ ହୋଇ ସିଂହମାନଙ୍କର ଚିରଶତ୍ରୁ, ବାଘମାନଙ୍କ ସହ ବନ୍ଧୁତା କରି ସମଗ୍ର ସିଂହକୁଳର ମର୍ଯ୍ୟାଦା ନଷ୍ଟ କରିଛୁ। ତୋତେ ମୁଁ ଆଜିଠାରୁ ନିର୍ବାସନ ଦଣ୍ଡ ଦେଲି। ଆଉ ମୁହୂର୍ତ୍ତେ ବି ତୋତେ ମୁଁ ଏ ଘରେ ଦେଖିବାକୁ ଚାହେଁନାହିଁ। ଶୀଘ୍ର ଏ ଘରୁ ବାହାରି ଚାଲିଯା।" ଏଇଆ କହି ବୁଲିପଡ଼ି ସେ ଚାଲିଗଲା। ବିକ୍ରମ ଚାଲିଯିବା ପରେ ବୁକୁର ବୋଉ ବୁକୁକୁ କୁଣ୍ଢାଇ କାନ୍ଦିବାକୁ ଲାଗିଲା। ବୋଉର ଦୁଃଖରେ ବୁକୁ ଟିକିଏ ମ୍ରିୟମାଣ ହୋଇପଡ଼ିଲା। ତା ଆଖିରେ ବି ବିନ୍ଦୁ ବିନ୍ଦୁ ଲୁହ ଦେଖାଦେଲା। କିନ୍ତୁ ହଠାତ୍ ସେ ପ୍ରକୃତିସ୍ଥ ହୋଇଉଠିଲା। ସିଂହଛୁଆ ଦୁଃଖରେ ଭାଙ୍ଗିପଡ଼ିବ! ବିଳାପ କରିବ! ନା, ନା, ତା କେବେ ହୋଇପାରେନା। ବୋଉକୁ ସାନ୍ତ୍ୱନା ଦେଇ ବୁକୁ କହିଲା, "ବୋଉ, ବ୍ୟସ୍ତ ହ'ନା। ମୁଁ ବଡ଼ ହୋଇଗଲିଣି। ମୁଁ ନିଜ ଉପରେ ନିର୍ଭର କରି ଚଳିପାରିବି। ବଞ୍ଚି ରହିଲେ ପୁଣି ତୋ ସହ ଦେଖାହେବ, ଯାଉଛି। ଏତିକି କହି ନିର୍ଜନ ଅନ୍ଧକାର ଭିତରେ ସେ କୁଆଡ଼େ ହଜିଗଲା।

ବୋଉଠାରୁ ବିଦାୟ ନେଇ ବୁକୁ ସିଂହମାନଙ୍କ ରାଜ୍ୟର ସୀମା ପାର ହୋଇ କେତେବେଳେ ବାଘମାନଙ୍କ ରାଜ୍ୟରେ ପ୍ରବେଶ କଲାଣି ସେ କଥା ତାକୁ ମାଲୁମ୍ ନାହିଁ। ବହୁତ ବାଟ ଚାଲି ଚାଲି କ୍ଳାନ୍ତି ଲାଗିଲାଣି। ପାଖରେ ଗୋଟିଏ ପାହାଡ଼ ଗୁହା ଦେଖି ତା ଭିତରକୁ ପଶିଗଲା। ଭିତରେ ଆରାମରେ ଶୋଇଲା। ସକାଳ ହେଲାବେଳକୁ କାହାର ପରିଚିତ ଡାକରେ ତା'ର ନିଦ ଭାଙ୍ଗିଗଲା। ଦେଖିଲା ବେଳକୁ ସାମନାରେ ପୁଟୁ ଠିଆ ହୋଇଛି। ପୁଟୁ କହିଲା, "ଏଠାକୁ କିପରି ଆସିଲୁ? ବାଘମାନେ ତୋତେ ଦେଖିଲେ ଆଉ ଜୀବନରେ ରଖିବେ ନାହିଁ?"

ବୁକୁ ସବୁକଥା ପୁଟୁକୁ କହିଲା। ପୁଟୁ ସବୁ ଶୁଣି ବନ୍ଧୁ ପ୍ରତି ସମବେଦନାରେ କାତର ହୋଇପଡ଼ିଲା। କହିଲା, "କିଛି ଭୟ ନାହିଁ। ତୁ ଏଇଠି ରହ। ଏଇଟା ମୋର ଘର। ତୁ କୁଆଡ଼େ ବାହାରକୁ ଯିବୁ ନାହିଁ। ମୁଁ ତୋ ଲାଗି ଶିକାର କରି ଆଣିଦେବି।"

ବୁକୁ ଆରାମରେ ବନ୍ଧୁ ଘରେ ରହିଲା। କିଛିଦିନ ଗଲା। କେତେ ଅବା ସବୁଦିନେ ଗୁହାଟା ଭିତରେ ପଡ଼ିରହିଥିବ। ପୁରୁଣା ବର୍ଷ ଏହା ମଧ୍ୟରେ ଚାଲିଯାଇଛି। ଆଜି ନୂଆବର୍ଷ। ନୂଆ ଉନ୍ମାଦନାରେ ଦୁହେଁ ଗୁହାରୁ ବାହାରି ସାଙ୍ଗ ହୋଇ ଖେଳିଖେଳିକା କେତେବେଳେ ଦୁଇ ରାଜ୍ୟର ସୀମା ନିକଟକୁ ଚାଲିଆସିଛନ୍ତି, ସେ କଥା ଜଣା ନାହିଁ। ସୀମା ନିକଟରେ ଗୋଟିଏ ପାଖରେ ସିଂହମାନଙ୍କର ସୈନ୍ୟ ଓ ଅନ୍ୟପାଖରେ ବାଘମାନଙ୍କର ସୈନ୍ୟ ଜଗିଛନ୍ତି। ହଠାତ୍ ସେମାନଙ୍କ ନଜର ବୁକୁ ଆଉ ପୁଟୁ ଉପରେ ପଡ଼ିଗଲା। ସିଂହମାନେ ଚିତ୍କାର କରି ଉଠିଲେ, "କିଏ ବୁକୁ?" ବାଘମାନେ ଚିତ୍କାର କରି ଉଠିଲେ, "କିଏ ପୁଟୁ?" ତାପରେ ଚାଲିଲା ଦୁଇଦଳ ମଧ୍ୟରେ ଝଗଡ଼ା। ବାଘମାନେ କହିଲେ, "ତୁମେ ଭୀରୁ ସିଂହଦଳ ଆମ ରାଜାପୁଅକୁ ଶିଖାଇ ନଷ୍ଟ କରିଦେଲ।" ସିଂହମାନେ ଅଧିକ ଗର୍ଜନ କରି କହିଲେ, "ନିର୍ଲଜ କାପୁରୁଷ ବାଘପଲ! ଆଉ କିଛି ପାଇଲ ନାହିଁ, ଶେଷକୁ ଆମ ରାଜା ପୁଅକୁ ଭୁଲାଇ ତାକୁ କୁଳାଙ୍ଗାର କଲ?" ଏହି ଦୁଇଦଳ ମଧ୍ୟରେ ପରସ୍ପର ପ୍ରତି କ୍ରୋଧ ଓ ବିଦ୍ୱେଷପୂର୍ଣ୍ଣ ବାକ୍ୟବିନିମୟ ହେଉ ହେଉ ତାହା ଭୀଷଣ ଆକାର ଧାରଣ କଲା। ବିକ୍ରମ ଓ ପ୍ରତାପ ଆସି ପହଞ୍ଚିଲେ। ଗୋଟିଏ ପାଖରେ ସବୁ ସିଂହ ଓ ଅନ୍ୟପାଖରେ ସବୁ ବାଘତକ ରୁଣ୍ଡ ହେଲେ। ସେମାନଙ୍କ ଗର୍ଜନରେ ବଣ ଦୁଲୁକି ଉଠିଲା। ଅନ୍ୟ ଜୀବଜନ୍ତୁ କିଏ କୁଆଡ଼େ ବଣବୁଦାକୁ ଆଶ୍ରୟ କରି ଭୟରେ ଲୁଚି ରହିଲେ। ହଠାତ୍ ସିଂହମାନଙ୍କ ତରଫରୁ ଯୁଦ୍ଧ ଘୋଷଣା କରାଗଲା। ବାଘମାନେ ମଧ୍ୟ ତା'ର ପ୍ରତ୍ୟୁତ୍ତର ସ୍ୱରୂପ ଯୁଦ୍ଧ ଘୋଷଣା କଲେ। ବୁକୁ ଆଉ ପୁଟୁ ଦେଖିଲେ ଯେ ବର୍ତ୍ତମାନ ଦୁଇ ଦଳଙ୍କ ମଧ୍ୟରେ ଯୁଦ୍ଧ ହୋଇ ରକ୍ତନଦୀ ବହିଯିବ। କାହାର କିଛି ଲାଭ ହେବ ନାହିଁ। ସେ ଦୁହେଁଯାକ କ'ଣ ପରସ୍ପର ମଧ୍ୟରେ କୁହାକୁହି ହୋଇ ଆସି ଦୁଇଦଳ ମଝିରେ ଛିଡ଼ା ହେଲେ। କହିଲେ, "ଏ ଯୁଦ୍ଧ ହୋଇପାରିବ

ନାହିଁ। ନିଜ ନିଜ ଘରକୁ ଫେରିଯାଇ ଆଜିଠାରୁ ବନ୍ଧୁଭାବରେ ଚଳ। ଅଯଥାରେ ଏ ଜଙ୍ଗଲର ଶାନ୍ତିକୁ ନଷ୍ଟ କରନାହିଁ।"

ଏମାନଙ୍କ କଥା ଶୁଣି ବାଘ ପକ୍ଷରୁ ଓ ସିଂହ ପକ୍ଷରୁ କେହି କେହି ଗର୍ଜି ଉଠିଲେ, "ବାଘ ସିଂହମାନଙ୍କ ମଧ୍ୟରେ ବନ୍ଧୁତା ! କେଉଁ କାଳରେ ଏହା ଘଟିଥିଲା ! ଯାଅ ଯାଅ ଘୁଞ୍ଚିଯାଅ ! ଆମେ ଯେ କୌଣସି ପ୍ରକାରେ ଯୁଦ୍ଧ କରିବୁ। ବିନା ଯୁଦ୍ଧରେ କିଛି ସମାଧାନ ହେବ ନାହିଁ। ହୁଏତ ବାଘକୁଳ ନିର୍ମୂଳ ହେବେ, ନଚେତ୍ ସିଂହବଂଶ ନିଶେଷ ହେବେ।"

ପୁଟୁ ଆଉ ବୁକୁ କହିଲେ, "ବାଘ ସିଂହମାନଙ୍କ ମଧ୍ୟରେ ବନ୍ଧୁତା କାହିଁକି ହୋଇପାରିବ ନାହିଁ? ଏଇ ଦେଖ, ଆମେ ଦୁହେଁ କିପରି ବନ୍ଧୁ। ଯଦି ଆମ କଥା ନମାନି ଯୁଦ୍ଧ ଚାହଁ ତେବେ ପ୍ରଥମେ ଆମ ଦୁହିଁଙ୍କୁ ମାରିଦିଅ। ତାପରେ ଯୁଦ୍ଧ କରୁଥାଅ।

ଏ କଥା ଶୁଣି ଉଭୟେ ବାଘ ପକ୍ଷ ଓ ସିଂହପକ୍ଷ ନିରୁପାୟ ବୋଧକଲେ। ଏ କିପରି କଥା ! ବାଘ ସିଂହଙ୍କ ମଧ୍ୟରେ କେଉଁ ଅନାଦି କାଳରୁ ବିବାଦ ଲାଗି ଆସିଛି। ଉଭୟେ ପରସ୍ପରର ପରମ ଶତ୍ରୁ। ବର୍ତ୍ତମାନ କିପରି ପରସ୍ପର ବନ୍ଧୁ ହୋଇପାରିବେ ! ଏଣେ କିନ୍ତୁ ବୁକୁ ଆଉ ପୁଟୁକୁ ମାରି ଯୁଦ୍ଧ କରିବାକୁ ଦେହ ଚଳୁନାହିଁ। କ'ଣ କରିବେ ? ଏତିକି ବେଳେ ସେ ବିରାଟକାୟ ଡାକ୍ତର ହାତୀ ମସ୍ତାନ ଆସି ପହଞ୍ଚିଗଲା। ଦୁଇଦଳ ଭିତରେ ପଶି ବୁକୁ ଆଉ ପୁଟୁକୁ ପିଠିରେ ବସାଇ ଥୋଡ଼ପାହାଡ଼ ଟେକି ହସି ହସି କହିଲା, "Forgive and Forgete." ହଠାତ୍ ବାତାବରଣ ମଧ୍ୟରୁ ଶତ୍ରୁତାର ତୀବ୍ରତା ଅପସରି ଯାଇ ବନ୍ଧୁତ୍ୱର ସ୍ପନ୍ଦନ ଖେଳିଗଲା। ଉଭୟ ଦଳ ମନେମନେ ଖାଲି ଗୁଣି ହେବାକୁ ଲାଗିଲେ। "Forgive and Forgete." ଏଇ ତେବେ ଉପାୟ। ଏହାରି ବଳରେ ତାଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇପାରିବ। ତେବେ ତାହାହିଁ ହେଉ। ନୂଆ ବର୍ଷରେ ପୁରାତନ ବର୍ଷର ସମସ୍ତ ଶତ୍ରୁତା, ସମସ୍ତ ହିଂସା, ସମସ୍ତ କପଟତା ଦୂର ହୋଇ ପରସ୍ପର ମଧ୍ୟରେ ଅନାବିଳ, ନିଷ୍କପଟ ବନ୍ଧୁତା ସ୍ଥାପିତ ହେଉ !

ଏଣିକି ବାଘ ସିଂହ ପରସ୍ପର ଶତ୍ରୁତା ଭୁଲି ଯେଝାର ଯେଝା ଶିକାର କରି ଚଳିଲେ।

## ଭୁପାଲ ଭାଇଙ୍କ ଚିଠି.......

ସମ୍ମାନ ସହ ପ୍ରଣାମ ନେବେ। ଆପଣ ପଠାଇଥିବା ୩୫ତମ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ପ୍ରୋଗ୍ରାମ ପାଇଲି। ବହୁ ସୁନ୍ଦର ଭାବର ପ୍ରସ୍ତୁତ ହୋଇଛି। ମାଶ୍ରୀଅରବିନ୍ଦଙ୍କ ମହାସମାଧିରେ ପୀଠରେ ତାହା ନିବେଦନ କଲି। ମା'ଙ୍କଠାରେ ପ୍ରାର୍ଥନା କରୁଛି ସମସ୍ତ କାର୍ଯ୍ୟ ମା'ଙ୍କର ସ୍ୱତଃ ଉପସ୍ଥିତି ସହ ସମ୍ପନ୍ନ ହେଉ। ଏହିପରି ପବିତ୍ର ଓ ମହାନ କାର୍ଯ୍ୟରେ ମାତୃଭବନର ଅନ୍ତେବାସୀ ଓ ଏଥିରେ ସହଯୋଗ କରୁଥିବା ସମସ୍ତ କର୍ମୀମାନଙ୍କୁ ମୁଁ ମୋର ଆନ୍ତରିକ ନମସ୍କାର ସହ ଅଭିନନ୍ଦନ ଜଣାଉଛି।

ସମସ୍ତ କାର୍ଯ୍ୟ ଦିବ୍ୟ ଉପସ୍ଥିତି ସହ ପବିତ୍ର ପରିବେଶରେ ସୁନ୍ଦର ଭାବରେ ସଙ୍ଗଠିତ ହୋଇଉଠୁ ଏବଂ ସମସ୍ତେ ଯେପରି ମା'ଙ୍କର କରୁଣା ପ୍ରାପ୍ତ କରିପାରନ୍ତୁ।

ପୁଣି ଥରେ ପ୍ରଣାମ ସହ

ବିନୀତ

**ଭୁପାଲ**

# ORGANISATION IN ORISSA

**AMAR SINGH (I.A.S.) RTD.**
Chief Editor, The Oriya Aurovilian
A-33, Sec-39, Noida

My Dear Prasad,

In the world today, Orissa stands in the front ranks, for having the greatest number of not only the study circles but she has also the greatest number of Relic centers. If any body talks about the study circles of Orissa, three stalwarts: Babaji Maharaj, Prapatti, and Sharmaji stand before my eyes to give their darshan, they were the icons and the pioneers of launching this great movement of the Mother and and Sri Aurobindo which had gone, in those days, out and spread all over Orissa like wild fire, awaking the consciousnesss of the people and shedding their message of love and truth and pushing them forward towards the journey to achieve Divine consciousness. Prapatti of course was very close to me being my friend, philosopher and guide and it was a pleasure for me to go with him as a volunteer into the interior to organize some of these study circles. and finally it was a treat of collect the participants of the Study Circles for a conference to debate of various spritual matters- Uchhab Babu as a host for these conferences was a legendary figure for his kind disposition. It was a unique pleasure for me, to stand in a queue "with a thali" in hand and move forward to get my items of food along with other recipients. They were my golden days which gave me the fineness of the idea of unity and brotherhood. No one was superior or inferior- all of us were the children of The Mother. She was the cementing force to bind us together.

All the days the conference was on, were memorable days and we hear with rapt attention the soul stirring deliberation and speeches of the reputed sadhaks of the Ashram.

Prasad, you have opened up my memory lane, to see how we used to enojoy the grace of the lord and anybody present or participating was neck deep in the sea of spirituality. Songs and bhajans filled the air- Matrubhaban or the Stadium where these conferences were held turned into sacred temples with dhoopbaties emitting fragrance through their curling smoke.

I hope you too, today create this atmosphere round Matrubhaban while holding these meetings and conferences. I was therefore extremely happy to get your telegram telling me that you were going to organise the 35th All Orissa Sri Aurobindo study circles conference from the 4th April to 7th April 2005. I am sure the grace of The Mother will continue to hold her umbrella over you and your collegues, organisers volunteers and others to bring you tremendous success of the conference and the participants go back home fully aware of their responsibilities and obligations put on their shoulders for the fulfillment of the mission of The Mother and Sri Aurobindo which is to work hard for the ushering in, the new era of love peace and prosperity and harmony by establishing the rule of the Divine.

And mind you India has to play her role as the guru of the world to teach all of us on the subject of spirituality and how to lead a spiritual life - this message may kindly be conveyed to your visitors and associates so that each one conducts himself the way our masters would want us to conduct ourselves in life. Each one of us has to use his instruments of love, humility, understanding and offer corporation and share his cake with the other to achieve the goal.

With love and blessings
**Amar Singh**

ଅତୀତ ସ୍ମୃତି

# ସଭା ସମିତି ଓ ସମ୍ମିଳନୀ
# (୭୪ମସିହା ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ)
## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମାତୃଭବନ, କଟକ

**ପଞ୍ଚାନନ ମହାନ୍ତି**

**କ**ଟକ, ମାତୃଭବନଠାରେ ତା୪.୪.୭୪ରିଖରୁ ତା.୭.୪.୭୪ ରିଖ ପର୍ଯ୍ୟନ୍ତ ଏକ ବ୍ୟାପକ ଓ ବିରାଟ ପାଠଚକ୍ର ସମ୍ମିଳନୀ ହୋଇଥିଲା। ଏଥିରେ ସମଗ୍ର ପ୍ରଦେଶରୁ ବିଭିନ୍ନ ଜିଲ୍ଲାର ପାଠଚକ୍ର, ମହିଳାସମିତି, ଛାତ୍ରସମାଜର ସଭ୍ୟଗଣ (ପ୍ରାୟ ୬୦୦ଶହ) ଯୋଗଦାନ କରି ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ। ଏତେ ସଂଖ୍ୟାରେ ପାଠଚକ୍ର ପ୍ରତିନିଧିଗଣ କୌଣସି ଶିବିରରେ ପୂର୍ବେ ଯୋଗଦେବାର ମନେପଡୁ ନାହିଁ। ଏହି ପ୍ରତିନିଧିମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଯୁବକମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ପ୍ରତିନିଧିମାନଙ୍କର ସଭ୍ୟଚାନ୍ଦା ଚାରିଦିନ ନିମିତ୍ତ ୧୦ଟଙ୍କା ଏବଂ ଏହି ଚାନ୍ଦା ଛାତ୍ରମାନଙ୍କ ନିମିତ୍ତ ୫ଟଙ୍କା ରଖାଯାଇଥିଲା। ମାତୃଭବନ ଉତ୍ତର ପଟରେ କେନାଲର ଠିକ୍ ଉତ୍ତରକୁ 'ଜନଶକ୍ତି' ବିଲ୍‌ଡ଼ିଙ୍ଗ୍‌ରେ ଅଧିକାଂଶ ପ୍ରତିନିଧି ରହୁଥିଲେ ଏବଂ କେତେକେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ରହୁଥିଲେ। ଅନେକ ବୟୋଜ୍ୟେଷ୍ଠ ପାଠଚକ୍ର ସଭ୍ୟ ମଧ୍ୟ ଏହି କ୍ୟାମ୍ପରେ ଯୋଗଦେଇ ବିଶେଷ ଆନନ୍ଦ ଉପଭୋଗ କରୁଥିବାର ଦେଖାଯାଇଥିଲା।



ଏହି ଉତ୍ସବ ବହୁ ଆଡ଼ମ୍ବର ଓ ସୁନ୍ଦର ସାଜସଜ୍ଜା ସହିତ ମାତୃଭବନର ବିରାଟ ପ୍ରାଙ୍ଗଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରମରୁ ବିଶିଷ୍ଟ ସାଧକ ଶ୍ରୀ ଉଦାର, ଶ୍ରୀ ଅରବିନ୍ଦ ବସୁ, ଶ୍ରୀ ଛୋଟେନାରାୟଣ ଶର୍ମା ଏବଂ ଶ୍ରୀ ପ୍ରପତ୍ତି ଯୋଗଦାନ କରିଥିଲେ। ବାହାରରୁ ମଗଧ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ଡକ୍ଟର ଶ୍ରୀକୃଷ୍ଣପ୍ରସାଦ ମଧ୍ୟ ଯୋଗଦାନ କରିଥିଲେ। ଏହାଛଡ଼ା ସ୍ଥାନୀୟ ବକ୍ତାମାନଙ୍କ ମଧ୍ୟରେ ଡାକ୍ତର ସୁଧାକର ଆଚାର୍ଯ୍ୟ, ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ, ଅଧ୍ୟାପକ ହୃଦାନନ୍ଦ ରାୟ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅଧ୍ୟାପକ ଧୀରେନ୍ଦ୍ରନାଥ ଶତପଥୀ ଏବଂ ଅନ୍ୟ କେତେକ ଯୋଗଦାନ କରିଥିଲେ। ସ୍ଥାନୀୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ, ଯେଉଁମାନେ ସଭାପତି ଅଥବା ପ୍ରଧାନ ବକ୍ତାଭାବେ ଯୋଗଦାନ କରିଥିଲେ, ସେମାନେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ଶ୍ରୀ ଦେବେନ୍ଦ୍ର ଶତପଥି ଏମ.ପି., ଡକ୍ଟର ହରେକୃଷ୍ଣ ମହତାବ। ସମାଜ ସମ୍ପାଦକ ଶ୍ରୀଯୁକ୍ତ ରାଧାନାଥ ରଥ ଅସୁବିଧାବଶତଃ ଯୋଗଦାନ କରିପାରି ନ ଥିଲେ। ପ୍ରତିଦିନ ସାଧାରଣ ସଭାଗୁଡ଼ିକରେ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦାନ କରୁଥିଲେ।

ସମ୍ମିଳନୀ ଆରମ୍ଭ ହେଲା ୪ତାରିଖ ସନ୍ଧ୍ୟା ୬ଟା ୧୫ମି.ରେ। ମାତୃପତାକା ଉତ୍ତୋଳନ କରିଥିଲେ ଶ୍ରୀ ଉଦାର। ତା'ପରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଛାତ୍ରଛାତ୍ରୀମାନଙ୍କୁ ମାର୍ଚ୍ଚପାଷ୍ଟ୍ ପରେ ଟଫି ଓ ଆଶ୍ରମ ରୁମାଲ ବାଣ୍ଟିଥିଲେ। ଏହି ମାର୍ଚ୍ଚପାଷ୍ଟ୍ ଉତ୍ସବ ଦେଖିବା ପାଇଁ ହଜାର ହଜାର ବ୍ୟକ୍ତି ଏକତ୍ରିତ ହୋଇଥିଲେ। ତା'ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟା ୭ଟାଠାରୁ ୯ଟା ପର୍ଯ୍ୟନ୍ତ ସଭାର କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଥମ ଦିନର ଆଲୋଚ୍ୟ ବିଷୟ ଥିଲା, 'ଭାରତ ଓ ତାହାର ଭବିଷ୍ୟତ' ଏବଂ ଏଥିରେ ପ୍ରାୟ ପ୍ରତ୍ୟେକ ଅତିଥି ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦିନ ସଭା ଆରମ୍ଭରେ ଶ୍ରୀ ପ୍ରପତ୍ତି ଆଲୋଚ୍ୟ ବିଷୟ ସମ୍ବନ୍ଧରେ ପ୍ରଥମେ କିଛି ସୂଚନା ଦେଉଥିଲେ ଏବଂ ତାହା ପରେ ପରେ ଆଲୋଚନା ଆରମ୍ଭ ହେଉଥିଲା। ପ୍ରଥମ ଦିନର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଶ୍ରୀ ଉଦାର, ଶ୍ରୀ ଶର୍ମା, ଡକ୍ଟର ଶ୍ରୀ କୃଷ୍ଣପ୍ରସାଦ, ଶ୍ରୀ ପ୍ରପତ୍ତି ଓ ଶ୍ରୀ ହୃଦାନନ୍ଦ ରାୟ। ସଭାନେତ୍ରୀରୂପେ ଶ୍ରୀମତୀ ଶତପଥୀ ମା'ଙ୍କ ସମ୍ବନ୍ଧେ ତାଙ୍କ ନିଜ ଅନୁଭୂତିର ବିଷୟ ଅତି ସ୍ପଷ୍ଟ ଏବଂ ସୁନ୍ଦରଭାବେ ବର୍ଣ୍ଣନା କରିଥିଲେ।

ଏଠାରେ ଶିବିରାର୍ଥୀମାନଙ୍କର ଦୈନିକ ରୁଟିନ୍ ସମ୍ବନ୍ଧେ କିଛି ଆଲୋଚନା କରିବା ଆବଶ୍ୟକ ମନେକରୁଛି। ଶିବିରାର୍ଥୀମାନେ ଭୋର ଚାରିଟାବେଳୁ ଶଯ୍ୟାତ୍ୟାଗ କରି ୫ଟା ବା ୫ଟା ୩୦ମି. ବେଳକୁ ପ୍ରସ୍ତୁତ ହେଉଥିଲେ। ୫ଟା ୩୦ମି.ଠାରୁ ୬ଟା ପର୍ଯ୍ୟନ୍ତ ଆସନ ଇତ୍ୟାଦି

କରୁଥିଲେ ଏବଂ ୬ଟାରୁ ୬ଟା ୩୦ମି. ପର୍ଯ୍ୟନ୍ତ ସମାଧି ଚତୁଃପାର୍ଶ୍ୱରେ ଧ୍ୟାନ କରୁଥିଲେ। ଏହି ସମୟରେ ମା'ଙ୍କ ରେକର୍ଡ଼ ଅଥବା ସାବିତ୍ରୀ ଗ୍ରନ୍ଥରୁ ପଢ଼ି ଶୁଣାଇ ଦିଆଯାଉଥିଲା। ଏହି ବାତାବରଣ ଏତେ ଶୁଦ୍ଧ, ଶାନ୍ତ, ସ୍ନିଗ୍ଧ ଏବଂ ଚିତ୍ତାକର୍ଷକ ବୋଧ ହେଉଥିଲା ଯେ ତାହା ଦେଖିଲେ ଠିକ୍ ଆଶ୍ରମର ବାୟୁମଣ୍ଡଳ ପରି ଜଣାପଡୁଥିଲା। ୬ଟା ୩୦ମି. ପରେ ପ୍ରତିନିଧିଗଣ ପ୍ରାତଃଭୋଜନ ନିମିତ୍ତ ଯାଉଥିଲେ ଏବଂ ୭ଟା ୪୫ମି. ବେଳକୁ ଏହା ନିୟମିତରୂପେ ସମାପ୍ତ ହେଉଥିଲା। ଶିବିରର ରନ୍ଧନଶାଳା ଓ ଭୋଜନାଳୟ ଅତି ସୁନ୍ଦରଭାବେ ସଙ୍ଗଠିତ ଓ ପରିଚାଳିତ ହେଉଥିଲା। ଠିକ୍ ଆଶ୍ରମଧାରାରେ ଭୋଜନର ବ୍ୟବସ୍ଥା, କ୍ୟୁ କରି ଯିବା, ବସିବା ଏବଂ ବାସନ ଧୋଇ ପରିଷ୍କାର କରିବା ଏବଂ କନାରେ ପୋଛି ରଖିବା ପ୍ରଭୃତି କରଯାଉଥିଲା। ଏକ ସଙ୍ଗେ ୨୦୦ ବ୍ୟକ୍ତି ବସିକରି ଭୋଜନ କରିବାର ବ୍ୟବସ୍ଥା ଥିଲା। ପ୍ରତିଦିନ ପ୍ରତ୍ୟେକ ବେଳା ପ୍ରାୟ ହାରାହାରି ୬୦୦ / ୬୫୦ ବ୍ୟକ୍ତିଙ୍କ ଭୋଜନର ବ୍ୟବସ୍ଥା ହୋଇଥିଲା। ଏହା ଏତେ ସଂଯତ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବରେ ହେଉଥିଲା ଯାହା ନ ଦେଖିଲେ କେହି ବିଶ୍ୱାସ କରିପରିବ ନାହିଁ। ଏ ବିଷୟରେ ଆମ୍ଭମାନଙ୍କ ସୁଯୋଗ୍ୟ ବନ୍ଧୁ ଶ୍ରୀ ବଳରାମ ପଣ୍ଡାଙ୍କ ଉଦ୍ୟମ ଓ କୃତିତ୍ୱକୁ ଅବଶ୍ୟ ଧନ୍ୟବାଦ ଜଣାଇବାକୁ ହେବ। ରନ୍ଧନ ଓ ଭୋଜନାଳୟର ବ୍ୟବସ୍ଥା ସେ ଖୁବ୍ ଭଲଭାବେ ପରିଚାଳନା କରିଥିଲେ। ଅବଶ୍ୟ ଏ କାର୍ଯ୍ୟରେ ବହୁ ଯୁବକବନ୍ଧୁ ଅଂଶଗ୍ରହଣ କରି ଅକୁଣ୍ଠ ଚିତ୍ତରେ ଦିନ ରାତି କାମ କରିଥିଲେ। ଏ କଥା ଏହି ସମ୍ମିଳନୀରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ ଏହା କୌଣସି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳିତ ହେଉ ନଥିଲା। ଏହା ଏକ ପ୍ରତ୍ୟକ୍ଷ ଶକ୍ତି ଓ ଆଲୋକ ଦ୍ୱାରା ଚାଳିତ ହୋଇ ସମସ୍ତ କର୍ମକୁ ଯଥାର୍ଥ ପଥରେ ଚାଳିତ କରୁଥିଲା। କୌଣସି ସ୍ଥାନରେ ବିଶୃଙ୍ଖଳା ବା ବିକ୍ଷୋଭ ବା ବ୍ୟସ୍ତତା ନ ଥିଲା।

ପ୍ରତିଦିନ ସକାଳ ୮ଟା ୩୦ମି.ରେ ପ୍ରାତଃ ଅଧିବେଶନ ଓ ଉପରବେଳା ୩ଟା ୩୦ମି.ରେ ଅପରାହ୍ନ ଅଧିବେଶନ ଏବଂ ୬ଟା ୩୦ମି.ରେ ସାନ୍ଧ୍ୟ ଅଧିବେଶନ ଅନୁଷ୍ଠିତ ହେଉଥିଲା। ସକାଳ ବେଳା କିଛି କିଛି ବିଭିନ୍ନ ବିଷୟରେ ଆଲୋଚନା ହୁଏ ଏବଂ ଉପରବେଳା କେବଳ ସାଙ୍ଗଠନିକ ବିଷୟ ନେଇ ଆଲୋଚନା ହୁଏ। ଏହି ସାଙ୍ଗଠନିକ ଆଲୋଚନାରେ ଶ୍ରୀ ପଞ୍ଚାନନ ମହାନ୍ତିଙ୍କ ପ୍ରସ୍ତାବଗୁଡ଼ିକ ବିଶେଷଭାବେ ଆଲୋଚିତ ହୋଇ ତାହାକୁ କାର୍ଯ୍ୟକାରୀ କରାଯିବା ପାଇଁ ସଂକଳ୍ପ କରାଗଲା। ସେହି ପ୍ରସ୍ତାବଟି ଆମ୍ଭେମାନେ ଏଠାରେ ପ୍ରକାଶ କରୁଛୁ। ପାଠଚକ୍ରର ସଭ୍ୟଗଣ ଏ ବିଷୟରେ ସେମାନଙ୍କ ମତାମତ ଜଣାଇଲେ ଆମ୍ଭେମାନେ ବିଶେଷ ଖୁସି ହେବୁ। ଏ ପ୍ରସଙ୍ଗରେ  କେଉଁ କେଉଁ କାର୍ଯ୍ୟକୁ ଅଗ୍ରାଧିକାର ଦଆଯିବ ଏବଂ କିପରି ସେ ଦିଗରେ ଉତ୍ସାହ ପ୍ରକାଶ ପାଉଛି ତାହା ଆଲୋଚନା କରାଯିବ।

ଏହି ସାଙ୍ଗଠନିକ ଆଲୋଚନାରେ ଆମର ବିଶିଷ୍ଟ ସଙ୍ଗଠକଗଣ ଶ୍ରୀ ମଧୁସୂଦନ ମିଶ୍ର, ଶ୍ରୀ ମହେନ୍ଦ୍ର ମହାନ୍ତି, ଶ୍ରୀ ଗୋବିନ୍ଦଚନ୍ଦ୍ର ନାୟକ, ଶ୍ରୀ ଦୁର୍ଗାଚରଣ ନାୟକ ବରାବର ଅଂଶ ଗ୍ରହଣ କରୁଥିଲେ। ଶିକ୍ଷା ସମ୍ବନ୍ଧୀୟ ଆଲୋଚନାରେ ଅଧ୍ୟାପକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ ବିଶେଷଭାବେ ଅଂଶଗ୍ରହଣ କରିଥିଲେ।

ଚାରୋଟି ସାଧାରଣ ସଭାରେ ନିମ୍ନ ଚାରୋଟି ବିଷୟରେ ବକ୍ତାମନେ ଆଲୋଚନା କରିଥିଲେ: (୧) ଭାରତ ଓ ତାହାର ଭବିଷ୍ୟତ, (୨) ପୃଥିବୀପୃଷ୍ଠରେ ଶ୍ରୀମା'ଙ୍କ କାର୍ଯ୍ୟ ଏବଂ ସେଥିପ୍ରତି ଆମ୍ଭମାନଙ୍କ କର୍ତ୍ତବ୍ୟ, (୩) ସାବିତ୍ରୀ ମହାକାବ୍ୟ- ଭବିଷ୍ୟତର ଏକ ଆଲେଖ୍ୟ ଓ (୪) ଶିକ୍ଷାର ନୂତନ ଆଦର୍ଶ। ଏହି ସାଧାରଣ ସଭାଗୁଡ଼ିକରେ ଶ୍ରୀ ଉଦାର - ସାବିତ୍ରୀ ମହାକାବ୍ୟ ଏବଂ ଶ୍ରୀଅରବିନ୍ଦଙ୍କର କେତେକ କବିତାର ଆବୃତ୍ତି କରିଥିଲେ। ଶ୍ରୋତୃମଣ୍ଡଳୀ ତାଙ୍କର ଆବୃତ୍ତିରେ ଏକବାରେ ମୁଗ୍ଧ ହୋଇଯାଇଥିଲେ।

ଏତଦ୍ ବ୍ୟତୀତ ଏଠାରେ ପାଠଚକ୍ରଗୁଡ଼ିକର ଭବିଷ୍ୟତ କର୍ମଯୋଜନା ସମ୍ବନ୍ଧେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା। ନୂତନ ଧରଣର ସ୍କୁଲ, କୃଷି ଓ ଶିଳ୍ପ ବାଣିଜ୍ୟର ପ୍ରସାର ଦିଗରେ କାର୍ଯ୍ୟ କରିବା ନିମିତ୍ତ ସଭ୍ୟମାନଙ୍କୁ ଉତ୍ସାହ ଦିଆଯାଇଥିଲା। ଏ ବିଷୟରେ ବାରାନ୍ତରରେ ଆମ୍ଭେମାନେ ଆଲୋଚନା କରିବା।

ମାତୃଭବନରେ ଅନୁଷ୍ଠିତ ବିରାଟ ସମ୍ମିଳନୀ ଓ ଶିବିର କାର୍ଯ୍ୟକ୍ରମରୁ ଅନୁଭୂତ ହେଲା ଯେ ଅଦୂର ଭବିଷ୍ୟତରେ ତାହା ଏକ ଆଶ୍ରମ କେନ୍ଦ୍ରରେ ପରିଣତ ହେବ ଏବଂ ଆଶ୍ରମ ଆଦର୍ଶ ଓ ଲକ୍ଷ୍ୟକୁ କାର୍ଯ୍ୟକାରୀ କରାଇବା ଦିଗରେ ସାହାଯ୍ୟ କରିବ। କେବଳ ମାତୃଭବନ ନୁହେଁ, ଓଡ଼ିଶାର ବହୁ ସ୍ଥାନରେ ଧୀରେ ଧୀରେ ଆଶ୍ରମ କେନ୍ଦ୍ରସକଳ ଗଢ଼ିଉଠିବ।

କେତୋଟି ପ୍ରସ୍ତାବ:

(୧) ଓଡ଼ିଶାର ଯେତେ ପାଠଚକ୍ର ରହିଛି ସେସବୁ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ଅନୁଯାୟୀ ରେଜେଷ୍ଟ୍ରିଭୁକ୍ତ ହୁଅନ୍ତୁ। ଏହାପରେ ଯେଉଁସବୁ ପାଠଚକ୍ର ସମ୍ମିଳନୀ ହେବ ସେଥିରେ ଆଞ୍ଚଳିକ ସଙ୍ଗଠକମାନେ ଏ ଦିଗରେ ଅଗ୍ରଗତି କ'ଣ ହୋଇଛି ତାର ଗୋଟିଏ ରିପୋର୍ଟ ଉପସ୍ଥାପନ କରନ୍ତୁ। ଶ୍ରୀଯୁକ୍ତ ପ୍ରପତ୍ତି ଓ ଅନ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇ ସେ ଦିଗରେ କ'ଣ କରାଯାଇ ପାରିବ ତାର ଟିକିନିଖି ଯୋଜନା ସେହି ସମ୍ମିଳନୀବେଳେ ଠିକ୍ କରାହେବ।

(୨) ପ୍ରତ୍ୟେକ ପାଠଚକ୍ର ସହିତ ଗୋଟିଏ ବା ଅଧିକ- ଅନ୍ତତଃ ଗୋଟିଏ ଲେଖାଏଁ demonstration ବା practising (କାର୍ଯ୍ୟକାରୀ) ଅନୁଷ୍ଠାନ ରହୁ। ତାହା ଏକ ଚାଉଳ କଳ, ଚୁଡ଼ା କଳ, ଅଟା କଳ, ମାଣେ ଜମି, ଗୁଣ୍ଠେ ଫଳବଗିଚା,

ଗୋଟିଏ ବା ଯୋଡ଼ିଏ ଗାଇ, କେତୋଟି କୁକୁଡ଼ା, ଗୋଟିଏ ବା ଦୁଇଟି ସିଲାଇ ମେସିନ୍, ଗୋଟିଏ କମାର ଶାଳ, ଗୋଟିଏ ବଢ଼େଇ ଶାଳ, ଗୋଟିଏ ଜଳଖିଆ ବା ଚା ଦୋକାନ ବା ଗୋଟିଏ ସ୍କୁଲ ହୋଇପାରେ।

ସପ୍ତାହରେ ଗୋଟିଏ ଦିନ ପ୍ରାୟ ଘଣ୍ଟାଏ ପାଇଁ ପାଠଚକ୍ରରେ ଆଲୋଚନା ହୁଏ। ସେଥିରେ ସ୍ଥୂଳ ଭାବରେ ଶ୍ରୀଅରବିନ୍ଦଙ୍କ ଯୋଗରେ ଅଗ୍ରଗତି କରିବାର ବିଶେଷ ସୁବିଧା ମିଳୁ ନାହିଁ। ଅବଶ୍ୟ ପ୍ରତ୍ୟେକେ ଯେଉଁ ପରିବେଶରେ ଅଛନ୍ତି ତାହାରି ମଧ୍ୟରେ କାର୍ଯ୍ୟ କରି ଅଗ୍ରଗତି କରାଯାଇ ପାରେ। କିନ୍ତୁ ପାଞ୍ଚ ଦଶଜଣ ଏକାଠି ମିଶି କାମ କଲେ ଆମ ସମସ୍ତଙ୍କର ପ୍ରକୃତ ସ୍ୱରୂପ ଶୀଘ୍ର ପ୍ରକାଶ ପାଇପାରେ ଆମେ ଟିକେ ସଚେତନ ହେଲେ ଅଗ୍ରଗତି ଖୁବ୍ ଶୀଘ୍ର ହେବ ଓ ସମାଜ ଉପରେ ତାର ବ୍ୟାପକ ପ୍ରଭାବ ପଡ଼ିବ। ତେଣୁ ଏ ପ୍ରକାର କାର୍ଯ୍ୟକାରୀ କେନ୍ଦ୍ର demonstration ବା practising ଅନୁଷ୍ଠାନର ଆବଶ୍ୟକତା ବିଷୟ ବିଚାର କରାଯାଇ ପାରେ। ଏହି ଅନୁଷ୍ଠାନରେ ପାଠଚକ୍ର ମେମ୍ବରମାନେ ଉତ୍ପାଦିତ ଜିନିଷ ଓ ଅର୍ଜିତ ଅର୍ଥର ବ୍ୟବହାର କରି ଶିଖିବେ।

ବର୍ଷକ ମଧ୍ୟରେ ଏହିପରି practising ଅନୁଷ୍ଠାନ କେତେଗୋଟି ଖୋଲିବ ଓ ସେଗୁଡ଼ିକର ସୁବିଧା, ଅସୁବିଧାକୁ ବିଚାର କରି କୌଣସି ନିଖିଳ ଉତ୍କଳ ସମ୍ମିଳନୀ ବେଳେ ସାରା ଓଡ଼ିଶା ପାଇଁ ଗୋଟିଏ କେନ୍ଦ୍ରୀୟ ପରାମର୍ଶ ପରିଷଦ ତଥା ସୁପରଭାଇଜାରୀ କମିଟି (ଯେଉଁଥିରେ ଦୁଇ ବା ତିନିଜଣ ମେମ୍ବର ରହିବେ) ଗଢ଼ାଯିବାର ଆବଶ୍ୟକତା ବିଷୟ ଆଲୋଚନା କରି ନିଷ୍ପତ୍ତି ନିଆଯିବ। ସେ କମିଟିରେ କୃଷି, ଶିକ୍ଷା ଓ ଶିଳ୍ପ ବିଷୟର ବିଶେଷଜ୍ଞମାନେ ରହିବେ। ଏ କମିଟିକୁ "Consulting Committee" ବୋଲି ମଧ୍ୟ କୁହାଯାଇ ପାରେ। ଏହାର ମେମ୍ବରମାନେ ଆବଶ୍ୟକମତେ ବିଭିନ୍ନ ସ୍ଥାନକୁ ଯାଇ ପରାମର୍ଶ ଦେବେ। କଟକ ଓ ଭୁବନେଶ୍ୱରଠାରେ ଅଫିସ୍ ଓ ଅନ୍ୟାନ୍ୟ ସ୍ତରରେ ଅସୁବିଧା ଥିଲେ ତାହାକୁ ଦୂର କରିବାକୁ ଚେଷ୍ଟାକରିବେ। ଭବିଷ୍ୟତରେ କାମ ବଢ଼ିଲେ କୃଷି, ଶିକ୍ଷା ଓ ଶିଳ୍ପ ପାଇଁ ଅଲଗା ଅଲଗା କମିଟି ଗଢ଼ାଯାଇ ପାରେ।

(୩) ପ୍ରତ୍ୟେକ ପାଠଚକ୍ର ସର୍ବନିମ୍ନ ଦୁଇଟି ଟଙ୍କା ମାସର ପ୍ରଥମ ସପ୍ତାହରେ ନବଜ୍ୟୋତି କାର୍ଯ୍ୟାଳୟକୁ ଶ୍ରୀମା'ଙ୍କ ପାଇଁ ଅଫରିଂ ସ୍ୱରୂପ ନିଶ୍ଚୟ ପଠାଇବେ। ଆଞ୍ଚଳିକ ସଙ୍ଗଠକମାନେ ଗସ୍ତ ସମୟରେ ବିଭିନ୍ନ ପାଠଚକ୍ରକୁ ଯଥାସମୟରେ ଏହି ଟଙ୍କା ପଠାଇବାକୁ ପରାମର୍ଶ ଦେବେ।

(୪) ଅନୁଭୂତିରୁ ଜଣାଯାଇଛି ଯେ ଓଡ଼ିଶାର ସମବାୟ ଅନୁଷ୍ଠାନ ଲାଭଜନକ ହୋଇପାରୁ ନାହିଁ। ଏଥିପାଇଁ ସମବାୟ ଅନୁଷ୍ଠାନକୁ ଦୋଷ ଦେବାର ନୁହେଁ- ଆମ୍ଭେମାନେ ସେଥିପାଇଁ ଯୋଗ୍ୟ ହୋଇପାରି ନାହୁଁ- ଲୋକଚରିତ୍ରର ଉନ୍ନତି ହୋଇ ନାହିଁ। ଏପରିକି ଆଧ୍ୟାତ୍ମିକତା ତ ଦୂରର କଥା ସାମାନ୍ୟ ନୈତିକତାର ନିୟମ ମଧ୍ୟ ଆମେ ମାନି ପାରୁନାହୁଁ। ବ୍ୟକ୍ତିଗତ ବିଚାରରେ, କିଏ, କାହିଁକି ଓ କି ଅବସ୍ଥାରେ ପଡ଼ି କ'ଣ କରୁଛି ତାର ଏଠାରେ ବିଚାର କରାଯାଉ ନାହିଁ। ମୋଟାମୋଟି ଭାବରେ ଦେଖାଯାଇଛି ଯେ ସମବାୟ କେବଳ ନାମରେହିଁ ରହୁଛି। କିନ୍ତୁ ସମବାୟ ଅନୁଷ୍ଠାନକୁ ଯେଉଁ ସବୁ ସୁବିଧା ମିଳେ ଓ ସମବାୟ ଅନୁଷ୍ଠାନର ଅଦର୍ଶ ଯେ ଖୁବ୍ ମହାନ୍ ଏହାକୁ ଆଖି ଆଗରେ ରଖି ଧୀରେ ଧୀରେ ଆମ୍ଭମାନଙ୍କୁ ସମବାୟ ମଧ୍ୟକୁ ପ୍ରବେଶ କରିବାକୁ ହେବ।

ତେଣୁ ପ୍ରତ୍ୟେକ ପାଠଚକ୍ରର କେହି ଜଣେ ବ୍ୟକ୍ତି ତାଙ୍କର ନିଜର ତତ୍ତ୍ୱାବଧାନରେ ନିଜର ଅର୍ଥ ବିନିଯୋଗ କରି ଟିକେ ବଡ଼ଧରଣର କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ। ପାଠଚକ୍ରର ଅନ୍ୟ ମେମ୍ବରମାନେ ସେଥିରେ କାମ କରନ୍ତୁ। ଆମଦାନୀ ଆରମ୍ଭ ହେବାର ବର୍ଷକ ପରେ ସେ ମୂଳଧନ ଓ ସୁଧ ବାବଦକୁ କିଛି ଟଙ୍କା ନିଅନ୍ତୁ। ୫ ବର୍ଷ ପରେ ଗୋଟିଏ ସମବାୟ ସମିତି ଗଢ଼ାଯାଇ ଅନୁଷ୍ଠାନଟିକୁ ସୋସାଇଟିରେ ପରିଣତ କରାଯାଉ। ସେତେବେଳକୁ ମେମ୍ବରମାନେ ବ୍ୟବସାୟରେ, ଶିଳ୍ପକ୍ଷେତ୍ରରେ ବା ଚାଷ କାମରେ କିଛି କିଛି ଅଭିଜ୍ଞତା ଲାଭ କରିସାରିଥିବେ, ତେଣୁ ସମବାୟ ଅନୁଷ୍ଠାନ ପରିଚାଳନା କରିବାରେ ଅସୁବିଧା ହେବ ନାହିଁ। ପ୍ରଥମ ଆରମ୍ଭ କରିଥିବା ବ୍ୟକ୍ତି ତାଙ୍କର ଅର୍ଥକୁ ସୋସାଇଟିର ସେୟାର ଭାବରେ ଲଗାଇ ପାରିବେ ଓ ପରିଚାଳନା ବୋର୍ଡ଼ରେ ନିଶ୍ଚୟ ରହିବେ। ଏ ବିଷୟରେ ଅଧିକ ଆଲେଚନା ହେଉ।

(୫) ନୂଆ ପାଠଚକ୍ର ଖୋଲିବାର ବର୍ଷକ ମଧ୍ୟରେ ରେଜିଷ୍ଟ୍ରେସନ୍ କରାଇବାକୁ ଓ practising ଅନୁଷ୍ଠାନ ଖୋଲିବାକୁ ନବଜ୍ୟୋତି କାର୍ଯ୍ୟାଳୟରୁ ଓ ସଙ୍ଗଠକମାନଙ୍କ ଜରିଆରେ ଜଣାଇ ଦିଆଯାଉ। ମାତୃପ୍ରେମୀ ଯେ କେହି ବ୍ୟକ୍ତିଙ୍କ ଦୃଷ୍ଟିକୁ ଆସିଲେ ସେ ପାଠଚକ୍ରକୁ ପରାମର୍ଶ ଦିଅନ୍ତୁ।

# ଷଡ଼ ଐଶ୍ୱର୍ଯ୍ୟର ସମାବେଶ - 'ପଞ୍ଚାନନ ମହାନ୍ତି'

**ମହାପାତ୍ର ନୀଳମଣି ସାହୁ**

**ସ**ମତା,ସରଳତା, ସତତା, ସହିଷ୍ଣୁତା, **ନମ୍ରତା ଓ** ସଦିଚ୍ଛା- ଏହି ଷଡଗୁଣ ଏକତ୍ର ଯାହାଙ୍କଠାରେ ବିଗ୍ରହୀଭୂତ ହୋଇଥିଲା ସେଇ ହେଉଛନ୍ତି ମୋର ଆଦରଣୀୟ ଗୁରୁଭାଇ ଓ କଲ୍ୟାଣକାମୀ ବନ୍ଧୁ ଓ ସହକର୍ମୀ- ପଞ୍ଚାନନ ମହାନ୍ତି।

ତାଙ୍କ ସହିତ ମୋର ପ୍ରଥମ ପରିଚୟ ୧୯୫୩ ମସିହାରେ- ମୁଁ ସେତେବେଳେ ଭଦ୍ରଖ କଲେଜରେ ଅଧ୍ୟାପକ। ତାଙ୍କ ଘର ଅଗରପଡ଼ା- ଡକ୍ଟର ହରେକୃଷ୍ଣ ମହତାବଙ୍କ ଗ୍ରାମରେ। ସରକାରୀ ଚାକିରୀ କଲାପରେ ସେ ଗ୍ରାମ ଛାଡ଼ିଲେ ଓ କଟକ ଭୁବନେଶ୍ୱରରେ ରହିଲେ।

ତାଙ୍କର ପତ୍ନୀ ବିଦ୍ୟୁତ ପ୍ରଭା ଥିଲେ ଜଣେ ପ୍ରଖ୍ୟାତନାମା କବି। ମୁଁ ଭଦ୍ରଖରେ ଥିଲାବେଳେ ବହୁବାର ପଞ୍ଚାନନ ବାବୁ ତାଙ୍କ ସହ ମୋ କ୍ୱାଟର୍ସକୁ ଆସିଛନ୍ତି- ରହିଛନ୍ତି। ପଞ୍ଚାନନ ବାବୁଙ୍କ ସାନଭାଇ ସନାତନ ବାବୁ ଥିଲେ ମଧ୍ୟ ଭଦ୍ରଖ କଲେଜରେ ଅଧ୍ୟାପକ। ବିଦ୍ୟୁତପ୍ରଭାଙ୍କ ସହ ସାହିତ୍ୟ ସମ୍ବନ୍ଧେ ବହୁ ଆଲୋଚନା ହୁଏ। ବିଦ୍ୟୁତପ୍ରଭା ମହାଆବେଗମୟୀ ପ୍ରାଣବତୀ ମହିଳା ଥିଲେ। ତାଙ୍କର ହୃଦୟ ସର୍ବଦା ନାନାଦି ଭାବାବେଗରେ ଆନ୍ଦୋଳିତ ହେଉଥିଲା। କବି ତ ! କେତେବେଳେ ନିସ୍ତରଙ୍ଗ ନୀରବ ପ୍ରଶାନ୍ତ ମହାସାଗର ତ କେତେବେଳେ ପୁଣି ଝଡ-ଝଞ୍ଜା-ବିକ୍ଷୁବ୍ଧ ଫେନଚୂଡ-ଉର୍ମି ଉତ୍ତାଳ ଗର୍ଜନଶୀଳ ମହାସାଗର। ଏଭଳି ଅସାଧାରଣ ପ୍ରତିଭାବତୀ ନାରୀ ରତ୍ନକୁ ସାରାଜୀବନ ସମ୍ଭାଳି ରଖିବାକୁ ପଞ୍ଚାନନବାବୁଙ୍କୁ କଠିଣ ପ୍ରୟାସ ଓ ସାଧନା କରିବାକୁ ପଡିଥିଲା। ସେହି ତପସ୍ୟା ତାଙ୍କୁ ପରବର୍ତ୍ତୀ ଜୀବନରେ ଦେଇଥିଲା ଯଥେଷ୍ଟ ମନୋବଳ ଓ ଆଧ୍ୟାତ୍ମିକ ଅନୁସନ୍ଧିତ୍ସା। ସ୍ୱାମୀ ସ୍ତ୍ରୀ ଏକାବେଳେକେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଜୀବନ-ସାଧନା ମାର୍ଗର ଅନୁଗତ ହେଲେ। ସେହି ଅତିମାନସ ଓ ପୂର୍ଣ୍ଣଯୋଗର ଦର୍ଶନକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କଲେ। ଏବଂ ନିଜ ଜୀବନରେ ପ୍ରୟୋଗ କରିବାକୁ ଲାଗି ପଡିଲେ। ସେମାନେ ଦୁଇଟି କନ୍ୟା ଓ ଦୁଇପୁତ୍ର ସନ୍ତାନର ଜନକ ଜନନୀ ହେଲେ। ପିଲାମାନେ ମଧ୍ୟ ସମସ୍ତେ ଉଣା ଅଧିକେ ପ୍ରତିଭାର ଅଧିକାରୀ। ବଡ଼ ପୁଅ ସଚ୍ଚି ବର୍ତ୍ତମାନ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ଜଣେ ଖ୍ୟାତନାମା ଅଧ୍ୟାପକ ଓ ଗବେଷକ। ବଡ଼ଝିଅ ମିନତୀ ଆଶ୍ରମରେ ଆଜୀବନ ସାଧିକା ରୂପେ ନିଜକୁ ଉତ୍ସର୍ଗ କରିଛି। ସାନଝିଅ ପଣ୍ଡିଚେରୀରେ ଗୃହସ୍ଥାଶ୍ରମରେ ନିୟୋଜିତା। ସାନପୁଅ ଇଞ୍ଜିନିୟର ଓ ସାରା ଦେଶ ବିଦେଶରେ ତାର କାର୍ଯ୍ୟସୀମା ପରିବ୍ୟାପ୍ତ। ପିଲାମାନେ ମଧ୍ୟ ପିତାମାତାଙ୍କର ସବୁତକ ସଦ୍‌ଗୁଣ ପାଇଛନ୍ତି।

୧୯୬୫ ମସିହାରୁ ମୁଁ ଭୁବନେଶ୍ୱରରେ ବିଜେବି କଲେଜର ଅଧ୍ୟାପକ ଥିଲି ଓ "ଝଙ୍କାର" ପତ୍ରିକାର ସମ୍ପାଦକ ଥିଲି। ସେତେବେଳେ ମୁଁ ଓ ପଞ୍ଚାନନ ବାବୁ ଦୁଇନମ୍ବର ମାର୍କେଟ୍ ପାଖେ ରହୁଥିଲୁ ଗୋଟିଏ ଟାଇପ୍ ଫାଇଭ ଓ ଟାଇପ ଫୋର ଘରେ। ଏହି ସମୟରେ ଆମର ପାରିବାରିକ ସମ୍ପର୍କ ଖୁବ୍ ଘନୀଭୂତ ଓ ଦୃଢ଼ୀଭୂତ ହୋଇଥିଲା। ଡାଲି ତିଉଣ ଦେବାନେବା ଚାଲିଥାଏ। ଦୁଇ ପରିବାର ସର୍ବଦା ପରସ୍ପରର ସେବାଯତ୍ନ ମଧ୍ୟ ନେଉଥାନ୍ତି। ମୋ ଘରେ "ଝଙ୍କାର" ଅଫିସ ଥିବାରୁ ବହୁ କବି, ଲେଖକ, ଦେଶସେବକ ଓ ରାଜନୀତି ବାଲାଙ୍କର ଭିଡ ହୁଏ। କବି ବିଦ୍ୟୁତପ୍ରଭାଙ୍କ ପକ୍ଷରେ ତାହାଥିଲା ଏକ ମହା ସୁଯୋଗ। ସେତେବେଳେ ପ୍ରମୋଦ ଦାଦା (ପଟ୍ଟନାୟକ)ଙ୍କ ଘରେ ପାଠଚକ୍ର ହେଉଥାଏ ନିୟମିତ। ବିଦ୍ୟୁତପ୍ରଭା ଓ ପଞ୍ଚାନନ ବାବୁ ନିୟମିତ ଯୋଗ ଦିଅନ୍ତି। ସେଇଠୁ ଆରମ୍ଭ ହେଲା- ପୂର୍ଣ୍ଣାଙ୍ଗଶିକ୍ଷା ଆନ୍ଦୋଳନ ପାଇଁ ଏକ ଅଭିଯାନ। ପ୍ରାତଃସ୍ମରଣୀୟ ପୂଜ୍ୟ ବାବାଜୀ ମହାରାଜ ଓ ପ୍ରପତ୍ତିଜୀଙ୍କ ପ୍ରେରଣା ଓ ପରାମର୍ଶରେ ପ୍ରଥମେ ପଟେଲ ହଲରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା। ସେତିକିବେଳୁ ସେ ଓଡ଼ିଶା ଛାଡ଼ି ପଣ୍ଡିଚେରୀରେ ଆଜୀବନ ରହିବା ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନ ଓ ପ୍ରତିଷ୍ଠା ଦିଗରେ ବହୁକାର୍ଯ୍ୟ କରିଗଲେ। ଏଥିପାଇଁ ଆମେ ସମସ୍ତେ ତାଙ୍କ ନିକଟରେ କୃତଜ୍ଞ।

ପଣ୍ଡିଚେରୀରେ ସେ ତାଙ୍କ ସାନପୁଅ ସହିତ ରହୁଥିଲେ। ମାତ୍ର ଆଶ୍ରମ ନବଜ୍ୟୋତି ସହିତ ତାଙ୍କର ସମ୍ପର୍କ ଖୁବ ନିବିଡ଼ ଓ ସକ୍ରିୟଥିଲା। ସେହି ପରିଣତ ବୟସରେ ରୁଗ୍ଣ ଶରୀରରେ ମଧ୍ୟ ସେ ଖୁବ ଧୈର୍ଯ୍ୟଶୀଳ ଓ ସହନଶୀଳ ଥିଲେ। ଏବଂ ସର୍ବଦା ଅଧ୍ୟୟନ ଓ ଲେଖାଲେଖିରେ ସମୟ ଅତିବାହିତ କରୁଥିଲେ।

ମୋ ସମୟର ଗୁରୁଭାଇଙ୍କ ମଧ୍ୟରେ ମୁଁ ତାଙ୍କୁ ଖୁବ୍ ଉଚ୍ଚସ୍ଥାନରେ ରଖିଥିଲି। ସେ ମୋତେ ଭାଇନା ଡାକୁଥିଲେ ଓ ପତ୍ନୀକୁ ପାପାନାନୀ ଡାକୁଥିଲେ। ଆମର ପାରିବାରିକ ସମ୍ପର୍କ ଏପରି ଗଭୀର ଓ ପ୍ରଗାଢ଼ ଥିଲା ଯେ, ତାଙ୍କ ପିଲାମାନେ ଓ ମୋ ପିଲାମାନେ ମଧ୍ୟ ଏକ ପରିବାରଭୁକ୍ତ ଭାଇଭଉଣୀ ଭଳି ଚଳୁଥିଲେ। ତାଙ୍କ ବଡ଼ପୁଅ ସଚ୍ଚି ବର୍ତ୍ତମାନ ଜଣେ କୃତବିଦ୍ୟ ଅଧ୍ୟାପକ। କିନ୍ତୁ ଏବେ ବି ମୋତେ ଦେଖିଲେ ସେ ପିଲାଟିଏ ଭଳି ବ୍ୟବହାର କରେ ଓ ମୋ ଉପରେ

ଲଦି ହୋଇ ପଡ଼େ। ସବା ସାନଝିଅ ପ୍ରଣତି ଏବେବି, ମୋ ସାଙ୍ଗେ ପିଲାଭଳି ଗେଲ ହୁଏ। ବଡଝିଅ ମିନତୀ ଓ ମଝିଆ ପୁଅ ବ୍ରହ୍ମାନନ୍ଦ - ଏବେ ବି, ମୋତେ ଦେଖିଲେ ପିଲା ହୋଇଯାଆନ୍ତି।

ପଞ୍ଚାନନ ବାବୁ ଜଣେ ସାଧକ, ଜଣେ ତପସ୍ୱୀ। ତାଙ୍କ ଜୀବନରେ କେତେ ଝଡ଼ଝଞ୍ଜା ଆସିଛି। ଅକଳ୍ପନୀୟ ବିପ୍ଯାତ ସବୁ ଘଟିଛି। ତାଙ୍କର କ୍ଷୀଣ ଶରୀର ସର୍ବଦା ରୋଗାକ୍ରାନ୍ତ ହେଉଥିଲା। ତଥାପି ସେ ଭଗବାନ ଶିବଙ୍କ ଭଳି ଜୀବନର ସବୁ ହଳାହଳକୁ ନିର୍ଭୀକଭାବେ ପାନ କରି ତାକୁ ଅମୃତରେ ପରିଣତ କରୁଥିଲେ ଓ ସମସ୍ତଙ୍କୁ ଅମୃତ ହିଁ ପରିବେଷଣ କରୁଥିଲେ। ତାଙ୍କ ମୁହଁରେ ସେହି ବିନୀତ, ଅକପଟ, ସରଳ ଓ ସର୍ବକଲ୍ୟାଣକାମୀ ସ୍ମିତହାସ୍ୟ ଶେଷ ପର୍ଯ୍ୟନ୍ତ ଲାଖି ରହିଥିଲା। ମୁଁ ତାଙ୍କର ସେହି ମଧୁର ନମ୍ର ସ୍ମିତହାସ୍ୟ ଦେଖି ତାଙ୍କ ବ୍ୟକ୍ତିତ୍ୱରେ ମୋହିତ ହୋଇ ରହିଥିଲି ଆଜିପର୍ଯ୍ୟନ୍ତ। ମୁଁ ତାଙ୍କ ତୁଣ୍ଡରୁ କେବେ ମିଥ୍ୟାକଥା ଶୁଣିନାହିଁ। ତାଙ୍କ ବ୍ୟବହାରରେ ସାମାନ୍ୟତମ କପଟତା, ଛଦ୍ମତା ବା ପ୍ରତାରଣା ନଥିଲା। ନଥିଲା ମଧ୍ୟ ତାଙ୍କ ବାକ୍ୟରେ ଓ ଚାହାଣୀରେ କଠୋରତା - ସ୍ପର୍ଶରେ କର୍କଶତା ବା ରୁକ୍ଷତା। ତାଙ୍କର ଥିଲା ଏକ ଉଦାର ଓ ନିର୍ମଳ ମନ- ବିବେକସିଦ୍ଧ ବିଚାରବୁଦ୍ଧି- ସ୍ନେହଶୁଭେଚ୍ଛାର ଆବେଗର ବିଗଳିତ ହୃଦୟ।

ଆଜିକୁ ପ୍ରାୟ ୪୦-୪୫ ବର୍ଷ ତଳେ ଯେଉଁ କେତେଜଣ ଦୁଃସାହସୀ ଅଭୀପ୍ସୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅଶ୍ରୁତପୂର୍ବ ଆହ୍ୱାନକୁ ବାବାଜୀ ରାମକୃଷ୍ଣ ଦାସ ଓ ପ୍ରପତ୍ତିଜୀଙ୍କ ସ୍ୱର ଭିତରୁ ଶୁଣି ପାରିଥିଲେ ଓ ଏହି ଆହ୍ୱାନରେ ଉଚ୍ଚାଟିତ ହୋଇ ଏହି ଦୁଃସାହସିକ ଦିବ୍ୟ ରୂପାନ୍ତର ଅଭିଯାନରେ ଯୋଗ ଦେଇଥିଲେ- ସେମାନଙ୍କ ଭିତରେ ପଞ୍ଚାନନ ମହାନ୍ତି ଅନ୍ୟତମ। ଆଜି ସେ ଦିବଂଗତ ଓ ଶ୍ରୀମାଙ୍କ ଦିବ୍ୟପାଦପଦ୍ମରେ ତାଙ୍କର ଆତ୍ମା ସମର୍ପିତ। ହୁଏତ- ସେହି ସୂକ୍ଷ୍ମଜଗତରେ ତାଙ୍କର ଆତ୍ମା ପୁନର୍ବାର ଏକ ନୂତନ ଦିବ୍ୟ କାର୍ଯ୍ୟକ୍ରମ ନେଇ କେଉଁଠାରେ ଜନ୍ମ ହେବେ। କିନ୍ତୁ ତାଙ୍କର ସ୍ମୃତି ଓ ପ୍ରେରଣା ତାଙ୍କର ପରବର୍ତ୍ତୀ ସାଧକ-ସାଧିକାମାନଙ୍କ ଭିତରେ ଏକ ସୂକ୍ଷ୍ମ ପ୍ରେରଣାଦାୟକ ସ୍ପନ୍ଦନ ରୂପେ କାର୍ଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ। ମୁଁ ନିଜେ ତାଙ୍କୁ ମୋର ଜୀବନ-ସାଧନ ପଥରେ ଜଣେ ସହକର୍ମୀ ଓ ସହସାଧକ ରୂପେ ପାଇ ନିଜକୁ ଧନ୍ୟ ମନେ କରୁଛି। ତାଙ୍କର ସୁଯୋଗ୍ୟ ପୁତ୍ରକନ୍ୟାମାନଙ୍କ ପାଇଁ ମୋର ପୈତୃକ ହୃଦୟର ଦ୍ୱାର ସର୍ବଦା ଉନ୍ମୁକ୍ତ ରହିଛି ଓ ରହିଥିବ। ଧନ୍ୟ ପଞ୍ଚାନନ ଭାଇ ଧନ୍ୟ ଧନ୍ୟ।



# ପଞ୍ଚାନନ ମହାନ୍ତିଙ୍କ ସ୍ମୃତିଚାରଣ.... ତ୍ୱରାନ୍ୱିତ ହେଉ ପୁନରାଗମନ

କନକଲତା ମହାନ୍ତି

**ସେ**ତେବେଳେ ଦୁଇ ନମ୍ବରସ୍ଥିତ ଶ୍ରୀଯୁକ୍ତ ପ୍ରମୋଦ ପଟ୍ଟନାୟକଙ୍କ ଘରେ ପାଠଚକ୍ର ହେଉଥାଏ। ଶ୍ରୀମତୀ ପ୍ରସନ୍ନ କୁମାରୀ ଦେବୀଙ୍କ ସଙ୍ଗେ (ପାପା ନାନୀ) ମୁଁ କେତେଥର ସେଇ ପାଠଚକ୍ରକୁ ଯାଇଛି। ମତେ ଅଠାଧରୁ ନଥାଏ। ମୋ ମନରେ ଅହଂକାର ଥାଏ। ଏଣୁ ତେଣୁ ଗୁଡ଼ାଏ ପ୍ରଶ୍ନ ବି ଥାଏ। ମୁଁ କାହାକୁ କିଛି ପଚାରୁ ନଥାଏ। ସମସ୍ତଙ୍କୁ ଖାଲି ଦେଖୁଥାଏ...। ଡେଙ୍ଗା, ପାତଳା ଉଜ୍ଜ୍ୱଳ ଚକ୍ଷୁର ମଣିଷ ଜଣେ ମତେ ଖୁବ୍ ଭଲ ଲାଗିଲେ। ପ୍ରକୃତ ଭଗବତ୍ ଅଭୀପ୍ସୁ ବୋଲି ଜଣା ପଡ଼ିଲେ।

ପରେ ଜାଣିଲି ସେ ଆମ ନିକଟତମ ପଡ଼ୋଶୀ। ଜଣେ ସଚ୍ଚୋଟ ସୁଦକ୍ଷ ସରକାରୀ କର୍ମଚାରୀ। ମୋ ସାନ ନଣନ୍ଦ ସନ୍ଧ୍ୟାର ସହପାଠିନୀ ପ୍ରଣତିର ବାପା। ତାଙ୍କର ବଡ଼ଝିଅ ମିନତୀ। ଦୁଇ ପୁଅ ଶଚ୍ଚିଦାନନ୍ଦ ଏବଂ ବ୍ରହ୍ମାନନ୍ଦ। ସର୍ବୋପରି ସେ ଲବ୍ଧ ପ୍ରତିଷ୍ଠ କବି ବିଦ୍ୟୁତ୍ ପ୍ରଭା ଦେବୀଙ୍କର ସ୍ୱାମୀ ଶ୍ରୀଯୁକ୍ତ ପଞ୍ଚାନନ ମହାନ୍ତି।

ଖାଲି ସ୍ୱାମୀ ନୁହେଁ ଏକାନ୍ତ ପ୍ରେମାନୁଗତ ସ୍ୱାମୀ। ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବି ହୃଦୟର ସୂକ୍ଷ୍ମ କୋମଳ ଭାବାବେଗ, ସ୍ୱପ୍ନ କଳ୍ପନା ସୁକୁମାର ଛନ୍ଦମୟତାକୁ ସେ ନିବିଡ଼ ଭାବରେ ଅନୁଭବ କରନ୍ତି, ରକ୍ଷା କରନ୍ତି। ଶିବ ଗଙ୍ଗାଙ୍କୁ ମସ୍ତକରେ ଧାରଣ କଲା ପରି ପଞ୍ଚାନନ ବାବୁ ପତ୍ନୀଙ୍କ କବି ପ୍ରତିଭାକୁ ନିଜେ ଧୃତିରେ ଧାରଣ କରି ଥାଆନ୍ତି। ଅନୁରାଗରେ ଲାଳନ କରୁଥାଆନ୍ତି। ପ୍ରତି କଥାରେ କବି ପତ୍ନୀଙ୍କ ମୁଡ୍ ପ୍ରତି ସଦା ସଚେତନ ଥାଆନ୍ତି।

ସେହିଭଳି ପତ୍ନୀଙ୍କ ଆଦର୍ଶ ଖିଆଲ ଏବଂ ଜିଦ୍‌ର ନାନା ଅବିଚାର ଅତ୍ୟାଚାର ମଧ୍ୟ ସହ୍ୟ କରୁ ଥାଆନ୍ତି। ଯାହା ପୁରୁଷର ସହ୍ୟ ସୀମା ବାହାରେ। ଗୃହିଣୀ ବିଦ୍ୟୁତ୍ ପ୍ରଭା କୁଆଡ଼େ ଋଣ ଶୁଝିବାକୁ ମନସ୍ଥ କଲେ ଏକ ବର୍ଷ ମଧ୍ୟରେ। ଅତଏବ ବର୍ଷେ କାଳ ପରିବା ଖର୍ଚ୍ଚ କାଟ। ସଜନା ଶାଗ ବାରମାସ ଯାକ ବ୍ୟଞ୍ଜନ ରୂପେ ବ୍ୟବହୃତ। ଦିନ ଦଶଟା ସୁଦ୍ଧା ରନ୍ଧାବଢ଼ା ଖିଆପିଆ ବଢ଼ିବ। ଏଗାରଟା ବେଳକୁ ବିଦ୍ୟୁତପ୍ରଭା ବିଶ୍ରାମ କରି ଦିନ ଗୋଟାଏ ସୁଦ୍ଧା ନିଜ ସାହିତ୍ୟ ସାଧନାରେ ରତ ରହିବେ। ଦଶଟା ପରେ ଯିଏ ଖାଇବ ତା'ପାଇଁ କଂସାରେ ପଶି ଖାଦ୍ୟ ରହିବ। ସେ ନିଜେ ବାଢ଼ି ଖାଇବ।

ବିନା ବାକ୍ୟ ବ୍ୟୟରେ ପଞ୍ଚାନନ ବାବୁ ଏ କଠୋର ନିଷ୍ପତ୍ତି ମାନି ନେଲେ। ଅଫିସ୍‌ରୁ ଗୋଟାଏ ବେଳେ ଫେରି ନିଜେ ଭାତ ବାଢ଼ି ଖାଇ ପତ୍ନୀଙ୍କ ସାହିତ୍ୟ ସାଧନାରେ ବ୍ୟାଘାତ ନ ଘଟାଇ ନିରବରେ ଅଫିସ୍ ଗଲେ।

ଏ ସବୁ ଅବଶ୍ୟ ମୋର ଶୁଣା କଥା। ଶୁଣିଲେ ସଂସ୍କାରକୁ ବାଧେ। ଯେତେବେଳେ କିନ୍ତୁ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବିତା ପଢ଼େ। ତାଙ୍କ ଉଜ୍ଜ୍ୱଳ ସୁଦୂର ସନ୍ଧାନୀ ଆଖି ଦୁଇଟିକୁ ଦେଖେ ଭାବେ ଯେ ଜଣେ ଅସାଧାରଣ ନାରୀ। ଯାଙ୍କର ଭାର ବହନ କରିବା କଣ ସହଜ କଥା ! ପ୍ରତିଭାର ସ୍ପର୍ଶ ଖାଲି ଫୁଲ ପାଖୁଡ଼ାର ନରମ ସ୍ପର୍ଶ ନୁହେଁ କଣ୍ଟାର କଠିନ ରକ୍ତାକ୍ତ ଆଞ୍ଚୁଡ଼ା। ପଞ୍ଚାନନ ବାବୁ ଯାଙ୍କ ପାଇଁ ଏବଂ ଯେ ପଞ୍ଚାନନ ବାବୁଙ୍କ ପାଇଁ ହୁଏତ ଗଢ଼ା ହୋଇଛନ୍ତି। ଦୁହେଁ ଦୁହିଁଙ୍କୁ ଘେନି ଜୀବନ ସାଧନା କରୁଛନ୍ତି। ବିଚାର କରିବାକୁ ଆମେ କିଏ ?

ସେଦିନ କିନ୍ତୁ ମୁଁ ଖୁବ୍ ଦୁଃଖିତ ବିରକ୍ତ ହୋଇଗଲି ଯେଉଁ ଦିନ ଶୁଣିଲି ବିଦୁଅପା ଏକା ଜିଦ୍ କରି ତାଙ୍କ ପିଲା ଚାରି ଜଣଙ୍କୁ ପଣ୍ଡିଚେରୀରେ ଛାଡ଼ି ଦେଇ ଆସିଲେ। ସେମାନେ ଏଥର ସେଇଠି ପଢ଼ିବେ। ବିଦୁ ଅପା (ମୁଁ ସେତେବେଳକୁ ତାଙ୍କୁ ଅପା ଡାକିଲିଣି) ମଧ୍ୟ ବହୁ ସମୟ ପଣ୍ଡିଚେରୀରେ ରହିବେ। (ପ୍ରଣତିର ମୁହଁ ମୋର ବେଶୀ ମନେ ପଡ଼ିଲା। ସେ ଆମ ଘରକୁ ଆସୁଥିଲା) ଭାବିଲି ଯେତ ଭଲ ବିଚାର। ପଞ୍ଚାନନ ବାବୁ ଏକା ହୋଇଗଲେ। ଘର ଭାଙ୍ଗିଗଲା ଯେ କେମିତିକା ଯୋଗ ସାଧନା ?

ବିଦୁ ଅପା ଯେବେ ଓଡ଼ିଶା ଆସନ୍ତି, ଗ୍ରାମେ ଗ୍ରାମେ ପାଠଚକ୍ର ଶିବିର ମାନଙ୍କରେ ବୁଲନ୍ତି। ତାଙ୍କ କବିତାର ସ୍ୱର ବଦଳି ଗଲା। ପଞ୍ଚାନନ ବାବୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନ ସହିତ ଜଡ଼ିତ ହେଲେ। ସର୍ଦ୍ଦାର ପଟେଲ ହଲ ଶିକ୍ଷାକେନ୍ଦ୍ରରେ ବହୁ ସମୟ କାଟିଲେ। ବିଦୁଅପା ଭାବିଥିଲେ ଯାହା ଯାହା ମାଶ୍ରୀଅରବିନ୍ଦ କହିଛନ୍ତି ସେସବୁ ତୁରନ୍ତ ଘଟିଯିବ। ମାତ୍ର ଦେଖିଲେ ବାସ୍ତବରେ ସବୁ ବିପରୀତ। ସଂସାରରେ ଯାହାସବୁ ଘଟୁଛି ସେସବୁ ଦେଖିଲେ ଅତିମାନସ ରୂପାନ୍ତର ସମ୍ଭବ କିପରି ?

ବିଦୁ ଅପା ଧୀରେ ଧୀରେ ବିଷଣ୍ଣ ହତାଶ ହେଲେ। ପାଗଳୀ ପ୍ରାୟ ହେଲେ। ତାଙ୍କ ମୁଣ୍ଡ କାମ କଲା ନାହିଁ। ପଞ୍ଚାନନ ବାବୁ ପ୍ରଣୟର ସମସ୍ତ ଉଷ୍ମତା, ସକଳ ନିଷ୍ଠା ଦେଇ, ତାଙ୍କୁ ତୋଳି ଧରିଲେ। ତାଙ୍କ ବଡ଼ ଝିଅ ମିନତୀ ମଧ୍ୟ ଆସିଥିଲା। ତଥାପି ଘଟିଗଲା ସେଇ ଦାରୁଣ ମର୍ମନ୍ତୁଦ୍ ଦୁର୍ଘଟଣା। ସେତେବେଳେ ଆମେ ସମସ୍ତେ କିନ୍ତୁ ପଞ୍ଚାନନ ବାବୁଙ୍କ ପାଇଁ ବେଶୀ ଦୁଃଖିତ ହୋଇଥିଲୁ।

ସେତେବେଳେ ତାଙ୍କର ଧୈର୍ଯ୍ୟ, ସହନଶୀଳତା ଏବଂ ବିଶ୍ୱାସ ଦେଖି, ତାଙ୍କୁ ତାହା ସାକ୍ଷାତ ମାତୃକୃପା ବୋଲି ମନେହେଲା। ଏଡ଼େ

ବଡ଼ ବିପଦରେ ଭାଙ୍ଗି ପଡ଼ିବାର ଏ ଚରମ ବେଳାରେ ମା'ହିଁ ତାଙ୍କୁ କୋଳକୁ ଆଉଜାଇ ନେଇ ଧରି ରଖିଲେ।

ତାଙ୍କ ସାଧନା ପରୀକ୍ଷିତ ହୋଇଗଲା।

ମୁଁ ପାଠଚକ୍ର ଆନ୍ଦୋଳନରେ ଭଲଭାବରେ ସାମିଲ ହେଲା ବେଳକୁ ଓଡ଼ିଶାରୁ ପଞ୍ଚାନନ ଭାଇ (ତାଙ୍କୁ ଭାଇ ବୋଲି ଡାକିଲିଣି) ଙ୍କ ରହଣି କାଳ ସରି ଆସୁଥିଲା। ତାଙ୍କ ଦେହ ଆଦୌ ସୁସ୍ଥ ରହୁ ନଥିଲା। ସବୁଦିନେ ପେଟ ରୋଗୀ ହେତୁ ସେ ସିଝା ଏବଂ ଖଲି ରୁଟି ଖାଉଥିଲେ। ଭାଇନାଙ୍କ ଘରେ (ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ) ଦେଖା ହୁଏ। ନୂଆବୋଉ ତାଙ୍କର ବିଶେଷ ଯତ୍ନ ନିଏ। ମତେ ସେ ଖୁବ୍ ଅନ୍ତରଙ୍ଗ ଭାବରେ ଭଲ ମନ୍ଦ ପଚାରନ୍ତି। ମା'ଙ୍କ ବିଷୟରେ ବେଶ ସରଳ କିନ୍ତୁ ଗଭୀର ଆଲୋଚନା କରନ୍ତି। ସେ ସବୁ ତାଙ୍କର ଅଙ୍ଗେ ଲିଭା କଥା। ଏଣୁ ହୃଦୟକୁ ଛୁଏଁ।

ସେ ଯାଇ ପଣ୍ଡିଚେରୀରେ ରହିଲେ। ନବପ୍ରକାଶରେ ଅତି ସରଳ ସାବଲୀଳ ଭାଷାରେ ପୂର୍ଣ୍ଣାଙ୍ଗ ଶିକ୍ଷା, ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ଆଶ୍ରମ ବିଷୟରେ ଲେଖା ଲେଖି ଆରମ୍ଭ କଲେ। ସେଇ ଅମୂଲ୍ୟ ରଚନାଗୁଡ଼ିକ ପୁସ୍ତକାକାରରେ ପ୍ରକାଶିତ ହୋଇଛି।

ପଣ୍ଡିଚେରୀ ଅଶ୍ରମରେ ତାଙ୍କୁ ମୁଁ ବହୁତ ଥର ଭେଟିଛି। ଦେଖିଲେ ହସିଦେବେ। ଦୂରକୁ ଡାକି ନେଇ ଗୋଟି ଗୋଟି ସମସ୍ତଙ୍କ କଥା ପଚାରିବେ। ପାଠଚକ୍ର, ସମ୍ମିଳନୀ, ଶିବିର ବିଷୟ ବୁଝିବେ। ଶୋକରେ ସାନ୍ତ୍ୱନା ଦେଇ କହିବେ "ଏ ସଂସାର ଏଇ ଭଳି, ଭୟ ନାହିଁ, ମା' ଅଛନ୍ତି।" ତାଙ୍କ କୃଶ ଶରୀର ଦିନୁ ଦିନ ଶୁଷ୍କ କୃଶତର ହେଉଥିଲା। ତାଙ୍କ ଆଖିର ଜ୍ୟୋତି କିନ୍ତୁ ଝଟକୁ ଥିଲା। ଓଠର ହସ ଲିଭୁ ନଥିଲା। ରୋଗ ତାଙ୍କୁ ଅନୁକ୍ଷଣ ଲାଗି ରହିଥାଏ। ତାଙ୍କ ଯୋଗ ବି ଅହରହ ପ୍ରତି ନିଶ୍ୱାସରେ ଚାଲିଥାଏ। ମତେ ଲାଗେ ଏଭଳି ଦୃଢ଼ ସଂକଳ୍ପ ଯୋଗୀ ଦୁର୍ଲଭ।

କୁସୁମ ପରଶେ ପଟ୍ଟ ନିସ୍ତରିଲା ଭଳି ଭାଇନା ନୂଆବୋଉଙ୍କ ସହ ମୁଁ ତାଙ୍କ ଆତିଥ୍ୟ ଲାଭ କରିବାର ସୌଭାଗ୍ୟ ପାଇଛି। ତାଙ୍କ ପଣ୍ଡିଚେରୀ ଘରେ, ସାନ ପୁଅ ବ୍ରହ୍ମାନନ୍ଦ, ସାନ ବୋହୂଙ୍କ ପାଖେ ନାତି ନାତୁଣୀ ମେଳରେ ସେ ଥିଲେ। ଦିନେ ତାଙ୍କ ଘର ଭାଙ୍ଗିଗଲା ବୋଲି ମୁଁ ଦୁଃଖ ପାଇଥିଲି। ଆଖିରେ ଦେଖିଲି ମା'ତାଙ୍କୁ ଦିବ୍ୟ ବୈକୁଣ୍ଠ ସମାନ ଘର ଫେରାଇ ଦେଇଛନ୍ତି। ସେ ଘରେ ବିଦୁ ଅପାଙ୍କ ହସିଲା ଫଟୋଟିଏ ଅଛି। କବିତା ବହି ସଜା ହୋଇଛି। ହୁଏତ ବିଦୁ ଅପାଙ୍କ ସୂକ୍ଷ୍ମ ଉପସ୍ଥିତି ଅଛି।

ଚାରୋଟି ଯାକ ପିଲା ମଧ୍ୟ ନିଜ ନିଜ ଆନ୍ତର ବିକାଶ ଧାରାରେ ବିକଶିତ ହୋଇଛନ୍ତି। ମାତୃ କୃପାରେ ଧନ୍ୟ ହୋଇଛନ୍ତି। କେହି କାହାକୁ ଊଣା ନୁହନ୍ତି।

ବଡ଼ଝିଅ ମିନତୀ ଆଶ୍ରମର ସାଧିକା ଜୀବନକୁ ବରଣ କରି ନେଇଛି। ସାନଝିଅ ପ୍ରଣତି ବିବାହ କରି ପଣ୍ଡିଚେରୀରେ ହିଁ ଘର କରି ରହିଛି। ବଡ଼ପୁଅ ଶ୍ରଦ୍ଧେୟ ଶଚ୍ଚିଦାନନ୍ଦ ହାଇଦ୍ରାବଦରେ ଜଣେ ସୁନାମଧନ୍ୟ ଅଧ୍ୟାପକ। ଓଡ଼ିଶାର ଲେଖିକାମାନଙ୍କ ଜୀବନ ଓ ସାହିତ୍ୟ ସାଧନା ଉପରେ ଏକ ଉପାଦେୟ ପୁସ୍ତକ ରଚନା କରିଛି। ଉଦୀୟମାନ ଲେଖକ ଭାବରେ ସେ ଦଣ୍ଡାୟମାନ। ସାନପୁଅ କଲ୍ୟାଣୀୟ ବ୍ରହ୍ମାନନ୍ଦ ଦେଶ ବିଦେଶ ଘୂରୁଛି। ଏମାନେ ସମସ୍ତେ ବୃତ୍ତି ଏବଂ କୀର୍ତ୍ତିରେ ଉଜ୍ଜ୍ୱଳ। ଦୃଢ଼ ସଫଳ ବ୍ୟକ୍ତିତ୍ୱର ଅଧିକାରୀ, ଯଥାର୍ଥ ଯୋଗ୍ୟ ମାତୃ ସନ୍ତାନ।

ମା'ଙ୍କୁ ଯିଏ ଯାହା ସମର୍ପଣ କରେ ମା'ତାକୁ ବହୁଗୁଣିତ କରି ନିଜ ଆଶୀର୍ବାଦ ଧନ୍ୟ କରି ଫେରାଇ ଦିଅନ୍ତି। ସବୁ ଭୋଗକୁ, ଯୋଗ କରି ଦିଅନ୍ତି। ପଞ୍ଚାନନ ଭାଇଙ୍କ ଜୀବନ ଏହାର ଜ୍ୱଳନ୍ତ ପ୍ରମାଣ।

୨୦୦୪ ଗତ ଅଗଷ୍ଟ ମାସରେ ତାଙ୍କ ସହ ଆଳାପ ଏବଂ ତାଙ୍କ ଆତିଥ୍ୟର ସୁଯୋଗ ମିଳିଥିଲା। ସେଇ ସାକ୍ଷାତ ଏ ଜନ୍ମର ଶେଷ ସାକ୍ଷାତ ହେବ ବୋଲି ଜଣା ନଥିଲା। ଅନନ୍ତ ଜୀବନ ପଥରେ, ଜନ୍ମ ଜନ୍ମାନ୍ତରରେ, ଏକ-ପଥ-ଯାତ୍ରୀ, ଅଭୀପ୍ସୁ-ଆତ୍ମାମାନଙ୍କର ଅବଶ୍ୟ ଭେଟ ହୁଏ। ଅଧା କାମ ପୂରା ହୁଏ। ଏତିକି ଆଶ୍ୱାସନା। ପଞ୍ଚାନନ ଭାଇଙ୍କ ବିଦାୟୀ ଆତ୍ମା ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ମାତୃକର୍ମ ନିମନ୍ତେ ତାଙ୍କର ତୁରନ୍ତ ପୁନରାଗମନ ପ୍ରାର୍ଥନା କରୁଛି। ମା'ଙ୍କର ଜୟ ହେଉ।

---

ଯଦି ତୁମେ ଚୈତ୍ୟ ନବଜନ୍ମକୁ ଅସ୍ୱୀକାର କର, ତୁମର ବୁଦ୍ଧିଗତ ଜ୍ଞାନ କିମ୍ବା ମନର ଧାରଣାବଳୀ କିମ୍ବା ପ୍ରାଣର ବାସନାରାଜି ପ୍ରତି ଆସକ୍ତି ଯୋଗୁଁ ଯଦି ତୁମେ ମା'ଙ୍କର ନବଜାତ ଶିଶୁ ହେବାକୁ ନ ଚାହଁ, ତାହାହେଲେ ସାଧନାରେ ବିଫଳତା ଆସିବ।

**– ଶ୍ରୀଅରବିନ୍ଦ**

# MEMORY OF SRI PANCHANAN BHAI

**Usha Chopra**

On a Sunday morning, between 9.00 & 10.00 A.M., some 15 of us had volunteered to clean the area behind Patel Hall, near the bus stand of Bhubaneswar.Some amongst us were B.J.B. college students. I am talking of the time when the school of Sri Aurobindo Integral Education, Bhubaneswar, had just started with 5-6 rooms at Patel Hall, unit .The area of Khadagiri was not even thought of. The school had started but what about the play area? Even the play ground at the back of the school was not allotted yet. That is when, under the guidance of my father Sri Amar Singh, we decided to clean the open space adjacent to the Patel Hall, which was full of wild vegetation & waste material. Work proceeded in a joyful atmosphere. A couple in a simple dress & with smile on their faces arrived on the scene. " Oh, the children are working so hard .Let us make some eatables for them". They left at once to return soon with biscuits, bread, & "pakudi". Tea was prepared in the room of Shankar bhai. He lived in the school as the caretaker. Very affectionately all of us were fed & energized with hot tea. This couple was none other than our beloved Panchanan bhai & Bidu apa (Bidyutprava Devi-the great poetess). They were simple, affectionate, silent workers. Always living in the consciousness of The Mother. His faith in the Master was so strong & so deep that he sent all his children to study in the school of the Ashram, at Pondicherry, under the direct supervision of The Mother. His children learnt the art & science of true living & they had the true education. He always had that infectious smile which encouraged others to go on in spite of all odds.

We had one room inside the school premises, adjacent to Shankar bhai's room, where the plans for Matrubhaban, Cuttack, was being worked out. Panchanan bhai & Sri D.C. Hota would come, encourage us & give their valuable suggestions, which we would then follow. Many drawings were prepared & discarded till we finally drew which had Mother's approval.

Once Bidu apa was invited by a center of "Mahila Pathachakra" to enlighten them on the role of women. She insisted on sitting at the back of my scooter & reach the place of meeting. I was apprehensive of taking Bidu apa - a great poetess of great stature on my scooter through the crowded streets of Bhubaneswar. However Panchanan bhai encouraged me by saying, " just go and do not be afraid, you are going for Mother's work, She will take care of everything". Bidu apa was advised how to sit on the scooter & we not only drove off, it seemed we just flew to a very enjoyable evening remembering Her all the time. This was a great encouragement to all girls. For this the credit must go to a liberal Panchanan bhai who gave freedom to his wife to do whatever & whenever she wanted. This was an inspiration to all to respect the women folk.

He was one amongst the first few who followed respected Babajee Maharaj & respected Prapattijee's instructions to start study circles & schools of Sri Aurobindo integral education in Orissa.He participated & took active role in various discussions regarding improvement matters of schools, teachers, & syllabus. He took interest in different organizations concerned with the growth of Sri Aurobindo's action. This was when Sri Udar Pinto of Pondicherry used to visit Orissa very often. He was instrumental in getting Govt. support & financial aid from the Govt.for the schools. All along he worked silently believing "work is worship". He also knew "Ego is the helper, & ego is the bar".

He also translated works written by The Mother into Oriya. One such book which helped all of us is," Purnanga Sikhyara Drusti O Bichara" published from Nabajyoti karyalaya, Pondicherry.

I knew him hardly for 3 years, after which I had to physically leave Orissa . But in that short span of time he had the quality to make me feel, as if I am a part of his family.

So, I have really no words to write about a man with multifarious personality. As an ordinary human being I shall miss him but I know Mother's child has returned to Her lap for it's onward journey. With gratitude in my heart, & with fond memories of him & Bidu apa, I pray for the soul's evolutionary progress. May the soul finally rest at the Lotus feet of The Mother.

# ଶ୍ରଦ୍ଧା, ସଦିଚ୍ଛା ଓ ସହୃଦୟତାର ତ୍ରିବେଣୀ ସଙ୍ଗମ - 'ପଞ୍ଚାନନ ଭାଇ'

**ବିମଳ ପ୍ରସନ୍ନ ଦାସ**

ଅଧ୍ୟୟନ, ଅଧ୍ୟବସାୟ ଓ ଅନୁଭବ ବ୍ୟକ୍ତିବିଶେଷରେ ଭିନ୍ନ ଭିନ୍ନ ଧାରା। କାହା ପାଇଁ ହୁଏତ ମନୋରଞ୍ଜନର ମାଧ୍ୟମ ତ ଆଉ କାହାପାଇଁ ସାଧନା ଏବଂ ଆଉ କାହାର ସମୟ ଅତିବାହିତ କରିବାର ଗତାନୁଗତିକ ମାଧ୍ୟମ। ପୁଣି ଆଉ କାହା ପାଇଁ ନିଜର ଦୁର୍ବଳତାକୁ ଘୋଡ଼ାଇବାର ମୁଖା ତ ଆଉ କାହା ନିମନ୍ତେ ପ୍ରତିଷ୍ଠା ଓ ପ୍ରତିପତ୍ତି ଖୋଜିବାର ସହଜ ମାର୍ଗ। ଏଭଳି ସ୍ୱାର୍ଥସର୍ବସ୍ୱ ସାଧନା ଭିତରେ ଜଣେ ଜଣେ ଥା'ନ୍ତି ଅନନ୍ୟ ବ୍ୟକ୍ତିତ୍ୱ ଯେଉଁମାନଙ୍କ ସ୍ରଷ୍ଟା-ମାନସ ଅଧ୍ୟୟନ, ଅଧ୍ୟବସାୟ ଓ ସାଧନାକୁ ଆଧ୍ୟାତ୍ମିକ ଉତ୍ତରଣର ମାର୍ଗ ଭାବରେ ଉପଲବ୍ଧି କରିପାରନ୍ତି। ସାଧନା ସେମାନଙ୍କ ପାଇଁ ଜୀଇଁବାର ଯଥାର୍ଥତା ପାଲଟି ଯାଏ। ସାଧନା, ଜୀବନ ଓ ସୃଷ୍ଟି ପ୍ରକ୍ରିୟା ଗୋଟିଏ ବିନ୍ଦୁରେ ମିଳିତ ହୋଇଯା'ନ୍ତି। ସାଧନା, ଅଧ୍ୟୟନ ଓ ଅଧ୍ୟବସାୟ ଆଧ୍ୟାତ୍ମିକତାର ଅନ୍ୱେଷା କରେ। ସାଧନା ଏବଂ ଆଧ୍ୟାତ୍ମିକତା ମଧ୍ୟରେ ବ୍ୟବଧାନ ରହେନାହିଁ। ଏପରି ବ୍ୟକ୍ତିବିଶେଷ ତ୍ୟାଗ ଓ ପ୍ରେରଣାର ଶିଳ୍ପୀରେ ରୂପାନ୍ତରିତ ହୋଇ ଯା'ନ୍ତି। ଏମାନଙ୍କୁ ଦେଖିଲେ ମନେହୁଏ ଋଷିପ୍ରତିମ ସାଧକ ଯୋଗାଭିଭୂତ ହୋଇ ଲୋକ ସୃଷ୍ଟିର ଚରମ ଆନନ୍ଦରେ ଅବଗାହନ କରନ୍ତି। ଉପଲବ୍ଧି, ଅନୁରାଗ ଓ ଅନନ୍ୟତା ସ୍ୱାଭାବିକ ଭାବେ ଏମାନଙ୍କ ପାଖକୁ ଆସେ। ଜୀବନର ଚରମ ଶିଖରରେ ଥାଇ ସୁଦ୍ଧା ଏମାନେ ଥା'ନ୍ତି ଅତି ସାଧାରଣ, ଅତି ନମ୍ର ଓ ଅତି କୃତଜ୍ଞ। ସତେ ଯେପରି ପ୍ରତି ଉପଲବ୍ଧି ଏମାନଙ୍କ ପାଇଁ ସୋପାନ ଚଢ଼ିବାର ପ୍ରକ୍ରିୟା ମାତ୍ର; ଏକ ଅତି ସ୍ୱାଭାବିକ ପ୍ରକ୍ରିୟା ଯେଉଁଥିରେ ପ୍ରାପ୍ତି, ଅପ୍ରାପ୍ତିର ସଚେତନତା ନଥାଏ, ହର୍ଷ ବିଷାଦର ଅନୁଭୂତି ନଥାଏ। ବରଂ ଏମାନଙ୍କ ସଂସ୍ପର୍ଶ ଓ ସାନ୍ନିଧ୍ୟରେ ଆସୁଥିବା ବ୍ୟକ୍ତି ଅକପଟ ତଥା ଅନାବିଳ ଶ୍ରଦ୍ଧା, ସଦିଚ୍ଛା ଓ ସହୃଦୟତାର ଯାଦୁକରୀ ସ୍ପର୍ଶରେ ସ୍ୱତଃ ଯୋଡ଼ିହୋଇଯାଏ।- ଧନ୍ୟ ହୁଏ। ଏମାନଙ୍କ ନିରଳସ, ନୀରବ ଓ ନିଷ୍କପଟ ଜୀବନକୁ ନିକଟରୁ ପର୍ଯ୍ୟବେକ୍ଷଣ କରି ପ୍ରଶ୍ନ କରନ୍ତି ନିଜକୁ, ନିଜ ଅପୂର୍ଣ୍ଣତାକୁ, ଓ ପ୍ରହେଳିକାମୟ ଜୀବନକୁ।

ମୋ ଦୃଷ୍ଟିରେ ପଞ୍ଚାନନ ଭାଇ ଥିଲେ ଶ୍ରଦ୍ଧା, ସଦିଚ୍ଛା ଓ ସହୃଦୟତାର ଏକ ଆଦର୍ଶ ମାନବାୟନ। ଅଧ୍ୟୟନ, ଅଧ୍ୟବସାୟ, ଉପଲବ୍ଧି ଓ ଅଭିବ୍ୟକ୍ତିର ଏକ ଅନନ୍ୟ ବ୍ୟକ୍ତିତ୍ୱ। ସୌଜନ୍ୟ ଓ ଶାଳୀନତାର ବିରଳ ଆଲେଖ୍ୟ। କର୍ମ, କରୁଣା ଓ କୃତଜ୍ଞତାର କମ୍ର କୌମୁଦୀ ବ୍ୟକ୍ତି ରୂପରେ ସେ ଅନ୍ତର୍ହିତ। ମାତ୍ର ସେ ସ୍ମୃତିର ସମ୍ପଦ। ତାଙ୍କ ଅବର୍ତ୍ତମାନରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବୁ ଆମ ପୂଜ୍ୟପୂଜାର ପରମ୍ପରା ଓ ଆମ ସଂସ୍କୃତିର ନିର୍ମାଲ୍ୟ। ତାଙ୍କ ପରିପୂର୍ଣ୍ଣ ପରିପକ୍ୱତାରେ ସେ ଆମକୁ ପରିପୁଷ୍ଟ କରିଛନ୍ତି। ତାଙ୍କପରି ଜଣେ ଶ୍ରଦ୍ଧାଳୁ ମଣିଷଙ୍କ ଶାନ୍ତ, ସ୍ନିଗ୍ଧ ସ୍ପର୍ଶ ଲାଭ କରିବା ମୋ ପାଇଁ ଅତ୍ୟନ୍ତ ସୀମିତ। ମାତ୍ର ୨/୩ଟି ବର୍ଷ। ସେଇ ସଂକ୍ଷିପ୍ତ ସମୟ ଭିତରେ ଅନ୍ୟକୁ ଆପଣେଇ ନବାରେ ତାଙ୍କର ଅନନ୍ୟ ଆକର୍ଷଣ ଓ ଅକୁଣ୍ଠ କୃତଜ୍ଞତା ବୋଧ ମୋ ଭିତରେ ଗଭୀର ରେଖାପାତ କରିଛି। ସତେ ଯେମିତି ବିଶ୍ୱ ବିଖ୍ୟାତ ନାଟ୍ୟକାର ସେକ୍ସପିଅରଙ୍କ ଉକ୍ତି "(God hates disgratitude)" "ଅର୍ଥାତ୍ ସ୍ୱୟଂ ଭଗବାନ କୃତଘ୍ନତାକୁ ଘୃଣା କରନ୍ତି" ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରତି ପଦରେ ପ୍ରତିଫଳିତ ହେଉଥିଲା। ସାମାନ୍ୟ ଗୋଟିଏ ମାମୁଲି ଘଟଣା ପ୍ରାସଙ୍ଗିକତା ଦୃଷ୍ଟିରୁ ଉପସ୍ଥାପିତ ନକରି ରହି ପାରୁନି। ପଞ୍ଚାନନ ଭାଇ ସର୍ଦ୍ଦାରପଟେଲ ହଲ ପରିସରରେ ଏକାକୀ ଗୋଟିଏ ଛୋଟ କୋଠରୀରେ ରହୁଥିଲାବେଳେ ଥରେ ତାଙ୍କ ଶାରୀରିକ ଅସୁସ୍ଥତା ସମୟରେ ସଚିବାଳୟରୁ ଫେରିଲା ବାଟରେ ତାଙ୍କୁ ସାକ୍ଷାତ କଲି ଓ କହିଲି "ଭାଇ ରାତିରେ ଆପଣଙ୍କ ପାଇଁ ଖାଇବାର କରି ମୁଁ ଓ ଇତି (ମୋ ସ୍ତ୍ରୀ) ଆସିବୁ। ସ୍ୱଭାବସୁଲଭ ବିନମ୍ରତାର ସହିତ କହିଲେ ୯ ନମ୍ବରରୁ ପୁଣି କାହିଁକି ଆସିବ ? ମୁଁ କହିଲି ହଷ୍ଟେଲରେ ନାନୀ ନାହାନ୍ତି। ମୋର କୌଣସି ଅସୁବିଧା ନାହିଁ। ବାରମ୍ବାର ମତେ ବାରଣ କରୁଥା'ନ୍ତି। ମାତ୍ର ଶେଷରେ ମୋ ଅନୁରୋଧ ରକ୍ଷାକରି ସମ୍ମତି ଦେଲେ। ରାତି ୯ଟାରେ ଆମେ ଦୁହେଁ ପହଞ୍ଚିବାରୁ ପ୍ରଥମ ପ୍ରଶ୍ନ କେମିତି ଆସିଲେ - ଅଦିନରେ ବର୍ଷା ହେଉଥାଏ। ସରକାରୀ ଗାଡ଼ିଅଛି- ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଆମେ ଦୁହେଁ ବସି ତାଙ୍କୁ ଖୁଆଇସାରି ଫେରିବା ସମୟରେ କେତେ ଆମ ପାଇଁ ଆଶୀର୍ବାଦ ଓ ଶୁଭକାମନା- ସତେ ଯେପରି ଋଷି କଣ୍ଠରୁ ଝଙ୍କୃତ ପ୍ରତି ସୂର୍ଯ୍ୟୋଦୟରେ ପ୍ରାତଃ ବନ୍ଦନା ଗୀତି "ସର୍ବେ ସୁଖୀନଃ ଭବନ୍ତୁ", କେତେ ମାମୁଲି ଏ ଘଟଣା, ମାତ୍ର ପଣ୍ଡିଚେରୀରେ ପ୍ରତି ସାକ୍ଷାତରେ ଏ ଅନୁଭୂତିଟିକୁ ଆନ୍ତରିକ କୃତଜ୍ଞତାର ସହ ସେ କହିଲା ବେଳେ ମନେ ପଡ଼େ ସେକ୍ସପିଅରଙ୍କ ଉପରୋକ୍ତ ଅନନ୍ୟ ଉକ୍ତି ଓ ପୂଜ୍ୟ ରମଣ ମହର୍ଷିଙ୍କର ମହାନ ବାର୍ତ୍ତା ("in humility we gain, in **anoyble** we loose") ଅର୍ଥାତ ନମ୍ରତାରେ ଆମେ ଅନେକ କିଛି ପାଉ ମାତ୍ର ଅହଙ୍କାରରେ ହରାଉ"। ମନ ପ୍ରାଣକୁ ସ୍ପନ୍ଦିତ କରେ ବିଖ୍ୟାତ ଲେଖକ 'ଆନନ'ଙ୍କ ଉକ୍ତି "(Generosity grows with greatness)" ଅର୍ଥାତ ମହାନତା

ହିଁ ବଦାନ୍ୟତାରେ ବିକଶିତ ହୁଏ। ତାଙ୍କ କଥା ଓ କାମରେ ଏହିଭଳି ଅନେକ ମହନୀୟ ବିଭବ ମୁଁ ଲକ୍ଷ୍ୟ କରିଛି।

ସ୍ୱଳ୍ପ ସମୟର ଅନୁଭୂତି ଭିତରେ ତାଙ୍କ ବ୍ୟକ୍ତିତ୍ୱର ବିରଳତା ମତେ ଗଭୀର ଭାବେ ସ୍ପର୍ଶ କରିଛି। ଓଡ଼ିଶାରେ ମା'ଙ୍କ ଆଦର୍ଶର ପ୍ରସାର ତାଙ୍କ ସାଧନାର ଲକ୍ଷ୍ୟଥିଲା। ଗୋଟିଏ ଯେପରି ଅନ୍ୟର ପ୍ରତିରୂପ, ପ୍ରତିଲିପି ବା ପ୍ରତିଫଳନ। ପ୍ରଭୁ ମା'ଙ୍କର, ସବୁରେ ସମ୍ୟକ ବିକାଶ ତାଙ୍କୁ ସ୍ପନ୍ଦିତ କରୁଥିଲା। ମୁଁ ସେତେବେଳେ ନଗରଉନ୍ନୟନ, ଗୃହନିର୍ମାଣ ଏବଂ ଜଙ୍ଗଲ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥାଏ। ମତେ କହିଲେ ଖଣ୍ଡଗିରିରେ ମା'ଙ୍କର ଜମି ଅଛି। ମୁଁ ବୁଝି ପାରିଲି ନାହିଁ। ତାପରେ କହିଲେ ଆମ ଏଇ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରାଜ୍ୟରେ ପ୍ରଥମ। ତା ପାଇଁ ସରକାର ତିନି ଏକର ଜମି ଦେଇଛନ୍ତି। ସେ ସ୍ଥାନକୁ ଶିକ୍ଷାକେନ୍ଦ୍ର ନିଶ୍ଚୟ ଯିବ। ହୁଏତ ଅନ୍ୟକେହି ମା'ଙ୍କର ସେ ସ୍ଥାନରେ କିଛି କରି ପାରିବ- ସେ ସବୁକୁ ପ୍ରତିରୋଧ କରିବା ଆମ ଆଧ୍ୟାତ୍ମିକ ଅନୁଷ୍ଠାନ ପାଇଁ ଦୁରୂହ ହୋଇ ପଡ଼ିବ। ଆପଣ ଯଦି ସେ ସ୍ଥାନ ପାଇଁ ତାରବାଡ଼ କରାଇ ପାରନ୍ତେ ମା'ଙ୍କ ସ୍ଥାନଟି ସୁରକ୍ଷିତ ରହନ୍ତା। ମୁଁ ଦୁଇ ତିନି ମାସ ମଧ୍ୟରେ ସେ କାର୍ଯ୍ୟଟି କରାଇବା ପରେ ତାଙ୍କର ଯେଉଁ ଅନାବିଳ ଏବଂ ଆନନ୍ଦମୟ କୃତଜ୍ଞତା ତା' ନ ଦେଖିଲେ ବୁଝିବା ବା ବୁଝେଇବା ସହଜ ନୁହେଁ। ପୁଣି କହିଲେ, " ଆମ ପିଲାମାନେ ଯେଉଁ ପୁଷ୍ପ ପ୍ରଦର୍ଶନୀ କରିବେ ମନ୍ତ୍ରୀ ମହୋଦୟ ମୁଖ୍ୟ ଅତିଥି ଭାବରେ ତା'ର ଶୁଭ ଉଦ୍‌ଘାଟନ କଲେ ଆମେ କୃତଜ୍ଞତା ଜଣାଇ ପାରନ୍ତୁ।" ତା ମଧ୍ୟ ହେଲା । ଏ ଘଟଣାଟି ବହୁ ସମୟରେ ମୋ ଉପସ୍ଥିତିରେ ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କଲାବେଳେ କହି ପକାନ୍ତି, "ଆପଣ ମା'ଙ୍କ କାମ କରିବାକୁ ଉଦ୍ଦିଷ୍ଟ",ଏଇ ବାକ୍ୟଟି ପୂଜ୍ୟ ବାବାଜୀ ମହାରାଜଙ୍କର ମୋ ପାଇଁ ଥିଲା ପ୍ରେରଣାର ଉତ୍ସ। ପ୍ରତି ଚିଠିରେ ଶେଷରେ ସେ ଏ ଧାଡିଟି ଲେଖିଛନ୍ତି।

ମା'ଙ୍କ କୃପାରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖଣ୍ଡଗିରିରୁ ଗଲା ଓ ସେ ସମ୍ପର୍କରେ ପ୍ରତିଟି ଘଟଣାରେ ଆତ୍ମୀୟତାର ସହିତ ଶଙ୍କରଭାଇ ଏବଂ ଅନ୍ୟମାନଙ୍କ ଠାରୁ ଶୁଣନ୍ତି। ନବ ଜୀବନ ଶିକ୍ଷା ସଂସଦର ସେ ତ ଥିଲେ ସୁଯୋଗ୍ୟ ସମ୍ପାଦକ। ଶିକ୍ଷା ନିର୍ଦ୍ଦେଶାଳୟର ଅର୍ଥ ପରାମର୍ଶ-ଦାତା ଭାବରେ ଅବସ୍ଥାପିତ ଥାଇ ପୂର୍ଣ୍ଣାଙ୍ଗ ଶିକ୍ଷାର ବିକାଶ ଦିଗରେ ପୂଜ୍ୟ ପ୍ରପତ୍ତି ଓ ବାବାଜୀ ମହାରାଜଙ୍କ ପ୍ରେରଣାରେ ସେ ଯେତେ ଅନୁକୂଳ ସରକାରୀ ନିର୍ଦ୍ଦେଶାବଳୀ କରାଇ ପାରିଛନ୍ତି, ତା କେବଳ ତାଙ୍କ ଆନ୍ତରିକତା ତଥା ମା'ଙ୍କ ପ୍ରତି ଅବିଭକ୍ତ ବିଶ୍ୱାସ ଓ ଭରସାର ପରିଚ୍ଛାୟକ।

କରୁଣାମୟୀ ଦିବ୍ୟ ଜନନୀଙ୍କ କୃପାରୁ ଉପସଭାପତି ଓ ସଭାପତି ଭାବରେ ନବ ଜୀବନ ଶିକ୍ଷା ସଂସଦର କାମ କରିବାର ସୁଯୋଗ ପାଇଲି, ମୋପ୍ରତି କେତେ ଆର୍ଶୀବାଦ ଶୁଭକାମନା ଓ ମା'ଙ୍କୁ ପ୍ରାର୍ଥନା ସେ ଜଣାଇଛନ୍ତି। ସବୁ ସମୟରେ କହନ୍ତି "ଆମ ସ୍କୁଲଗୁଡିକ ଘରୋଇ, ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ ନୁହେଁ। ଆମ ଅପାଭାଇ ସାଧାରଣ ଶିକ୍ଷକ ପଦବାଚ୍ୟ, ବେତନଭୋଗୀ, ଜୀବିକାସର୍ବସ୍ୱ କର୍ମଚାରୀ ନୁହଁନ୍ତି। ସେମାନେ ଚାକିରୀ କରନ୍ତି ନାହିଁ। ଶିକ୍ଷାଦାନ ତାଙ୍କର ଧର୍ମ; ଧନ୍ଦା ନୁହେଁ। ଏହା ତାଙ୍କର ବୃତ୍ତି ନୁହେଁ, ବ୍ରତ - ପେଷା ନୁହେଁ, ନିଷ୍ଠା", ଏ ତତ୍ତ୍ୱ ଓ ତଥ୍ୟ ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାରେ ତାଙ୍କର ଆନ୍ତରିକ ଉଦ୍ୟମ ଅନସ୍ୱୀକାର୍ଯ୍ୟ। ମା'ଙ୍କର ଜଣେ ସଚେତନ ଓ ସକ୍ରିୟ କର୍ମୀ ଭାବରେ ତାଙ୍କର ପରାମର୍ଶ ମା'ଙ୍କ ସ୍କୁଲଗଡ଼ିକର ସରକାରୀ ସ୍ୱୀକୃତି ପାଇବା ଦିଗରେ ଆପଣ ଉଦ୍ୟମ କରିବେ ଓ ମିଳୁଥିବା ଆର୍ଥିକ ଅନୁଦାନକୁ ସ୍ୱତନ୍ତ୍ର ଆର୍ଥିକ ସାହାଯ୍ୟରେ ପରିବର୍ତ୍ତନ କରି ସେ ଅର୍ଥ ଟ୍ରଷ୍ଟ ଯେପରି ପାଇ ପାରିବ ସେତିକି କରାଇବେ। ମା'ଙ୍କ କରୁଣାରୁ ଗତ ୩/୪ ବର୍ଷ ମଧ୍ୟରେ ଚାଳିଶିରୁ ଊର୍ଦ୍ଧ୍ୱ ସ୍କୁଲ ସରକାରୀ ଅନୁମତି ଓ ସ୍ୱୀକୃତି ପାଇଛନ୍ତି ଓ ସ୍ୱତନ୍ତ୍ର ଆର୍ଥିକ ସାହାଯ୍ୟ ସରକାର ଟ୍ରଷ୍ଟକୁ ଦେଉଛନ୍ତି। ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରକୁ ସ୍ୱତନ୍ତ୍ର ପରୀକ୍ଷାମୂଳକ ବିଦ୍ୟାଳୟର ମାନ୍ୟତା ଦେବା ପାଇଁ ସରକାରୀ ନିଷ୍ପତ୍ତି ହୋଇ ସାରିଛି ଓ ସେ ସମ୍ପର୍କୀୟ ନିର୍ଦ୍ଦେଶନାମା ପାଇଁ ଉଦ୍ୟମ ଜାରି ରହିଛି। ଏହି ସବୁ ସରକାର ନିଷ୍ପତ୍ତି ସେ ଜାଣିଲା ପରେ ତାଙ୍କର ମୋ ପାଖକୁ ଯେଉଁ ଦୀର୍ଘ ଶୁଭେଚ୍ଛାପୂର୍ଣ୍ଣ ପତ୍ର ତା ଆମ ପାଇଁ ପ୍ରେରଣାର ଉତ୍ସ।

ଏହିପରି ଘଟଣାବହୁଳ ତାଙ୍କର ଜୀବନ। ମାତ୍ର ମୋର ସେ ସବୁ ପ୍ରତ୍ୟକ୍ଷ ଅନୁଭୂତିର ଦାରିଦ୍ର୍ୟ, ମୁଁ ସ୍ୱୀକାର କରୁଛି ଓ ଆଜି ତାଙ୍କ ଅବର୍ତ୍ତମାନରେ ତାଙ୍କ କୃତି ଓ କୀର୍ତ୍ତିକୁ ରୋମନ୍ଥ କରୁଛି। ତାଙ୍କ ରଚିତ କିଛି ସ୍ମୃତି ଓ କିଛି ଅନୁଭୂତି, ଉପନିଷଦର ତତ୍ତ୍ୱ ଓ ବିଚାର, ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ତଥା ତପୋଭୂମି ପଣ୍ଡିଚେରୀ ଉପରେ ତାଙ୍କର ରଚନା ଯେତିକି ଉପାଦେୟ ସେତିକି ଉତ୍ସାହପ୍ରଦ। ତାଙ୍କୁ ଅଧ୍ୟୟନ ଓ ଅନୁଶୀଳନ କଲେ ପ୍ରତିଜ୍ଞା, ପ୍ରତିଶ୍ରୁତି ଓ ପ୍ରତିବଦ୍ଧତାରେ ମନ, ପ୍ରାଣ, ଶରୀର ଶିହରୀ ଉଠେ। ଶପଥ ଓ ସଙ୍କଳ୍ପର ଉତ୍ସାହ ସ୍ପନ୍ଦିତ ହୁଏ।

୨୦୦୪ ଓ ୨୦୦୫- ଆମ ପାଇଁ ଅନେକ ସ୍ମୃତି ବିଜୋଡ଼ିତ। ୨୦୦୪ ଅଗଷ୍ଟ ୧୫ - ମହାଯୋଗୀଙ୍କ ଜନ୍ମତିଥିରେ ମା'ଙ୍କର ଅନ୍ୟତମ ଅନ୍ତରଙ୍ଗ ଅନୁଗାମୀ ଶ୍ରୀଯୁକ୍ତ ରାମନାଥ ପଣ୍ଡା ଆମ ଗହଣରୁ ଚାଲିଗଲେ। ୨୦୦୫ ଫେବୃୟାରୀ ୪ରେ (ମା'ଙ୍କର ଜନ୍ମମାସ) ଚାଲିଗଲେ ସମସ୍ତଙ୍କର ପ୍ରିୟ ପଞ୍ଚାନନ ଭାଇ। ତାଙ୍କୁ ହରାଇବାର ଦୁଃଖତ ଆମ ମାନୁଷୀ ଜୀବନରେ ଅବଶ୍ୟ ରହିଛି ଓ ରହିବ। ମାତ୍ର "Heaven's wiser love rejects mortal prayer" ଆମର ଶାନ୍ତ୍ୱନା, Let Thy Will be done" ତାଙ୍କରି ଇଚ୍ଛା ପୂର୍ଣ୍ଣ ହେଉ ଏହି ପ୍ରାର୍ଥନା ହିଁ ଆମ ଶକ୍ତିର ଉତ୍ସ।

# କର୍ମଯୋଗୀ ମୋ ବାପା

ମିନତି ମହାନ୍ତି

ବାପାଙ୍କ ବିଷୟରେ କିଛି ଲେଖିବାକୁ ବସିଲା ବେଳେ ଅନେକ କିଛି ସ୍ମୃତି ଆଖି ଆଗରେ ଭାସି ଯାଉଛି - ପିଲାଦିନଠାରୁ ଆଜି ପର୍ଯ୍ୟନ୍ତ। ୧୯୭୭ ମସିହାରେ ବୋଉ ଚାଲିଗଲା ପରେ ତାଙ୍କ ଜୀବନର ଏକ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ସେତେବେଳକୁ ସେ ରିଟାୟାର କରି ନଥିଲେ ଓ ଆମେ ପିଲାମାନେ ସମସ୍ତେ ପଣ୍ଡିଚେରୀ ଆଶ୍ରମରେ ଥିଲୁ। ଏକୁଟିଆ ସେ ନିଜକୁ ବଡ଼ ଅସହାୟ ମନେ କରିଥିଲେ। ମାତ୍ର ଖୁବ୍ କମ୍ ସମୟ ମଧ୍ୟରେ ସେ ନିଜକୁ ସମ୍ଭାଳି ନେଇଥିଲେ। ମୋର ସାନ ଭାଇ ବ୍ରହ୍ମାନନ୍ଦ ଓ ଭଉଣୀ ପ୍ରଣତିର ପଢ଼ା ସରି ନଥାଏ। ଚାକିରୀ ବ୍ୟତୀତ ତାଙ୍କର ଜୀବନରେ ଏକ ସାଧକର ଜୀବନ ଯେପରି ଯୋଡ଼ି ହୋଇଗଲା। ସେ ଭୁବନେଶ୍ୱରସ୍ଥିତ ଦୁଇ ନମ୍ବର ୟୁନିଟରେ ଥିବା ଆଶ୍ରମ ସ୍କୁଲର ଏକ ସଦସ୍ୟ ହୋଇଗଲେ। ଏଥିରେ ବିଶେଷ ସାହାଯ୍ୟ କରିଥିଲେ ଶୁଭାକାଙ୍କ୍ଷୀ ସ୍ୱର୍ଗତଃ ପ୍ରପତ୍ତି ଓ ଅନ୍ୟାନ୍ୟ ବନ୍ଧୁଗଣ। ଥରେ ଏହି ମାର୍ଗରେ ପଦାର୍ପଣ କଲାପରେ ସେ କେବେହେଲେ ପଛକୁ ଫେରି ଅନାଇ ନାହାନ୍ତି।

ପ୍ରତ୍ୟେକ ମନୁଷ୍ୟର ଜୀବନରେ କିଛି ଦୁର୍ଯୋଗ ଘଟିଥାଏ, ଯାହା ତାକୁ ଶୋକାତୁର କରେ, ହତୋତ୍ସାହିତ କରେ। ସେ ଭାଙ୍ଗିପଡ଼େ ଓ ନିଜର ଭାଗ୍ୟକୁ ମନ୍ଦ ବୋଲି ମଣେ। ସେ ଭାବେ ଭଗବାନ ତାକୁ ଏପରି ଶାସ୍ତି କାହିଁକି ଦିଅନ୍ତି? ମାତ୍ର ଯେଉଁ ବ୍ୟକ୍ତି ସଚେତନ, ସେ ଅବିଳମ୍ବେ ଜାଣିପାରନ୍ତି ଯେ ଏହା ତାଙ୍କ ପାଇଁ ଭଗବାନଙ୍କର ଆଶୀର୍ବାଦ। ଏହି ମାଧ୍ୟମରେ କିଛି ଜ୍ଞାନଲାଭ କରିବା ସହିତ ସେ ବୁଝି ପାରନ୍ତି ଯେ ଭଗବାନ ତାଙ୍କ ପାଇଁ ଏକ ନୂତନ ରାସ୍ତା ଗଢ଼ି ଦେଇଛନ୍ତି, ତାଙ୍କ ପାଖକୁ ଟାଣିନେବା ପାଇଁ। ଯଥା ସମୟରେ ସେ ଭଗବାନଙ୍କଠାରୁ ନିର୍ଦ୍ଦେଶ ପାଆନ୍ତି ଓ ତାଙ୍କର ଯନ୍ତ୍ର ରୂପେ କାର୍ଯ୍ୟ କରିଯାଆନ୍ତି।

ମୋ ବାପାଙ୍କୁ ମୁଁ ଏହିପରି ଏକ ମାତୃଭକ୍ତ ସେବକ ହିସାବରେ ଆଜି ଭଲ ଭାବରେ ଦେଖି ପାରୁଛି। ଭୁବନେଶ୍ୱର ସ୍କୁଲରେ ରହଣି ସମୟରେ ସେ ଯେପରି ଥିଲେ ହଷ୍ଟେଲର ଅଭିଭାବକ। ପିଲାମାନଙ୍କର ଭଲ ମନ୍ଦ ବୁଝିବା, ଏପରିକି ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ କିଛି ଉପଦେଶ ଦେବା ସେମାନଙ୍କର ଭଲମନ୍ଦ ବୁଝିବାକୁ ସେ ଖୁବ୍ ସ୍ୱତଃସ୍ଫୁର୍ତ୍ତ ଭାବରେ କରିଯାଉଥିଲେ।

ଏହାଛଡ଼ା ସ୍କୁଲ ତରଫରୁ କେତେଗୁଡ଼ିଏ ମୁଖ୍ୟ କର୍ମ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସେ ଥିଲେ ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ଓ ଏହି ଜରିଆରେ ସେ ଓଡ଼ିଶାରେ ଥିବା ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସବୁର ପରିଚାଳନା ଓ ସଙ୍ଗଠନର ଦାୟିତ୍ୱ ବହନ କରିଥିଲେ। ଆହୁରି ମଧ୍ୟ ପୂଜ୍ୟ ପ୍ରପତ୍ତିଜୀ ଓ ଅନ୍ୟ ବନ୍ଧୁମାନଙ୍କର ସହଯୋଗରେ ସେ ଅନେକ ବିଶିଷ୍ଟ ସରକାରୀ ଯୋଗସୂତ୍ର ସ୍ଥାପନ କରିପାରିଥିଲେ।

ଛୋଟ ପିଲାଙ୍କ ପାଇଁ ସେ ଅଜା। ମୁଁ ଥରେ ଅଧେ ଓଡ଼ିଶାରେ ରହିଲା ବେଳେ ଦେଖିଛି ଖେଳଛୁଟିରେ ପିଲାଏ ପଶି ଆସନ୍ତି ତାଙ୍କର ଛୋଟିଆ କକ୍ଷ ଭିତରକୁ। ପ୍ରଜାପତି ପରି ଉଡ଼ି ଆସି ପ୍ରଜାପତି ପରି ଉଡ଼ି ଯାଆନ୍ତି। ବାପାଙ୍କ ମନ ପ୍ରାଣ ଆନନ୍ଦରେ ଭରିଯାଏ। ଶ୍ରୀମା'ଙ୍କର ଆଶୀର୍ବାଦରେ ସେହି ଆଧ୍ୟାତ୍ମିକ ଛୋଟ ପରିବାରରେ ନାନୀ, ଶଙ୍କର ଭାଇ ଓ ପିଲାଗୁଡ଼ିକଙ୍କ ସହିତ ଦିନଗୁଡ଼ିକ ଆନନ୍ଦରେ କଟିଯାଉଥିଲା। ମାତ୍ର ସନ ୧୯୮୮ ପରଠାରୁ ତାଙ୍କର ବାରମ୍ବାର ଶରୀରରେ ଅସୁସ୍ଥତା ଦେଖାଦେଲା। ଥରେ ଦୁଇଥର ମୁଁ ପଣ୍ଡିଚେରୀରୁ ଯାଇ ତାଙ୍କର ସେବା କରିଥିଲି। ପରବର୍ତ୍ତୀ କାଳରେ ପାଖରେ ଥିବା ବନ୍ଧୁଗଣ ଓ ଆମ ପରିବାରର ସମସ୍ତେ ସିଦ୍ଧାନ୍ତ କଲୁ ଯେ ସେ ପଣ୍ଡିଚେରୀ ଆସି ମୋ ପାଖରେ ରହିଲେ ଭଲ ହୁଅନ୍ତା। ସାନ ଭାଇ ବ୍ରହ୍ମାନନ୍ଦର ଘର ସେତେବେଳକୁ ପ୍ରାୟ ସରିଯାଇଥାଏ। ୧୯୯୧ ମସିହାରେ ମୁଁ ତାଙ୍କ ସହିତ ରହିଲି ବୈଦିକୁପମ୍‌ସ୍ଥିତ ସମୁଦ୍ର କୂଳରେ ଥିବା ନୂଆଘରେ। ଯଦିଓ ପବିତ୍ର ପଣ୍ଡିଚେରୀରେ ନୂଆ ଜୀବନ ଆରମ୍ଭ ହେଲା କିଛି ସମୟ ପାଇଁ ସେ ଅତି ଦୁଃଖରେ ଜୀବନଯାପନ କରୁଥିଲେ। ସବୁ ସମୟରେ ଓଡ଼ିଶାକୁ ବିଶେଷତଃ ସ୍କୁଲକୁ ସେ ଝୁରି ହେଉଥିଲେ। ଯାହା ଫଳରେ ସେ ବାରମ୍ବାର ଅସୁସ୍ଥ ହୋଇପଡୁଥିଲେ। ୧୯୯୩ ମସିହାରେ ବାବୁନିର ସ୍ତ୍ରୀ ଆର୍ଦ୍ଧି ଓ ତା'ର ବଡ଼ଝିଅ ମୁନୁ ପଣ୍ଡିଚେରୀ ଫେରି ଆସିବା ସମୟରେ ସେ ନିଜକୁ 'ନବଜ୍ୟୋତି କାର୍ଯ୍ୟାଳୟ' ସହିତ ସମ୍ପୃକ୍ତ କରିନେଇଥିଲେ। ସେହି ଅନୁଷ୍ଠାନକୁ ଯାଇ ସେ ପ୍ରତିଦିନ ଦୁଇଘଣ୍ଟା କାର୍ଯ୍ୟ କରୁଥିଲେ। ତାଙ୍କର ଅନୁବାଦ ଓ ଅନ୍ୟାନ୍ୟ ଲେଖାସବୁ ବରାବର ପ୍ରକାଶ ପାଉଥିଲା 'ନବଜ୍ୟୋତି' ଓ 'ନବପ୍ରକାଶ' ପତ୍ରିକାରେ। ତାଙ୍କର ସଦାସର୍ବଦା ରୁଗ୍ଣ ସ୍ୱାସ୍ଥ୍ୟ କାରଣରୁ ସେ ପରବର୍ତ୍ତୀ କାଳରେ ଆଉ ନବଜ୍ୟୋତି କାର୍ଯ୍ୟାଳୟକୁ ଯାଇ ପାରିନଥିଲେ। ମାତ୍ର ଏକ ଆଦର୍ଶ କର୍ମଯୋଗୀ ପରି ସେ ଘରେ ବସି ମନ ପ୍ରାଣ ଦେଇ ଲେଖାଲେଖି କାର୍ଯ୍ୟ ପୂର୍ବପରି କରି ପତ୍ରିକା ପାଇଁ ପଠାଇ ଦେଉଥିଲେ। ଶରୀରର ଅବସ୍ଥା ଯେତେ ଖରାପ ହେଉନା

କାହିଁକି ମୁଁ ତାଙ୍କୁ ସର୍ବଦା ପ୍ରାତଃ ୫ଘଣ୍ଟା ସମୟରେ ଛୋଟ ଟେବୁଲ ଲ୍ୟାମ୍ପ ଆଲୁଅରେ 'ଧ୍ୟାନ ଓ ପ୍ରାର୍ଥନା' ଓ 'ମା' ବହି ପଢ଼ିବାର ଦେଖି ଆସିଛି। ଯଦିଓ ଅବସର ପ୍ରାପ୍ତିପରେ ତାଙ୍କର ଲେଖାଲେଖି ଆରମ୍ଭ ହୋଇଥିଲା, ଉଦ୍ୟମ ଓ ଆକାଂକ୍ଷା ଥିବାରୁ ଏହା ବେଶ ଉଚ୍ଚକୋଟୀର ହୋଇପାରିଥିଲା। କାଳକ୍ରମେ ତାଙ୍କର ଅନୁବାଦଗୁଡ଼ିକ ଏକତ୍ର କରାଯାଇ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା। ଯଥା - ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷା, କିଛି ସ୍ମୃତି ଓ ଅନୁଭୂତି, ଯୋଗାଧାର ପ୍ରସଙ୍ଗରେ, ଉପନିଷଦର ତତ୍ତ୍ୱ ବିଚାର, ପରମ ଭକ୍ତ ଦିଲୀପ କୁମାର ରାୟ ଇତ୍ୟାଦି।

ପଣ୍ଡିଚେରୀରେ ରହଣି ସମୟରେ ସେ ଲେଖିଛନ୍ତି ପୂର୍ବରୁ ପଶ୍ଚିମ ଓ ତପୋଭୂମି ପଣ୍ଡିଚେରୀ। ଏଥି ସକାଶେ ବହୁ ପରିଶ୍ରମ କରି ସେ ତଥ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ମନରେ ସର୍ବଦା ଅବଶୋଷ ରହୁଥିଲା ଯେ ଶରୀର ସୁସ୍ଥ ହୋଇଥିଲେ ସେ ଆହୁରି କେତେ କାର୍ଯ୍ୟ କରି ପାରୁଥାନ୍ତେ। ବାପାଙ୍କର ଶେଷ ଲେଖା ହେଉଛି ତାଙ୍କର ନିଜର ଜୀବନର ଇତିହାସ। ଯାହାର ନାମ ସେ ରଖିଛନ୍ତି 'ଯାତ୍ରୀ'। ଆଶ୍ରମର ନର୍ସିଂହୋମ୍‌ରେ ଥିବାବେଳେ ଯେତେ କଷ୍ଟ ହେଲେ ମଧ୍ୟ ସେ ଲେଖାଟିକୁ ସମାପନ କରିପାରିଥିଲେ। ସୌଭାଗ୍ୟକ୍ରମେ ପୁଣ୍ୟଭୂମି ପଣ୍ଡିଚେରୀରେ ତାଙ୍କର ଯାତ୍ରାର ଅବସାନ ଘଟିଲା - ସୁଦୂର ଉତ୍କଳ ନଦୀର ବଙ୍ଗୋପସାଗରର ସୁନୀଳ ଜଳରାଶି ସହିତ ମିଳନ ହେଲା।

ବାପାଙ୍କୁ ଦେଖିଛି ସଦାସର୍ବଦା କର୍ମଲିପ୍ତ। ପିଲାଦିନେ ରାତିରାତି ବସି ସେ ଫାଇଲ କାମ କରୁଥିଲେ ଓ ଯଥା ସମୟରେ ଦାଖଲ କରୁଥିଲେ। ପଣ୍ଡିଚେରୀରେ ରହଣି ମଧ୍ୟରେ ସେ ଲେଖାଲେଖି ସହିତ ଲାଇବ୍ରେରୀରୁ ଅଣାଇ ଅନେକ ଭଲ ଭଲ ବହି ପଢୁଥିଲେ। କେତେବେଳେ ଟଲଷ୍ଟୟ ତ କେତେବେଳେ ଗ୍ରୀସର କିମ୍ବଦନ୍ତୀ। ଏହା ଛଡ଼ା ସଂସାରସ୍ଥିତ ସାଧକ ଭଳି ସେ କରିଯାଇଛନ୍ତି ତାଙ୍କର ପାରିବାରିକ କର୍ତ୍ତବ୍ୟ- ଉତ୍ସାହ ଓ ଶ୍ରଦ୍ଧାର ସହିତ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ଅନୁପ୍ରାଣିତ ହୋଇ ସେ ନିଜର ଜୀବନକୁ ସାର୍ଥକ କରିପାରିଛନ୍ତି। ଏଭଳି ଏକ ମହାନ ଆତ୍ମା ଆମକୁ ସର୍ବଦା ଯେ ଏକ ସତ୍‌ପଥ ପ୍ରଦର୍ଶନ କରିବ ଏଥିରେ ସନ୍ଦେହ ନାହିଁ।

## ମା'

ମା'ଗୋ,

ଜୀବନର ଏଇ କଣ୍ଟକିତ ଚଲାପଥେ
ତୁମରି ପାଦ ଚିହ୍ନ...
ତାଆରି ଉପରେ ନରମ ନରମ ଫୁଲର ପାଖୁଡ଼ା...
ସେଇ ବାଟେ ଯିବାକୁ ତୁମରି ନିର୍ଦ୍ଦେଶ
ତୁମରି ପଣତ ଧରି
ଅସରନ୍ତି ପଥ ଯିବ ସରି,
ସେ ପଥ ଶେଷେ
ଆଖି ବୁଜି ଦେଖେ
ସେ ଅପରୂପ ରୂପ
ଲେଖିତ ହୁଏନି
କହି ତ ହୁଏନି
ହୁଏ ଅନୁଭବେ ସିନା!!!

**– ସରଳା ମହାନ୍ତି**

# ସ୍ମୃତି ଏକ ଅନନ୍ୟ ବ୍ୟକ୍ତିତ୍ୱର

ନିରୁପମା ନାୟକ

ମାତୃଭବନ ପତ୍ରରୁ ପୂଜ୍ୟ ପଞ୍ଚାନନ ଭାଇଙ୍କ ବିୟୋଗ ଖବର ପଢ଼ିଲି। ତାଙ୍କର ପୂର୍ଣ୍ଣ ଅବୟବ ଫଟୋଟିକୁ ବାରବାର ଚାହିଁଲି, ଆଖିରୁ ଦୁଇଧାର ଲୁହ ବୋହିଗଲା। ମନ କାହିଁ କେତେଦୂର ସୁଦୂର ଅତୀତକୁ ଚାଲିଗଲା। ଏଇ ମହାନ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ କିଛି କିଛି ସମୟ ମୁଁ କଟାଇଛି। ତାଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ଉପଦେଶ ମୋ ଜୀବନରେ କିଛି ପ୍ରଭାବ ପକାଇଛି, ମୋ ଜୀବନର ଗତିପଥକୁ ବି ବଦଳାଇ ଦେଇଥିଲା। ଯାହା ଫଳରେ ଗୋଟିଏ ଗୃହିଣୀ ଜୀବନରୁ ମୁଁ ପହଞ୍ଚିଲି "ବସ୍ତା" ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ।

୧୯୮୮ ମସିହାର କଥା। ମୋ ସ୍ୱାମୀଙ୍କର ସରକାରୀ ଚାକିରୀ ନେଇ ଆମେ ସେତେବେଳେ ବାଲେଶ୍ୱର ଜିଲ୍ଲାର "ବସ୍ତା"ରେ ଥାଉ। ଯେଉଁଠିକୁ ଗଲେ ପାଠଚକ୍ର କେଉଁଠି ହେଉଛି, ଆମେ ଖୋଜି ଖୋଜି ପହଞ୍ଚୁ। "ବସ୍ତାରେ" ଶ୍ରୀଅରବିନ୍ଦ ସଦନ ନାମରେ ଏକ ସ୍ୱତନ୍ତ୍ର ସୁନ୍ଦର ପାଠଚକ୍ର ଘରଥାଏ। ରବିବାର ଦିନ ଅପରାହ୍ନରେ ପାଠଚକ୍ର ହୁଏ। ଆମେ ନିୟମିତ ସେଇ ପାଠଚକ୍ରରେ ଯୋଗ ଦେଉ। ଚିନ୍ତାମଣି ବାବୁ, ଗିରିଶ ବାବୁ, ଖଗେନ୍ଦ୍ରବାବୁ, ଜଳନ୍ଧର ବାବୁ ଏମିତି କେତେଜଣ ମାତୃଭକ୍ତଙ୍କ ପରିଚାଳନାରେ ଏହି ପାଠଚକ୍ର ପରିଚାଳିତ ହେଉଥାଏ। ଚିନ୍ତାମଣି ବାବୁ ସେତେବେଳେ ଏମ୍.ପି. ଥାଆନ୍ତି। ବସ୍ତାରେ ତାଙ୍କ ଘର। ତାଙ୍କୁ ସମସ୍ତେ ସମ୍ମାନ କରନ୍ତି। ସେଦିନ ଥିଲା ଜୁଲାଇ ମାସ ୨୩ ତାରିଖ। ମୋର ସ୍ୱାମୀ ଆସି କହିଲେ ଆଜି ନିଉ ଲାଇଫ୍ ଏଜୁକେସନ ଟ୍ରଷ୍ଟର ସମ୍ପାଦକ, ଶ୍ରୀଯୁକ୍ତ ପଞ୍ଚାନନ ମହାନ୍ତି ଓ ସହ ସମ୍ପାଦକ ଶ୍ରୀଯୁକ୍ତ ପ୍ରସାଦ ତ୍ରିପାଠୀ ଆଜି ଏଠାକୁ ଆସିବେ। ଏଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଖୋଲା ହେବ। ସନ୍ଧ୍ୟାରେ ଶ୍ରୀଅରବିନ୍ଦ ସଦନରେ ମିଟିଂ ହେବ। ସେମାନେ ଆମ ଘରେ ଖାଇବେ, ରୋଷେଇ କରିବ। ଏତିକି କହି ସେ ଚାଲିଗଲେ। ମୁଁ ବହୁତ ଖୁସି ହୋଇଗଲି। କାରଣ ଯେଉଁ ମାତୃଭକ୍ତମାନେ ଜଳେଶ୍ୱର, ଭୋଗରାଇ, ଶ୍ରୀମାଶିକ୍ଷା ସଦନ ସେପଟେ ଯାଆନ୍ତି ଆମ ଘର, ବାଟରେ ପଡୁଥିବାରୁ ଆମକୁ ଦେଖା କରନ୍ତି, ରୁହନ୍ତି ମଧ୍ୟ। ସେମାନଙ୍କୁ ଆତିଥ୍ୟ ଦେବାରେ ମୋ ମନ ଆନନ୍ଦରେ ଭରିଯାଏ। ଆଜି ପଞ୍ଚାନନ ଭାଇ, ବାବୁଲି ଭାଇ ସେମାନେ ଏତେ ବଡ଼ ଲୋକ ଆମ ଘରେ ଖାଇବେ, ମୁଁ ରୋଷେଇରେ ମନଦେଲି। ସନ୍ଧ୍ୟାରେ ଜଣେ ଚିହ୍ନା ଭାଇ ଆସି କହିଲେ ମିଟିଂ ଆରମ୍ଭ ହେଲାଣି, ଆପଣଙ୍କୁ ସମସ୍ତେ ଡାକୁଛନ୍ତି ଶିଘ୍ର ଚାଲନ୍ତୁ। ମୋ ଭିତରେ ଆଶଙ୍କା ହେଲା, ମିଟିଂରେ ମୁଁ କ'ଣ କରିବି ? ମୋତେ କାହିଁକି ଡାକୁଛନ୍ତି। ମା'ଙ୍କୁ ଡାକି ସେଠାରେ ଯାଇ ପହଞ୍ଚିଲି। ଗିରିଶ ମଉସା କହିଲେ ହେଇତ ନିରୁ ଆସିଲାଣି, ତାକୁ ଏଥର କୁହନ୍ତୁ। ଚିନ୍ତାମଣି ବାବୁ କହିଲେ, ଆଜିଠାରୁ ଜାଣ ଆମର ଏଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଖୋଲା ହେଲା। ଆପଣ ପିଲାମାନଙ୍କର ଦାୟିତ୍ୱ ନେବେ। ସ୍କୁଲର ଅଧକ୍ଷା ଭାବରେ ସ୍କୁଲ କଥା ବୁଝିବେ। ଆଉ ଜଣେ ଶିକ୍ଷୟିତ୍ରୀ ବନମାଳା ଆପଣଙ୍କୁ ସାହାଯ୍ୟ କରିବ। ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଧୀର କଣ୍ଠରେ କହିଲି ମୁଁ ବେଶି ପାଠ ପଢ଼ିନାହିଁ, ଅନୁଷ୍ଠାନଟିଏ ମୁଁ କ'ଣ ଚଳାଇ ପାରିବି ? ସମସ୍ତେ କହିଲେ ଆପଣ ତ ମା'ଙ୍କୁ ଜାଣିଛନ୍ତି, ସବୁ ସୁବିଧା ସିଏ କରିଦେବେ। ପଞ୍ଚାନନ ଭାଇଙ୍କୁ ଅତି ନିକଟରେ ସେଇଠି ଦେଖିଲି। ତାଙ୍କ ସହ ପରିଚୟ ହେଲି। ସେ ଯେ ବିଦୁଅପାଙ୍କ ସ୍ୱାମୀ ସେଇଠି ଜାଣିଲି। କୃତଜ୍ଞତାରେ ମଥା ମୋର ନଇଁ ଗଲା। ସାଙ୍ଗ ହୋଇ ଆମ ଘରକୁ ଆସିଲୁ। ସେମାନେ ଖାଇ ସାରି ଡାକବଙ୍ଗଳାରେ ଶୋଇବାକୁ ଗଲେ। ମୁଁ କିନ୍ତୁ ଶୋଇ ପାରିଲି ନାହିଁ। ସେଇ କଥାକୁ ଭାବିଲି, ସ୍କୁଲରେ କେତେ ସମସ୍ୟା ଆସିବ, ସ୍କୁଲଟିଏ ଚଳାଇବା କ'ଣ ଘର ଚଳାଇବା ହୋଇଛି। ଖାଲି ବିକଳ ହୋଇ ମା'ଙ୍କ ଫଟୋକୁ ଚାହିଁଲି। ତହିଁ ପରଦିନ ସକାଳେ ବାବୁଲି ଭାଇ, ପଞ୍ଚାନନ ଭାଇ ଆମ ଘରକୁ ଆସିଲେ ଜଳଖିଆ ଖାଇ ଭୁବନେଶ୍ୱର ଫେରିଯିବେ। ଟ୍ରେନ୍‌ରେ ଖାଇବା ପାଇଁ ପଞ୍ଚାନନ ଭାଇଙ୍କ ପାଇଁ ଚୁଡ଼ା ସିଝା, କ୍ଷୀରଛେନା ଟିଫିନ୍‌ରେ ଭରିଦେଲି। ସେମାନେ ଯିବାବେଳେ କିଛି ନର୍ସରୀ ଚାର୍ଟ, ସିଲାବସ୍ ବହି, 'ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟି ଓ ବିଚାର' ବହିଟିଏ ଦେଇ ପଞ୍ଚାନନ ଭାଇ କହିଲେ ଅକ୍ଟୋବର ମାସ ପୂଜା ଛୁଟିରେ ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ସମ୍ମିଳନୀ ହେବ। ତୁମେ ନିଶ୍ଚୟ ସେଠାକୁ ଯିବ। ଅନେକ କଥା ଶିଖି ଆସିବ। ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପ୍ରଭୁଙ୍କ ଜନ୍ମଦିନ ପାଇଁ ଆମେ ପଣ୍ଡିଚେରୀ ଗଲୁ। ସେଠାରେ ବି ପଞ୍ଚାନନ ଭାଇଙ୍କ ସହ ଦେଖାହେଲା। ସେ ହସ ହସ ମୁହଁରେ ପଚାରିଲେ, "ଭଲ ଅଛ ନିରୁପମା। ତୁମ ସ୍କୁଲ କିଭଳି ଚାଲିଛି ?" ସେ ପର୍ଯ୍ୟନ୍ତ ମୁଁ ସ୍କୁଲକୁ ଭଲ କରି ଯାଇ ନଥାଏ। କାରଣ ଗୋଟିଏ ୨୧ ବର୍ଷର ଗୃହିଣୀ ଜୀବନର ବନ୍ଧ ଡେଇଁ ଶିକ୍ଷାକେନ୍ଦ୍ରକୁ ଯିବା, ତାଛଡ଼ା ସ୍ଥାନୀୟ କେତେକ ଲୋକ କଥା ହେଉଥିବାର ମୁଁ ଶୁଣିଲି "ନାୟକ ବାବୁ ଜଣେ ଅଫିସର, କେତେ ଟଙ୍କା ଦରମା ପାଉଛନ୍ତି, ପୁଣି ତାଙ୍କ ସ୍ତ୍ରୀଙ୍କୁ ଚାକିରୀ କରିବାକୁ ପଠାଉଛନ୍ତି ?" ମୋତେ ବି

ପଚାରିଲେ "କେତେ ଟଙ୍କା ଦରମା ପାଉଛ ?" ଏକଥା ଶୁଣି ମୋତେ ଭାରି ଲାଜ ଲାଗିଲା। କାହାକୁ କିଛି ମୁଁ ନ କହି ଘରକୁ ପଳାଇ ଆସିଲି। ସେଇ କଥା ହିଁ ପଞ୍ଚାନନ ଭାଇଙ୍କୁ କହିଲି, ସେ କୋମଳ କଣ୍ଠରେ କହିଲେ, ମା' ତାଙ୍କ କାମ କରିବାକୁ ତୁମକ ସୁଯୋଗ ଦେଇଛନ୍ତି, ଏହା କେତେ ଜଣଙ୍କ ଭାଗ୍ୟରେ ଜୁଟେ। ମାଆଙ୍କ କାର୍ଯ୍ୟ କରିବାରେ ଲାଜ କ'ଣ ? ବିନ୍ଦୁ ଅପା କିଭଳି ପ୍ୟାଣ୍ଟ, ସାର୍ଟ ପିନ୍ଧି ଆସନ ବ୍ୟାୟାମ କରୁଥିଲେ। ଶିବିର ପରିଚାଳନା କରୁଥିଲେ। ସବୁ କଥା ଉଦାହରଣ ଦେଇ ବୁଝାଇଦେଲେ। ପଣ୍ଡିଚେରୀରୁ ଫେରି ମୁଁ ପ୍ରତିଦିନ ସ୍କୁଲକୁ ଗଲି। ପିଲାମାନଙ୍କୁ ଭଲ ପାଇଲି, ତାଙ୍କ ଭିତରେ ନିଜକୁ ହଜାଇ ଦେଲି। ଜୀବନ ମୋତେ ନୂଆ ନୂଆ ଲାଗିଲା। ଯେଉଁମାନେ ଆଗରୁ କହୁଥିଲେ, ସେମାନେ ଯେତେବେଳେ ଜାଣିଲେ ସ୍କୁଲରୁ ମୁଁ ପାରିଶ୍ରମିକ ଆଣୁନାହିଁ, ସ୍କୁଲ ପାଇଁ ନିଜକୁ ଦେଉଛି। ତାଙ୍କ ପିଲାଙ୍କୁ ଆଣି ମୋ ପାଖେ ପଢ଼ାଇଲେ। ମୋ ସଙ୍ଗେ ସ୍କୁଲକୁ ପଠାଇଲେ।

ଅକ୍ଟୋବର ମାସ ପୂଜା ଛୁଟିରେ ଆଉ ଦୁଇଜଣ ଶିକ୍ଷୟିତ୍ରୀଙ୍କୁ ସଙ୍ଗରେ ନେଇ ମୁଁ ପଟେଲ ହଲ୍ ଶିକ୍ଷାକେନ୍ଦ୍ରରେ ପହଞ୍ଚିଲି। ପଞ୍ଚାନନ ଭାଇ ସେଠାରେ ଦେଖା ହେଲେ। ବସ୍ତା ସ୍କୁଲ କଥା ବି ପଚାରିଲେ। ସେଠାରେ ୪ଦିନ ରହିବା ଭିତରେ ଓଡ଼ିଶାର ବିଭିନ୍ନ ଶିକ୍ଷାକେନ୍ଦ୍ରରୁ ଆସିଥିବା ଅପା ଭାଇମାନଙ୍କ ସହ ମିଶି ମୋତେ ବହୁତ ଖୁସି ଲାଗିଲା। ତହିଁ ପରବର୍ଷ ଅଗଷ୍ଟ ମାସରେ ପୁଣି ପଣ୍ଡିଚେରୀ ଗଲୁ। ସେଠାରେ ଶୁଣିଲୁ ପଞ୍ଚାନନ ଭାଇଙ୍କ ଦେହ ଖରାପ। ସେ ଆଶ୍ରମ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଦେଖା କରିବାକୁ ନର୍ସିଂହୋମ୍ ଗଲୁ। ସେ ଆମକୁ ଦେଖି ବହୁତ ଖୁସୀ ହେଲେ ତାଙ୍କ ଝିଅ ଯିଏ ଆଶ୍ରମରେ କ୍ୟାପ୍‌ଟେନ୍ ଅଛନ୍ତି, ତାଙ୍କ ପୁଅ ଯିଏ ହାଇଦ୍ରାବାଦରେ ଇଂରାଜୀ ଅଧ୍ୟାପକ ଅଛନ୍ତି, ସେମାନେ ସେଠି ଥିଲେ। ତାଙ୍କ ସହ ଆମ ପରିଚୟ କରାଇ ଦେଲେ।

୧୯୮୯ ମସିହା ଜୁନ୍ ମାସରେ ପ୍ରପତ୍ତିଙ୍କ ତିରୋଧାନ ସମୟରେ ମାତୃଭବନରେ ତାଙ୍କର ଏକାଦଶାହ ଦିନ ସ୍ମୃତିଚାରଣ ଅବସରରେ ପଞ୍ଚାନନ ଭାଇଙ୍କ ସହ ଦେଖାହୋଇଥିଲା। ତାପରେ ସେ ପଣ୍ଡିଚେରୀରେ ବୋଧେ ରହିଗଲେ। ଆମେ ପଣ୍ଡିଚେରୀ ଗଲେ ଅଗଷ୍ଟ ୧୪ ତାରିଖ ଦିନ ବାବାଜୀ ମହାରାଜଙ୍କ ଜନ୍ମଦିନରେ ନବଜ୍ୟୋତିରେ ଦେଖାହୁଅନ୍ତି। ସ୍କୁଲ କଥା ଆଗେ ପଚାରି ବସନ୍ତି।

୧୯୯୨ ମସିହା ଫେବୃୟାରୀ ମାସ ମା'ଙ୍କ ଜନ୍ମଦିନ। ପୁଣି ଲିପ୍ ଇୟର- ଗୋଲ୍‌ଡ଼େନ୍ ଡେ। ସେଥର ପ୍ରାୟ ୨୦/୨୫ ଦିନ ମୁଁ ଆଶ୍ରମରେ ରହିଗଲି। ସେଇ ରହିବା ଭିତରେ ପଞ୍ଚାନନ ଭାଇଙ୍କ ସହ ଦେଖା ହୋଇଗଲା। ସବୁ ଥର ପରି ସେଦିନ ବି ସେ ନିଜର ସ୍ୱଭାବସୁଲଭ ସରଳ କଣ୍ଠରେ ପଚାରିଲେ, "ନିରୁପମା ଭଲ ଅଛ ? ତୁମ ସ୍କୁଲ କେମିତି ଚାଲିଛି ? ୪ମାସ ତଳେ ମୋ ସ୍ୱାମୀଙ୍କର ମୃତ୍ୟୁ ହୋଇ ଯାଇଛି। ମୁଁ ଯେ ସ୍କୁଲ ଛାଡ଼ି ଦେଇଛି ଏକଥା ତାଙ୍କୁ କହି ପାରିଲିନି। ମୋ ଆଖିରୁ ଅବାରିତ ଭାବେ ଲୁହ ବହିଚାଲିଲା। ସେ ବୋଧେ ମୋ ମନୋଭାବ ବୁଝିପାରି ମୋତେ ପାଖରେ ବସାଇ ଉପଦେଶ ଛଳରେ କେତେ କଥା କହି ମୋ ଅଶାନ୍ତ ମନକୁ ଶାନ୍ତ କରିଦେଲେ। ସେଦିନର କଥା ଆଜି ବି ମନେ ପଡ଼ିଯାଉଛି। ଗତ ଦୁଇ ବର୍ଷ ତଳେ ମୁଁ ପଣ୍ଡିଚେରୀରେ ତାଙ୍କୁ ଶେଷ ଥର ପାଇଁ ଦେଖିଥିଲି। ତାଙ୍କର ଚିଠିଟିଏ ମୁଁ ବସ୍ତାରେ ଥିବାବେଳେ ଦେଇଥିଲେ, ତାକୁ ମୁଁ ଏବେ ବି ସାଇତି ରଖିଛି।

ସେ ଏକାଧାରାରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଲେଖକ, ପରାମର୍ଶଦାତା, ମା'ଙ୍କର ଜଣେ ନିଷ୍ଠାପର ଭକ୍ତ ଥିଲେ। ତାଙ୍କ ପରିବାର, ତାଙ୍କର ସମଗ୍ର ଜୀବନ ସେ ମାତୃକାର୍ଯ୍ୟରେ ନିୟୋଜିତ କରିଛନ୍ତି। ପ୍ରପତ୍ତିଙ୍କ ସହ ମିଶି ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର କରାଇଥିଲେ। ତାଙ୍କର ଶେଷ ଜୀବନ ପଣ୍ଡିଚେରୀ ଆଶ୍ରମରେ କଟାଇଲେ। ସେ ମା'ଙ୍କର ସୁଯୋଗ୍ୟ ସନ୍ତାନ, ମା'ଙ୍କ କୋଳକୁ ଫେରି ଯାଇଛନ୍ତି। ମୋତେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରହିବା ପାଇଁ ଯେଉଁ ପ୍ରେରଣା, ଉତ୍ସାହ, ଉପଦେଶ ଦେଇଥିଲେ, ତାଙ୍କରି କଥାକୁ ମାନି ନେଇ ସେଇ ଶିକ୍ଷାକୁ ପୁଞ୍ଜିକରି ଦିବ୍ୟଧାମ ପରିସରରେ ରହି ଏକ ଆଧାତ୍ମିକ ଜୀବନ ବଞ୍ଚୁଛି। ବଞ୍ଚି ରହିବାର ନୂଆ ପଥଟିଏ ମୋତେ ଦେଖାଇଦେଇ ଯାଇଥିବାରୁ ମା'ଙ୍କୁ ମୋର ଅନ୍ତରର ଗଭୀର କୃତଜ୍ଞତା ଜଣାଉଛି।

---

**ସାଂସାରିକ ବିଷୟ-ଜ୍ଞାନ ତୁମ କାନରେ ଯେପରି ବେଶୀ ମନ୍ତ୍ରଣା ନ ଦିଏ, କାରଣ, ଏହାହିଁ ହେଲା ଅପ୍ରତ୍ୟାଶିତଙ୍କ ମୁହୂର୍ତ୍ତ।**

**- ଶ୍ରୀଅରବିନ୍ଦ**

---

# ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶ୍ୱକର୍ମା

ପ୍ରସାଦ ତ୍ରିପାଠୀ

ଏକ ଶାନ୍ତ, ସରଳ ଏବଂ ସ୍ୱଚ୍ଛ ବ୍ୟକ୍ତିତ୍ୱ ଥିଲେ ପଞ୍ଚାନନ ଭାଇ। ଅଦ୍ଭୁତ ବ୍ୟକ୍ତିତ୍ୱ। ଶରୀର ଯେତିକି ଦୁର୍ବଳ ପ୍ରାଣ ଏବଂ ମନ ସେତିକି ଶକ୍ତ। ଗତ ଫେବୃୟାରୀ ୪ ତାରିଖ ଦିନ ଆଶ୍ରମ ନର୍ସିଂହୋମଠାରେ ଅଶୀବର୍ଷର ଏକ ଅତ୍ୟନ୍ତ ସଫଳ ଜୀବନ ଅତିବାହିତ କରି ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।

ବୋଧହୁଏ ୧୯୭୨ ମସିହାରେ ତାଙ୍କ ସହିତ ମୋର ସମ୍ପର୍କରେ ନିବିଡ଼ତା ଆସିଲା। ସେତେବେଳେ ମୁଁ ଭୁବନେଶ୍ୱର ଇଉନିଟ୍ ୨ରେ ଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ରହୁଥାଏ। ଭାଇ ଏବଂ ମୁଁ ଗୋଟିଏ ରୁମ୍‌ରେ ରହୁଥାଉ। ସେଠାରେ ସେତେବେଳେ ହଷ୍ଟେଲ ନଥାଏ ତେଣୁ ରୋଷେଇ ବନ୍ଦୋବସ୍ତ ହୋଇ ନଥାଏ। ଆମର ଭୋଜନ ସେଥିପାଇଁ Optional Subject (ଇଚ୍ଛାଧୀନ ବିଷୟ) ଭଳି ଚାଲିଥାଏ। କେଉଁ ଦିନ କେଉଁଠି ଖାଇଦେଲୁ କିଛି ଠିକଣା ନାହିଁ। ସେହି ସମୟରେ ଦିନେ ଦିନେ ସକାଳୁ ବିଦୁ ଅପା ଏବଂ ପଞ୍ଚାନାନ ଭାଇ ଉଭୟ ସ୍ୱାମୀ ସ୍ତ୍ରୀ ପ୍ରାତଃ ଭ୍ରମଣରେ ଆସିଯାନ୍ତି। ଆମେ ଦିନେ ଦିନେ ସକାଳେ ମଧ୍ୟ କାମରେ ଲାଗିପଡ଼ିଥାଉ। ବିଦୁଅପା ଆସି ପ୍ରଥମେ ପ୍ରଶ୍ନ କରିବେ କିରେ ଶଙ୍କର ପ୍ରସାଦ କ'ଣ ଖାଇଛ ? ଆମେ କିଛି କହିବାକୁ କୁଣ୍ଠାକରୁ। ସେ ଠିକ୍ ଠଉରାଇବେ ଆମେ କିଛି ଖାଇ ନାହୁଁ। ଅତି କରୁଣ ଭାବରେ ଚାହିଁ ପଞ୍ଚାନନ ଭାଇଙ୍କୁ ତାଗିଦ୍ କଲା ଭଳି ଗାଳିଦେବେ ଆଉ କହିବେ - ତୁମେ କ'ଣ ଲାଟସାହେବ ଘରେ ପିଠାପଣା ଖାଇ ଶୋଇବ ଆଉ ଏଠାରେ ପିଲା ଦୁଇଟା ଉପାସରେ କାମ କରିବେ। ଆମକୁ ତୁରନ୍ତ ଡକାଯିବ ତାଙ୍କ ଘରକୁ ଯିବାକୁ ଖାଇବାକୁ। ଏସବୁ ବିଷୟ ମୁଁ ବିଦୁଅପାଙ୍କ ବିଷୟ ବର୍ଣ୍ଣନା କଲାବେଳେ ଲେଖିଥିଲି।

ପଞ୍ଚାନନ ଭାଇ ଏବଂ ବିଦୁ ଅପା। ଏକ ବିଚିତ୍ର ମିଶ୍ରଣ। ଭଗବାନଙ୍କ ସୃଷ୍ଟିରେ ବୋଧହୁଏ ଏକ ଅତ୍ୟନ୍ତ ବିରଳ ଯୋଡ଼ି। ବିଦୁଅପା ଭୀଷଣ କଠୋର ଏବଂ ଶୃଙ୍ଖଳିତ - ମାତ୍ର ପଞ୍ଚାନନ ଭାଇ ଅତି ଶାନ୍ତ ଏବଂ ସରଳ। ବିଦୁଅପା କୌଣସି କଥାରେ compormise କରନ୍ତି ନାହିଁ - ମାତ୍ର ପଞ୍ଚାନନ ଭାଇ ସବୁଥିରେ ରାଜି ହୋଇଯାଆନ୍ତି। ବିଦୁଅପା ସବୁବେଳେ Frontline worker ହେବାକୁ ଚାହାନ୍ତି ମାତ୍ର ପଞ୍ଚାନନ ଭାଇ ଅନ୍ୟମାନଙ୍କୁ ତିଆରି କରିବାକୁ ଭଲ ପାଆନ୍ତି ମାତ୍ର ନିଜେ ସବୁବେଳେ ପଛରୁ ଥାଇ ପରାମର୍ଶ ଦେବା, ସାହସ ଦେବା ଏବଂ ଉତ୍ସାହିତ କରନ୍ତି। ଏସବୁ ସତ୍ତ୍ୱେ ଉଭୟ ଅତ୍ୟନ୍ତ ନିବିଡ଼ ଭାବରେ ଉଭୟଙ୍କୁ ଭଲ ପାଆନ୍ତି। ବିଦୁ ଅପା ପଞ୍ଚାନନ ଭାଇଙ୍କୁ ଯେତିକି ତାଗିଦ୍ କରନ୍ତି - ପଞ୍ଚାନନ ଭାଇ ଅନୁରୂପ ବିନମ୍ରତା ସହକାରେ ଶାସିତ ହୁଅନ୍ତି। ଏସବୁ ଘଟଣା ଆମେ ସବୁ ନିଜେ ଦେଖିଛୁ।

ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା ୧୯୭୦ ମସିହାରେ, ଭୁବନେଶ୍ୱରରେ। ଇଉନିଟ୍ ୨ର ସର୍ଦ୍ଦାର ପଟେଲ ହଲରେ। ସ୍କୁଲର ପଛ ଫାଟକର ବିପରୀତ ପାଖରେ ବିପିନ ଭାଇ ପ୍ରୀତି ଅପା ରହୁଥିଲେ। ତାଙ୍କ ପରେ ସ୍କୁଲର ସବୁଠାରୁ ନିକଟରେ ଥିଲେ ପଞ୍ଚାନନ ଭାଇ ଅଶୋକନଗର ସରକାରୀ କ୍ୱାଟରରେ। ନିଜେ finance service ରେ ଥାଇ କୁଆଡ଼େ କୁଆଡ଼େ ଚାକିରୀ କରି ଶେଷକୁ DPI ଏବଂ Education Dept ରେ FA ରହିଲେ। ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସବୁ ଧୀରେ ଧୀରେ ଆରମ୍ଭ ହେଉଥାଏ। ପ୍ରପତ୍ତି ଅତ୍ୟନ୍ତ ଆଗ୍ରହ ଏବଂ ଉତ୍ସାହ ପ୍ରଦାନ କରୁଥାନ୍ତି - ଏଇ କାର୍ଯ୍ୟର ଅଗ୍ରଗତି ପାଇଁ। ସେତେବେଳେ ପ୍ରପତ୍ତିଙ୍କ ସହିତ ଯେଉଁ କେତେଜଣ ଏଥିରେ ସିଧାସଳଖ ସମ୍ପୃକ୍ତ ହୋଇ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ନେଉଥିଲେ ସେଥିରେ ସବୁଠାରୁ ଅଗ୍ରଣୀ ଥିଲେ ପଞ୍ଚାନନ ଭାଇ। କହିବା ବାହୁଲ୍ୟ ପ୍ରପତ୍ତି ପଞ୍ଚାନନ ଭାଇଙ୍କ ପରାମର୍ଶ ବିନା କିଛି ବି କରୁନଥିଲେ ଏବଂ ପଞ୍ଚାନନ ଭାଇ ମଧ୍ୟ ପ୍ରପତ୍ତିଙ୍କର କୌଣସି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ସ୍ଥିରହେଉ ନଥିଲେ।

ପ୍ରଥମେ ପ୍ରଥମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନ ଆରମ୍ଭ ହେଲାବେଳେ ଅମାପ ଉତ୍ସାହ, ଆଗ୍ରହ ଥିଲା। କୌଣସି କାର୍ଯ୍ୟ ବଡ଼ ଲାଗୁନଥିଲା। କଷ୍ଟ ଲାଗୁନଥିଲା। ପ୍ରପତ୍ତି ଆସୁଥିଲେ। କଟକରେ ଓହ୍ଲାଉଥିଲେ। ପରଦିନ ଭୁବନେଶ୍ୱର ଯାଉଥିଲେ। ପ୍ରାୟ ମୁଁ ସାଙ୍ଗରେ ରହୁଥିଲି। ପଟେଲ ହଲରେ ତାଙ୍କ ପାଇଁ ସ୍ୱତନ୍ତ୍ର ରୁମ ରଖାଯାଇଥିଲା। ସେଠାରେ ପହଞ୍ଚି ପହଞ୍ଚି ଭୁବନେଶ୍ୱର ବନ୍ଧୁମାନେ ପହଞ୍ଚି ଯାଉଥିଲେ। ସେମାନଙ୍କ ମଧ୍ୟରେ ସବୁଠାରୁ ବେଶୀ ଯାହାଙ୍କୁ ପ୍ରପତ୍ତି ଖୋଜୁଥିଲେ ସେ ହେଲେ ପଞ୍ଚାନନ ଭାଇ। ପୂର୍ବଥର ଆସିବା ବେଳେ ଯେଉଁ ସବୁ କାର୍ଯ୍ୟର ବରାଦ ଥିଲା - ପ୍ରସ୍ତାବ ଥିଲା - ସେ ସବୁ କେତେ ବାଟ ଗଲା ଏବଂ ଆଉ କେଉଁ କେଉଁ ଅଧା କାର୍ଯ୍ୟର ପ୍ରସ୍ତାବ ଅଛି ସବୁ କଥା ପ୍ରପତ୍ତି ସଂକ୍ଷେପରେ କହିଯିବେ ଏବଂ ପଞ୍ଚାନନ ଭାଇ ସେ ସବୁକୁ ଦିବ୍ୟ ନିର୍ଦ୍ଦେଶ ଭଳି ଟିପି ପକାଇବେ। ତା'ପରେ ଆରମ୍ଭ ହେବ କାର୍ଯ୍ୟ। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ କିପରି ସହଜ ସରଳ ଧାରାରେ ପରିଚାଳିତ ହେବେ, ସେମାନଙ୍କୁ ସରକାରୀ ସ୍ୱୀକୃତି ମିଳିବ,

ସରକାରୀ ସାହାଯ୍ୟ ମିଳିବ, ଜାଗା କିପରି ମିଳିବ - ଏସବୁ ପରାମର୍ଶ ପଞ୍ଚାନନ ଭାଇ ହିଁ ସମସ୍ତଙ୍କୁ ଦେଉଥିଲେ। ସେତେବେଳେ ପ୍ରପତ୍ତି ସିଦ୍ଧାନ୍ତ କଲେ ଶିକ୍ଷାର ସମସ୍ତ ସାଙ୍ଗଠନିକ କାର୍ଯ୍ୟ ପାଇଁ ଗୋଟିଏ ସଙ୍ଗଠନ ଆବଶ୍ୟକ ଏବଂ ଆରମ୍ଭ ହେଲା ନବଜୀବନ ଶିକ୍ଷା ସଂସଦ (New Life Education Trust) । ଏକଦମ୍ ଆରମ୍ଭରୁ ହିଁ ପ୍ରପତ୍ତି ଏହାର ସଭାପତି ଏବଂ ପଞ୍ଚାନନ ଭାଇ ସମ୍ପାଦକ ଥିଲେ। ସେଥିରେ ଅନ୍ୟାନ୍ୟ ଅନେକ ସଭ୍ୟସଭ୍ୟା ଥିଲେ ମଧ୍ୟ ଏଇ ଦୁଇଜଣଙ୍କୁ ହିଁ ଅଧିକାଂଶ କାର୍ଯ୍ୟରେ ମୁଖ୍ୟ ଭୂମିକା ତୁଲାଇବାକୁ ପଡୁଥିଲା।

ଧୀରେ ଧୀରେ ନବଜୀବନ ଶିକ୍ଷାସଂସଦର କାର୍ଯ୍ୟ ପରିସର ବଢ଼ିଲା। ସରକାରୀ ସ୍ୱୀକୃତି ସହିତ ନିଜର Syllabus ଏବଂ ତାକୁ ସରକାରୀ ସମର୍ଥନ ଏ ଉଭୟ ପାଇଁ ସେତେବେଳେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଅନେକ ଦାୟିତ୍ୱ ନେଇଥିଲେ। Syllabus ପ୍ରସ୍ତୁତି ସରିବା ପରେ ତାକୁ ସରକାରଙ୍କର ସ୍ୱୀକୃତି ମଧ୍ୟ ମିଳିଗଲା। ଗୋଟିଏ ପରେ ଗୋଟିଏ ସ୍କୁଲ ଖୋଲି ଚାଲିଲା- ଭୁବନେଶ୍ୱର ପରେ ରାଉରକେଲା, ସମ୍ବଲପୁର, ଗୋପୀନାଥପୁର, ଆଚାର୍ଯ୍ୟ ବିହାର, ପୁରୀ, ବରହମପୁର ଏବଂ ମାତୃଭବନଠାରେ ଶିକ୍ଷାକେନ୍ଦ୍ରମାନ ଆରମ୍ଭ ହେଲା - ୧୯୭୫ ଜୁଲାଇ ୧୮ରେ ମାତୃଭବନ ଅଷ୍ଟମ ଶିକ୍ଷାକେନ୍ଦ୍ର ହିସାବରେ ଆରମ୍ଭ ହୋଇଥିଲା।

ଖାଲି ଶିକ୍ଷାକେନ୍ଦ୍ର ଆରମ୍ଭ ହେଲେ ଚଳିବନି। ପୁଣି ପ୍ରପତ୍ତି ଆରମ୍ଭ କଲେ ଶିକ୍ଷକ ସମ୍ମିଳନୀ, ଶିକ୍ଷକ ପ୍ରଶିକ୍ଷଣ, ତ୍ରୈମାସିକ ଶିକ୍ଷକ ପ୍ରଶିକ୍ଷଣ, ଛାତ୍ର ସମ୍ମିଳନୀ ଇତ୍ୟାଦି। ଏସବୁ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ରୂପ ଏବଂ ଛାଞ୍ଚ ଦେବା ପାଇଁ ମଧ୍ୟ ପଞ୍ଚାନନ ଭାଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଚିତ୍ତ ଭାଇ ଏବଂ ପଞ୍ଚାନନ ଭାଇ ଉଭୟେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସୁନ୍ଦର ରୂପେ ପରିଚାଳନା କରୁଥିଲେ। ପ୍ରପତ୍ତି ଯଦିଓ ଥିଲେ ସବୁ ଭିତରେ ମୁଖ୍ୟ ପରାମର୍ଶଦାତା ତଥା ପ୍ରେରଣାଦାତା ତଥାପି ପଞ୍ଚାନନ ଭାଇଙ୍କର ଭୂମିକା ଥିଲା ସବୁଥିରେ ସ୍ୱତନ୍ତ୍ର।

ପରେ ପରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନ ଖୋଲିବାକୁ ଆରମ୍ଭ କଲେ। ସେମାନେ ପ୍ରପତ୍ତି ମହାଶୟଙ୍କ ସହିତ ପରାମର୍ଶ କରିବାକୁ ଗଲେ, ପ୍ରପତ୍ତି ସମସ୍ତଙ୍କୁ ପରାମର୍ଶ ଦିଅନ୍ତି ପଞ୍ଚାନନ ଭାଇଙ୍କ ସହିତ ଆଲୋଚନା କରିବାକୁ। ପଞ୍ଚାନନ ଭାଇ ମଧ୍ୟ ପ୍ରପତ୍ତିଙ୍କ ମନୋଭାବ ଜାଣି ସମସ୍ତଙ୍କୁ ଆବଶ୍ୟକୀୟ ପରାମର୍ଶ ଦିଅନ୍ତି। ପାଠଚକ୍ର କରିବାକୁ ପରାମର୍ଶ ଦିଅନ୍ତି। ଯଦି କୌଣସି କାରଣରୁ କେହି ପାଠଚକ୍ର ନକରି ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ କରିବାକୁ ଯାଉଥାଆନ୍ତି- ସେମାନଙ୍କୁ ପ୍ରଥମେ ପାଠଚକ୍ରଟିଏ ଆରମ୍ଭ କରିବାକୁ ଏବଂ ତା'ର ଗୁରୁତ୍ୱ କ'ଣ ତାହା ଜାଣିବାକୁ ପରାମର୍ଶ ଦିଅନ୍ତି।

ପଞ୍ଚାନନ ଭାଇ ଶରୀରରେ ଅନେକ ଦୁର୍ବଳ ମାତ୍ର ମନରେ ଖୁବ୍ ଦୃଢ଼ ଥିଲେ। ପତ୍ନୀ ବିଦୁଅପାଙ୍କର ଅକାଳ ତଥା ଅସ୍ୱାଭାବିକ ମୃତ୍ୟୁ ତାଙ୍କ ପାଇଁ ଏକ ଦାରୁଣ ଆଘାତ ଥିଲା ମାତ୍ର ତଥାପି ସେ ବାହାରକୁ ଖୁବ୍ ଶକ୍ତ ଏବଂ ସ୍ଥିର ଲାଗୁଥିଲେ। ଚାରୋଟିଯାକ ପିଲାଙ୍କୁ ପଣ୍ଡିଚେରୀରେ ଛାଡ଼ି ନିଜେ ଭୁବନେଶ୍ୱରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ସମସ୍ତଙ୍କ ସହିତ ଚଳୁଥିଲେ। ତଥାକଥିତ ପରିବାରର ମୋହ ତାଙ୍କୁ ଘାରି ନଥିଲା। ଅତି ସୁନ୍ଦର ଭାବରେ ସମସ୍ତଙ୍କ ସହିତ ସେ ଚଳିପାରୁଥିଲେ। ଖାଦ୍ୟ ପଦାର୍ଥ ତାଙ୍କର ଅତ୍ୟନ୍ତ ସଂକ୍ଷେପ ଏବଂ ସରଳ ଥିଲା। ସାମାନ୍ୟ ଆହାରରେ ସେ ଚଳୁଥିଲେ। ତେଣୁ ସେ ସମଗ୍ର ଜୀବନ କାହାରି ଉପରେ ବୋଝ ହୋଇ ନଥିଲେ।

ମାତୃଭବନ ସହିତ ତାଙ୍କର ସମ୍ପର୍କ ଥିଲା ଅତ୍ୟନ୍ତ ଅନ୍ତରଙ୍ଗ। ଥରେ ଥରେ ସେ ମାତୃଭବନରେ ରାତ୍ର ଯାପନ କରନ୍ତି। କଟକରେ ନିଜ ଘର ଥିଲେ ମଧ୍ୟ ସେ ମାତୃଭବନରେ ରହିବାକୁ ବେଶୀ ପସନ୍ଦ କରୁଥିଲେ କାରଣ ସେ ମାତୃପରିବାର ସହିତ ଅଧିକ ସମ୍ପୃକ୍ତ ଥିଲେ। ଥରେ ମାତୃଭବନରେ ହଠାତ୍ ରହିବାର ସିଦ୍ଧାନ୍ତ ହେଲା। ରାତିରେ ଭୁବନେଶ୍ୱର ଫେରିବେ ନାହିଁ। ତେଣୁ ମାତୃଭବନରେ ରହିବେ। ମାତ୍ର ଏକବସ୍ତ୍ର ହୋଇ ଚାଲି ଆସିଥିଲେ। କୌଣସି ପ୍ରସ୍ତୁତି ନଥିଲା। ଲୀଳାଅପାଙ୍କର ଗୋଟିଏ ଶାଢ଼ୀ ମାଗିନେଇ ଦୁଇପରସ୍ତ କରି ପିନ୍ଧି ରାତିରେ ଶୋଇପଡ଼ିଲେ। ପରେ ପୁଣି କେବେ ଭାଇ ମାତୃଭବନରେ ରହିବେ ପଚାରିଲେ ପରିହାସରେ ଉତ୍ତର ଦିଅନ୍ତି ଯେ କୌଣସି ଦିନ ଚାଲିଯିବି, ଲୀଳା ଅପାତ ଅଛି, ଶାଢ଼ୀ ଖଣ୍ଡେ ମିଳିଯିବ।

ନିଜର ଅନେକ ସାମର୍ଥ୍ୟଥିଲେ ମଧ୍ୟ ସେ ବାହାରକୁ ପ୍ରକାଶ କରୁନଥିଲେ। ନବଜୀବନ ଶିକ୍ଷାସଂସଦର ସେ ଅନେକ ଦିନ ଧରି ସମ୍ପାଦକ ଥିଲେ ଏବଂ ଅତ୍ୟନ୍ତ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରୁଥିଲେ। କୌଣସି ଗୋଟିଏ ବୈଠକ ସରିଗଲେ ତା'ର proceeding ଗୁଡ଼ିକ ଲେଖିଦେଇ ଆଗେ ମୋତେ ଡାକି ପଢ଼ାଉଥିଲେ - ମୁଁ ସେତେବେଳେ ଥିଲି ଯୁଗ୍ମ ସମ୍ପାଦକ। ମୋର କେବଳ ପଢ଼ିବା ଛଡ଼ା ସେଥିରେ କିଛି ଯୋଗ ବା ବିୟୋଗ କରିବାର ସାମର୍ଥ୍ୟ ନଥିଲା ମାତ୍ର ତଥାପି ସେ ମୋତେ ନପଢ଼ାଇ କେବେ ବି Proceeding Final କରୁ ନଥିଲେ।

ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷା ଆରମ୍ଭ ହେବାର ବେଶ୍ କିଛି ଦିନ ପରେ ସେ ସେ ସମ୍ପର୍କରେ ନିଜର ଅଭିଜ୍ଞତା ଲେଖିବାକୁ ଆରମ୍ଭ କଲେ ଏବଂ ପ୍ରକାଶ ପାଇଲା ପୁସ୍ତକ "ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟି ଓ ବିଚାର"। ଏହି ପୁସ୍ତକ ଖଣ୍ଡିକ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର "ମୁଖଶାଳା" କହିଲେ ଅତ୍ୟୁକ୍ତି ହେବ ନାହିଁ।

ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମରେ ପ୍ରପତ୍ତିଙ୍କ ସହିତ ଅନେକ ସହଯୋଗୀ ଥିଲେ ମଧ୍ୟ ପଞ୍ଚାନନ ଭାଇ ଥିଲେ ବାସ୍ତବରେ ବିଶ୍ୱକର୍ମା। ସେହି ପବିତ୍ର ଆତ୍ମାଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ଶୁଭେଚ୍ଛା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

# ଆବର୍ଜନାରୁ ସମ୍ପଦ

(ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଓ ଟେକ୍‌ନିକାଲ ଗ୍ରୁପ୍ ଆନୁକୂଲ୍ୟରେ ପ୍ରସ୍ତୁତ ଏକ ସୁପରିକଳ୍ପିତ ବିଦ୍ୟାଳୟ- ପ୍ରଯୁଜ୍ୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଠ୍ୟକ୍ରମ)

## କମ୍ପୋଷ୍ଟିଙ୍ଗ

– ଜାନକୀ ବଲ୍ଲଭ ମହାନ୍ତି

**ଉପକ୍ରମଣିକା :**

ଇଂରାଜୀରେ (p) ଅକ୍ଷରର ଆରମ୍ଭ ତିନୋଟି ବିଷୟ ଯଥା ଲୋକସଂଖ୍ୟା (population), ବହୁଳ ଉତ୍ପାଦନ (plenty production) ଓ ଦୂଷିତୀକରଣ (pollution) ମାନବ ସମାଜ ଧ୍ୱଂସ ପାଇଁ ଦାୟୀ, କ୍ରମ ବର୍ଦ୍ଧମାନ ଜନସଂଖ୍ୟା ପାଇଁ ଖାଦ୍ୟ, ବସ୍ତ୍ର ଆଦି ବସ୍ତୁର ଯେଉଁ ହାରରେ ଉତ୍ପନ୍ନ ଦରକାର ହୁଏ, କିନ୍ତୁ ମନୁଷ୍ୟ ତା'ର ଆଳସ୍ୟ, ଆମୋଦ ପ୍ରମୋଦ ଓ ନିଜର ପିପାସା ମେଣ୍ଟାଇବା ପାଇଁ ଆବଶ୍ୟକତାରୁ ଅଧିକ ଉତ୍ପନ୍ନ କରି ପ୍ରକୃତି ଓ ପରିବେଶର ବହୁତ କ୍ଷତି ଘଟାଏ। ଏହା ଗଚ୍ଛିତ ପ୍ରାକୃତିକ ସମ୍ପଦର କେବଳ ବିଲୟ ଘଟାଏ ନାହିଁ ପରନ୍ତୁ ଏଥିରୁ ନିର୍ଗତ ବର୍ଜ୍ୟବସ୍ତୁ ପରିବେଶକୁ ଅତିମାତ୍ରାରେ ଦୂଷିତ କରାଏ।

**ଏ ବର୍ଜ୍ୟବସ୍ତୁ କ'ଣ ? :**

ଯେ କୌଣସି ପଦାର୍ଥ ଯେତେବେଳେ ମନୁଷ୍ୟ ସମାଜର ବ୍ୟବହାର ଉପଯୋଗୀ ହୁଏ ନାହିଁ ବୋଲି ଅନୁଭବ କରାଯାଏ ସେତେବେଳେ ଏହାକୁ ବର୍ଜ୍ୟବସ୍ତୁ ବୋଲି ଆଖ୍ୟା ଦିଆଯାଏ।

ଏହି ବର୍ଜ୍ୟବସ୍ତୁକୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା ତରଳ ବର୍ଜ୍ୟବସ୍ତୁ ଓ କଠିନ ବର୍ଜ୍ୟବସ୍ତୁ। ତରଳ ଆବର୍ଜନା ସାଧାରଣତଃ ସ୍ରୋତ ଆକାରରେ ବହିଯାଇ ଜଳାଶୟରେ ମିଶେ। ଏହାର କିଛି ଅଂଶ ଭୂତଳକୁ ମଧ୍ୟ ପ୍ରବେଶ କରେ। ଅତଏବ୍ ଜଳର ଏହି ଉଭୟ ଉତ୍ସ ତଦ୍ୱାରା ପ୍ରଦୂଷିତ ହୁଏ। ଅନ୍ୟ ପକ୍ଷରେ କଠିନ ଆବର୍ଜନା ଆମ ଚାରିଆଡ଼େ ଜମିରହି ପରିବେଶର ଅବକ୍ଷୟ ଘଟାଏ। ଏହାର ମୁଖ୍ୟ ଉତ୍ସଗୁଡ଼ିକ ହେଲା ଜନବସତି (ଗ୍ରାମାଞ୍ଚଳ ଓ ସହରାଞ୍ଚଳ), କୃଷି ଓ ଶିଳ୍ପ।

ବର୍ତ୍ତମାନ ଆଗେ ଏହି ସହରାଞ୍ଚଳ ଜନବସତି ଦ୍ୱାରା ସୃଷ୍ଟ ଆବର୍ଜନା (waste) କଥା ଚିନ୍ତା କରିବା। ସହରାଞ୍ଚଳ କଠିନ ଆବର୍ଜନା ସାଧାରଣତଃ ଘର, ବ୍ୟବସାୟ କେନ୍ଦ୍ର, ପରିବାହାଟ, ଡାକ୍ତରଖାନା, ବିଦ୍ୟାଳୟ, ହୋଟେଲ ପ୍ରଭୃତିରୁ ଉତ୍ପନ୍ନ ହୁଏ। ଖାଦ୍ୟର ବଳକା ଅଂଶ ପନିପରିବା ଓ ଫଳମୂଳ, ଚୋପା, ମନୁଷ୍ୟ ଓ ପଶୁଙ୍କ ଝାଡ଼ା, କାଗଜ, ରବର, ପ୍ଲାଷ୍ଟିକ୍ କାଚ, ନାନା ପ୍ରକାର ଧାତୁ, ଲୁଗା, ଜାମାର ଟୁକୁଡ଼ା ଇତ୍ୟାଦିକୁ ନେଇ ଏହା ଗଠିତ।

ପରିବେଶକୁ କଠିନ ଆବର୍ଜନାରୁ ମୁକ୍ତ ରଖିବାକୁ ହେଲେ ଏହାର ପୁନଃବିନିଯୋଗ ଓ ସୁପରିଚାଳନା ଏକାନ୍ତ ଆବଶ୍ୟକ। ଆଜିକାଲି ଏଥିପାଇଁ ନାନାବିଧ ଉପାୟ କରାଯାଉଛି। ଫଳତଃ ଏହି ଆବର୍ଜନାକୁ ପୁନଃଉପଯୋଗ କରାଯାଇ ଏହାକୁ କିପରି ସମ୍ପଦରେ ପରିଣତ କରିବା ପାଇଁ ଆସନ୍ତୁ ଟିକିଏ ଚିନ୍ତା କରିବା।

କଠିନ ଆବର୍ଜନାର ପୁନଃବିନିଯୋଗର ପ୍ରଣାଳୀଗୁଡ଼ିକୁ ଏକ ସାରଣୀ (Table)ରେ ସଜାଇ ଦେବା।



ବର୍ଜ୍ୟବସ୍ତୁର ଏହି ସୁପରିଚାଳନାକୁ ବିଦ୍ୟାଳୟରେ କରାଯାଇ ପାରିବ। ବିଦ୍ୟାଳୟ ଓ ତତ୍‌ସଂଲଗ୍ନ ଛାତ୍ରାବାସ, ବିଜ୍ଞାନାଗାର, ଶ୍ରେଣୀଗୃହ, ବଗିଚା, କାର୍ଯ୍ୟାଳୟ ଇତ୍ୟାଦିରୁ ସୃଷ୍ଟ ଆବର୍ଜନାକୁ ଏକ ସୁଚିନ୍ତିତ ଉପାୟ ଅବଲମ୍ବନ କରି ପୁନଃବିନିଯୋଗ କରାଯାଇ ପରିବେଶ ପ୍ରଦୂଷଣର ଧ୍ୱଂସମୁଖରୁ ରକ୍ଷାକରାଯାଇ ପାରିବ।

**ଜୈବିକ ଆବର୍ଜନା :**

ଯେଉଁ ଆବର୍ଜନାଗୁଡ଼ିକ ଅଦୃଶ୍ୟ ଜୀବାଣୁ ଦ୍ୱାରା ବିଘଟିତ ହୋଇପାରେ ଏବଂ ଏହି ପ୍ରକ୍ରିୟା ଦ୍ୱାରା ଉତ୍ପାଦିତ ପଦାର୍ଥ ମୂଳ ପଦାର୍ଥଠାରୁ ଧର୍ମଗତ, ଗୁଣଗତ କାରବାରରେ ସମ୍ପୂର୍ଣ୍ଣ ଅଲଗା ଥାଏ ତାକୁ ଜୈବିକ ଆବର୍ଜନା କୁହାଯାଏ। ଯଥା - ପନିପରିବା, ଫଳମୂଳ ଚୋପା, ପ୍ରାଣୀ ଓ ଉଦ୍ଭିଦର ମଲା ଶରୀର, ମଳମୂତ୍ର, ଗଛପତ୍ର, କାଗଜ, ଲୁଗାପଟା, ଖାଦ୍ୟପଦାର୍ଥ ଇତ୍ୟାଦି।

**ଅଜୈବିକ ଆବର୍ଜନା :**

କୌଣସି ଜୀବାଣୁ ଦ୍ୱାରା ବିଘଟିତ ହୁଏ ନାହିଁ, ଏହା କେବଳ ରାସାୟନିକ ପ୍ରକ୍ରିୟା ଦ୍ୱାରା ବିଘଟିତ ହୁଏ। ଯଥା : କାଚ, ରବର, ଟିଣ, ଲୁହା, ଆଲୁମିନିୟମ୍, ପ୍ଲାଷ୍ଟିକ୍ ଇତ୍ୟାଦି।

ଏହି ଉଭୟ ଜୈବିକ ଓ ଅଜୈବିକ ଆବର୍ଜନାଗୁଡ଼ିକର ସୁପରିଚାଳନା ପାଇଁ ଆମେ ସେମାନଙ୍କୁ କେତେଗୁଡ଼ିଏ ମାପକ ସାରଣୀ (Table) ରେ ସଜାଇଦେବା।




**ଅଜୈବିକ ଆବର୍ଜନାର ସୁପରିଚାଳନା :**

ମାପକ ସାରଣୀ - ୧ - ପୁନଃଚକ୍ରଣ (କାଗଜ ଟୁକୁଡ଼ା ଓ କନା ଟୁକୁଡ଼ାରୁ ହାତ ତିଆରି କାଗଜ ତିଆରି)

ମାପକ ସାରଣୀ - ୨- ଫଟ, ଆଲ୍‌ବମ୍, କଳାତ୍ମକ ବସ୍ତୁ ପ୍ରସ୍ତୁତି (ଯଥା: ଖେଳନା, ପେନ୍‌ଷ୍ଟାଣ୍ଡ, ପଟ୍ଟଚିତ୍ର, ଘରକରଣା ଜିନିଷ)

ଜୈବିକ ଆବର୍ଜନାର ସୁପରିଚାଳନା

ମାପକ ସାରଣୀ -୧ - କମ୍ପୋଷ୍ଟିଙ୍ଗ (ସ୍ୱୟଂକ୍ରିୟ ଖତ ପ୍ରସ୍ତୁତ ପ୍ରଣାଳୀ)

ମାପକ ସାରଣୀ - ୨- ଜିଆ ଦ୍ୱାରା ଖତ ପ୍ରସ୍ତୁତି

ଏହି ଖତକୁ ବିଦ୍ୟାଳୟ ସ୍ତରରେ ପ୍ରସ୍ତୁତ କରାଯାଇ ଆହୁରି ଅନେକ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ। ଯଥା:

ମାପକ ସାରଣୀ - ୩ - ଚାରା ପ୍ରସ୍ତୁତି ଓ ନର୍ସରୀ ପ୍ରତିଷ୍ଠା

ମାପକ ସାରଣୀ - ୪ - ସବୁଜ ବଳୟ ସୃଷ୍ଟି

ମାପକ ସାରଣୀ - ୫ - ଫୁଲ ଓ ପନିପରିବା ବଗିଚା ସୃଷ୍ଟି

ଉପରୋକ୍ତ ଦତ୍ତ ୭ଟା ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ କାର୍ଯ୍ୟକ୍ରମରୁ ଆମେ ପ୍ରଥମେ 'କମ୍ପୋଷ୍ଟ ପ୍ରସ୍ତୁତି' କୁ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଆଗେଇ ଆସିବା।

## ଜୈବିକ ଆବର୍ଜନାର ସୁପରିଚାଳନା ଚକ୍ର

ମାପକ ସାରଣୀ -୧ କମ୍ପୋଷ୍ଟିଙ୍ଗ (ସ୍ୱୟଂକ୍ରିୟ ଜୈବିକ ବିଘଟନ ଦ୍ୱାରା ଖତ ପ୍ରସ୍ତୁତି)

ଜୈବିକ ଖତ ପ୍ରସ୍ତୁତି ପରିବେଶ ସୁରକ୍ଷାର ଏକ ବଡ଼ ପଦକ୍ଷେପ। ଆମର ଅଦରକାରୀ ବସ୍ତୁକୁ ଆମେ ଏକ ସୁଚିନ୍ତିତ ବୈଜ୍ଞାନିକ ପଦ୍ଧତିରେ ଯଦି ଖତ ପ୍ରସ୍ତୁତ କରି ଏହାକୁ ପୁନଃ ବିନିଯୋଗ କରିପାରିବା ଏହା ପରିବେଶ ସଚେତନତାର ଏକ ଅଗ୍ରଣୀ ବାଟ ବୋଲି ଧରି ନିଆଯିବ। ଏଥର ଦେଖାଯାଉ ଏହି କମ୍ପୋଷ୍ଟିଙ୍ଗ କିପରି କରିବା।

## କମ୍ପୋଷ୍ଟିଙ୍ଗ




**ଅବାୟବୀୟ ପ୍ରଣାଳୀ :**

ବିନା ଅମ୍ଳଜାନରେ ଯନ୍ତ୍ରଚାଳିତ ପ୍ରକ୍ରିୟାରେ ବର୍ଜ୍ୟବସ୍ତୁଗୁଡ଼ିକୁ ସୁପରିଚାଳନା କରାଯାଇ ଜୈବିକ ଗ୍ୟାସ ଉତ୍ପାଦନ କରାଯାଏ। ମିଥେନ୍ ଓ ଅନ୍ୟ ହାଇଡ୍ରୋଜେନ୍ ଗ୍ୟାସ ଏହାଦ୍ୱାରା ଉତ୍ପାଦନ କରାଯାଇ, ବିଦ୍ୟୁତ୍‌ଶକ୍ତି ଓ କଳକାରଖାନାର ଜାଳେଣୀ ଭାବେ ବ୍ୟବହୃତ ହୁଏ। ଏ ପ୍ରକ୍ରିୟା ବଡ଼ବଡ଼ ନଗରୀ ପାଇଁ ପ୍ରଯୁଜ୍ୟ ଓ ଅତ୍ୟନ୍ତ ବ୍ୟୟବହୁଳ।

**ବାୟବୀୟ ପ୍ରଣାଳୀ :**

ଅମ୍ଳଜାନକୁ ବ୍ୟବହାର କରାଯାଇ କ୍ଷୁଦ୍ର ଆକାରରେ ଅଳ୍ପ ଖର୍ଚ୍ଚରେ, ଅଳ୍ପ ଲୋକ ଶକ୍ତି ଓ ସାଧାରଣ ବ୍ୟବହାରିକ ଜ୍ଞାନ କୌଶଳ ବିନିଯୋଗରେ ଏହା କରାଯାଇ ପାରେ ଏବଂ ଆମର ନିତ୍ୟ ନିଷ୍କାସିତ ଆବର୍ଜନାକୁ ଏହି ପ୍ରଣାଳୀରେ ସୁପରିଚାଳନା କରାଯାଇପାରେ।

ଖାତଖୋଳା ପ୍ରଣାଳୀ ଦ୍ୱାରା କମ୍ପୋଷ୍ଟ ପ୍ରସ୍ତୁତି :

ଏହି ସମ୍ପୂର୍ଣ୍ଣ ପ୍ରଣାଳୀକୁ ଆମେ କେତେକ ଉପସାରଣୀ ଦ୍ୱାରା ବିଭାଜିତ କରି ଆଲୋଚନା କରିବା।

**ଉପସାରଣୀ ମାପକ -୧ :**

ଦଳ ଗଠନ ବା ଗୋଷ୍ଠୀଗଠନ - ବିଦ୍ୟାଳୟରେ ଏ ସମଗ୍ର କମ୍ପୋଷ୍ଟ ପ୍ରସ୍ତୁତି ପ୍ରଣାଳୀକୁ କରିବା ପାଇଁ ୬ଟି ଦଳ ବା ଗୋଷ୍ଠୀ ଗଠନ କରାଯାଇପାରେ। ପ୍ରତି ଦଳରେ ୪ଜଣ ଛାତ୍ର କିମ୍ବା ଛାତ୍ରୀ ସଦସ୍ୟ ରହିବେ। ଏହି ୬ଟି ଗୋଷ୍ଠୀ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେବ। ବିଦ୍ୟାଳୟର ସପ୍ତାହର ୬ଟି କାର୍ଯ୍ୟକ୍ଷମ ଦିନଗୁଡ଼ିକରେ ଏହି ୬ଟି ଗୋଷ୍ଠୀ ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କ ପ୍ରେରଣାରେ କାର୍ଯ୍ୟ କରିବେ।

**ପ୍ରତି ଗୋଷ୍ଠୀର କାମ କ'ଣ ? :**

କ) କେତେ ଆବର୍ଜନା ବିଦ୍ୟାଳୟରୁ ବାହାରୁଛି ତାକୁ ଆକଳନ କରିବେ। ଖ) କମ୍ପୋଷ୍ଟ କେଉଁ ଯାଗାରେ ହେବ ତାକୁ ନିରୂପଣ କରିବେ। ଗ) ଶିକ୍ଷକମାନେ ଏଥିଲାଗି ପିଲାମାନଙ୍କୁ ସର୍ଭେ ଚାର୍ଟ ପ୍ରସ୍ତୁତ କରିବା ଶିଖାଇବେ ଏବଂ ସର୍ଭେ କିପରି କରାଯାଇ ଆବର୍ଜନାର ପରିମାଣ ଆକଳନ କରାଯିବ ତାହା ଶିଖାଇବେ। ଏବଂ କେଉଁ କେଉଁ ସ୍ଥାନରୁ କି କି ପ୍ରକାର ଆବର୍ଜନା ସଂଗ୍ରହ କରାଯାଇ ପାରିବ ସେ ବିଷୟରେ ସବିଶେଷ ଆକଳନ କରିବେ। ଘ) ଏ ହିଁ ସର୍ଭେ ପାଇଁ କିଛି ଦିନ ସମୟ ଲାଗିପାରେ। ପ୍ରାୟ ୧ସପ୍ତାହରୁ ୨ ସପ୍ତାହ ମଧ୍ୟରେ ସଠିକ୍ ଭାବେ ଆବର୍ଜନା ଆକଳନ କରାଯାଇପାରେ। ଙ) ଅତ୍ୟଧିକ ଖରା କିମ୍ବା ଅତ୍ୟଧିକ ଛାଇ ନ ହେଉଥିବା ଜାଗାଟିଏ ବାଛ। ଯେଉଁ ଜାଗାରେ କି ପାଣିଝର ପଡୁନଥିବ। ଅତ୍ୟଧିକ ଖରା, କିମ୍ବା ସମ୍ପୂର୍ଣ୍ଣ ଛାଇ ଓ ପାଣି ସନ୍ତଉଥିବା ଜାଗା କମ୍ପୋଷ୍ଟ ପିଟ୍ ପାଇଁ ଅନୁପଯୁକ୍ତ।

**ଉପସାରଣୀ ମାପକ -୨**

**କ) ଆବର୍ଜନା ସଂଗ୍ରହ ଓ ଚିହ୍ନଟ ପ୍ରଣାଳୀ**

- ରୋଷଶାଳା ଓ କ୍ୟାଣ୍ଟିନ୍ : ଚୋପା, ଅନୁପଯୁକ୍ତ ଖାଦ୍ୟ, ଅଣ୍ଡାଖୋଳ, ଚା ଗୁଣ୍ଡ, ମାଂସ ଟୁକୁଡ଼ା, ସଢ଼ା ପରିବା, ସଢ଼ାଫଳ ଇତ୍ୟାଦି
- ବଗିଚାର ଆବର୍ଜନା : ଝଡ଼ା ପତ୍ର, ଦଳ, ଲଟା, ଝଡ଼ା ଫୁଲ, ଫଳ, କାଠ, ଟୁକୁଡ଼ା, ଝିଟା ଇତ୍ୟାଦି।
- ଶ୍ରେଣୀଗୃହ ଆବର୍ଜନା - କାଗଜ ଟୁକୁଡ଼ା, କନା ଟୁକୁଡ଼ା, ଚକ୍, ଚକୋଲେଟ୍, ବାରମଜା, ଖାଦ୍ୟଗୁଣ୍ଡ ଇତ୍ୟାଦି

**ଆବର୍ଜନା କେମିତି ସଂଗ୍ରହ କରିବେ :**

- ନାଲିରଙ୍ଗର ଏକ ଟିଣ ଡ୍ରମ ରଖିବେ। ଏଥିରେ କେବଳ ଗ୍ଲାସ୍, ଟିଣ ଓ ଅନ୍ୟାନ୍ୟ ଅଜୈବିକ ଆବର୍ଜନା (Non-Biodegradable) କୁ ସଂଗ୍ରହ କରି ରଖିବେ।

- ନୀଳ ବା ବ୍ଲୁ ରଙ୍ଗର ଏକ ଟିଣ ଡ୍ରମରେ ଅବ୍ୟବହୃତ କାଗଜ ଓ କପଡ଼ା ଟୁକୁଡ଼ା ରଖିବେ।
- ସବୁଜ ରଙ୍ଗର ଏକ ଟିଣ ଡ୍ରମରେ ବଗିଚାର ଯେତେ ଆବର୍ଜନା ସଂଗ୍ରହ କରିବେ।
- ଏହି ୩ଟି ଟିଣରେ ସଂଗୃହୀତ ଆବର୍ଜନା ଶୁଷ୍କ ହୋଇଥିବା ଦରକାର।
- ଅନ୍ୟ ଏକ ଟିଣ ଡ୍ରମରେ ରୋଷଶାଳା ଓ ହଷ୍ଟେଲର ଉଭୟ ଶୁଷ୍କ ଓ ଓଦା ଆବର୍ଜନା ସଂଗ୍ରହ କରିବେ।

ଉପରୋକ୍ତ ପ୍ରକ୍ରିୟା ଦ୍ୱାରା ଆବର୍ଜନାଗୁଡ଼ିକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଅଲଗା କରାଯାଇ ସଂଗ୍ରହ କରାଯାଇ ପାରିବ। ନୀଳ ଓ ସବୁଜ ଡ୍ରମରେ ସଂଗୃହୀତ ଆବର୍ଜନାର ସାଇଜ୍ - ୧ସେ.ମିରୁ ୨ ସେ.ମି ମଧ୍ୟରେ ସୀମିତ ରହିବା ଦରକାର। ବଡ଼ ହୋଇଥିଲେ ଏକ ନିର୍ଦ୍ଦିଷ୍ଟ ସାଇଜ୍‌ରେ କାଟି ପରିଣତ କରନ୍ତୁ।

**ଉପସାରଣୀ ମାପକ - ୩**

**ପିଟ୍ ପ୍ରସ୍ତୁତି :**

ଏକ ମିଟର ଗଭୀର, ଏକ ମିଟର ଚଉଡା ହେବା ଦରକାର। ଜାଗାର ଅବସ୍ଥିତି ଅନୁଯାୟୀ ପିଟ୍‌ର ଲମ୍ବ ନିରୂପଣ କରାଯାଇପାରେ। ଅତ୍ୟଧିକ ଖରା, ଅତ୍ୟଧିକ ଛାଇ କିମ୍ବା ସନ୍ତସନ୍ତିଆ ଯାଗାରେ ପିଟ୍ କରିବା ଉଚିତ୍ ନୁହେଁ। ଏହା ଚତୁର୍ଭୁଜାକାର ହେବା ଦରକାର। ଯଦି ଆବର୍ଜନାର ପରିମାଣ ଅତ୍ୟଧିକ ଥାଏ ତେବେ ଇଟା ଓ ମାଟି ପେଚ ଦ୍ୱାରା ପ୍ରସ୍ତୁତ କାନ୍ଥ ଦ୍ୱାରା ଏକ ପିଟ୍ ନିର୍ମାଣ କରାଯାଇପାରେ ଯେଉଁଥିରେ କି ଅମ୍ଳଜାନର ମୁକ୍ତ ଯାତାୟାତ ପାଇଁ ଚିଦ୍ର ସବୁ ରଖାଯାଇପାରେ।

**କ'ଣ ସବୁ ଜିନିଷ ଏଥିପାଇଁ ଦରକାର :**

କ) ୪ଟା ସଂଗ୍ରହକାରୀ ଡ୍ରମ, ଖ) ୨ଟା ହାତ ଚାଳିତ ବେଲ୍‌ଚା, ଗ) ୧ଟା ପାଣି ସଞ୍ଚାଳନ ଯନ୍ତ୍ର, ଘ) ୧ଟା ହସ୍ତ ଚାଳିତ ଗୋଳାଇବା ଯନ୍ତ୍ର, ଙ) ଏକ ଚତୁର୍ଭୁଜାକାର ତାର ଜାଲି (ଉପରେ ଘୋଡ଼ାଇବା ପାଇଁ), ଚ) ୪ଟା କ୍ୟାରି ବ୍ୟାଗ (ଅଖା), ଛ) ୨ଯୋଡ଼ା ହାତ ଗ୍ଲୋବ୍, ଜ) ୨ଟା ମୁଖା (ପାଟି ଓ ନାକ ଅସ୍ଥାୟୀଭାବେ ଘୋଡ଼ାଇବା ପାଇଁ) (ଏହା ଆବର୍ଜନା ଗୋଳାଇବା ବେଳେ ଦରକାର)

**ସାରଣୀ ମାପକ - ୪**

- ପ୍ରଥମେ ପିଟ୍ ବା ଖାତର ତଳସ୍ତରକୁ ଭଲଭାବେ ସମତଳ କରିଦିଅନ୍ତୁ। ୨ ଇଞ୍ଚର ଛଣଗୁଣ୍ଡ ତଳସ୍ତରରେ ବିଛେଇ ଦିଅନ୍ତୁ।




(Pit Size: 1m x 1m x 2m)

- ତା'ଉପରେ ୧ ୧/୨ ବହଳର ରୋଷଶାଳା ଓ ହଷ୍ଟେଲର ଆବର୍ଜନାକୁ ସମାନ ଉଚ୍ଚତାରେ ବିଛେଇ ଦିଅନ୍ତୁ।
- ଏହା ପରେ ୧ ଇଞ୍ଚ ବହଳର କାଗଜ ଟୁକୁଡ଼ା (ଯାହାକି ନୀଳରଙ୍ଗର ଡ୍ରମରେ ସଂଗୃହୀତ ହୋଇଛି)କୁ ସମାନ ଉଚ୍ଚତାରେ ବିଛାଇ ଦିଅନ୍ତୁ। ଏହା ଉପରେ ୨ ଇଞ୍ଚ ବହଳର ଶୁଖିଲାପତ୍ରର ଏକ ସ୍ତର ବିଛାନ୍ତୁ। ଶେଷରେ ୨ ୧/୨ ଇଞ୍ଚ ବହଳର ମାଟି ବିଛାଇବା ଦରକାର।
- ଆବର୍ଜନା ସଂଗ୍ରହର ଅନୁପାତ ଅନୁଯାୟୀ ପ୍ରତି ସପ୍ତାହରେ ଉପରୋକ୍ତ ପ୍ରକ୍ରିୟାଗୁଡ଼ିକ ଜାରି ରଖନ୍ତୁ।
- ପ୍ରତି ଆବର୍ଜନା ସ୍ତରର ବହଳତା ୨ ୧/୨ ଇଞ୍ଚରୁ ଅଧିକା ହେବା ଉଚିତ୍ ନୁହେଁ।
- ପାଣିଛଟା ଯନ୍ତ୍ର ସାହାଯ୍ୟରେ ଧୀରେ ଧୀରେ ସମଗ୍ର ମାଟି ସ୍ତର ଉପରେ ପାଣି ଛାଟନ୍ତୁ ଯେପରି ଦେଖିବେ ପାଣି ତଳସ୍ତରକୁ ଭେଦକରି ଏହାକୁ ଓଦା କରିବ ମାତ୍ର ଯତ୍ନଶୀଳ ହେବେ ପାଣି ଯେମିତି ଜମି ରହିବ ନାହିଁ। ତା ଅର୍ଥ ଦେଖିବେ ଯେମିତି ୫୦% ଆର୍ଦ୍ରତା ସବୁବେଳେ ରହିବ।
- ଏହାପରେ ପିଟ୍ ଉପରେ ଚତୁର୍ଭୁଜାକାର ତାରଜାଲି ଘୋଡ଼ାଇ ଦେବେ।

**ନିରୀକ୍ଷଣ :**

- ଉପରୋକ୍ତ ୬ଟି ଯାକ ଗୋଷ୍ଠି ଏହାର ନିରୀକ୍ଷଣ ଦାୟିତ୍ୱରେ ପର୍ଯ୍ୟାୟକ୍ରମେ ରହିବା ଦରକାର ଯେତେବେଳେ ଆବର୍ଜନା ସଂଗୃହୀତ ହେଉଥିବ ଏବଂ ଡ୍ରମ ପୂରିଯିବାକୁ ଥିବ ସେତେବେଳେ ଆବର୍ଜନାଗୁଡ଼ିକ ଆଣି ପିଟ୍‌ରେ ଉପରଲିଖିତ ପ୍ରଣାଳୀ ଅନୁଯାୟୀ ବିଛାଇଦେବା ଉଚିତ୍।
- ପାଣିର ଯେପରି ବହୁଳତା ନହେବ କିମ୍ବା ପାଣି ଯେପରି ଶୁଖି ନଯିବ ତାକୁ ନିରୀକ୍ଷଣ କରି, ଆର୍ଦ୍ରତା ସବୁସମୟରେ ୫୦% ରହୁଥିବା ଦରକାର।
- ପ୍ରତିଦିନ କିଛି ନା କିଛି ଶୁଖିଲା ପତ୍ର ଓ ମାଟିର ସ୍ତର ସୃଷ୍ଟି କରାଯାଇ ପାରିଲେ କମ୍ପୋଷ୍ଟିଙ୍ଗ ପ୍ରକ୍ରିୟା ଅତି ଉନ୍ନତ ହେବ।
- ପ୍ରତି ଦଶ ଦିନରେ ଏକ ହସ୍ତଚାଳିତ ମିକ୍ସଚର ବା ବେଲଚାରେ ଆବର୍ଜନାଗୁଡ଼ିକ ଭଲରୂପେ ତଳ ଉପର ଓ ଉପର ତଳ କରାଯାଇପାରେ। ଏହା ଦ୍ୱାରା ଜୀବାଣୁ ବିଘଟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଓ ଅଧିକ ଅମ୍ଳଜାନ ଏହା ଭିତରେ ଦ୍ରବିଭୂତ ହୋଇପାରି କମ୍ପୋଷ୍ଟ ପ୍ରସ୍ତୁତ ସହଜସାଧ ହେବ।

**ଉପସାରଣୀ ମାପକ - ୫**

**ପର୍ଯ୍ୟବେକ୍ଷଣ :**

କମ୍ପୋଷ୍ଟ ସବୁବେଳେ ଏକ ସ୍ଥିର ଆର୍ଦ୍ରତା ଓ ଉଷ୍ମତା ଦରକାର କରେ। ଉଷ୍ମତା ୪୨° ରୁ ୫୦° ସେଣ୍ଟିଗ୍ରେଡ଼ ଓ ଆର୍ଦ୍ରତା ୪୫% ରୁ ୫୦% ରହିବା ଉଚିତ୍। ପିଟ୍‌ରେ ଆବର୍ଜନାର ସ୍ତର ବଢ଼ିବା ଅନୁସାରେ ଆପେ ଆପେ ଉଷ୍ମତା ବଢ଼ିବ ଏବଂ ଏକ ନିର୍ଦ୍ଦିଷ୍ଟ ସୂଚକାଙ୍କରେ ସୀମିତ ରହିବ।

- ସମୟାନୁକ୍ରମେ କମ୍ପୋଷ୍ଟର ରଙ୍ଗ ବଦଳିବାକୁ ଲାଗିବ। ଧୀରେ ଧୀରେ ଏହା ସବୁଜରୁ କଫି ରଙ୍ଗ ଓ କଫି ରଙ୍ଗରୁ କଳା ହେବାକୁ ଆରମ୍ଭ କରିବ। ପ୍ରତି ଦଶ ଦିନ ଅନ୍ତରରେ ଏହାକୁ ଗୋଳାଇଲା ବେଳେ ରଙ୍ଗ ପ୍ରତି ସଚେତନ ରହି ଲକ୍ଷ୍ୟ ରଖିବାକୁ ପଡ଼ିବ। ଏହି ରଙ୍ଗ ବଦଳାଇବାଟା କମ୍ପୋଷ୍ଟ ପ୍ରକ୍ରିୟା ଠିକ୍ ରୂପେ ଚାଲିଛି ବୋଲି ସୂଚାଇ ଦିଏ।
- ଯଦି ରଙ୍ଗ ପରିବର୍ତ୍ତନରେ ବ୍ୟାଘାତ ହୁଏ ତେବେ ଯାଇ ଗୋବର ପାଣି ସହ (୧୦:୧) ଅନୁପାତରେ ମିଶାଇ ପିଟ୍‌ରେ ସମାନଭାବେ ଛିଞ୍ଚାଯାଇ ପାରେ।
- ପିଟ୍‌ରେ ଥିବା ଆବର୍ଜନାର ରଙ୍ଗ ସମ୍ପୂର୍ଣ୍ଣ ରୂପେ କଳା ବା ଗାଢ଼ କଫି ରଙ୍ଗରେ ପରିଣତ ହୋଇଯିବ। ଏହା ପ୍ରାୟ ୩ ରୁ ୪ମାସ ସମୟ ଲାଗେ। ଏଥିରେ ଅଙ୍ଗାର ଓ ଯବକ୍ଷାରଜାନ ଅନୁପାତ (୨୦:୧) ରହିଥାଏ ଏବଂ ଏ ପ୍ରକାର କମ୍ପୋଷ୍ଟ ଉତ୍କୃଷ୍ଟ ଧରଣର ଜୈବିକସାର।
- ଏହାପରେ ୬ଟିଯାକ ଗୋଷ୍ଠି ଓ ଦାୟିତ୍ୱରେ ଥିବା ଶିକ୍ଷକମାନେ ଏକାଠି ବସି, ଏଥିରେ କେତେ ଖର୍ଚ୍ଚ କରିଛନ୍ତି ତାହା ଆକଳନ କରିବେ। ସମୁଦାୟ ଖର୍ଚ୍ଚକୁ ହିସାବକୁ ନେଇ, ବଜାର ଦର ଜୈବିକ ସାରର କେତେ ଅଛି ତାକୁ ମଧ୍ୟ ଅନୁଧ୍ୟାନ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜୈବିକସାରର ମୂଲ୍ୟନିର୍ଦ୍ଧାରଣ କରାଯାଇପାରେ। ଏହି ଜୈବିକସାର ପ୍ୟାକେଟ୍‌ରେ ପ୍ୟାକିଂ କରାଯାଇ ବିକ୍ରି କରାଯାଇପାରେ, ଲବ୍ଧ ପୁଞ୍ଜିରେ ପରିବେଶ ସୁରକ୍ଷା ଓ କଠିନ ଆବର୍ଜନାର ସୁପରିଚାଳନା କାର୍ଯ୍ୟକ୍ରମ ଚାଲୁରଖାଯିବା ଉଚିତ୍।

**ଉପସାରଣୀ ମାପକ**

**ମୂଲ୍ୟାୟନ :**

ଗଠିତ ଗୋଷ୍ଠିମାନେ ସେମାନଙ୍କର କାର୍ଯ୍ୟାବଳୀ କେମିତି ମୂଲ୍ୟାୟନ କରିବେ ?

ନିମ୍ନଲିଖିତ ବିଷୟଗୁଡ଼ିକ ସେମାନଙ୍କ ସଫଳତାର ମାପକାଠି ହେବ ବୋଲି ଧରିବାକୁ ହେବ।

- ବିଦ୍ୟାଳୟର ସମଗ୍ର ପରିସୀମା କେତେ ପରିମାଣରେ ଆଗ ଅପେକ୍ଷା ପରିଷ୍କାର ପରିଚ୍ଛନ୍ନ ରହୁଛି ?
- ଅନ୍ୟ ସାଥୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କେତେ ପରିମାଣରେ ପରିବେଶ ସୁରକ୍ଷା ସଚେତନତା ଜାଗ୍ରତ ହୋଇ ପାରିଛି ? ଅର୍ଥାତ୍ ସେମାନେ ଆପେ ଆପେ କିପରି ଏ କାର୍ଯ୍ୟକ୍ରମ ପ୍ରତି ସହଯୋଗ କରିଛନ୍ତି ?
- ଏହି କମ୍ପୋଷ୍ଟ ପ୍ରସ୍ତୁତ ଜୈବିକସାର ବ୍ୟବହାର କରାଯାଇ ବିଦ୍ୟାଳୟରେ ପନିପରିବା ଚାଷ, ଫୁଲ ଚାଷ କିମ୍ବା ନର୍ସରୀ ଗଢ଼ିଉଠିଛି ? କିମ୍ବା ସ୍କୁଲ ଚାରିପଟେ ସବୁଜବଳୟ ସୃଷ୍ଟି ହୋଇପାରିଛି, କିମ୍ବା କେତେ ପରିମାଣରେ ଲବ୍ଧ ପୁଞ୍ଜି ଏହାର ବିକ୍ରି ଫଳରେ ଆହରଣ କରାଯାଇ ପାରିଛି ?
- ଛାତ୍ରମାନଙ୍କର ଅଭିଭାବକ, ଯେଉଁମାନେ ବିଦ୍ୟାଳୟକୁ ଆସି ଏହିସବୁ କାର୍ଯ୍ୟକ୍ରମ ଦେଖିଛନ୍ତି ସେମାନେ କେତେ ଦୂର ପ୍ରଭାବିତ ହୋଇ ପରିବେଶ ସୁରକ୍ଷା ପ୍ରତି ସଚେତନ ହୋଇପାରିଛନ୍ତି ?
- ନିଜ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମ କିପରି ଅନ୍ୟ ବିଦ୍ୟାଳୟର ସାଥୀମାନଙ୍କୁ ପ୍ରଭାବିତ କରିପାରିଛି ଏବଂ ଅନ୍ୟ ବିଦ୍ୟାଳୟରେ ମଧ୍ୟ ଏପରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇପାରିଛି ?

# ପୁ'ଣି ସଙ୍ଗଠନ

ପ୍ରସାଦ ତ୍ରିପାଠୀ

ସଙ୍ଗଠନର ଗୁରୁତ୍ୱ ସମ୍ପର୍କରେ ଆଉ ଆଲୋଚନା କରିବାର ଆବଶ୍ୟକତା ନାହିଁ। ମଧୁଭାଇନାଙ୍କ ଠାରୁ ଆରମ୍ଭ କରି ନିରାକାର ପର୍ଯ୍ୟନ୍ତ ଅନେକ ରାଜ୍ୟ ସ୍ତରୀୟ ସଙ୍ଗଠକ ନିଜ ନିଜ ଧାରାରେ ସଙ୍ଗଠନର ଦାୟିତ୍ୱ ବହନ କରିଚାଲିଛନ୍ତି। ସଙ୍ଗଠନର ଧାରା ମଧ୍ୟ ବଦଳି ଗଲାଣି। ଏହା ଏକ ରାଜ୍ୟ ସ୍ତରୀୟ କାର୍ଯ୍ୟଧାରା ହିସାବରେ ପରିଗଣିତ ହେଲାଣି। ଏହାର ସ୍ୱରୂପ ମଧ୍ୟ ଆଉ ଆଗଭଳି ନାହିଁ। ଏହା କେବଳ କେତେକ ପରିସଂଖ୍ୟାନ ଗତ ହିସାବ ବୋଲି ସାଧାରଣରେ ଯେଉଁ ଧାରଣା ହେଉଥିଲା ତାହାର ମଧ୍ୟ ଅନେକ ପରିବର୍ତ୍ତନ ହେଲାଣି। କାର୍ଯ୍ୟର ପରିସୀମା ଯେତିକି ଯେତିକି ବୃଦ୍ଧି ପାଉଛି ତା'ର ଗୁରୁତ୍ୱ, ଗାମ୍ଭୀର୍ଯ୍ୟ ଏବଂ ସେ ସମ୍ପର୍କରେ ସଚେତନତା ମଧ୍ୟ ଅନୁରୂପ ବଢ଼ିଚାଲିଛି। ସଙ୍ଗଠନର ସଂଖ୍ୟା ଅନେକ ବଢ଼ିଯାଇଛି ଏବଂ ସମସ୍ତଙ୍କ ମଧ୍ୟରେ ସ୍ୱତଃସ୍ଫୁର୍ତ୍ତତା ଆସିଛି। ସବୁଠାରୁ ଆଗ୍ରହପୂର୍ଣ୍ଣ କଥା ହେଉଛି - ବର୍ତ୍ତମାନ ଯିଏବି ଯେଉଁଠାରେ ଯେଉଁ ପ୍ରକାର କାର୍ଯ୍ୟରେ ସମ୍ପୃକ୍ତ ହୁଅନ୍ତୁ ନା କାହିଁକି ନିଜକୁ ସଙ୍ଗଠକ ବୋଲି ମନେକରୁଛନ୍ତି ଏବଂ ସେ ପ୍ରକାର ଏକ ଦାୟିତ୍ୱବୋଧ ଆସିସାରିଛି।

ଅନ୍ୟ ଦିଗରେ - ବିରୋଧୀଶକ୍ତିର କ୍ରିୟା ମଧ୍ୟ ଆମ୍ଭମାନଙ୍କ ଉପରେ ପ୍ରବଳ। ଆମ୍ଭେମାନେ ଯେତିକି ଯେତିକି ମାତୃକର୍ମରେ ନିୟୋଜିତ ହେଉଥିବୁ - ସେତିକି ସେତିକି ସେମାନଙ୍କର ଆକ୍ରମଣ ମଧ୍ୟ ବୃଦ୍ଧି ପାଉଥିବ। ତା' ପ୍ରଭାବରେ ଅନୁଷ୍ଠାନରେ ବିଶୃଙ୍ଖଳା, ଦ୍ୱନ୍ଦ୍ୱ, ଅସଙ୍ଗତି ମଧ୍ୟ ଦେଖାଦେବ। ଯଦି କୌଣସି କାରଣରୁ ଆମ୍ଭମାନଙ୍କ ମଧ୍ୟରେ କର୍ମ କରୁ କରୁ ଦ୍ୱନ୍ଦ୍ୱ ଉପୁଜିଲା- ସାଙ୍ଗେ ସାଙ୍ଗେ ଭାବିବାକୁ ହେବ ଯେ ଏହା ବାସ୍ତବିକ ମୋର ଭୁଲ ଯୋଗୁଁ ନୁହେଁ କି ଅପରର ଭୁଲ ଯୋଗୁଁ ନୁହେଁ - ଏହା ପ୍ରକୃତରେ ବିରୋଧୀ ଶକ୍ତିର କ୍ରିୟା ଯୋଗୁଁ ଘଟୁଛି। ଯଦି ଉଭୟ ଗୋଷ୍ଠୀ ବୁଝିପାରିବେ ଯେ ସେମାନଙ୍କର ଭୁଲ ଯୋଗୁଁ ନୁହେଁ ମାତ୍ର ସେମାନଙ୍କର ଦୁର୍ବଳତାର ସୁଯୋଗ ନେଇ ବିରୋଧୀ ଶକ୍ତି ଏପରି ଘଟଣା ଘଟାଉଛି ତେବେ ସେମାନେ ଆଉ କେହି ଅନ୍ୟକୁ ଦୋଷ ନଦେଇ ପରସ୍ପର ସତର୍କ ହୋଇଯିବେ ଏବଂ ଅନ୍ତତଃ ବିରୋଧୀ ଶକ୍ତିକୁ ଆଦୌ କାର୍ଯ୍ୟ କରିବାକୁ ପ୍ରଶ୍ରୟ ଦେବେ ନାହିଁ। ତେଣୁ ଆଉ ଅସଙ୍ଗତି ଆସିବ ନାହିଁ।

ଦ୍ୱନ୍ଦ୍ୱ ତ ଆସିବ, ଯେତେଦିନ ଯାଏ ଆମ୍ଭେମାନେ ନିଜର ଅହଂକାର ଦ୍ୱାରା ପରିଚାଳିତ ହେଉଥିବୁ ସେତେଦିନଯାଏ ଆମ ଆମ ଭିତରେ ଦ୍ୱନ୍ଦ୍ୱ ଆସିବା ସ୍ୱାଭାବିକ। ମାତ୍ର ତାକୁ ଏକ ସକାରାତ୍ମକ ଦୃଷ୍ଟିରେ ଦେଖିବାକୁ ହେବ, ଅର୍ଥାତ୍ ଆମ୍ଭେମାନେ କିଛି କିଛି କର୍ମରେ ସମ୍ପୃକ୍ତ ହେବାରୁ ଅହଙ୍କାରର ପ୍ରଭାବରେ ଆମ୍ଭମାନଙ୍କ ମଧ୍ୟରେ ବୁଝାମଣାର ଅଭାବ ହେଲା- ଦ୍ୱନ୍ଦ୍ୱ ହେଲା- ଇତ୍ୟାଦି। ଯଦି ଆମ୍ଭେମାନେ ସେଥିପାଇଁ କାମ ନକରି କେବଳ ଦ୍ୱନ୍ଦ୍ୱରେ ମାତିରହୁ ତେବେ ବିରୋଧୀ ଶକ୍ତିର ବିଜୟ ସୁନିଶ୍ଚିତ। ନାହିଁ ଯଦି ଆମେ ଅନୁଭବ କରୁ ଯେ ଆମର ଅହଙ୍କାରର କ୍ରିୟାହିଁ ଏହି ଦ୍ୱନ୍ଦ୍ୱର କାରଣ ତେବେ ଆମେ ନିଜ ଭିତରେ ସଚେତ ହୋଇଯାଉ - ଅହଙ୍କାରକୁ ଅଧିକ କ୍ରିୟା କରିବାକୁ ନଦେଉ ତେବେ ଏହି ସମସ୍ୟା ବାସ୍ତବିକ ଆମ ପାଇଁ ସମସ୍ୟା ନହୋଇ ଆମକୁ ଆହୁରି ଅଧିକ ଅଗ୍ରଗତିରେ ସହାୟତା କରିବ କାରଣ ଆମର ଅହଙ୍କାରକୁ ଚିହ୍ନିବାରେ ଏଇ ସମସ୍ୟା ଆମକୁ ସହାୟତା କଲା। ଆମକୁ ମନେରଖିବାକୁ ହେବ ଯେ ଆମେ ନିଶ୍ଚୟ କର୍ମ କରିବୁ। କର୍ମ ବିନା ଆମ ସାଧନା ଅସମ୍ଭବ ଏବଂ ଏକଥା ମଧ୍ୟ ଜାଣିରଖିବୁ ଯେ କର୍ମ କଲେ ହିଁ ଅସଙ୍ଗତିର କିଛି କିଛି ସମସ୍ୟା ଆସିବ। ତେଣୁ ଆମ ଆମ ଭିତରେ ଅସଙ୍ଗତିର କିଛି ସମସ୍ୟା ଆସିଲେ ଆମେ ଅନ୍ତତଃ ନିଶ୍ଚିତ ହେବା ଯେ ଆମେ କର୍ମରେ ସମ୍ପୃକ୍ତ ଅଛୁ। ଯେଉଁ ବ୍ୟକ୍ତି ଝୁଣ୍ଟିପଡ଼ିବ ସେ ନିଶ୍ଚିତ ହୋଇଯିବ ଯେ ସେ ନିଶ୍ଚୟ ଚାଲୁଛି - ଶୋଇପଡ଼ିନି। ଏଠାରେ ଝୁଣ୍ଟିବାଟି ଚାଲିବାର ପ୍ରମାଣ, ଚାଲି ନଜାଣିବାର ଦୋଷ ନୁହେଁ। ଏଇ ବିଶ୍ୱାସ ହିଁ ଆମକୁ ଅଧିକ ଅଗ୍ରଗତିରେ ସହାୟତା କରିବ।

ବର୍ତ୍ତମାନ ଏପରି ଏକ ସମୟ ଯେତେବେଳେ କର୍ମ କରିବା ପାଇଁ ମା'ଙ୍କ କୃପା ଅହରହ ପ୍ରେରଣା ଦେଉଛି - ଉତ୍ସାହ ଦେଉଛି- ସାହାଯ୍ୟ ଦେଉଛି - ସୁରକ୍ଷା ଦେଉଛି। ଏବେ ଯଦି ଆମେ କାମ ନକରିବା ତେବେ ଆଉ କେବେ କରିବା ? ଏଇ ସମୟ କ'ଣ ଆଉ ଆମକୁ ମିଳିବ ? ଆମେ ସବୁ ଦେଖିଛୁ ପ୍ରପତ୍ତି ମହାଶୟ ନିଜର ଶରୀରର ଅନେକ ଅସୁସ୍ଥତା ମଧ୍ୟରେ ବି ସମଗ୍ର ଓଡ଼ିଶା ବୁଲୁଥିଲେ। ସେତେବେଳେ ଆଜି କାଲି ପରି ଭଲ ବସ୍ କିମ୍ବା ଅନ୍ୟାନ୍ୟ ଗାଡ଼ି ଇତ୍ୟାଦି ନଥିଲା। ମାତ୍ର ସେଥିରେ ସେ ସମଗ୍ର ଜୀବନକୁ ବ୍ୟୟ କରିଦେଲେ। ଆମ୍ଭେମାନେ ବାବାଜୀ ମହାରାଜ ଏବଂ ପ୍ରପତ୍ତିଙ୍କର ତପସ୍ୟାର ଫଳ ଭୋଗ କରୁଛୁ। ତେଣୁ ଯେତେ ଯାହା ଘଟୁ ପଛେ ନିଶ୍ଚୟ କର୍ମରେ ସମ୍ପୃକ୍ତ ହେବା ଏବଂ କର୍ମ କରିବା।

କଟକ ସହରର ସଙ୍ଗଠନ ଅଳ୍ପ କେତେ ବର୍ଷ ତଳେ ଅତ୍ୟନ୍ତ ଦୁର୍ବଳ ଥିଲା। ସମୁଦାୟ ପାଠଚକ୍ର ତାଲିକାରେ ୬୦/୬୫ ଥିଲେ

ମଧ୍ୟ ୧୦/୧୨ଟି ନିଷ୍ଠାପର ଭାବରେ ଚାଲୁଥିଲା କି ନାହିଁ ସନ୍ଦେହ। ଏହା ମଧ୍ୟରେ ଗତ ୩/୪ ବର୍ଷ ହେଲା ମାତୃଭବନର ନିରଭାଇ କଟକ ସହର ସଙ୍ଗଠନ ଦାୟିତ୍ୱ ନେଲେ। ମା'ଙ୍କ ଅସୀମ କୃପା - ତାଙ୍କ ଉପରେ ଅଜାଡ଼ି ହୋଇପଡ଼ିଲା। ନିରବଚ୍ଛିନ୍ନ ଭାବରେ ସେ କାର୍ଯ୍ୟ କରିଚାଲିଛନ୍ତି। ଗୋଟିଏ ଗୋଟିଏ ଅଞ୍ଚଳରେ ୧୨ଟି ପାଠଚକ୍ରକୁ ନେଇ ସେମାନେ ଏକ ଗ୍ରୁପ୍ ଗଠନ କରିଛନ୍ତି। ବର୍ଷର ୧୨ ମାସରେ ୧୨ଟି ସ୍ଥାନରେ ବିଶେଷ ପାଠଚକ୍ର ସଙ୍ଗଠନ କରୁଛନ୍ତି ଏବଂ ଅନ୍ୟ ଦିନମାନଙ୍କରେ ନିଜ ନିଜର ପାଠଚକ୍ର କରୁଛନ୍ତି। ଏହିଭଳି ୪/୫ଟି ଗ୍ରୁପ୍ ତିଆରି ହୋଇସାରିଲାଣି। ଅସୀମ ଉତ୍ସାହ- ଆଗ୍ରହ ସମସ୍ତଙ୍କ ମଧ୍ୟରେ। ଏବେ କଟକରେ ପ୍ରତ୍ୟେକ ଦିନ ଏକାଧିକ ସ୍ଥାନରେ ବାର୍ଷିକୋତ୍ସବ ପାଳନ କରାଯାଇଛି। କଟକ ପାଇଁ ଆଉ ଚିନ୍ତା କରିବାକୁ ପଡୁନାହିଁ।

କର୍ମରେ ସମ୍ପୃକ୍ତ ହେବା - ଏବଂ ସେଥିରୁ ଆନନ୍ଦ ପାଇବା ହେଲା- ସାକ୍ଷାତ ମା'ଙ୍କ କୃପା। ଆମେ ନିଶ୍ଚୟ ଅନୁଭବ କରିପାରୁଥିବା ଆମ ଘର କାମ ଏବଂ ମା'ଙ୍କ କାମ କରିବାରେ ଆମେ କିପରି ତଫାତ୍ ଅନୁଭବ କରୁ। ଯଦିଓ ସଂସାରର ସମସ୍ତ କର୍ମ ମା'ଙ୍କ କାମ ତଥାପି ଯେଉଁ କାମ କଲାବେଳେ ଆମେ ଅଧିକ ସଚେତ ହୋଇପାରୁଚୁ ଯେ ଆମେ ମା'ଙ୍କ କାମ କରୁଚୁ ବୋଲି ତାକୁ ଆମେ ମା'ଙ୍କ କାମ ବୋଲି କହୁଚୁ। ଅର୍ଥାତ୍ ପାଠଚକ୍ରରେ, ଶିକ୍ଷାକେନ୍ଦ୍ରରେ କିମ୍ବା ଏଇ ପ୍ରକାର ସଭା ସମ୍ମିଳନୀରେ ଆମେ ଯେତିକି ଆନନ୍ଦ ପାଉଚୁ - ଘର ପରିବା ସଉଦା - ଘର ତିଆରି କିମ୍ବା ଅନ୍ୟାନ୍ୟ ଦାୟିତ୍ୱ ବୁଝିଲାବେଳକୁ ଆମେ ସେତିକି ଆନନ୍ଦ ପାଉନାହୁଁ। ଅବଶ୍ୟ ଭବିଷ୍ୟତ୍‌ରେ ଏପରି ରହିବ ନାହିଁ। ଅଧିକ ସଚେତନତା ଆସିଗଲେ ଜଣେ ଉଭୟ କର୍ମରୁ ସମାନ ଆନନ୍ଦ ପାଇପାରିବ।

ଏଥିପାଇଁ କେତେକ ସୂତ୍ର ଅଛି। ଏଇ ସୂତ୍ରଗୁଡ଼ିକ ଆମ କାର୍ଯ୍ୟରେ ଆମେ ନିୟୋଜିତ କଲେ ଆମକୁ ଅଗ୍ରଗତିରେ ଅଧିକ ସହାୟତା ମିଳିବ। ଏହିଭଳି ମନୋଭାବ ଭିତରେ ରଖିବା ଆବଶ୍ୟକ।

୧. ମାଶ୍ରୀଅରବିନ୍ଦ ଯେଉଁ କାର୍ଯ୍ୟ ପାଇଁ ପୃଥିବୀକୁ ଆସିଥିଲେ ତାହା ଅବଶ୍ୟ ଘଟିବ ଏଥିରେ ମୁଁ ନିଃସନ୍ଦେହ। ହୋଇପାରେ ନୁହେଁ- ହେବା ଅନିବାର୍ଯ୍ୟ।

୨. ଏଇ କାର୍ଯ୍ୟ ପାଇଁ ମୁଁ ଏକ ନିର୍ବାଚିତ (ସ୍ୱୀକୃତ) ସତ୍ତା। ମୋତେ ମା' ଏଇଥିପାଇଁ ବାଛିଛନ୍ତି। ମୁଁ ନିମନ୍ତ୍ରିତ ନୁହେଁ କିମ୍ବା ଅତିଥି ନୁହେଁ। ମୁଁ ଏଇ କାର୍ଯ୍ୟର ଅଂଶବିଶେଷ।

